

ଇଶାନ୍ ପ୍ଲେୟର ଅଫ୍ ଦି ମ୍ୟାଚ୍

ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 125 ଭାଗ ୩୪ | ସଂଖ୍ୟା ୧୨୫ | Sunday 26 July 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର, ୨୬ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ନିଷ୍ଫଳ ହେଲା ବିରୋଧୀଙ୍କ ଚକ୍ରାନ୍ତ

# ପ୍ରତିଷ୍ଠା ନୁହେଁ, ଶିକ୍ଷାର୍ଥୀଙ୍କ ଭବିଷ୍ୟତକୁ ଗୁରୁତ୍ୱ



### ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଧର୍ମେନ୍ଦ୍ର ପ୍ରଧାନ

### ଆସନ୍ତା ବର୍ଷରୁ ହେବ କମ୍ପ୍ୟୁଟର ବେସ୍ଡ ପରୀକ୍ଷା

### ପ୍ରଥମରୁ ଦାୟିତ୍ୱ ନେଇ ସିବିଆଇ ତଦନ୍ତ କରାଇଥିଲେ

ନୂଆଦିଲ୍ଲୀ,୨୫।୭(ସଂଚାର ବ୍ୟୁରୋ)ଃ ଆଜି ଏକ ବଡ଼ ରାଜନୈତିକ ଘଟଣାକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପଠାଇଦେଇଛନ୍ତି। ଛାତ୍ର ଆନ୍ଦୋଳନରୁ ରାଷ୍ଟ୍ରବିରୋଧୀ ଶକ୍ତିଙ୍କୁ ଚେକ୍ ଦେବାକୁ ସେ କେନ୍ଦ୍ର କ୍ୟାବିନେଟରୁ ଓହରିଯାଇଛନ୍ତି। ତାଙ୍କ ଇସ୍ତଫାପତ୍ର ଭାରତରେ ଜାତୀୟ ପ୍ରବେଶିକା ପରୀକ୍ଷା ପରିଚାଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତକୁ ପ୍ରତିନିଧିତ୍ୱ କରିବା ସହ ବ୍ୟକ୍ତିଗତ ଦାୟିତ୍ୱ, ପ୍ରଶାସନିକ କାର୍ଯ୍ୟ ଓ ରାଜନୈତିକ ଭାଷଣବାଜିକୁ ସନ୍ତୁଳିତ କରିଛି। ଦେଶର ଯୁବପିଢ଼ିଙ୍କ ପାଇଁ ସେ ଲେଖିଥିବା ବାର୍ତ୍ତା ନିଟ-ଯୁଜି ପରୀକ୍ଷାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ଇସ୍ତଫାର ଯୁକ୍ତିକୁ ସ୍ପଷ୍ଟ କରିଛି।

ନିଜ ଇସ୍ତଫାପତ୍ରରେ ସେ ଲେଖିଛନ୍ତି ଯେ ସେ ଦୀର୍ଘ ୪୦ ବର୍ଷ ଧରି ଛାତ୍ର, ଶିକ୍ଷକ ଏବଂ ଶିକ୍ଷା ସଂସ୍କାର ପାଇଁ ସମର୍ପିତ ରହିଥିଲେ। ଶକ୍ତିଶାଳୀ, ସମାବେଶୀ ଓ ଦୂରଦର୍ଶୀ ଶିକ୍ଷା ବ୍ୟବସ୍ଥା ହିଁ ଶକ୍ତିଶାଳୀ ରାଷ୍ଟ୍ରର ଆଧାରଶିଳା ହୋଇଥାଏ ବୋଲି ତାଙ୍କର ଦୃଢ଼ ବିଶ୍ୱାସ। ସେ ଦେଶର ଯୁବକଙ୍କ ଆକାଂକ୍ଷା, ଭାବନା ଓ ସେମାନଙ୍କର ନ୍ୟାୟସଙ୍ଗତ ଅପେକ୍ଷାଗୁଡ଼ିକର ଗଭୀର ସମ୍ମାନ କରନ୍ତି। ଭାରତର ପୃଷ୍ଠା-୬

## ଇସ୍ତଫା ତାଙ୍କ ନୀତି ଆଦର୍ଶର ପରିଚୟଃ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ)ଃ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବାର କିଛି ସମୟ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ 'ଜନସେବା ପ୍ରତି ଅଟଳ ସମର୍ପଣ' ପାଇଁ ପ୍ରଶଂସା କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନ 'ଜାତୀୟ ଶିକ୍ଷା ନୀତି (ଏନଇପି ୨୦୨୦)' ଭଳି ଐତିହାସିକ ନୀତିକୁ କାର୍ଯ୍ୟକାରୀ କରିବା ସହ ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଶିକ୍ଷାରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିଛନ୍ତି। ବୃହତ୍ତର ସାମାଜିକ ହିତ ଓ ନୈତିକ ମୂଲ୍ୟବୋଧକୁ ପୃଷ୍ଠା-୬

### ରାମେଶ୍ୱର ଦର୍ଶନ ସାରି ଫେରୁଥିଲେ

## ସ୍କୁଟି ବ୍ରେକଫେଲ୍ଃ ୩ ମୃତ



### ମୃତକଙ୍କ ମଧ୍ୟରେ ସୁନାମଧନ୍ୟ ନୃତ୍ୟଶିଳ୍ପୀ

ଗୁଣପୁର,୨୫।୭(ସଂଚାର ବ୍ୟୁରୋ)ଃ ରାୟଗଡ଼ା ଜିଲ୍ଲା ଗୁଣପୁର ସହର ଶେଫାଳୀ ପାହାଡ଼ ରାସ୍ତାରେ ମର୍ମନ୍ତୁଦ ଦୁର୍ଘଟଣା ହୋଇଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଜଣାଶୁଣା ଓଡ଼ିଶୀ ନୃତ୍ୟଗୁରୁ ସସ୍ମିତା ପଣ୍ଡା ବି ଅଛନ୍ତି।

ରାୟଗଡା ଜିଲ୍ଲା ତଥା ଓଡ଼ିଶାର ସୁନାମଧନ୍ୟ ନୃତ୍ୟଶିଳ୍ପୀ ଭାବେ ସୁନାମ ଅର୍ଜନ କରି ଶହ ଶହ ପିଲାଙ୍କୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଦେଇ ସସ୍ମିତା ରାୟଗଡ଼ା ତଥା ଗୁଣପୁର ଅଞ୍ଚଳରେ ଘରେ ଘରେ ପରିଚିତ ଥିଲେ। ରାଷ୍ଟ୍ରପତି ପୁରସ୍କାର ପାଇଥିବା ସସ୍ମିତା ଆଉ ନାହାନ୍ତି ବୋଲି ଜାଣିବା ପରେ ସମଗ୍ର ରାୟଗଡ଼ା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି।

ମିଳିଥିବା ସୂଚନାନୁସାରେ, ସସ୍ମିତାଙ୍କ ନୃତ୍ୟ ଅନୁଷ୍ଠାନର ଅଡିଟ୍ ପାଇଁ କଲିକତାରୁ ଜଣେ ଓ ଓଡ଼ିଶାର ଜଣେ ଅଡିଟର ଆସିଥିଲେ। ବୁଲିବା ପାଇଁ ସସ୍ମିତା ସେମାନଙ୍କୁ ସ୍କୁଟିରେ ଶେଫାଳି ପାହାଡ଼କୁ ନେଇଥିଲେ। ତେବେ ସେମାନେ ରାମେଶ୍ୱର ଦର୍ଶନ ସାରି ଫେରିବା ସମୟରେ ବାଟରେ ଗାଡ଼ିର ବ୍ରେକ ଫେଲ୍ ହୋଇଯାଇଥିଲା। ଫଳରେ ତଳକୁ ଆସିବା ସମୟରେ ସସ୍ମିତା ଖୁବ୍ ଜୋର୍‌ରେ ଚିତ୍କାର କରିଥିଲେ। ଶେଷରେ ଗାଡ଼ିଟି ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ରାତି ପ୍ରାୟ ୮ଟା ୩୫ ମିନିଟ୍ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ଉପସ୍ଥିତ ଥିବା ପୃଷ୍ଠା-୬

### ପରାମର୍ଶଦାତାଙ୍କୁ ସରକାରଙ୍କ ଆଶ୍ୱସ୍ତି

## ଆଉ ୩ ମାସ ବଢ଼ିଲା ପାରିଶ୍ରମିକର ଅବଧି




ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ମିଶନ ଓ ପ୍ରକଳ୍ପରେ କାର୍ଯ୍ୟରତ ପରାମର୍ଶଦାତା, ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍ (ପିଏମୟୁ), ଟେକ୍ନିକାଲ୍ ସପୋର୍ଟ ୟୁନିଟ୍ (ଟିଏସୟୁ) ଓ ଅନ୍ୟ ସମାନ ପ୍ରକାରର ସଂସ୍ଥାମାନଙ୍କ ପାଇଁ ରାଜ୍ୟ ସରକାର ପୁଣି ଥରେ ରିହାତି ଘୋଷଣା କରିଛନ୍ତି। ଏହି ବ୍ୟବସ୍ଥାର ଅବଧିକୁ ୨୦୨୬ ଜୁଲାଇ ୧ରୁ ବଢ଼ାଇ ୨୦୨୬ ଅକ୍ଟୋବର ୧ ପର୍ଯ୍ୟନ୍ତ କରାଯାଇଛି। ଏହା ଫଳରେ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ପାଇଁ ସେମାନଙ୍କ ପାରିଶ୍ରମିକ ପ୍ରଦାନର ପଥ ପରିଷ୍କାର ହୋଇଛି।

ଅର୍ଥ ବିଭାଗ ପକ୍ଷରୁ ଜାରି ହୋଇଥିବା ଅଫିସ ମେମୋରାଣ୍ଡମରେ କୁହାଯାଇଛି ଯେ ୨୦୨୫ ଜୁଲାଇ ୩୧ରେ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ଏହି ଶ୍ରେଣୀର ନିଯୁକ୍ତି ପାଇଁ ଲାଗୁ ଥିବା ବ୍ୟବସ୍ଥା ୨୦୨୬ ଜୁଲାଇ ୧ ପର୍ଯ୍ୟନ୍ତ ବଳବତ୍ତର ଥିଲା। ବର୍ତ୍ତମାନ ସରକାର ଏହି ଅବଧିକୁ ଆଉ ତିନି ମାସ ବୃଦ୍ଧି କରି ୨୦୨୬ ଅକ୍ଟୋବର ୧ ପର୍ଯ୍ୟନ୍ତ କରିଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ, ୨୦୨୬ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ପରାମର୍ଶଦାତା, ପିଏମୟୁ, ଟିଏସୟୁ ଓ ଅନ୍ୟ ସମାନ ପ୍ରକାରର ସଂସ୍ଥାମାନଙ୍କ ପାରିଶ୍ରମିକ ପ୍ରଦାନ କରାଯାଇପାରିବ। ଏଥିପାଇଁ ସମସ୍ତ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ ଅର୍ଥ ବିଭାଗ ଅନୁମତି ଦେଇଛି।

ସୂଚନାଯୋଗ୍ୟ ଯେ ବିଭିନ୍ନ ସରକାରୀ ବିଭାଗରେ ପ୍ରକଳ୍ପ ପରିଚାଳନା, ବୈଷୟିକ ସହାୟତା, ଗବେଷଣା, ଆଇଟି, ମନିଟରିଂ ଓ ଯୋଜନା କାର୍ଯ୍ୟକାରୀ କରିବା ଲାଗି ପରାମର୍ଶଦାତା, ପିଏମୟୁ ଓ ଟିଏସୟୁମାନଙ୍କୁ ନିୟୋଜିତ କରାଯାଇଥାଏ। ସେମାନଙ୍କ ନିଯୁକ୍ତି ଓ ପାରିଶ୍ରମିକ ପ୍ରଦାନ ସମ୍ପର୍କରେ ଅର୍ଥ ବିଭାଗ ସମୟ ସମୟରେ ଅନ୍ତରୀଣ ବ୍ୟବସ୍ଥା ଜାରି କରିଆସୁଛି। ଏହି ନୂଆ ଆଦେଶ ମଧ୍ୟ ସେହି ଧାରାବାହିକ ବ୍ୟବସ୍ଥାର ଅଂଶ ବୋଲି କୁହାଯାଉଛି। ପୂର୍ବରୁ ୨୦୨୫ ଜୁଲାଇ ୩୧ରେ ଜାରି ହୋଇଥିବା ଅଫିସ୍ ମେମୋରାଣ୍ଡମରେ ଏହି ବ୍ୟବସ୍ଥା ୨୦୨୬ ପୃଷ୍ଠା-୬

# ରାଜବେଶରେ ଦର୍ଶନ ଦେଲେ ମହାପ୍ରଭୁ

### ମହଣ ମହଣ ସୁନାରେ ସଜେଇ ହେଲେ ଶ୍ରୀଜିଉ

### ଦର୍ଶନ ପାଇଁ ପୁରୀରେ ୧୦ ଲକ୍ଷରୁ ଅଧିକ ଭକ୍ତ

### ଆଜି ଅଧରପଣା ଓ ଶ୍ରୀଗରୁଡ଼ ଶୟନ ନୀତି



ପୁରୀ,୨୫।୭(ସଂଚାର ବ୍ୟୁରୋ)ଃ ପବିତ୍ର ହରିଶୟନ ଏକାଦଶୀ ତିଥିରେ ଆଜି ରଥ ଉପରେ ବିଜେ ଶ୍ରୀଜିଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ରଥ ଉପରେ ଦୁର୍ଲଭ ସୁନାବେଶକୁ ଭକ୍ତମାନେ ଦର୍ଶନ କରିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମହଣ ମହଣ ସୁବର୍ଣ୍ଣ ଆଭୂଷଣରେ ବିଭୂଷିତ ହୋଇ ତିନି ରଥ ଉପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଜଗତର ନାଥ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରା।

ତିନି ଠାକୁର ହସ୍ତ, ପାଦ ସହ କଣ୍ଠମାଳା, ଶ୍ରୀଭୁଜ, ଶ୍ରୀପୟର, ରତ୍ନପଦକ, ରତ୍ନକିରୀଟ, କରପଲ୍ଲବ, ମୁଦି, କଣ୍ଠମାଳ, ବଳା, ବାହୁଟି, କାନ୍ତ ଓ କଟି ମେଖଳା ଆଦି ବହୁବିଧ ରତ୍ନ ଅଳଙ୍କାରରେ ସଜେଇ ହୋଇଛନ୍ତି। ସୁନାବେଶ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଅନୁଯାୟୀ, ସନ୍ଧ୍ୟା ୫ଟାରୁ ସୁନାବେଶ ଆରମ୍ଭ ହେଇଥିବା ବେଳେ ଏହା ରାତି ୧୧ଟା ପର୍ଯ୍ୟନ୍ତ ଜାରି ରହିବ। ଏହାପରେ ବେଶ ଓ ଲାଗି ହେବ।

ସୁନା ବେଶରେ ଆଜି ଶ୍ରୀଜଗନ୍ନାଥଙ୍କ କିରୀଟ, ଶ୍ରୀଭୁଜ, ଶ୍ରୀପୟର, ଓଡ଼ିଆଣି, ଚନ୍ଦ୍ରସୂର୍ଯ୍ୟ, ପୃଷ୍ଠା-୬

### ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ହେବ ପାଠ୍ୟପୁସ୍ତକ

## ଦଶହରା ପରେ ପିଲାଙ୍କୁ ମିଳିବ ନିର୍ଭୁଲ ବହି

ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ)ଃ ସ୍କୁଲ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ଓ ନିର୍ଭୁଲ ବହି ପ୍ରଦାନ ନେଇ ବଡ଼ ଧରଣର ସଂଶୋଧନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ବିଳମ୍ବକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପାଠ୍ୟପୁସ୍ତକଗୁଡ଼ିକରେ ଥିବା ତ୍ରୁଟିର ସମୀକ୍ଷା କରାଯାଇ ଏକ ସ୍ୱତନ୍ତ୍ର ରୋଡମ୍ୟାପ ପ୍ରସ୍ତୁତ କରାଯାଇଛି। ଏହାପରେ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସସିଇଆରଟି) ପକ୍ଷରୁ ତତ୍ପରତା ଦେଖାଦେଇଛି।

ଚଳିତ ଶିକ୍ଷାବର୍ଷରେ ଦଶହରା ପୂଜା ପରେ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଓ ଗୁଣାତ୍ମକ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସସିଇଆରଟି) ପକ୍ଷରୁ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ଏସସିଇଆରଟି ପକ୍ଷରୁ ବିଧିବଦ୍ଧ ଟେଣ୍ଡର ଆହ୍ୱାନ କରାଯାଇଛି। ଗତ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଏସସିଇଆର୍‌ଟି ପକ୍ଷରୁ ସପ୍ତାହବ୍ୟାପୀ ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ ହୋଇଥିଲା। ଏଥିରେ ଓଡ଼ିଆ, ଇଂରାଜୀ, ଗଣିତ, ବିଜ୍ଞାନ, ପରିବେଶ ବିଜ୍ଞାନ, ସାମାଜିକ ବିଜ୍ଞାନ, ହିନ୍ଦୀ, ସଂସ୍କୃତ, କଳା ଶିକ୍ଷା, ଶାରୀରିକ ଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷା ଭଳି ୧୧ଟି ବିଷୟର ବିଶେଷଜ୍ଞମାନେ ଏକାଠି ହୋଇ ପାଠ୍ୟପୁସ୍ତକଗୁଡ଼ିକରେ ଥିବା ତଥ୍ୟଗତ, ଭାଷାଗତ ଓ ସାଙ୍କେତିକ ଭୁଲଗୁଡ଼ିକୁ ଚିହ୍ନଟ କରିବା ସହ ସଂଶୋଧନ ପାଇଁ ଆବଶ୍ୟକୀୟ ସୁପାରିସ କରିଥିବା ଜଣାପଡ଼ିଛି।

## ସ୍ୱାଭିମାନ ଅଞ୍ଚଳରୁ ମାଓ ଡମ୍ପ୍ ଠାବ

### ବିଏସ୍ଏଫ୍-ଡିଭିଏଫ୍‌କୁ ସଫଳତା



ମାଲକାନଗିରି,୨୫।୭(ସଂଚାର ବ୍ୟୁରୋ)ଃ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଘନବେଡ଼ାଠାରେ ଆଜି ଏକ ମାଓ ଡମ୍ପ୍ ଠାବ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ଘନବେଡ଼ାସ୍ଥିତ ୧୭୭ ବାଟାଲିୟନ ବିଏସ୍ଏଫ୍ ବାହିନୀ ଓ ଡିଭିଏଫ୍ ବାହିନୀ ମିଳିତ ଭାବେ ଜୋଡ଼ାମ୍ବ ଥାନାଞ୍ଚଳରେ କମ୍ବିଂ ଅପରେସନ ଆରମ୍ଭ କରିଥିଲେ। ଏହି କମ୍ବିଂ ଅପରେସନ ସମୟରେ ଜୋଡ଼ାମ୍ବ ଥାନା ଅନ୍ତର୍ଗତ ଅରାପଦର ଓ ଘୁସୁମପଦର ମଧ୍ୟରେ ଥିବା ଜଙ୍ଗଲ ଅଞ୍ଚଳରେ ଏକ ସ୍ଥାନରେ ମାଓବାଦୀମାନେ ବ୍ୟବହାର କରୁଥିବା ଡମ୍ପ ରହିଥିବା ଜାଣିବାକୁ ପାଇଥିଲେ। ପରେ ସୁରକ୍ଷା ବାହିନୀ ଉକ୍ତ ଡମ୍ପକୁ ଜବତ କରିଥିଲା। ଜବତ ସାମଗ୍ରୀ ମଧ୍ୟରେ ୩ଟି ଆଇଇଡି ବୋମା, ୩୨ଟି ଜିଲେଟିନ୍ ଷ୍ଟିକ୍, ୧୧ଟି ପୃଷ୍ଠା-୬

## ଖୋଲା ବଜାରରୁ ଆସିଲା ହଜାରେ କୋଟିର ଋଣ



### ଚଳିତ ଆର୍ଥିକ ବର୍ଷର ପ୍ରଥମ ଖୋଲା ବଜାର ଋଣ

### ଗତ ଦୁଇ ବର୍ଷ ତୁଳନାରେ ଋଣ ଗ୍ରହଣ ଯଥେଷ୍ଟ କମ୍

ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ)ଃ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଖୋଲା ବଜାରରୁ ୧ ହଜାର କୋଟି ଟଙ୍କା ଋଣ ଆଣିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମାଧ୍ୟମରେ ସରକାରୀ ସିକ୍ୟୁରିଟି ନିଲାମୀ ପ୍ରକ୍ରିୟାରେ ରାଜ୍ୟ ସରକାର ହାରାହାରି ୭.୭୦ ପ୍ରତିଶତ ସୁଧ ହାରରେ ଏହି ୧୮ ବର୍ଷୀୟା ଦୀର୍ଘମିଆଦି ଋଣ ଆଣିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଖୋଲା ବଜାରରୁ ଓଡ଼ିଶା ସରକାର ପ୍ରଥମ ଥର ପାଇଁ ଏହି ଋଣ ସଂଗ୍ରହ କରିଛନ୍ତି।

ଅର୍ଥ ବିଭାଗରୁ ମିଳିଥିବା ସୂଚନାନୁସାରେ, ରିଜର୍ଭ ବ୍ୟାଙ୍କ ଦ୍ୱାରା ଜୁଲାଇ ୨୧ ତାରିଖରେ ଅନୁଷ୍ଠିତ ନିଲାମୀ ପ୍ରକ୍ରିୟାରେ ରାଜ୍ୟ ସରକାର ହଜାରେ କୋଟି ଟଙ୍କାର ଋଣ ଖୋଲା ବଜାରରୁ ସଂଗ୍ରହ କରିଛନ୍ତି। ୨୦୨୪-୨୫ ପୃଷ୍ଠା-୬

## ପ୍ରହ୍ଲାଦଙ୍କୁ ଶିକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ



ନୂଆଦିଲ୍ଲୀ,୨୫।୭ଃ ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ପରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଅତିରିକ୍ତ ଭାବେ ଶିକ୍ଷାମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଛି। ପ୍ରଧାନଙ୍କ ଇସ୍ତଫା ଗ୍ରହଣ କରିବା ପରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଆଜି ସନ୍ଧ୍ୟାରେ ଏକ ବିଜ୍ଞପ୍ତିରେ ଯୋଶୀଙ୍କ ନିଯୁକ୍ତିକୁ ନିଶ୍ଚିତ କରିଛି। ଯୋଶୀ ବର୍ତ୍ତମାନ କେନ୍ଦ୍ର ଖାଦ୍ୟ ଓ ଖାଉଟି ବ୍ୟାପାର ମନ୍ତ୍ରଣାଳୟ ଦାୟିତ୍ୱରେ ଅଛନ୍ତି। ଶନିବାର ଇସ୍ତଫା ଦେଇ ପୂର୍ବତନ ଶିକ୍ଷାମନ୍ତ୍ରୀ ପ୍ରଧାନ କହିଛନ୍ତି ଯେ, ଦେଶ ବିରୋଧୀ ଶକ୍ତିମାନଙ୍କୁ ପରିସ୍ଥିତିରୁ ଫାଇଦା ଉଠାଇବାକୁ ନଦେବା ଲାଗି ସେ ମନ୍ତ୍ରଣାଳୟରୁ ଓହରି ଯାଉଛନ୍ତି।

## ୩ ଆଇଏସ୍ଆଇ ଆତଙ୍କୀ ଗିରଫ

ଗୁଆହାଟୀ,୨୫।୭ଃ ଏକ ଗୁରୁତ୍ୱପୂର୍ଣ୍ଣ ଆତଙ୍କବାଦ-ନିରୋଧୀ ପ୍ରକ୍ରିୟାରେ ଆସାମ ପୁଲିସର ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସଟିଏଫ୍) ଧୁବ୍ରି, ଚିରାଙ୍ଗ ଓ ବାରପେଟା ଜିଲ୍ଲା ପୁଲିସ ସହଯୋଗରେ ପାକିସ୍ତାନଭିତ୍ତିକ ଶାହଜାଦ୍ ଭଟ୍ଟି ନେଟ୍‌ୱର୍କ (ଏସବିଏନ)ର ତିନି ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ସେମାନଙ୍କୁ ଧୁବ୍ରି ଜିଲ୍ଲା ବେପାରିପଡ଼ାର ଅକ୍ରାମୁଲ ଇସଲାମ୍, ଚିରଙ୍ଗ ଜିଲ୍ଲା ପାନବାରିର ଆମିନୁର ରେହମାନ ଓ ବାରପେଟା ଜିଲ୍ଲା ଦାବନଦିଆର ଅବଦୁଲ ହୁସେନ୍ ବୋଲି ଚିହ୍ନଟ କରାଯାଇଛି। ଜୁଲାଇ ୨୪ ତାରିଖରେ ଏସଟିଏଫ୍ ପୁଲିସ ଷ୍ଟେସନର ମାମଲାକୁ ଭିତ୍ତିକରି ଏହି ମିଳିତ ଅଭିଯାନ ଆରମ୍ଭ କରାଯାଇଥିଲା। ଏମାନେ ପାକ ଗୁଇନ୍ଦା ସଂସ୍ଥା ଆଇଏସଆଇ ନିର୍ଦ୍ଦେଶରେ ଭାରତରେ ରହି ଭାରତ ବିରୋଧୀ କାର୍ଯ୍ୟ କରୁଥିଲେ।



### କାନ ଡେରିଥା

ଶଙ୍ଖ ଦଳରୁ ଯେ ମଣିଷ ହୋଇଛି
ଦଳକୁ ବିରୋଧ କରୁଛି
କ୍ଷମତା ଲାଳସା ଅର୍ଥ ଲୋଭମାୟା
ଏମାନଙ୍କୁ ଖାଲି ଘାରିଛି
କହିଲେ କହିବ କହୁଛି...
ଏହି ନେତା କେବେ କାହାର ହେବେନି
ଦଳର ମୁଖିଆ ଜାଣିଛି।

■ ଦେବାଶିଷ

# କ୍ଷମତା ଛାଡ଼ିବା ଅସୀମ ସାହସର ପରିଚୟ



ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ)ଃ କ୍ଷମତାକୁ ହାତଛଡ଼ା କରିବା ଛୋଟ କଥା ନୁହେଁ, ଏଥିପାଇଁ ବି ଅପାର ସାହସ ଦରକାର। ଏକବିଂଶ ଶତାବ୍ଦୀର ରାଜନୀତିରେ ଏହା କରି ଦେଖାଇଛନ୍ତି ଓଡ଼ିଆ ପୁଅ ଧର୍ମେନ୍ଦ୍ର ପ୍ରଧାନ। ଦେଶରେ ଆରମ୍ଭ ହୋଇଥିବା ଅରାଜକତା ଆଗକୁ ବଢ଼ିବା ପୂର୍ବରୁ ନିଜ ମୁଣ୍ଡକୁ ନୈତିକ ଦାୟିତ୍ୱ ନେଇ କେନ୍ଦ୍ର ମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କର ଏଭଳି ପଦକ୍ଷେପକୁ ଏବେ ସବୁ ମହଲରୁ ସ୍ୱାଗତ କରାଯାଉଛି।

ଛାତ୍ର ରାଜନୀତିରୁ ନିଜର ରାଜନୈତିକ କ୍ୟାରିଅର ଆରମ୍ଭ କରିଥିବା ଧର୍ମେନ୍ଦ୍ର ଓଡ଼ିଶା ରାଜନୀତିରେ ବେଶ୍ ପରିଚିତ। ମେଣ୍ଟ ସରକାର ସମୟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ସେ। ତେବେ ଦିଲ୍ଲୀ ଦରବାରରେ ତାଙ୍କର ଥିଲା ଦବ୍‌ଦବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳରେ ସେ ଥିଲେ ଜଣେ ଆଗଧାଡ଼ିର ମନ୍ତ୍ରୀ। ପେଟ୍ରୋଲିୟମ, ଏମଏସଏମଇ ଏବଂ ଶିକ୍ଷା ବିଭାଗ ଭଳି ଗୁରୁଦାୟିତ୍ୱ ସମ୍ଭାଳିଥିଲେ। ମନ୍ତ୍ରିମଣ୍ଡଳ ଭିତରେ ଧର୍ମେନ୍ଦ୍ର ଯେତିକି ପ୍ରଭାବଶାଳୀ ଥିଲେ, ମନ୍ତ୍ରିମଣ୍ଡଳ ବାହାରେ ମଧ୍ୟ ତାଙ୍କର ଗ୍ରହଣୀୟତା ଦେଖିବାକୁ ମିଳିଥିଲା। ପ୍ରଥମ ଓଡ଼ିଆ ନେତା ଭାବେ ଏକାଧିକ ରାଜ୍ୟରୁ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇ ରେକର୍ଡ କରିଛନ୍ତି।

ତେବେ ତାଙ୍କର ସାଙ୍ଗଠନିକ ଓ ନିର୍ବାଚନ ପରିଚାଳନାର ଦକ୍ଷତା ତାଙ୍କୁ ଭିନ୍ନ ପରିଚୟ ଦେଇଥିଲା। ଉତ୍ତର ପ୍ରଦେଶ ଓ ବିହାର ଭଳି ରାଜ୍ୟର ନିର୍ବାଚନ ହେଉ କିମ୍ବା ହରିଆନା ଅଥବା ପଶ୍ଚିମବଙ୍ଗ, ଯେଉଁଠାରେ ନିର୍ବାଚନ ହେଲେ ପ୍ରଥମେ ଖୋଜାପଡୁଥିଲେ ଧର୍ମେନ୍ଦ୍ର। ସେ ଯେଉଁ ରାଜ୍ୟର

### ଦେଶରେ ଅରାଜକତା ବଢ଼ିବାକୁ ଦେଲେନି

ଦାୟିତ୍ୱ ନେଇଛନ୍ତି, ସେହି ରାଜ୍ୟରେ ବିଜେପିର ବିଜୟ ବାନା ଉଡ଼ିଛି। ତେଣୁ କେନ୍ଦ୍ର ବିଜେପିର ଧର୍ମେନ୍ଦ୍ର ଥିଲେ ଅନ୍ୟତମ ସଙ୍କଟମୋଚନ। ସରକାର ଓ ସଂଗଠନ ମଝିରେ ସେ ଥିଲେ ବଡ଼ ସେତୁ। ଓଡ଼ିଶା ନିର୍ବାଚନରେ ବିଜେଡିକୁ ହରାଇ ବିଜେପି କ୍ଷମତାକୁ ଆସିବାରେ ତ ତାଙ୍କର ଅବଦାନକୁ କେହି ଅଣଦେଖା କରିପାରିବେ ନାହିଁ।

ଦିଲ୍ଲୀ ଦରବାରରେ ସର୍ବୋଚ୍ଚ କ୍ଷମତା ବଳୟରେ ଥିବା ଏହି ନେତା କିନ୍ତୁ ଗୋଟିଏ ମିନିଟ୍‌ରେ କ୍ଷମତାକୁ ତୁଚ୍ଛ କରିଦେଇଛନ୍ତି। ଦେଶ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଆଗରେ କ୍ଷମତା କିଛି ନୁହେଁ ବୋଲି ସେ ପ୍ରମାଣ କରିଦେଇଛନ୍ତି। କାରଣ ଯେଉଁ ନିଟ୍ ପେପର ଲିକ୍‌କୁ ନେଇ ଦିଲ୍ଲୀରେ ଆନ୍ଦୋଳନ ହେଲା, ସେହି ନିଟ୍ ପେପର ଲିକ୍ ଖବର ପାଇବା ମାତ୍ରେ କେନ୍ଦ୍ର ସରକାର ତୁରନ୍ତ ପରୀକ୍ଷା ବାତିଲ ସହ କଡ଼ା ସୁରକ୍ଷା ବଳରେ ସାନି ପରୀକ୍ଷା କରିଥିଲେ। ଘଟଣାର ସିବିଆଇ ତଦନ୍ତ ସହ ଅନେକ ବରିଷ୍ଠ ଅଧିକାରୀଙ୍କୁ ଗିରଫ କରାଯାଇଥିଲା। ଭାରତୀୟ ବାୟୁସେନା ବିମାନରେ ପ୍ରଶ୍ନପତ୍ର ପଠାଇ ଅତ୍ୟନ୍ତ ସୁରୁଖୁରୁରେ ନିଟ୍ ପରୀକ୍ଷା ହୋଇଥିଲା ଏବଂ ପରୀକ୍ଷା ପରିଚାଳନା ପାଇଁ ସମସ୍ତେ କେନ୍ଦ୍ର ସରକାରଙ୍କୁ ସାବାସୀ ଦେଇଥିଲେ।

ହେଲେ ନିଟ୍ ପରୀକ୍ଷାକୁ ଆଳ କରି ହଠାତ୍ କିଛି ଅସାମାଜିକ ତତ୍ତ୍ୱ ଛାତ୍ରଛାତ୍ରୀଙ୍କୁ ଏକଜୁଟ୍ କରି ଯେଉଁ ଆନ୍ଦୋଳନ ଆରମ୍ଭ କଲେ, ତାହା ଧିରେ ଧିରେ ରାଜନୈତିକ ରୂପ ନେଲା। ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ଓ ନିଜ ଭବିଷ୍ୟତ ଗଢ଼ିବା ଛାଡ଼ି ରାସ୍ତାକୁ ଓହ୍ଲାଇଲେ କିଛି ନ୍ୟସ୍ତସ୍ୱାର୍ଥ ରାଜନୈତିକ ଦଳ ଓ ପୃଷ୍ଠା-୬

## ପଟ୍ଟାମୁଣ୍ଡାଇରେ ପ୍ରଭୁଙ୍କ ସୁନାବେଶ, ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼



**ପଟ୍ଟାମୁଣ୍ଡାଇ,୨୫।୭ (ସଂଚାର ବ୍ୟୁରୋ)**: ପଟ୍ଟାମୁଣ୍ଡାଇ ଅଂଚଳରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଲୀଳାମୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଭୁଙ୍କ ଅପୂର୍ବ ସୁନାବେଶ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡା ପତିତପାବନ ମନ୍ଦିର ପ୍ରଭୁ ପତିତପାବନଙ୍କ ସୁନାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲୀଳାମୟ ପ୍ରଭୁ ପତିତପାବନଙ୍କ ସୁନାବେଶ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା । ଏଇ ଅବସରରେ ପ୍ରଭୁଙ୍କ ଦର୍ଶନାର୍ଥୀ ଭକ୍ତଙ୍କୁ ଆଧ୍ୟାତ୍ମିକ ପରିବେଶରେ ଲିନ କରିବା ପାଇଁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ଶ୍ରୀ ଜଗନ୍ନାଥ ମନ୍ଦିର ଠାରେ ଘୋଷ ଯାତ୍ରା ଓ ବାହୁଡା ଯାତ୍ରା ବିପୁଳ ଆନନ୍ଦଉଲ୍ଲାସ ମଧ୍ୟରେ ପାଳିତ ହୋଇଥିବାବେଳେ ଆଜି ରଥାରୁଢ଼ ପ୍ରଭୁ ଜଗନ୍ନାଥ ପ୍ରଭୁ ବଳଭଦ୍ର ଓ ମା ସୁଭଦ୍ରାଙ୍କ ସୁନାବେଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୌରାଞ୍ଚଳ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ପରିସରରେ ଥିବା ଜଗନ୍ନାଥ ମନ୍ଦିର, ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ହରପାର୍ବତୀ ମନ୍ଦିର ପରିସରରେ ଥିବା ଜଗନ୍ନାଥ ମନ୍ଦିର, ପଟ୍ଟାମୁଣ୍ଡାଇ ବ୍ଲକ ପାଳପାଟଣା ଜଗନ୍ନାଥ ମନ୍ଦିରରେ ପ୍ରଭୁଙ୍କ ସୁନା ବେଶ ଅନୁଷ୍ଠିତ ହୋଇ ଯାଇଛି। ଏହାଛଡା ପଟ୍ଟାମୁଣ୍ଡାଇର ବିଭିନ୍ନ ଅଂଚଳରେ ଥିବା ଜଗନ୍ନାଥ ମନ୍ଦିରରେ ମଧ୍ୟ ପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି ।

## ସୁଦର୍ଶନ ଦେବଙ୍କ ପୀଠରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସୁନାବେଶ



**ବାଲିଅନ୍ତା,୨୫।୭ (ସଂଚାର ବ୍ୟୁରୋ)**: ବାଲିଅନ୍ତା ବ୍ଲକ ଗଡ଼ କଣ୍ଟୁଣିଆ ସ୍ଥିତ ସୁଦର୍ଶନ ଦାରୁପୀଠ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସୁନାବେଶ ଆଜି ଯଥାବିଧି ସମାପନ ହୋଇଯାଇଛି । ଏନେଇ ଆଜି ଦାରୁପୀଠ ଉତ୍ସବମୁଖର ହୋଇ ପଡିଥିଲା । ସନ୍ଧ୍ୟାରେ ରଥାରୂଢ଼ ଠାକୁରଙ୍କ ସୁନା ବେଶ ନୀତି କାନ୍ତି ସମ୍ପର୍ଣ୍ଣ ହୋଇଥିଲା । ଏହି ଅବସରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ହସ୍ତରେ ସୁବର୍ଣ୍ଣର ଶଙ୍ଖ, ଚକ୍ର, ଗଦା, ପଦ୍ମ, ଶ୍ରୀ ପୟରରେ ସୁବର୍ଣ୍ଣ ନୂପୁର, ମଥାରେ କିରିଟି ଏବଂ ବିଭିନ୍ନ ଅଙ୍ଗରେ ଅନ୍ୟାନ୍ୟ ଆଭୂଷଣମାନ ପିନ୍ଧା ଯାଇଥିଲା ମଧ୍ୟରାତ୍ରୀ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା । ବଡ଼ସିଂହାର ବେଶ ପରେ ପହଡ ପଡ଼ିଥିଲା । ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ଭକ୍ତି ସଙ୍ଗୀତ ପରିବେଷଣ ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ଦିଅଁଙ୍କର ସ୍ୱର୍ଣ୍ଣିମ ରୂପ ଦର୍ଶନ କରିଥିଲେ ।

### ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ବାହୁଡା ଯାତ୍ରାର ପ୍ରଥମ ଦିନ

# ବାହୁଡ଼ିଲେ କାଳିଆ ସାଆନ୍ତେ

**ବାରିପଦା,୨୫।୭ (ସଂଚାର ବ୍ୟୁରୋ)**: ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଆଜି ଥିଲା ବାହୁଡାରଥ ଯାତ୍ରାର ପ୍ରଥମ ଦିନ। ଗତକାଲି ଶୁକ୍ରବାର ମାଉସୀମା ମନ୍ଦିରରେ ଦ୍ୱାରିକା (ସୁନା) ବେଶରେ ତିନି ଠାକୁର ଭକ୍ତମାନଙ୍କୁ ଦର୍ଶନ ଦେବାପରେ ବାହୁଡା ପହଣ୍ଡି ହୋଇ ରଥ ଉପରକୁ ବିଜେ କରିଥିଲେ । ପ୍ରଥା ଅନୁଯାୟୀ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପହଣ୍ଡି ପର ଦୁଇଦିନ ରଥଟଣା ହୋଇଥାଏ ।

ଆଜି ବାହୁଡା ଯାତ୍ରାର ପ୍ରଥମ ଦିନରେ କାଳିଆ ଶାଆନ୍ତେ ନନ୍ଦିଘୋଷ ରଥରେ ଭକ୍ତମାନଙ୍କ ଗହଣରେ ଢଳିଢଳି ଆସି ବଡ଼ଦେଉଳ ନିକଟ ରଥ ଖଳାରେ ପହିଞ୍ଚିଛନ୍ତି। ସେଠାରେ ଅପେକ୍ଷା କରିଛନ୍ତି ବଡ଼ଭାଇ ବଳରାମ ଓ ଭଉଣୀ ସୁଭଦ୍ରାଙ୍କୁ । କାଳିଆ ସାଆନ୍ତେ ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ସମ୍ପୂର୍ଣ୍ଣ ହେବା ପରେ ମା' ସୁଭଦ୍ରାଙ୍କ ଦର୍ପୋଦୋଳନ ରଥଟଣା ଆରମ୍ଭ ହୋଇଥିଲା । ବାରିପଦାରେ ମା ସୁଭଦ୍ରା ରଥକୁ କେବଳ ମହିଳାମାନେ ଟାଣିଥାଆନ୍ତି । ଆଜି ପ୍ରଥମ ଦିନରେ ମା' ସୁଭଦ୍ରାଙ୍କ ରଥ ମହିଳାଭକ୍ତ ମାନଙ୍କ ଗହଣରେ ଆସି ବଡ଼ଦାଣ୍ଡର ନାଭିକେନ୍ଦ୍ର ତଥା ଟାଉନଥାନା ସମ୍ମୁଖରେ ଅଟକିଛି । ଆସନ୍ତାକାଲି ରଥଟଣାର ଦ୍ୱିତୀୟ ଦିନରେ ପ୍ରଥମେ ମା' ସୁଭଦ୍ରାଙ୍କ ରଥଟଣା ଆରମ୍ଭ ହେବ। ମା' ସୁଭଦ୍ରା ଆସି ପହଞ୍ଚିବେ ଭାଇ ଜଗନ୍ନାଥଙ୍କ ନିକଟରେ। ପରେ ପରେ ତାଳଧ୍ୱଜ ରଥରେ ବଡ଼ ଠାକୁର ପ୍ରଭୁ ବଳଭଦ୍ର ଭକ୍ତମାନଙ୍କ ଗହଣରେ ଆସି ଭାଇ ଭଉଣୀଙ୍କ ନିକଟରେ ପହଞ୍ଚିବେ ।

ଆଜି ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ସମୟ ଅନୁଯାୟୀ ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା। ଦିନତମାମ ବର୍ଷା ଲାଗିରହିଥିବା ସତ୍ତ୍ୱେ ବଡ଼ଦାଣ୍ଡ



ହୋଇଥିଲା ଲୋକାରଣ୍ୟ । ପ୍ରଭୁ ଜଗନ୍ନାଥ ରଥ ଟାଣିବା ପାଇଁ ଭକ୍ତ ବ୍ୟାକୁଳ । ବଡ଼ଦାଣ୍ଡରେ ଭକ୍ତଙ୍କର ମହାମିଳନ

### ବଡ଼ଦାଣ୍ଡ ନାଭିକେନ୍ଦ୍ରରେ ଅଟକିଲେ ମା' ସୁଭଦ୍ରା

### ଶଙ୍ଖ, ହୁଳୁହୁଳି, ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହେଲା ବଡ଼ଦାଣ୍ଡ

ଦେଖିବାକୁ ମିଳିଥିଲା । ବଡ଼ଦାଣ୍ଡ ହୋଇଥିଲା ଭକ୍ତିମୟ । ଶଙ୍ଖ, ହୁଳୁହୁଳି, ହରିବୋଲ, ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ ପ୍ରକୋମ୍ପିତ ହୋଇଉଠିଥିଲା ।

ରଥଟଣା ରେ ଭିଡ଼କୁ ନଜରରେ ରଖି ବଡ଼ଦାଣ୍ଡ ରେ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯିବା ସହିତ ସିସିଟିଭି କ୍ୟାମେରାରେ ପୁଲିସ ପକ୍ଷରୁ ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖାଯାଇଥିଲା । ରଥଟଣା ସମୟରେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ରଥରେ ଶ୍ରୀବଳଦେବଜୀଉଙ୍କ ପାଖରେ ଚୂଡ଼ାଘଷା ଭୋଗ

**କେନ୍ଦ୍ରାପଡ଼ା,୨୫।୭ (ସଂଚାର ବ୍ୟୁରୋ)**: କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଆଜି ବ୍ରହ୍ମତାଳଧ୍ୱଜ ରଥରେ ବସି ରତ୍ନସିଂହାସନକୁ ପ୍ରତ୍ୟାର୍ବନ କରୁଥିବା ବେଳେ ବାଟରେ ଜିଲ୍ଲା କୈବର୍ତ୍ତ ସମାଜ ପକ୍ଷରୁ ଶ୍ରୀଜୀଉଙ୍କ ନିକଟରେ ଚୂଡାଘଷା ଲାଗି କରାଯାଇଥିଲା।



ଶୁକ୍ରବାର ବାହୂଡାଦଶମୀରେ ଶ୍ରୀଜୀଉ ରଥାରୁଢ଼ ହେବା ପରେ ରଥ ଟଣା ହୋଇ ଅଧବାଟରେ ଅଟକି ରହିଥିଲା । ଆଜି ଅପରାହ୍ନରେ ପୁନର୍ବାର ରଥ ଟଣା ହୋଇ କୈବର୍ତ୍ତ ସାଇ ନିକଟରେ ପହଞ୍ଚିବା ପରେ ପ୍ରତିବର୍ଷ ଭଳି ପରମ୍ପରା ଅନୁଯାୟି ସେଠାରେ ଜିଲ୍ଲା କୈବର୍ତ୍ତ ସମାଜ ପକ୍ଷରୁ ଚୂଡାଘଷା ଭୋଗ ଲାଗି କରାଯାଇଥିଲା । କୈବର୍ତ୍ତ ସମାଜର ମହାଲପଣ୍ଡା ନୃସିଂହ ପ୍ରସାଦ ପତ୍ରୀ ପୂଜାର୍ଚ୍ଚନା କରିବା ସହିତ ଶ୍ରୀଜୀଉଙ୍କ ପାଖରେ ଚୂଡାଘଷା ଲାଗି କରିଥିଲେ। କୈବର୍ତ୍ତ ସମାଜ ପକ୍ଷରୁ କୁଳମଣୀ ବେହେରା, ସୁରେନ୍ଦ୍ର ବେହେରା, ଦିଲ୍ଲିପ ମହାପାତ୍ର, ଅଜୟ ଚୌଧୁରୀ, ବିଜୟ ବେହେରା, ଫକିର ବେହେରା, ଶ୍ରୀଧର ବେହେରା, ରାଜୁ ମହାପାତ୍ର, ମନୋରଞ୍ଜନ ଦଳେଇ, ସଚ୍ଚିଦାନନ୍ଦ ବେହେରା, ହଳଧର ବେହେରା, ସଞ୍ଜୟ ପାତ୍ର, ସତ୍ୟାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହି ଶ୍ରୀଜୀଉଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ ।

## ରଥଦାଣ୍ଡରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପକ୍ଷରୁ ଦହିପଣା ଓ ଶୀତଳ ପାନୀୟ ବଣ୍ଟନ

**ମହାକାଳପଡ଼ା/କେନ୍ଦ୍ରାପଡ଼ା, ୨୫।୭ (ସଂଚାର ବ୍ୟୁରୋ)**: ବାହୁଡ଼ା ରଥଯାତ୍ରା ଅବସରରେ ଶ୍ରଦ୍ଧାଳୁଙ୍କ ସେବାକୁ ପ୍ରାଧାନ୍ୟ ଦେଇ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପକ୍ଷରୁ ଶନିବାର କେନ୍ଦ୍ରାପଡ଼ା ରଥଦାଣ୍ଡରେ ହଜାର ହଜାର ଭକ୍ତଙ୍କ ପାଇଁ ଦହିପଣା ଓ ଶୀତଳ ପାନୀୟ ବଣ୍ଟନ କରାଯାଇଥିଲା।



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସଂଗଠନର ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବେ ଏହି ସେବାକାର୍ଯ୍ୟର ଆୟୋଜନ କରିଥିଲେ। ପ୍ରତିକୂଳ ପାଗ ଓ ବର୍ଷା ସତ୍ତ୍ୱେ ସେମାନଙ୍କର ସେବା ମନୋଭାବରେ କୌଣସି ଭାଟା ପଡ଼ିନଥିଲା। ରଥଦାଣ୍ଡକୁ ଆସିଥିବା ଶ୍ରଦ୍ଧାଳୁମାନଙ୍କୁ ନିରନ୍ତର ଭାବେ ଦହିପଣା ଓ ଶୀତଳ ପାନୀୟ ବିତରଣ କରି ସେମାନଙ୍କର ତୃଷ୍ଣା ନିବାରଣ କରାଯାଇଥିଲା। ସଂଗଠନର ଏହି ମାନବସେବାମୂଳକ ପଦକ୍ଷେପକୁ ଶ୍ରଦ୍ଧାଳୁ ଓ ସାଧାରଣ ଲୋକ ପ୍ରଶଂସା କରିଥିଲେ।

## କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ ପକ୍ଷରୁ ସେବା କାର୍ଯ୍ୟ

**କେନ୍ଦ୍ରାପଡ଼ା,୨୫।୭(ସଂଚାର ବ୍ୟୁରୋ)**: ପବିତ୍ର ବାହୁଡ଼ା ଯାତ୍ରା ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ପକ୍ଷରୁ ପବିତ୍ର ରଥ ଦାଣ୍ଡରେ ଆଗନ୍ତୁକ ଭକ୍ତମାନଙ୍କ ପାଇଁ ସେବା କାର୍ଯ୍ୟ କରାଯାଇଛି । ପ୍ରସାଦ ବିତରଣ ସହିତ ପାନୀୟଜଳ ବନ କରା ଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ



ଆଜି ରାଜା ବ୍ରଜସୁନ୍ଦର ଦେବ ଉଦଘାଟନ କରି ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବିତରଣ କରିଥିଲେ । ତତ୍‌ସହିତ ମହାସଂଘର ସ୍ମରଣିକା 'ଅସୀ ଓ ମସି'କୁ ଉନ୍ମୋଚନ କରିଥିଲେ ।

ସଂଘର ସଭାପତି ଶରତ କୁମାର ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ବିଧାୟକ ଗଣେଶ୍ୱର ବେହେରା, ଇଂ ଜ୍ଞାନ ଦେବ ବେଉରା, ବିଜେପି ନେତା ଭୁବନ ମୋହନ ଜେନା, ପ୍ରାକ୍ତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ବିତରଣ କରିଥିଲେ । ସଂଘ ପକ୍ଷରୁ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବା କ୍ଷେତ୍ରରେ ପର୍ଶୁରାମ ନାୟକ, ଉଦୟନାଥ ଚୌଧୁରୀ, ଉମେଶ ଚନ୍ଦ୍ର ବେଉରିଆ, ସାମ୍ବାଦିକତା କ୍ଷେତ୍ରରେ ପରୀକ୍ଷିତ ପାତ୍ର, ସାହିତ୍ୟ କ୍ଷେତ୍ରରେ ବିରଜା ରାଉତରାୟ, ସାହସିକତା ପାଇଁ କିରଣ ବଳ, ଶିକ୍ଷା ପାଇଁ ନିଖିଲ ସାମଲ, ନବଘନ ପରିଡ଼ା, ଉମେଶ ସିଂହ, ବିନୋଦ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

## ପୁରୀ ଧାମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସେବା

**କେନ୍ଦ୍ରାପଡ଼ା,୨୫।୭(ସଂଚାର ବ୍ୟୁରୋ)**: ସାମାଜିକ ସେବା କ୍ଷେତ୍ର ରେ ସାରା ଓଡ଼ିଶା ରେ ଭିନ୍ନ ଭିନ୍ନ ସେବା ଯୋଗାଇ ଥିବା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ରଥ ଓ ପଥଚାରି ଙ୍କ ପାଇଁ ଭିନ୍ନ ଭିନ୍ନ ସେବା ବଡ଼ଦାଣ୍ଡ ରେ ଯୋଗାଇଛନ୍ତି । ଏହି ସେବା ମଧ୍ୟ ରେ ରଥ ଟାଣୁଥିବା ଭକ୍ତ ମାନଙ୍କ ପାଇଁ ହେଉଥିବା ଅହେତୁକ ଗ୍ରୀଷ୍ମ ରୁ ବଞ୍ଚିବା ଲାଗି "ବିଞ୍ଚଣା ସେବା", ରଥ ଟାଣୁଥିବା ଭକ୍ତଙ୍କ ପାଇଁ "ଥଣ୍ଡା ପାନୀୟ ଜଳସେବା" ଓ ଭକ୍ତ ମାନଙ୍କୁ ଝାଳ ର ନିବାରଣ ପାଇଁ" ଗାମୁଛା ସେବା" ଓ ଗୁଳୁଗୁଳି ରୁ ବର୍ତ୍ତିବା ପାଇଁ ଚନ୍ଦନ କର୍ପୂର ଅଗୁର ଭଳି "ସୁବାସିତ ଜଳ ସିଞ୍ଚନ ସେବା" ପରି ଅନେକ ସେବା ଯୋଗାଇ ଦେଉଥିଲା।



ଟ୍ରଷ୍ଟର ସଦସ୍ୟବୃନ୍ଦ ସରଧାବାଲିରୁ ଶ୍ରୀ ମନ୍ଦିର ପର୍ଯ୍ୟନ୍ତ ରଥ ଚାଲୁ ଥିବା ସମସ୍ତ ଭକ୍ତ ଙ୍କୁ ଏହି ସେବା ଯୋଗାଇ ଦେଇଛନ୍ତି। ଏକାଧାରାରେ ଏହି ସେବାକୁ ଦେଖି ସାଧାରଣ ଜନତା ବାହା ବାହା ବୋଲି କହିଛନ୍ତି ଏବଂ ଶ୍ରୀ ଜଗନ୍ନାଥଙ୍କ ନାମରେ ନାମିତ ଟ୍ରଷ୍ଟ ର ମଙ୍ଗଳ ପାଇଁ ମହାପ୍ରଭୁ ଙ୍କ ନାମ ଜୟ ଜଗନ୍ନାଥ ଉଚ୍ଚାରଣ କରିଛନ୍ତି ।

ଆଜିର କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଶ୍ରୀ ଦମନ ମହାନ୍ତିଙ୍କ ସମେତ ଉପସଭାପତି ରଶ୍ମି ରଞ୍ଜନ ବାରିକ, କେଦାର ସ୍ୱାଇଁ, ନଳୀନକାନ୍ତ ବେହେରା, ଅଶୋକ କୁମାର ବେହେରା, ରାକେଶ ବଳ, ବିଶ୍ୱଜିତ ଦାସ, ନବକିଶୋର ରାଉତ, ସଞ୍ଜୟ କୁମାର ଚୌଧୁରୀ, ମନୋଜ ନାୟକ, ନରେନ୍ଦ୍ର ଗରଡା, ତପନ କୁମାର ନାଥ, ମନୋଜ କୁମାର ସାମଲ, ଗୌତମ ଦାସ ଓ ଗାଙ୍ଗୁଲି ଭଳ ପ୍ରମୁଖ ରହି ଏହି ସେବା କାର୍ଯ୍ୟକୁ ସୁଚାର ରୂପେ ତୁଲାଇ ଥିଲେ ।




## ରଥଦାଣ୍ଡରେ ନଗର କଂଗ୍ରେସ ପକ୍ଷରୁ ସେବା ଶିବିର

**କେନ୍ଦ୍ରାପଡ଼ା,୨୫।୭(ସଂଚାର ବ୍ୟୁରୋ)**: ଶ୍ରୀବଳଦେବ ଜୀଉଙ୍କ ପବିତ୍ର ବାହୁଡ଼ା ଯାତ୍ରା ଅବସରରେ କେନ୍ଦ୍ରାପଡ଼ା ନଗର କଂଗ୍ରେସ ପକ୍ଷରୁ ରଥଦାଣ୍ଡରେ ଏକ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଲୋକମାନଙ୍କୁ ଦହି ସରବତ ସହିତ ଦହିପଖାଳ ଓ ଭଜା ବନ କରାଯାଇଥିଲା। ନଗର ସଭାପତି ଦିଲ୍ଲୀପ କୁମାର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସେବା ଶିବିରକୁ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି କୋଷାଧ୍ୟକ୍ଷ ଇଂ ସିଦ୍ଧାର୍ଥସ୍ୱରୂପ ଦାଶ ଉଦଘାଟନ କରିଥିଲେ । ବାହୁଡ଼ା ଯାତ୍ରା ଦେଖିବାକୁ ଆସିଥିବା ଶ୍ରୀଜୀଉଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନେ ଦହି ସରବତ ପିଇବା ସହିତ ଦହିପଖାଳ ଓ ଭଜା ଖାଇ ଘରକୁ ଫେରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ହଳଧର ସେଠୀ, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ କୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ଦାସଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ସେବା ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

### ସରକାରଙ୍କ ବଦଳି ନିର୍ଦ୍ଦେଶ ଫାଇଲ ତଳେ

## ୧୦ ବର୍ଷରୁ ଊର୍ଦ୍ଧ୍ୱ ତାଲିକାରେ ୩ ହଜାରରୁ ଅଧିକ ଶିକ୍ଷକ

**ବାଲିଆପାଳ, ୨୫।୭ (ସଂଚାର ବ୍ୟୁରୋ)**: ବର୍ଷବର୍ଷ ଧରି ଶିକ୍ଷକ ବଦଳି ଓ ରେସନାଲାଇଜେସନ ନହେବାକୁ ନେଇ ବହୁ ଅଭିଯୋଗ ପରେ ସରକାରଙ୍କ ପକ୍ଷରୁ ବଦଳି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜୁନ୍ ୧୫ ମଧ୍ୟରେ ବଦଳି ଲାଗି ମୁଖ୍ୟତଃ ନିର୍ଦ୍ଦେଶ ଥିଲା। ତଦନୁସାରେ ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଗୋଟିଏ ସ୍ଥାନରେ ଏକାଧିକ ବର୍ଷ ରହିବା ଓ ଛାତ୍ରଛାତ୍ରୀଙ୍କ ସଂଖ୍ୟାକୁ ଆଖି ଆଗରେ ରଖି ଅଧିକ କିମ୍ବା ଆବଶ୍ୟକୀୟ ହେଉଥିବା ଶିକ୍ଷକଙ୍କ ସଂଖ୍ୟା ୨୧.୫.୨୦୨୬ ସୁଦ୍ଧା ପଠାଇବାକୁ ନିର୍ଦ୍ଦେଶ ଥିଲା। ହେଲେ ଦୁଃଖ ଓ ପରିତାପର ବିଷୟ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ପଠାଯାଇଥିବା ପତ୍ରକୁ ବିଭିନ୍ନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫାଇଲ ତଳେ ଚାପି ଦେଇଛନ୍ତି।




ଦୀର୍ଘବର୍ଷ ଧରି ଜିଲ୍ଲାରେ ରେସନାଲାଇଜେସନ ନହେବା ଫଳରେ କେଉଁଠି ସଂଖ୍ୟାଧିକ ଛାତ୍ରଛାତ୍ରୀଙ୍କ ନିକଟରେ ଶିକ୍ଷକଙ୍କର ଅଭାବ ତ ଆଉ କେଉଁଠି କମ ଛାତ୍ରଛାତ୍ରୀ ଥିବାବେଳେ ବିଦ୍ୟାଳୟରେ ଏକାଧିକ ଶିକ୍ଷକ ନିୟୋଜିତ ଅଛନ୍ତି। ବର୍ଷବର୍ଷ ଧରି ଶିକ୍ଷକ ଶିକ୍ଷୟିତ୍ରୀମାନେ ଗାଦି ମାଡ଼ି ବସିବା ଓ ରେସନାଲାଇଜେସନକୁ ଜିଲ୍ଲାସ୍ତରରେ ଫୁଙ୍କରା ଯାଉଥିବା ବେଳେ ଚଳିତଥର ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ଶିକ୍ଷକ ବଦଳି ଲାଗି ଆପାତତଃ ଫାଇଲ ଆଗକୁ ମାଡ଼ିବା କଥା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଏ ସଂକ୍ରାନ୍ତରେ ତାଲିକା ମଗାଯାଇ ଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଜଣେବି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରୁ ଗାଦି ମାଡ଼ି ବସିଥିବା ଶିକ୍ଷକଙ୍କ ସୂଚନା ନଆସିନାହିଁ। ଯାହାକୁ ନେଇ ଚଳିତବର୍ଷ ମଧ୍ୟ ଶିକ୍ଷକ ବଦଳିକୁ ନେଇ ସନ୍ଦେହ ପ୍ରକାଶ ପାଉଛି।

ବିଶ୍ୱସ୍ତ ସୂତ୍ରରୁ ସୂଚନାକ୍ରମେ ଜିଲ୍ଲାରେ ୧୦ବର୍ଷରୁ ଅଧିକ ଗୋଟିଏ ସ୍କୁଲରେ କାର୍ଯ୍ୟ କରୁଥିବା ଶିକ୍ଷକଙ୍କ ସଂଖ୍ୟା ପାଖାପାଖି ୩୨୦୦ରୁ ଅଧିକ ହେବ। ତେବେ ୩୨୦୦ ଶିକ୍ଷକଙ୍କୁ ବଦଳି କରାଯିବା ଏକ କାଠିକର ପାଠ ବୋଲି କୁହାଯାଇପାରେ। ଅପରପକ୍ଷରେ ଏସଆଇଆରକୁ ଆଳ କରି ଚଳିତବର୍ଷ କିଛି ଶିକ୍ଷକ ସାଙ୍ଗକୁ ଗୋଷ୍ଠୀ ଶିକ୍ଷାଧିକାରୀ ରେସନାଲାଇଜେସନରକୁ ଆଡେଇ ଚୁପ୍‌ଚାପ୍ ବସିବାକୁ ମନସ୍ଥ କରିବା ଜଣାପଡ଼ିଛି। ତେବେ ଜୁନ୍ ସରିକି ଜୁଲାଇ ହେଲାଣି କିନ୍ତୁ ଏଥି ମଧ୍ୟରେ ସରକାରଙ୍କ ବିଜ୍ଞପ୍ତି ଅନୁସାରେ ଜିଲ୍ଲାରେ ୩୨୦୦ରୁ ଅଧିକ ଶିକ୍ଷକଙ୍କ ବଦଳି ହୋଇନି ତାହା ଦେଖିବାକୁ ବାକି ରହିଲା।

## ପଲେଇ ପ୍ରକଳ୍ପ ଉନ୍ନୀତ ଉପ୍ରା ବିଦ୍ୟାଳୟର ଏସ୍‌ଏମ୍‌ସି କମିଟି ଗଠିତ



**ଡେରାବିଶ,୨୫।୭ (ସଂଚାର ବ୍ୟୁରୋ)**: ଡେରାବିଶ ଶିକ୍ଷା ସର୍କଲ ଅଧୀନ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇ ପ୍ରକଳ୍ପ ଉନ୍ନୀତ ଉପ୍ରା ବିଦ୍ୟାଳୟର ଏସ୍‌ଏମ୍‌ସି କମିଟି ବହୁ ବାଦ ବିବାଦ ପରେ ଆଜି ଗଠନ ହୋଇଯାଇଛି। ପୂର୍ବରୁ ପରିଚାଳନା କମିଟି ପାଇଁ ସଦସ୍ୟ ଚୟନକୁ କାଏମ ରଖି ଆଜି କମିଟିର ସଭାପତି ଭାବେ ରଶ୍ମିରଞ୍ଜନ ନାଥଶର୍ମା ଓ ଉପସଭାପତି ଭାବେ ଋତୁପର୍ଣ୍ଣା ମହାପାତ୍ରଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ମନୋନିତ ହୋଇଥିବା ସଭାପତି ଶ୍ରୀ ନାଥଶର୍ମା ଓ ଉପସଭାପତି ମହାପାତ୍ରଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲ। ସୂଚନା ଯୋଗ୍ୟ ଚଳିତ ମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ଏସ୍‌ଏମ୍‌ସି ଗଠନ ପ୍ରକ୍ରିୟା ଦୁଇ ଦୁଇଥର କିଛି ବ୍ୟକ୍ତି ବେଆଇନ ହସ୍ତକ୍ଷେପ ଯୋଗୁଁ ବାଧାପ୍ରାପ୍ତ ହେବା ସହ କର୍ମକର୍ତା ଚୟନ ପାଇଁ ୨ଥର ତାରିଖ ଧାର୍ଯ୍ୟ ହେବା ପରେ ଆଜି ବିଦ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳା ସହ କମିଟି ଗଠନ ହୋଇଥିବା ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି।

## ଅନୈତିକ କାର୍ଯ୍ୟରେ ଲିପ୍ତ ବଙ୍ଗୀୟ ଯୁବତୀଙ୍କ ସହ ଦୁଇ ଯୁବକ ଗିରଫ

**ଡେରାବିଶ,୨୫।୭ (ସଂଚାର ବ୍ୟୁରୋ)**: ଡେରାବିଶ ଥାନା ଅନ୍ତର୍ଗତ ଖମୋଳ ପଞ୍ଚାୟତ ଅଞ୍ଚଳର ଏକ ଭଡ଼ା ଘରେ



ଜନୈକ ଦଲାଲ ଜଣେ ବଙ୍ଗୀୟ ଯୁବତୀଙ୍କୁ ରଖି ଦେହ ବ୍ୟବସାୟ କରୁଥିବା ଅଭିଯୋଗ ପାଇ ଗତକାଲି ପୋଲିସ୍ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ମୁଖ୍ୟ ଅଭିଯୁକ୍ତ ଫେରାର ହେବାକୁ ସକ୍ଷମ ହୋଇଥିବା ବେଳେ ପୋଲିସ୍ ଭଡ଼ା ଘର ମଧ୍ୟରୁ ଜଣେ ବଙ୍ଗୀୟ ଯୁବତୀଙ୍କ ସହ ଦୁଇଜଣ ଯୁବକଙ୍କୁ ଗିରଫ କରିଥିଲେ। ଗିରଫ ଯୁବକ ଦ୍ୱୟ ହେଲେ କଟକ ଜିଲ୍ଲା ନେମାଳ ଥାନା ଅନ୍ତର୍ଗତ ବାହାରବମ୍ଭ ଗ୍ରାମର ନିତାଇଗଉର ସେଠୀ (୨୯) ଓ ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଦଳିପଡ଼ା ଗ୍ରାମର ପ୍ରଦିପ କୁମାର ଦାସ (୪୦)। ପୁଲିସ୍ ଉଭୟ ଯୁବକ ଓ ଯୁବତୀଙ୍କ ଡାକ୍ତରୀ ମାଇନା କରିବା ସହ ଆଜି କୋର୍ଟଚାଲାଣ କରିଥିବା ଥାନା ଅଧିକାରିଣୀ ଅମ୍ବିକା ପ୍ରସାଦ ଦାସ ସୂଚନା ଦେଇଛନ୍ତି। ତେବେ ଏ ସମ୍ପର୍କରେ ଥାନାରେ କେଶ ନଂ-୧୯୦/୨୬ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରଖିବା ସହ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଖୋଜିବା କାର୍ଯ୍ୟ ଜାରି ରଖିଛି।

## ଆବଶ୍ୟକ କାଗଜପତ୍ର ଅଭାବରୁ ଶିକ୍ଷାରୁ ବଞ୍ଚିତ ଆଦିବାସୀ ଶିଶୁ

### ସ୍ୱତନ୍ତ୍ର କ୍ୟାମ୍ପ୍ ପାଇଁ ସମାଜସେବୀଙ୍କ ଦାବି

**ଯାଜପୁର ରୋଡ୍,୨୫।୭ (ସଂଚାର ବ୍ୟୁରୋ)**: ଯାଜପୁର ଜିଲ୍ଲାର ଅଧିକାଂଶ ଆଦିବାସୀ ବସ୍ତିରେ ବସବାସ କରୁଥିବା ଶତାଧିକ ଶିଶୁ ଆଜିବି ମୌଳିକ ଶିକ୍ଷା ବ୍ୟବସ୍ଥା ଅଧିକାରରୁ ବଂଚିତ ହେଉଥିବା ଦେଖିବାକୁ ମିଳିଛି। ଆଧାର କାର୍ଡ, ଜନ୍ମ ପ୍ରମାଣପତ୍ର ଓ ଜାତି ପ୍ରମାଣପତ୍ର ଭଳି ଅତ୍ୟାବଶ୍ୟକ ସରକାରୀ ପ୍ରମାଣ ପତ୍ର ନଥିବାରୁ ଅନେକ ଏଭଳି ପିଲା ବିଦ୍ୟାଳୟରେ ନାମ ଲେଖାଇ ପାରୁନାହାନ୍ତି ତ ଆଉ କେତେକ ପାଠପଢ଼ା ଆରମ୍ଭରୁ ପାଠ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଏପରି ଗମ୍ଭୀର ସମସ୍ୟାର ସମାଧାନ ପାଇଁ ବ୍ୟାସନଗରର ଯୁବ ସମାଜସେବୀ ରାଜେଶ କୁମାର ରାଉତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସହ ଏଭଳି ପିଲା ମାନଙ୍କ ପ୍ରମାଣ ପତ୍ର ପ୍ରସ୍ତୁତି ପ୍ରକ୍ରିୟାର ସରଳୀକରଣ ପାଇଁ ଦାବି କରିଛନ୍ତି। ଏଭଳି ପିଲା ମାନଙ୍କ ପରିବାରବର୍ଗଙ୍କ ଆର୍ଥିକ ଅନାଟନ ଯୋଗୁଁ କାଗଜପତ୍ର ସାଜିଛି ବାଧକ।



ସ୍ଥାନୀୟ ଆଦିବାସୀ ବସ୍ତିଗୁଡ଼ିକରେ ସର୍ଭେରୁ ଜଣାପଡ଼ିଛି ଯେ, ଅଧିକାଂଶ ପରିବାର ଅତ୍ୟନ୍ତ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନଯାପନ କରୁଛନ୍ତି। ପରିବାରର ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁଁ ଅନେକ ଶିଶୁ ରୋଜଗାରରେ ସହଯୋଗ କରିବା ପାଇଁ ପାଠପଢ଼ା ପ୍ରତି ବିମୁଖ ହେଉଛନ୍ତି। ଏହାସହିତ ଆବଶ୍ୟକ କାଗଜପତ୍ର ନଥିବାରୁ ସେମାନେ ସରକାରୀ ଯୋଜନାରୁ ମଧ୍ୟ ବଂଚିତ ହେଉଛନ୍ତି। ଗୋଟିଏ ଶିଶୁର ହାତରେ କାଗଜପତ୍ର ନଥିବା କାରଣରୁ ତା ହାତରୁ ବହି-ପାଠ ଛଡ଼ାଇ ନିଆଯିବା ଆଦୌ ଗ୍ରହଣଯୋଗ୍ୟ ନୁହେଁ।

ସରକାରଙ୍କ ସାମାନ୍ୟ ସରଳ ଓ ଆନ୍ତରିକ ପଦକ୍ଷେପ ଶତାଧିକ ପିଲାଙ୍କ ଭବିଷ୍ୟତକୁ ଆଲୋକିତ କରିପାରିବ। ସ୍ୱତନ୍ତ୍ର କ୍ୟାମ୍ପ୍ ଓ ସଚେତନତା ପାଇଁ ସମାଜସେବୀ ଶ୍ରୀ ରାଉତ ଦାବି କରିଛନ୍ତି। ସରକାର ସମସ୍ତ ଆଦିବାସୀ ବସ୍ତିରେ ସ୍ୱତନ୍ତ୍ର କ୍ୟାମ୍ପ୍ ଆୟୋଜନ କରି ପିଲାମାନଙ୍କୁ ଆଧାର, ଜନ୍ମ ଓ ଜାତି ପ୍ରମାଣପତ୍ର ଯୋଗାଇ ଦେବାର ବ୍ୟବସ୍ଥା କରନ୍ତୁ। ଏଥିସହିତ ସଚେତନତା ସୃଷ୍ଟି, ବସ୍ତିଗୁଡ଼ିକରେ ଶିକ୍ଷାର ମହତ୍ୱ ଓ ସରକାରୀ ସୁବିଧା ବାବଦରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉ। ଦରିଦ୍ର ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତି ଓ ନିଶୁଳ୍କ ଶିକ୍ଷା ସାମଗ୍ରୀ ପ୍ରଦାନ କରାଯାଉ, ଯାହାଦ୍ୱାରା 'ଡ୍ରପ୍-ଆଉଟ୍' ହାର କମିପାରିବ।

## ୮ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ

**ଫୁଲବାଣୀ,୨୫।୭ (ସଂଚାର ବ୍ୟୁରୋ)**: କନ୍ଧମାଳ ଏସପି ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଥାନା ତରଫରୁ ଜାରି ରହିଥିବା ବେଳେ ଗଞ୍ଜେଇ କାରବାର ଉପରେ ରୋକ ଲଗେଇବା ପାଇଁ ଧରପଗଡ଼କୁ ଜୋରଦାର କରାଯାଇଛି। ଏହି ପରିପେକ୍ଷୀରେ କିଛିଦିନର ନୀରବତା ପରେ ପୁଣି ଥରେ ଜିଲ୍ଲାର ଫୁଲବାଣୀ ସଦର ଥାନା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ସଦର ଥାନା ପୋଲିସ ଏକ ଟ୍ରକ୍‌ରୁ ୮ କୁଇଣ୍ଟାଲ ୫୦ କିଲୋ ଗଞ୍ଜେଇକୁ ଜବତ କରିବାରେ ସଫଳ ହୋଇଥିବା ବେଳେ ଗାଡି ଛାଡି ତିନି ଜଣ ଗାଡିର ଡ୍ରାଇଭର ଓ ଅନ୍ୟ ମାଫିଆମାନେ ଫେରାର ହୋଉଯାଇଥିବା ସୂଚନା ଦେଇଛି। ତେବେ ପୁଲିସ ର ସୂଚନା ଅନୁସାରେ ଶନିବାର ଏକ ଟ୍ରକ୍‌ରେ ଗୋଛାପଡାରୁ ସମ୍ବଲପୁର କୁ ଗଞ୍ଜେଇ ଚାଲାଣ ହେଉଥିବା ପୁଲିସକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା ସୂଚନା ମିଳିବା ପରେ ସଦର ଥାନା ଅଧିକାରୀ ପ୍ରଦୀପ କୁମାର ଜେନାଙ୍କ ପ୍ରତକ୍ଷ ତତ୍ତ୍ୱବଧାନରେ ଓ



କାର୍ଯ୍ୟରତ ଏସଆଇ ସମ୍ବିତ ବେହେରାଙ୍କ ନେତୃତ୍ୱରେ ପୁଲିସ ଟିମ ଫୁଲବାଣୀ ବୌଦ୍ଧ ରାସ୍ତାର ଦ୍ୱାରପାଳ ନିକଟରେ ଗାଡିଟିକୁ ଧରିବାରେ ସଫଳ ହୋଇଥିଲେ। କିନ୍ତୁ ଗାଡି ଧରିବା ଆଗରୁ ଗାଡିର ଡ୍ରାଇଭର ସହ ମାଫିଆ ମାନେ ସତର୍କ ହୋଇ ମୁଖ୍ୟ ରାସ୍ତା ଉପରେ ହିଁ ଗାଡିଟିକୁ ଛାଡି ଫେରାର ହୋଇଯାଇଥିଲେ। ପରେ ମଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଜବତ କରାଯାଇଥିଲା। ଏହି ଘଟଣାରେ ସଦର ଥାନାରେ ୧୫୫/୨୦୨୬ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ସୂଚନା ଦେଇଛନ୍ତି ଥାନା ଅଧିକାରୀ।

# ସୁନାବେଶ ପାଇଁ ପୁରୀମୁହାଁ ହଜାର ହଜାର ଶ୍ରଦ୍ଧାଳୁ

## ପିପିଲିରୁ ମାଳତୀପାଟପୁର ଲାଗିଛି ଲମ୍ବା ଲାଇନ୍



ଭୁବନେଶ୍ୱର, ୨୫।୭ (ସଂଚାର ବ୍ୟୁରୋ): ମହାପ୍ରଭୁଙ୍କ ସୁନା ବେଶ ପାଇଁ ଭୁବନେଶ୍ୱର-ପୁରୀ ରାସ୍ତାରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ମାଳତୀପାଟପୁର ଟ୍ରାଫିକ ଅତିକ୍ରମ କରିବାକୁ ଲାଗୁଛି ୨ ଘଣ୍ଟାରୁ ଅଧିକ ସମୟ। ପିପିଲି ନିକଟରୁ ମାଳତୀପାଟପୁର ପର୍ଯ୍ୟନ୍ତ ଗାଡ଼ିର ଲମ୍ବା ଲାଇନ ଲାଗିଛି। ମାଳତୀପାଟପୁର ନିକଟରୁ ଗାଡ଼ିଗୁଡ଼ିକୁ ତାଳବଣିଆ ପାର୍କିଂକୁ ପଠାଯାଉଛି। ଟ୍ରାଫିକ୍ ଅଧିକାରୀଙ୍କ ଦ୍ୱାରା ଘଣ୍ଟାକରେ ଥରେ ଆଡଭାଇଜରି ସୋସିଆଲ ମିଡିଆରେ ସାର୍ବଜନୀନ କରୁଛି ପୁଲିସ।

ଗତକାଲି ରାତିରୁ ଟ୍ରାଫିକ୍ ଜାମ୍ ହେବା ଆରମ୍ଭ ହୋଇଥିଲା। ଏଥିପାଇଁ ଟ୍ରାଫିକ୍ ପୁଲିସ ପକ୍ଷରୁ ନିୟମିତ ବ୍ୟବଧାନରେ ଆଲର୍ଟ ଜାରି କରାଯାଉଛି। ଭୁବନେଶ୍ୱରରୁ ପୁରୀ ଆଡ଼କୁ ଅଧିକରୁ ଅଧିକ ଗାଡ଼ି ଯାଉଛି ଓ ଏହା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏନେଇ ପୁରୀ ଟ୍ରାଫିକ୍ କଣ୍ଟ୍ରୋଲ ରୁମ୍ ପକ୍ଷରୁ ସଚେତନ କରାଯାଉଛି। ସବୁ ଗାଡ଼ିକୁ ତାଳବଣିଆ ଏକ୍ସିସ୍ ଆଡ଼କୁ ଯିବାକୁ ପରାମର୍ଶ ଦିଆଯାଉଛି। ମାଳତୀପାଟପୁରରେ ପ୍ରାୟ ଦେଢ଼ରୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିପାରେ ଏବଂ ଏହି ସମୟ ଆଗକୁ ବଢ଼ିପାରେ ବୋଲି କୁହାଯାଇଛି। ସତର୍କ ରହିବା ସହ ସେହି ଅନୁଯାୟୀ ଯାତ୍ରା କରିବା ପାଇଁ ଯୋଜନା କରିବାକୁ ପୋଲିସ ବାରମ୍ବାର ପରାମର୍ଶ ଦେଉଛି।

ସେପଟେ ଏହି ପରିପ୍ରେକ୍ଷୀରେ ପୁରୀରେ ସୁନାବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଆଗମନ ଯୋଗୁଁ କଟକରେ ପୁଲିସ ଜରୁରୀ ସୂଚନା ଜାରି କରିଛି। କଟକ ପ୍ରେସ ଛକ ନିକଟରେ ଡିସିପି, ଏସିପି ଓ ଇନ୍ସପେକ୍ଟରମାନେ ରହି ଟ୍ରାଫିକ୍ ନିୟନ୍ତ୍ରଣ କରୁଛନ୍ତି। ଏଥିସହ ପ୍ରେସ ଛକ ନିକଟରୁ ହିଁ ଗାଡ଼ି ଚଳାଚଳ ନିୟନ୍ତ୍ରଣ କରାଯିବା ସହ ପୁରୀ ଯିବା ପାଇଁ ବ୍ୟକ୍ତିଗତ ଗାଡ଼ିର ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛି ପୁଲିସ। ଅତ୍ୟଧିକ ଶ୍ରଦ୍ଧାଳୁଙ୍କ ଆଗମନ ଯୋଗୁଁ ପୁରୀ ଯିବା ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ପୁଲିସ ପକ୍ଷରୁ ରାସ୍ତାରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଉଛି। ଯେଉଁମାନେ ଘରୁ ପୁରୀ ପାଇଁ ନ ବାହାରିଛନ୍ତି ସେମାନେ ନ ବାହାରିଲେ ଭଲ ବୋଲି ପୁଲିସ କହିଛି। ଯଦି ବି କେହି ଯାଉଛନ୍ତି, ତେବେ ବସ୍, ଟ୍ରେନ୍ ଆଦିରେ ଯିବା ଆବଶ୍ୟକ ବୋଲି

### ଶିଳ୍ପ ସଂସ୍ଥାମାନଙ୍କ ସହ ଉଚ୍ଚସ୍ତରୀୟ ହିତାଧିକାରୀ ବୈଠକ

# ଶିଳ୍ପ ଭିତ୍ତିଭୂମି, ସେବା ଓ ପ୍ରଶାସନିକ ସଂସ୍କାରକୁ ଗୁରୁତ୍ୱ



ଭୁବନେଶ୍ୱର, ୨୫।୭ (ସଂଚାର ବ୍ୟୁରୋ): ଓଡ଼ିଶାରେ ଶିଳ୍ପାୟନକୁ ଅଧିକ ଗତିଶୀଳ କରିବା ଓ ବ୍ୟବସାୟ କରିବାର ସୁଗମତାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ପକ୍ଷରୁ ଅଧ୍ୟକ୍ଷା ତଥା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଶିଳ୍ପ ହିତାଧିକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇଡ୍‌କୋ ପରିସରରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ପ୍ରମୁଖ ଶିଳ୍ପ ସଂଗଠନ, ବାଣିଜ୍ୟ ମଣ୍ଡଳ, ଏମ୍‌ଏସ୍‌ଏମ୍‌ଇ ସଂଗଠନ ଓ ଆଞ୍ଚଳିକ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇ ଶିଳ୍ପ ଭିତ୍ତିଭୂମି, ଜମି ଆବଣ୍ଟନ, ବିଦ୍ୟୁତ, ଜଳଯୋଗାଣ, ଲଜିଷ୍ଟିକ୍ସ ଓ ବିଭିନ୍ନ ନିୟାମକ ପ୍ରକ୍ରିୟାର ସରଳୀକରଣ ଉପରେ ଆଲୋଚନା କରିଥିଲେ।

ଏହି ଅବସରରେ ଶ୍ରୀମତୀ ପାଢ଼ୀ କହିଥିଲେ ଯେ ଶିଳ୍ପ ସଂସ୍ଥାମାନଙ୍କ ସହ ନିୟମିତ ଆଲୋଚନା, ସ୍ୱଚ୍ଛ ପ୍ରଶାସନ ଓ ଦ୍ରୁତ ସମସ୍ୟା ସମାଧାନ ହିଁ ଇଡ୍‌କୋର ପ୍ରମୁଖ ପ୍ରାଥମିକତା। ଏହା ମାଧ୍ୟମରେ ରାଜ୍ୟରେ ଅଧିକ ନିବେଶ ଆକର୍ଷଣ ସହ ଏକ ପ୍ରତିଯୋଗିତାମୂଳକ ଶିଳ୍ପ ପରିବେଶ ସୃଷ୍ଟି ହେବ। ଗତ ଦୁଇ ବର୍ଷ ମଧ୍ୟରେ ଇଡ୍‌କୋ ପ୍ରାୟ ୬ ହଜାର ଏକର ଜମିକୁ ଶିଳ୍ପ ଭୂମି ବ୍ୟାଙ୍କରେ ସାମିଲ କରିଥିବା ବେଳେ ୬,୦୨୭ ଏକର ଜମି ବୃହତ ଓ ମଧ୍ୟମ ଶିଳ୍ପ ପାଇଁ ହସ୍ତାନ୍ତର କରିଛି। ଏଥିସହ ୯୩ଟି ବୃହତ ଶିଳ୍ପ ପ୍ରକଳ୍ପକୁ ଜମି ଆବଣ୍ଟନ କରାଯାଇଛି। ରାଜ୍ୟରେ ୩୦ଟି ମଲ୍ଟି-ପ୍ରଡକ୍ଟ ଏମ୍‌ଏସ୍‌ଏମ୍‌ଇ ପାର୍କ ସହ ଇଲେକ୍ଟ୍ରୋନିକ୍ସ, ବୟନ, ପ୍ଲାଷ୍ଟିକ୍, ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଓ ଆଲୁମିନିୟମ୍‌ଭିତ୍ତିକ ଶିଳ୍ପ ପାଇଁ ସ୍ୱତନ୍ତ୍ର ପାର୍କ ଗଢ଼ି ଉଠିଛି ବୋଲି ସେ କହିଥିଲେ।

ବର୍ତ୍ତମାନ ୩,୫୦୦ କୋଟିରୁ ଅଧିକ ଅର୍ଥ ବ୍ୟୟରେ ୧୪୭ଟି ଶିଳ୍ପ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ଆଇଆଇଡିଏଫ୍ ଯୋଜନାରେ ୧,୮୭୦ କୋଟିରୁ ଅଧିକ ଅର୍ଥ ବ୍ୟୟର ୧୧୭ଟି ନୂତନ ପ୍ରକଳ୍ପ ପ୍ରସ୍ତାବିତ ହୋଇଛି। ଇଡକୋ ବର୍ତ୍ତମାନ ପ୍ରାୟ ୧୫୦ଟି ଶିଳ୍ପାଞ୍ଚଳ, ଶିଳ୍ପ ଇଷ୍ଟେଟ୍ ଓ ଏମ୍‌ଏସ୍‌ଏମ୍‌ଇ ପାର୍କ ପରିଚାଳନା କରୁଛି, ଯେଉଁଠାରେ ୬,୬୬୧ଟି ଶିଳ୍ପ ୟୁନିଟ୍ କାର୍ଯ୍ୟରତ ଅଛି। ଶିଳ୍ପ କ୍ଷେତ୍ରରେ ଅନୁମୋଦନ ପ୍ରକ୍ରିୟାକୁ ସହଜ ଓ ଶୀଘ୍ର କରିବା ପାଇଁ ଇଡିକୋ ବିଭିନ୍ନ ସଂସ୍କାର କାର୍ଯ୍ୟକାରୀ କରିଛି। ଶିଳ୍ପ ଭବନ, ଫ୍ଲାଟେଡ୍ ଫ୍ୟାକ୍ଟରୀ ଓ ଆଇଟି/ଆଇଟିଇଏସ୍ ପ୍ରତିଷ୍ଠାନ ପାଇଁ ଭୂମି ଆବରଣ ସୀମା ହଟାଯାଇଥିବା ବେଳେ ଟିଡିଆର୍ ପ୍ରମାଣପତ୍ର ବିନା ସମ୍ପୂର୍ଣ୍ଣ ଏଫ୍‌ଏଆର୍ ବ୍ୟବହାରକୁ ଅନୁମତି ଦିଆଯାଇଛି।

## କଖିଡ଼ି ସପ୍ତଦିବସୀୟ ଭଜନ ସନ୍ଧ୍ୟା ଉଦ୍‌ଯାପିତ



କଟକ, ୨୫।୭ (ସଂଚାର ବ୍ୟୁରୋ): କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ଅନ୍ତର୍ଗତ କଖିଡି ଗ୍ରାମରେ ଶ୍ରୀଗୁଣ୍ଡିଚାଠାରୁ ବାହୁଡ଼ା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସପ୍ତଦିବସୀୟ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଗାୟକ ଗାୟିକାଙ୍କ ସହିତ ଓଡିଶାର ବିଶିଷ୍ଟ କଳାକାରମାନେ ଭଜନ ପରିବେଷଣ କରିଥିଲେ। ଯୁବ ସାମ୍ବାଦିକ ପ୍ରଦୀପ କୁମାର ନାୟକ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ଓଡିଶା ଯୁବ ପ୍ରଶିକ୍ଷଣ ଟ୍ରଷ୍ଟ ଚେୟାରମ୍ୟାନ ସୁରେନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କଳା ସଂସ୍କୃତି ଲୋପ୍ ପାଉଥିବା ବେଳେ ଗ୍ରାମାଞ୍ଚଳରେ ମହାପ୍ରଭୁଙ୍କ ଭଜନ ସନ୍ଧ୍ୟା ଆୟୋଜନ କରିବା ସମସ୍ତଙ୍କ ପାଇଁ ଏକ ପ୍ରେରଣା ବୋଲି କହିବା ସହ ଶ୍ରୀ ସ୍ୱାଇଁ ଗୋଟିଏ ଦିନର ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମର ଅନୁଦାନ ରାଶି ପ୍ରଦାନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଓଡିଶା ଯୁବ ପ୍ରଶିକ୍ଷଣ ଟ୍ରଷ୍ଟର ଉପାଧ୍ୟକ୍ଷ ସ୍ମୃତି ମନୋରମା ଦେଇ ପ୍ରମୁଖ ଯୋଗଦାନ କରିଥିଲେ।

### ଆଦ୍ୟାଶାଙ୍କ କମାଲ

## ଏକାଥରକେ ପାଇଲେ ଆଇଆଇଟି, ଏନଆଇଟି, ନିଟ୍, ଆଇଏଟି ଓ ନେଷ୍ଟ୍



ବାଲେଶ୍ୱର, ୨୫।୭ (ସଂଚାର ବ୍ୟୁରୋ): ଭାରତର ପ୍ରମୁଖ ଉଚ୍ଚଶିକ୍ଷା ସଂସ୍ଥାନ ଏବଂ ସେଗୁଡ଼ିକରେ ନାମଲେଖା ପାଇଁ ହେଉଥିବା ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା ଓ ଯୁକ୍ତ ଦୁଇ ପରେ ଇଞ୍ଜିନିୟରିଂ, ମେଡିକାଲ, କିମ୍ବା ବୈଜ୍ଞାନିକ ଗବେଷଣା କ୍ଷେତ୍ରକୁ ଯିବା ପାଇଁ ପ୍ରମୁଖ ପ୍ରବେଶିକା ପରୀକ୍ଷା ମାନଙ୍କରେ ବାଲେଶ୍ୱର ସୁନା ଝିଅ ଆଦ୍ୟାଶା ପାଣିଗ୍ରାହୀ ନିଜର କୃତିତ୍ୱ ଦେଖାଇଛନ୍ତି । ୫ପାଞ୍ଚ ଟି ପ୍ରବେଶିକା ପରୀକ୍ଷାରେ ନିଜର ଉତ୍କର୍ଷ ପ୍ରତିପାଦିତ କରିଛନ୍ତି । ଜଣେ ସଫଳ ଏ ଆଇ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଥିବା ଆଦ୍ୟାଶା ଚଳିତ ବର୍ଷ ସେ ଏକାଥରକେ ଆଇ ଆଇ ଟି ,ଏନ ଆଇ ଟି ,ନିଟ୍,ଆଇ ଏ ଟି ଏବଂ ନେଷ୍ଟ୍ ରେ ଭଲ ରାଙ୍କ ରଖି ନିଜ ପରିବାର ଶହ ଜଣେ ମେଧାବୀ ଛାତ୍ରୀ ଭାବରେ ନିଜକୁ ପରିଗଣିତ କରିଛନ୍ତି।

# ରଥଯାତ୍ରା ପରିଚାଳନାରେ ଫେଲ୍ ମାରିଛନ୍ତି ସରକାର

■ ମହାପ୍ରଭୁଙ୍କ ନାମ ନେଇ ଖସିଯିବାକୁ ଚେଷ୍ଟା କରୁଛନ୍ତି

■ ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯାଉ



ଭୁବନେଶ୍ୱର, ୨୫।୭ (ସଂଚାର ବ୍ୟୁରୋ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପରିଚାଳନା କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି। ଚଳିତ ବର୍ଷ ରଥଯାତ୍ରା ସମୟରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ବାହୁଡ଼ା ଯାତ୍ରାରେ ଦଳାଚକଟାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି, ଯାହାକୁ ନେଇ ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜେଡି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା ରଥଯାତ୍ରାରେ ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ନେଇ ବିଜେପି ସରକାରକୁ କଡ଼ା ସମାଲୋଚନା କରିଛନ୍ତି। ଶ୍ରୀ ଦାସବର୍ମା କହିଛନ୍ତି ଯେ ରଥଯାତ୍ରାରେ ବାରମ୍ବାର ଅବ୍ୟବସ୍ଥା ଅଗଣିତ ଜଗନ୍ନାଥପ୍ରେମୀଙ୍କ ମନକୁ ଆଘାତ ଦେଇଛି। ଗତ ୧୬ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୩୫୦ରୁ ଅଧିକ ଆହତ ହୋଇଥିଲେ। ପୁଣି ବାହୁଡ଼ା ଯାତ୍ରାରେ ଦଳାଚକଟାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩୦ରୁ ଅଧିକ ଆହତ ହୋଇଛନ୍ତି। ଏତେ ପରେ ବି ରାଜ୍ୟ ସରକାର ନିଜ ଭୁଲ୍‌କୁ ସ୍ୱୀକାର କରୁନାହାଁନ୍ତି। ରଥଯାତ୍ରା ସମୟରେ ଦଳାଚକଟାରେ ମୃତ୍ୟୁକୁ ରାଜ୍ୟ ସରକାର ସ୍ୱୀକାର କରୁ ନ ଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ମୁଖା ଖୋଲିଦେଇଛି। ରଥଯାତ୍ରାଠାରୁ ବାହୁଡ଼ା ପର୍ଯ୍ୟନ୍ତ ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବା ସହ ମୃତ୍ୟୁକୁ ନେଇ ମିଛ କହିଥିବାରୁ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ସକାଶେ ସେ ଦାବି କରିଛନ୍ତି।

ସେହିପରି ଶ୍ରୀ ସାମନ୍ତରାୟ କହିଛନ୍ତି ଯେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପରିଚାଳନା କରିବାରେ ରାଜ୍ୟ ସରକାର ଅସମର୍ଥ। ରଥଯାତ୍ରାରେ ମହାପ୍ରଭୁଙ୍କ ନିକଟରେ ସେବାୟତ ରହିବା ନେଇ ପୂର୍ବ ନିଷ୍ପତ୍ତିଠାରୁ ଅଧିକ ସେବାୟତ ରହିଲେ। ରଥଯାତ୍ରା ଆରମ୍ଭରୁ ଅଘଟଣ ଘଟିଲା। ମହାପ୍ରଭୁଙ୍କ ପହଣ୍ଡି ବିଜେ ବେଳେ ଟାହିଆ ନ ଥିଲା। ଏହାପରେ ଦଳାଚକଟା ଘଟି ଶ୍ରଦ୍ଧାଳୁଙ୍କ ପ୍ରାଣହାନୀ ଘଟିଲା। ବାହୁଡ଼ା ଯାତ୍ରାରେ ମଧ୍ୟ ଦଳାଚକଟା ଘଟି ଜଣେ ଶ୍ରଦ୍ଧାଳୁଙ୍କ ଜୀବନ ଚାଲିଗଲା। ବିଜେପି ସରକାରର ଦାୟିତ୍ୱହୀନତା ପାଇଁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହେଉଛି। ରଥଯାତ୍ରା ପରିଚାଳନାରେ ରାଜ୍ୟ ସରକାରଙ୍କ ବିଫଳତା ପାଇଁ ଅଘଟଣ ପରେ ଅଘଟଣ ଘଟିଚାଲିଛି। ତେଣୁ ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରି ରିପୋର୍ଟ ସାର୍ବଜନୀନ କରାଯାଉ ବୋଲି ସେ କହିଛନ୍ତି।

## ବିଜୟ ପାଇଁ ଯୁବପିଢ଼ିଙ୍କୁ ନବୀନଙ୍କ ଅଭିନନ୍ଦନ



ଭୁବନେଶ୍ୱର, ୨୫।୭ (ସଂଚାର ବ୍ୟୁରୋ): ନିଟ୍ ପେପର ଲିକ୍ ଓ ଛାତ୍ରଛାତ୍ରୀଙ୍କ ପ୍ରତିବାଦ ମଧ୍ୟରେ ଶନିବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ଇସ୍ତଫାପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପଠାଇବା ସହ ସାମାଜିକ ଗଣମାଧ୍ୟମରେ ସେ ଏନେଇ ସୂଚନା ଦେଇଛନ୍ତି। ତାଙ୍କ ଇସ୍ତଫା ପରେ ରାଜନୈତିକ ମହଲରେ ନେତା, ମନ୍ତ୍ରୀଙ୍କ ପକ୍ଷରୁ ପ୍ରତିକ୍ରିୟାର ସୁଅ ଛୁଟିବାରେ ଲାଗିଛି। ଏହି କ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶ୍ରୀ ପ୍ରଧାନଙ୍କ ଇସ୍ତଫା ଉପରେ ଟିପ୍ପଣୀରେ କହିଛନ୍ତି ଯେ ଏହି ବିଜୟ ପାଇଁ ସେ ଭାରତର ଯୁବପିଢ଼ିଙ୍କୁ, ବିଶେଷକରି ଜେନ୍-ଜିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜନମତ ପ୍ରତି ଉତ୍ତରଦାୟିତ୍ୱ ଓ ସମ୍ବେଦନଶୀଳତା ଏକ ଦୃଢ଼ ଗଣତନ୍ତ୍ରର ଅବିଚ୍ଛେଦ୍ୟ ମୂଲ୍ୟବୋଧ। ଲୋକଙ୍କ ଇଚ୍ଛାଠାରୁ କେହି ବି ଊର୍ଦ୍ଧ୍ୱରେ ନୁହଁନ୍ତି। ଯୁବପିଢ଼ିଙ୍କ ସ୍ୱର ଏବଂ ତାଙ୍କ କଥା ଶୁଣିବା ନିହାତି ଆବଶ୍ୟକ। ଭାରତର ଭବିଷ୍ୟତ ଯୁବପିଢ଼ିଙ୍କ ହାତରେ ବୋଲି ନବୀନ କହିଛନ୍ତି।

### ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ

# ଭାଷା ଏକ ଜାତିର ମେରୁଦଣ୍ଡ, ଭାଷା ବିନା ଅସ୍ତିତ୍ୱ ନାହିଁ



ଭୁବନେଶ୍ୱର, ୨୫।୭ (ସଂଚାର ବ୍ୟୁରୋ): ଆଜି ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶା ସାହିତ୍ୟ ଏକାଡେମୀର ୬୯ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, 'ସମ୍ବାଦ'ର ସମ୍ପାଦିକା ତନୟା ପଟ୍ଟନାୟକ, ବିଶିଷ୍ଟ ଶିଶୁ ସାହିତ୍ୟିକ ପ୍ରଫେସର ଦାଶ ବେନହୁର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ଏକାମ୍ର ବିଧାୟକ ଶ୍ରୀ ସିଂ କହିଥିଲେ ଯେ ଭାଷା ହେଉଛି ଗୋଟିଏ ଜାତିର ମେରୁଦଣ୍ଡ। ଭାଷା ବିନା ଆମର ଅସ୍ତିତ୍ୱ ନାହିଁ। ୧୯୩୬ରେ ଭାଷା ଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା। ଆମ ଭାଷା ହେଉଛି ଆମ ପରିଚୟ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦୀର୍ଘ ବର୍ଷ ଧରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ବିଭିନ୍ନ ପୁସ୍ତକ ପ୍ରକାଶନ ଓ ଆଲୋଚନା ଚକ୍ରର ଆୟୋଜନ ମାଧ୍ୟମରେ ଓଡ଼ିଆ ସାହିତ୍ୟର ବହୁଳ ପ୍ରଚାର ଓ ପ୍ରସାର କରିବା ଏବଂ ସାହିତ୍ୟ ଜଗତର ସାରସ୍ୱତ ସ୍ରଷ୍ଟାମାନଙ୍କର ଆଦର୍ଶକୁ ଉଜ୍ଜୀବିତ କରି ରଖିବା ଦିଗରେ ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟ ପ୍ରଶଂସନୀୟ। ଆଗାମୀ ଦିନରେ ମଧ୍ୟ ଓଡ଼ିଆ ସାହିତ୍ୟକୁ ବିଶ୍ୱବିଦିତ କରିବା ଦିଗରେ ସାହିତ୍ୟ ଏକାଡେମୀ ନିଜର ନିରନ୍ତର ପ୍ରୟାସ ଜାରି ରଖିବ ବୋଲି ଏକାମ୍ର ବିଧାୟକ ଆଶାବ୍ୟକ୍ତ କରିଛନ୍ତି।

ଓଡ଼ିଶାର ଜଗନ୍ନାଥ ସଂସ୍କୃତି, ଓଡ଼ିଶୀ ନୃତ୍ୟ ଏବଂ ଆମ ଭାଷା ଓଡ଼ିଆ ଓ ଓଡ଼ିଆ ସଂସ୍କୃତି ପାଇଁ ଆମେ ଗର୍ବିତ। ଏହା ଆମକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି। ଓଡ଼ିଆ ସାହିତ୍ୟ ମଧ୍ୟ ଆଜିର ଯୁବପିଢ଼ି ମଧ୍ୟରେ ବେଶ୍ ଆଦୃତି ଲାଭ କରିଛି ବୋଲି ଶ୍ରୀମତୀ ପଟ୍ଟନାୟକ କହିଥିଲେ। ଶିଶୁ ସାହିତ୍ୟିକ ଶ୍ରୀ ବେନହୁର କହିଥିଲେ ଯେ ସାହିତ୍ୟ ହେଉଛି ଆମ ସମାଜର ପ୍ରତିବିମ୍ବ। ବହୁ ସାରସ୍ୱତ ସ୍ରଷ୍ଟାଙ୍କ କାଳଜୟୀ ରଚନା ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ଆଜି ଓଡ଼ିଶା ସାହିତ୍ୟ ଏକାଡେମୀର ୬୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ "ବ୍ରଜନାଥ ଗ୍ରନ୍ଥାବଳୀ", "ଅର୍ଜୁନ ଦାସ ରଚନାବଳୀ", "ଅଷ୍ଟବକ୍ର ଗୀତା", "କୋଣାର୍କ ପଞ୍ଚଶଖା ବିଶେଷାଙ୍କ", "ବାଗ୍ମୀ ଗୌରୀକୁମାର ବ୍ରହ୍ମା" ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା।

## କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ ପକ୍ଷରୁ ପ୍ରସାଦ ବିତରଣ



ଭୁବନେଶ୍ୱର, ୨୫।୭ (ସଂଚାର ବ୍ୟୁରୋ): ପବିତ୍ର ବାହୁଡ଼ା ଯାତ୍ରା ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର କ୍ଷତ୍ରୀୟ ଖଣ୍ଡାୟତ ମହାସଂଘର ପବିତ୍ର ରଥ ଦାଣ୍ଡରେ ଆଗନ୍ତୁକ ଭକ୍ତମାନଙ୍କୁ ପ୍ରସାଦ ବିତରଣ ସହ ପାନୀୟ ଜଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଳି ରାଜା ବ୍ରଜ ସୁନ୍ଦର ଦେବ ସର୍ବପ୍ରଥମେ ଉଦ୍‌ଘାଟନ କରିବା ସହ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବିତରଣ କରିଥିଲେ। ଏଥିସହ ସଂଘର ସ୍ମରଣିକା ଅସୀ ଓ ମସିକୁ ଉନ୍ମୋଚନ କରିଥିଲେ। ସଂଘ ସଭାପତି ଶରତ କୁମାର ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଗଣେଶ୍ୱର ବେହେରା, ବିଧାୟକ ଜ୍ଞାନ ଦେବ ବେଉରା, ଭୁବନ ମୋହନ ଜେନା, ବିଜେପି ନେତା ଚିନ୍ମୟ ପ୍ରସାଦ ବେଉରା, ପୂର୍ବତନ ବିଧାୟକ ନବଘନ ନାୟକ, ସୁମନ୍ତ କୁମାର ରାଉତ, ସୁକାନ୍ତ କୁମାର ରାଉତ, ଚନ୍ଦନ କୁମାର ପରିଡ଼ା, ସୁଶୀଲ କୁମାର ସାମଲ, ତରୁଣ ରଞ୍ଜନ ପ୍ରଧାନ, ସୁଧାଂଶୁ ବେହୁରା, ବିରେନ ରାୟ, ନିରଞ୍ଜନ ରଣସିଂହ, ଭାଗିରଥୀ ଜେନା, ଧନେଶ୍ୱର ରାଉତ, ସହଦେବ ସିଂହ, ଦୁର୍ଯ୍ୟୋଧନ ମଲ୍ଲିକ, ରଞ୍ଜନ ନାୟକ, ପର୍ଶୁରାମ ନାୟକ, ସୁରେନ୍ଦ୍ର ବେହେରା, ଅଜିତ୍ କୁମାର ବେଉରିଆ, ପୀତବାସ ବେହେରା, ନିରଞ୍ଜନ ସୁନ୍ଦରରାୟ, ଶରତ କୁମାର ପଟ୍ଟନାୟକ, ସଙ୍ଗୀତ ନିର୍ଦ୍ଦେଶକ ହୃଷିକେଶ ବେହେରା, ରତ୍ନାକର ରାଉତ, ରତ୍ନାକର ସାମଲ, ଗୋଲକ ଚନ୍ଦ୍ର ପଢ଼ିହାରୀ, କଳ୍ପନା ଲେଙ୍କା, ମଞ୍ଜୁଲତା ସାମଲ, କାମିନୀ ଜେନା, ରାଜେନ୍ଦ୍ର ରାଉତରାୟ, ଚିତ୍ତ ରଞ୍ଜନ ବଳ, ଚକ୍ରଧର ମହାପାତ୍ର, ପ୍ରଭାତ ସାହୁ, ରାଜ କିଶୋର ମହାନ୍ତି, ଆଶିଷ ମେକାପ, କାଳୀ ପ୍ରସାଦ ମିଶ୍ର, କାଉନସିଲର ଶାନ୍ତି ଭୂୟାଁ, ସରୋଜ ପ୍ରଧାନ, ନିରୁପମା ରାଉତ, ଲକ୍ଷ୍ମୀପ୍ରିୟ ମଳିକ, ସଂଗ୍ରାମ ଜେନା, ମିନତି ରାଉତ, ସିଦ୍ଧାର୍ଥ ଜେନା, ଦୀନବନ୍ଧୁ ନାୟକ, ବୃନ୍ଦାବନ ସ୍ୱାଇଁ, ପୁଷ୍ପାଞ୍ଜଳି ପାତ୍ର, କୁନାଲ ସ୍ୱାଇଁ, ଅଶୋକ ସ୍ୱାଇଁ, ଚିତ୍ତ ସ୍ୱାଇଁ, ଦିଲ୍ଲୀପ ସ୍ୱାଇଁ, କବି ସାହୁ, ଧୁନ କିଶୋର ନାୟକ, ଅଶୋକ ନାୟକ, ବିଶ୍ୱନାଥ ନାୟକ, ସ୍ୱପ୍ନା ସାମନ୍ତରାୟ, ସୁନୀଲ ଗନ୍ତାୟତ, ମିନତି ମହାନ୍ତି, ନମିତା ସ୍ୱାଇଁ, ପ୍ରମୋଦ ପାଲ, ଗୋଲଖି ପରିଡ଼ା, ସ୍ନେହଲତା ସିଂହ, ସୁଧାକର ନାୟକ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ସମାଜସେବା କ୍ଷେତ୍ରରେ ପର୍ଶୁରାମ ନାୟକ, ଉଦୟନାଥ ଚୌଧୁରୀ, ଉମେଶ ଚନ୍ଦ୍ର ବେଉରିଆ, ସାମ୍ବାଦିକତା କ୍ଷେତ୍ରରେ ପରୀକ୍ଷିତ ପାତ୍ର, ସାହିତ୍ୟ କ୍ଷେତ୍ରରେ ବିରଜା ରାଉତରାୟ, ସାହସିକତା ପାଇଁ କିରଣ ବଳ, ଶିକ୍ଷା ପାଇଁ ନିଖିଲ ସାମଲ, ନବଘନ ପରିଡ଼ା, ଉମେଶ ସିଂହ, ବିନୋଦ ନାୟକ।

## ପୁଲିସ୍ ପଞ୍ଝାରେ ଲେଡି ୪ ମହିଳା ଲୁଟେରା



ଅନୁଗୋଳ, ୨୫।୭ (ସଂଚାର ବ୍ୟୁରୋ): ଅନୁଗୋଳ ପୁଲିସ୍ ପଞ୍ଝାରେ ଲେଡି ଲୁଟେରା ଗ୍ୟାଙ୍ଗ୍। ବାହୁଡ଼ା ଯାତ୍ରାରେ ଛିନ୍‌ତାଇ କରି ଆତଙ୍କ ଖେଳାଇଥିବା ଗ୍ୟାଙ୍ଗ୍‌ର ୪ ଜଣ ମହିଳା ଓ ଜଣେ ପୁରୁଷ ଅଭିଯୁକ୍ତଙ୍କୁ ବାନ୍ଧିଛି ଅନୁଗୋଳ ଟାଉନ୍ ଥାନା ପୁଲିସ୍। ସମସ୍ତ ଅଭିଯୁକ୍ତଙ୍କ ଘର ମଧ୍ୟପ୍ରଦେଶରେ। ବାହୁଡ଼ା ଭିଡ଼ର ଫାଇଦା ନେଇ ଲୁଟପାଟ୍ କରିବାକୁ ଏହି ଗ୍ୟାଙ୍ଗ୍ ଆସିଥିଲେ। ପୁଲିସ୍ ସେମାନଙ୍କ ଠାରୁ ୨୩ ହଜାର ୩୦୦ ଟଙ୍କା, ୫ଟି ମୋବାଇଲ, ଗୋଟିଏ ସୁନା ମୁଦି ଓ ୪ଟି ଭ୍ୟାନିଟି ବ୍ୟାଗ୍ ଜବତ କରିଛି। ସୂଚନା ମୁତାବକ, ବାହୁଡ଼ାଯାତ୍ରା ଭିଡ଼ ଭିତରେ ମହିଳା ଲୁଟେରାମାନେ ଲୁଟ୍‌ପାଟ କରିଥିଲେ । କାହାର ମନି ପର୍ସ ତ ଆଉ କାହାର ମୋବାଇଲ୍ ଝାମ୍ପି ନେଇଥିଲେ। ମାତ୍ର ସାଦା ପୋଷାକରେ ଘୁରି ବୁଲୁଥିବା ପୁଲିସ୍‌ର ତୀକ୍ଷ୍ଣ ନଜରରୁ ଖସି ପାରିନଥିଲେ ଏହି ଲୁଟେରା ଗ୍ୟାଙ୍ଗ। ସ୍ପେସାଲ୍ ସ୍କ୍ୱାଡ ପୁଲିସ୍ ଜଣଙ୍କ ପରେ ଜଣେ ମହିଳା ଲୁଟେରାକୁ କାବୁ କରିବା ପରେ ଗ୍ୟାଙ୍ଗ୍‌ର ସୁରାକ୍ ପାଇଥିଲା। ସମ୍ପୂର୍ଣ୍ଣ ଗ୍ୟାଙ୍ଗ୍‌କୁ ଧରିବାକୁ ପୁଲିସ୍ ଜାଲ ବିଛାଇଥିଲା । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି।



# କନଜରଭେନ୍ସି, ପୁଣି ଅଳିଆଗଦା

ଭୁବନେଶ୍ୱର, ୨୫।୭: ରାଜଧାନୀରେ ଟାଇଲ୍ ବିଛା ହୋଇଥିବା କନଜରଭେନ୍ସିଗୁଡ଼ିକ ପୁଣି ଅଳିଆଗଦା ପାଲଟିଲାଣି। ଏଗୁଡ଼ିକୁ ସଫା କରାଯାଉ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ବେଳେ ଭୁବନେଶ୍ୱର ମହାନିଗର ନିଗମ (ବିଏମସି)ର ବାବୁମାନେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି।

ଉଭୟ ସରକାରୀ ଓ ବେସରକାରୀ ଘରର ପଛପଟେ ଥିବା କନଜରଭେନ୍ସିଗୁଡ଼ିକ ବଣବୁଦା ପାଲଟିଥିବା ବେଳେ ବିଏମସି କର୍ତ୍ତୃପକ୍ଷ ଗୋଟିଏ ବଡ଼ ପଦକ୍ଷେପ ଗ୍ରହଣ କରି ତାହାକୁ ସଫା କରିବା ସହ ଟାଇଲ୍ ବିଛାଇଥିଲେ। ଏଠାରେ ଅସ୍ଥାୟୀ ବଜାର ଖୋଲିବା ପାଇଁ ବି ପ୍ରସ୍ତାବ ଥିଲା। ଟାଇଲ୍ ବିଛା ସରିବା ପରେ ଏହାକୁ କିଛିଦିନ ଧରି ନିୟମିତ ସଫା କରାଯାଉଥିଲା।

ହେଲେ ଏବେ ଅବସ୍ଥା ଯଥା ପୂର୍ବଂ ତଥା ପରଂ ହେବାକୁ ବସିଲାଣି। କନଜରଭେନ୍ସିଂରେ ସ୍ୱେରେଜ ଲାଇନ୍‌ରୁ ବାହାରୁଥିବା ମାଟି ବାଲି ପଡ଼ିବା ସହ ଆଖପାଖରେ ଥିବା ଗଛରୁ ଡାଳପତ୍ର, ବିଭିନ୍ନ ସରକାରୀ ଘରୁ ବାହାରୁଥିବା ନିର୍ମାଣ ବର୍ଜ୍ୟ ଆଦି ଧିରେ ଧିରେ ଗଦା ହେବାରେ ଲାଗିଛନ୍ତି। ସ୍ୱେରେଜ ଲାଇନ୍ ସଫେଇ ଦାୟିତ୍ୱରେ ଥିବା ସଂସ୍ଥା ବାହାରୁଥିବା ବର୍ଜ୍ୟକୁ ନ ଉଠାଇ ସେଠାରେ ପକାଇଦେଇ ଯାଉଛନ୍ତି। ସେମାନଙ୍କୁ ତାଗିଦା କରିବା ପାଇଁ ବି କେହି ନାହାନ୍ତି।

କନଜରଭେନ୍ସିଂ ଦାୟିତ୍ୱ ଉପରେ ଜନସ୍ୱାସ୍ଥ୍ୟ ଓ ବିଏମସି ହାତରେ ଥିବା କେହି ହେଲେ ଏହାକୁ ସଫା କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। କନଜେଭେନ୍ସିଂରେ ଯାଇଥିବା ସ୍ୱରେଜ ଲାଇନ୍‌ର ରକ୍ଷଣାବେକ୍ଷଣ ଜନସ୍ୱାସ୍ଥ୍ୟ ବିଭାଗ ହାତରେ ଥିବା ବେଳେ ଟାଇଲ୍ ବିଛାଇବା ଓ ନିୟମିତ ସଫା କରିବାର ଦାୟିତ୍ୱ ରହିଛି ବିଏମ୍‌ସି ହାତରେ। ତେବେ ସ୍ୱେରେଜରୁ ବାହାରୁଥିବା ବର୍ଜ୍ୟକୁ ଠିକାସଂସ୍ଥା ସଫା କରିବାକଥା।

ରାଜଧାନୀର ପ୍ରତ୍ୟେକ ୱାର୍ଡରେ ନିର୍ବାଚିତ ପ୍ରତିନିଧିଙ୍କ ସହିତ ୱାର୍ଡ ଅଫିସରମାନେ ନିଯୁକ୍ତ ହୋଇଛନ୍ତି। ଏମାନଙ୍କ ସହ ସାନିଟାରୀ ଇନ୍ସପେକ୍ଟର ଅଛନ୍ତି। ସଫେଇ କାର୍ଯ୍ୟ ପାଇଁ ବିଭିନ୍ନ ସଂସ୍ଥାଙ୍କୁ ନିୟୋଜିତ କରାଯାଇଛି। ହେଲେ ବହୁ ଅର୍ଥ ବ୍ୟୟରେ ସଫା ହୋଇ ଟାଇଲ୍ ବିଛାଯାଇଥିବା କନଜରଭେନ୍ସି ପ୍ରତି ଆଉ କେହି ଦୃଷ୍ଟି ଦେଉନାହାନ୍ତି। କନଜରଭେନ୍ସିରେ ପରିବା ହାଟ ଖୋଲି ସ୍ଥାନୀୟ ଲୋକଙ୍କୁ ରୋଜଗାର ଯୋଗାଇବା ପାଇଁ ବିଏମସିର ଯୋଜନା ମଧ୍ୟ ନାଳିଫିତା ତଳେ ରହିଯାଇଛି।

ସରକାରୀ ବାବୁମାନଙ୍କ ଏଭଳି ମନୋଭାବରୁ କନଜରଭେନ୍ସିଗୁଡ଼ିକ ବହୁ ସ୍ଥାନରେ ଧିରେ ଧିରେ ଆବର୍ଜନା କୁଣ୍ଡ ପାଲଟୁଥିବା ବେଳେ ଏଠାରେ ଜବରଦଖଲ ଆରମ୍ଭ ହୋଇଯିବ ବୋଲି ସ୍ଥାନୀୟ ଲୋକେ ମତ ଦେଉଛନ୍ତି। କାରଣ ଟାଇଟ୍ ବିଛାଯିବା ପୂର୍ବରୁ ଯେଉଁସବୁ କନଜରଭେନ୍ସିରେ ଜବରଦଖଲ ହୋଇ ବେଆଇନ୍ ଘର ତିଆରି ହୋଇଥିଲା ବିଏମସି କର୍ତ୍ତୃପକ୍ଷ ତାହାକୁ ହଟାଇପାରିଲେ ନାହିଁ। ତେଣୁ କୋଟି କୋଟି ଟଙ୍କା ବ୍ୟୟରେ ସୌନ୍ଦର୍ଯ୍ୟୀକରଣ ହୋଇଥିବା କନଜରଭେନ୍ସି ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଉଛି। (ତଥ୍ୟ)

## ତାଲା ଭାଙ୍ଗି ମଙ୍ଗଳା ମନ୍ଦିରରୁ ଲୁଟ୍

### ୫ଲକ୍ଷ ଟଙ୍କାର ଅଳଙ୍କାର ଚୋରି



ବାଲେଶ୍ୱର, ୨୫।୭ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲାର ବେଣ୍ଟପୁର ଗାଁ ସ୍ଥିତ ମଙ୍ଗଳା ମନ୍ଦିରରେ ବିଳମ୍ବିତ ରାତିରେ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବଡ଼ ଧରଣର ଚୋରି କରିଛନ୍ତି। ମା'ଙ୍କ ମୁକୁଟ, ହାର, ବଳା, ପାଦୁକା ସମେତ ୫ ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର ଲୁଟ ହୋଇଥିବା ସୂଚନା ମିଳିଛି। ଆଜି ସକାଳୁ ସ୍ଥାନୀୟ ଲୋକ ମନ୍ଦିରର ତାଲା ଭାଙ୍ଗି ତଳେ ପଡିଥିବା ଦେଖି ସିଂଲା ଥାନାକୁ ଖବର ଦେଇଥିଲେ। ଦୁର୍ବୃତ୍ତମାନେ ମାଙ୍କ ମୁକୁଟ, ହାର, ବଳା, ପାଦୁକା ସମେତ ସମସ୍ତ ସୁନା ଅଳଙ୍କାର ଲୁଟ କରି ଚମ୍ପଟ ମାରିଛନ୍ତି। ସିଂଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର
୪
ରବିବାର ୨୬ ଜୁଲାଇ ୨୦୨୬, ଭୁବନେଶ୍ୱର
Sunday 26 July 2026, Bhubaneswar

# ସବୁଠୁ ଅଧିକ ପ୍ରଭାବିତ ମଧ୍ୟବିତ୍ତ



ଆଜିକାଲି ଭାରତୀୟ ବଜାରରେ ଗୋଟିଏ ସାଧାରଣ ଦୃଶ୍ୟ ଦେଖିବାକୁ ମିଳେ। ପିଆଜ, ଆଳୁ, ତେଲ, ଡାଲି, ଚାଉଳ, ଗହମ, କ୍ଷୀର ଆଦି ଆବଶ୍ୟକୀୟ ଦ୍ରବ୍ୟର ଦାମ୍ ପ୍ରତିଦିନ ବଢ଼ିଚାଲିଛି। ଏହି ମୂଲ୍ୟବୃଦ୍ଧି କେବଳ ଏକ ଅର୍ଥନୈତିକ ପରିସଂଖ୍ୟାନ ନୁହେଁ; ଏହା ହଜାର ହଜାର ମଧ୍ୟବିତ୍ତ ପରିବାରର ଜୀବନଯାପନକୁ ଗଭୀର ଭାବରେ ପ୍ରଭାବିତ କରୁଛି। ଧନୀ ବର୍ଗ ଏହି ବୃଦ୍ଧିକୁ ସହଜରେ ସହିପାରନ୍ତି ଏବଂ ଗରିବ ବର୍ଗ ପାଇଁ ସରକାରୀ ଭରଣପୋଷଣ ଓ ସବସିଡି କିଛି ମାତ୍ରାରେ ସୁରକ୍ଷା ପ୍ରଦାନ କରେ। କିନ୍ତୁ ମଧ୍ୟବିତ୍ତ ପରିବାର, ଯେଉଁମାନେ ନିଜ ଆୟରେ ନିର୍ଭର କରି ଚଳନ୍ତି, ଏହି ମୂଲ୍ୟବୃଦ୍ଧିର ସବୁଠାରୁ ବଡ଼ ଶିକାର ହୋଇଛନ୍ତି।

ମଧ୍ୟବିତ୍ତ ପରିବାରର ଆୟ ସାଧାରଣତଃ ସ୍ଥିର। ଚାକିରି, ଛୋଟ ବ୍ୟବସାୟ କିମ୍ବା ପେନସନ୍ ଉପରେ ନିର୍ଭରଶୀଳ ଏହି ପରିବାରଗୁଡ଼ିକ ପାଇଁ ମୂଲ୍ୟବୃଦ୍ଧି ଅର୍ଥ ହେଉଛି କ୍ରୟକ୍ଷମତାର ହ୍ରାସ। ଗତ କିଛି ବର୍ଷରେ ଖାଦ୍ୟ ଦ୍ରବ୍ୟର ଦାମ୍ ଲଗାତାର ବଢ଼ିବା ଯୋଗୁଁ ପରିବାରର ମାସିକ ବଜେଟ୍‌ରେ ବିଶାଳ ଚାପ ପଡ଼ିଛି। ଯେଉଁଠାରେ ଆଗରୁ ଏକ ନିର୍ଦ୍ଦିଷ୍ଟ ରାଶିରେ ମାସିକ ଖର୍ଚ୍ଚ ଚାଲିଥିଲା, ସେଠାରେ ଏବେ ସେହି ରାଶିରେ ଆବଶ୍ୟକ ଦ୍ରବ୍ୟ କିଣିବା ସମ୍ଭବ ହେଉନାହିଁ। ଫଳସ୍ୱରୂପ, ପରିବାରଗୁଡ଼ିକ ସଞ୍ଚୟ କମାଇ ଦେଉଛନ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଖର୍ଚ୍ଚ କମାଇ ଦେଉଛନ୍ତି ଏବଂ ଅନେକ ସମୟରେ ଋଣ ନେବାକୁ ବାଧ୍ୟ ହେଉଛନ୍ତି।

ଏହା କେବଳ ଖାଦ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ। ଇନ୍ଧନ, ବିଦ୍ୟୁତ, ଔଷଧ ଓ ଘର ଭଡ଼ାର ମୂଲ୍ୟ ମଧ୍ୟ ବଢ଼ିଛି। ଗ୍ୟାସ ସିଲିଣ୍ଡରର ଦାମ ବଢ଼ିବା ଯୋଗୁଁ ରୋଜଗାର କରୁଥିବା ମହିଳାଙ୍କ ଉପରେ ଅତିରିକ୍ତ ଚାପ ପଡ଼ୁଛି। ପିଲାଙ୍କ ଶିକ୍ଷା ପାଇଁ ପୂର୍ବରୁ ଯେଉଁ ପରିମାଣର ଟଙ୍କା ରଖାଯାଉଥିଲା, ସେଥିରେ ଏବେ କମ୍ ବ୍ୟବସ୍ଥା କରିବାକୁ ପଡ଼ୁଛି। ସ୍ୱାସ୍ଥ୍ୟ ସେବାର ଖର୍ଚ୍ଚ ବଢ଼ିବା ଯୋଗୁଁ ଅନେକ ପରିବାର ଚିକିତ୍ସା ବିଳମ୍ବ କରୁଛନ୍ତି କିମ୍ବା ଅପୂର୍ଣ୍ଣ ଚିକିତ୍ସା ନେଉଛନ୍ତି। ଏହି ସବୁ ମିଶି ମଧ୍ୟବିତ୍ତ ଶ୍ରେଣୀର ଜୀବନମାନ ଧୀରେ ଧୀରେ କମିଯାଉଛି।

ଏହି ପରିସ୍ଥିତିର ଏକ ଗମ୍ଭୀର ପାର୍ଶ୍ୱ ହେଉଛି ମାନସିକ ଚାପ। ନିତିଦିନିଆ ଖର୍ଚ୍ଚ ବଢ଼ିବା ଯୋଗୁଁ ପରିବାରର ମୁଖ୍ୟ ବ୍ୟକ୍ତି ସବୁ ସମୟରେ ଚିନ୍ତିତ ରହନ୍ତି। ଭବିଷ୍ୟତର ସୁରକ୍ଷା, ପିଲାଙ୍କ ଶିକ୍ଷା, ବିବାହ କିମ୍ବା ବୃଦ୍ଧାବସ୍ଥା ପାଇଁ ସଞ୍ଚୟ କରିବା କଷ୍ଟକର ହୋଇପଡ଼ିଛି। ଅନେକ ପରିବାର ଏବେ "ଜୀବିକା ଚଳାଇବା" ପାଇଁ ସଂଘର୍ଷ କରୁଛନ୍ତି, "ଜୀବନକୁ ଉନ୍ନତ କରିବା" ପାଇଁ ନୁହେଁ। ଏହା ସାମାଜିକ ସ୍ଥିରତାକୁ ମଧ୍ୟ ପ୍ରଭାବିତ କରୁଛି।

ମୂଲ୍ୟବୃଦ୍ଧିର କାରଣ ବହୁମୁଖୀ। ବିଶ୍ୱ ବଜାରରେ ତେଲର ଦାମ୍, ଜଳବାୟୁ ପରିବର୍ତ୍ତନ ଯୋଗୁଁ ଫସଲ ନଷ୍ଟ, ଯୋଗାଣ ଶୃଙ୍ଖଳାରେ ବିଘ୍ନ, ଏବଂ ଘରୋଇ ନୀତି ସମସ୍ତେ ଏଥିରେ ଭୂମିକା ନେଉଛନ୍ତି। କିନ୍ତୁ ମଧ୍ୟବିତ୍ତ ପରିବାର ପାଇଁ କାରଣ ଯାହା ହେଉ, ପ୍ରଭାବ ସମାନ ଭାବରେ କଷ୍ଟଦାୟକ। ସରକାର କିଛି ପଦକ୍ଷେପ ନେଇଛନ୍ତି- ଯେପରିକି ଖାଦ୍ୟ ସୁରକ୍ଷା ଆଇନ, ସବସିଡି ଓ ବଜାର ନିୟନ୍ତ୍ରଣ- କିନ୍ତୁ ଏଗୁଡ଼ିକ ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ନୁହେଁ। ମଧ୍ୟବିତ୍ତ ଶ୍ରେଣୀକୁ ଲକ୍ଷ୍ୟ କରି ନିର୍ଦ୍ଦିଷ୍ଟ ନୀତି ଆବଶ୍ୟକ। ଟିକସ୍ ସୁବିଧା, ମୂଲ୍ୟ ସ୍ଥିରତା ପାଇଁ ଦୀର୍ଘମିଆଦୀ ଯୋଜନା ଏବଂ ଆୟ ବୃଦ୍ଧିର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ।

ଏହି ସମସ୍ୟା କେବଳ ସରକାରର ଦାୟିତ୍ୱ ନୁହେଁ। ସମାଜ ଭାବରେ ଆମକୁ ମଧ୍ୟ ସଚେତନ ହେବାକୁ ପଡ଼ିବ। ଅପବ୍ୟୟ କମାଇବା, ସ୍ଥାନୀୟ ଉତ୍ପାଦ ବ୍ୟବହାର କରିବା ଏବଂ ସାମୂହିକ ଭାବରେ ମୂଲ୍ୟ ନିୟନ୍ତ୍ରଣ ପାଇଁ ଦାବି କରିବା ଆବଶ୍ୟକ। ମଧ୍ୟବିତ୍ତ ଶ୍ରେଣୀ ଭାରତର ଅର୍ଥନୀତିର ମେରୁଦଣ୍ଡ। ଯଦି ଏହି ଶ୍ରେଣୀ ଦୁର୍ବଳ ହୋଇଯାଏ, ତେବେ ଦେଶର ସାମଗ୍ରିକ ଅଭିବୃଦ୍ଧି ମଧ୍ୟ ପ୍ରଭାବିତ ହେବ।

ଆଜି ଆବଶ୍ୟକ ହେଉଛି ସମସ୍ୟାକୁ ଗମ୍ଭୀରତାର ସହିତ ଗ୍ରହଣ କରିବା ଏବଂ ଦୀର୍ଘମିଆଦୀ ସମାଧାନ ଖୋଜିବା। ମୂଲ୍ୟବୃଦ୍ଧି ଯଦି ନିୟନ୍ତ୍ରଣ ବାହାରେ ରହେ, ତେବେ ମଧ୍ୟବିତ୍ତ ପରିବାରଙ୍କ ସ୍ୱପ୍ନ ଧୀରେ ଧୀରେ ଭାଙ୍ଗିଯିବ। ଏହା କେବଳ ଏକ ଅର୍ଥନୈତିକ ସଙ୍କଟ ନୁହେଁ; ଏହା ଏକ ସାମାଜିକ ଚ୍ୟାଲେଞ୍ଜ। ସମୟ ଆସିଛି ଏହି ଚ୍ୟାଲେଞ୍ଜକୁ ମୁକାବିଲା କରିବାର।

# କାର୍ଗିଲ୍ ବିଜୟ ଦିବସ: ବୀର ଯବାନଙ୍କ ଅଦମ୍ୟ ସାହସ ଓ ବଳିଦାନକୁ ଶତ ଶତ ପ୍ରଣାମ

ଶୁଭ୍ରଜିତ ଦାଶ



୨୬ ଜୁଲାଇ ଭାରତର ପ୍ରତ୍ୟେକ ନାଗରିକଙ୍କ ପାଇଁ ଗର୍ବ ଓ ଭାବବିହ୍ୱଳତାର ଏକ ବିଶେଷ ଦିନ। ଏହି ଦିନ ଆମେ ସେହି ବୀର ଯବାନମାନଙ୍କୁ ସ୍ମରଣ କରୁ, ଯେଉଁମାନେ ୧୯୯୯ ମସିହାର କାର୍ଗିଲ୍ ଯୁଦ୍ଧରେ ନିଜ ଜୀବନକୁ ବାଜି ଲଗାଇ ଦେଶର ସମ୍ମାନ ଓ ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିଥିଲେ। ସେମାନଙ୍କ ସାହସ, କର୍ତ୍ତବ୍ୟନିଷ୍ଠା ଓ ବଳିଦାନ ପାଇଁ ଭାରତବର୍ଷ ସଦା ଋଣୀ ରହିବ।

୧୯୯୯ ମସିହାରେ ପାକିସ୍ତାନୀ ସେନା ଓ ଅନୁପ୍ରବେଶକାରୀମାନେ ଗୁପ୍ତ ଭାବେ କାର୍ଗିଲ୍, ଦ୍ରାସ ଓ ବାଟାଲିକ ଅଞ୍ଚଳର ଅନେକ ଉଚ୍ଚ ପାହାଡ଼ ଶିଖର ଦଖଲ କରିଥିଲେ। ସେହି ପାହାଡ଼ଗୁଡ଼ିକ ଏତେ ଉଚ୍ଚ ଥିଲା ଯେ ସେଠାରୁ ଶତ୍ରୁ ଭାରତର ଗୁରୁତ୍ୱପୂର୍ଣ୍ଣ ଶ୍ରୀନଗର-ଲେହ ରାଜପଥ ଉପରେ ନଜର ରଖିପାରୁଥିଲେ। ପରିସ୍ଥିତିକୁ ଦେଖି ଭାରତୀୟ ସେନା 'ଅପରେସନ ବିଜୟ' ଆରମ୍ଭ କରିଥିଲା। ବରଫରେ ଢାଙ୍କା ପାହାଡ଼, ତୀବ୍ର ଶୀତ, ଅକ୍ସିଜେନର ଅଭାବ ଏବଂ ଶତ୍ରୁଙ୍କ ଅନୁକୂଳ ସ୍ଥିତି ସତ୍ତ୍ୱେ ଆମର ଯବାନମାନେ କେବେ ହାର ମାନିନଥିଲେ।

ଦିନରାତି ଚାଲିଥିବା କଠିନ ଯୁଦ୍ଧ ପରେ ଭାରତୀୟ ସେନା ଟାଇଗର ହିଲ୍, ତୋଲୋଲିଙ୍ଗ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଶିଖରକୁ ପୁଣିଥରେ ନିଜ ଅଧିକାରକୁ ଆଣିଥିଲେ। ଏହି ସଂଘର୍ଷରେ ଅନେକ ଯବାନ ହସି ହସି ମାତୃଭୂମି ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିଲେ। କ୍ୟାପ୍ଟେନ ବିକ୍ରମ ବାତ୍ରା, ଲେଫ୍ଟେନାଣ୍ଟ ମନୋଜ କୁମାର ପାଣ୍ଡେୟ, ଗ୍ରେନେଡିୟର ଯୋଗେନ୍ଦ୍ର ସିଂହ ଯାଦବ ଏବଂ ଅନେକ ବୀର ଯବାନଙ୍କ ସାହସିକ କାହାଣୀ ଆଜି ମଧ୍ୟ ଦେଶବାସୀଙ୍କୁ ପ୍ରେରଣା ଦେଇଥାଏ।

୨୬ ଜୁଲାଇ ୧୯୯୯ ରେ ଭାରତ କାର୍ଗିଲ୍ ଯୁଦ୍ଧରେ ବିଜୟ ହାସଲ କରିଥିଲା। ଏହି ବିଜୟ କେବଳ ଯୁଦ୍ଧକ୍ଷେତ୍ରର ସଫଳତା ନୁହେଁ, ବରଂ ଦେଶପ୍ରେମ, ସାହସ, ଏକତା ଓ ଅଦମ୍ୟ ମନୋବଳର ବିଜୟ ଥିଲା। ସେହି ଦିନଠାରୁ ପ୍ରତିବର୍ଷ 26 ଜୁଲାଇରେ ସମଗ୍ର ଦେଶ କାର୍ଗିଲ୍ ବିଜୟ ଦିବସ ପାଳନ କରି ବୀର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଏ।

ଆଜିର ପିଢ଼ି ପାଇଁ କାର୍ଗିଲ୍ ଯୁଦ୍ଧ ଏକ ବଡ଼ ଶିକ୍ଷା। ଏହା ଆମକୁ ବୁଝାଏ ଯେ ଦେଶର ସୁରକ୍ଷା କେବଳ ସୀମାରେ ଠିଆ ହୋଇଥିବା ସେନାଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କର ମଧ୍ୟ କର୍ତ୍ତବ୍ୟ ହେଉଛି ଦେଶର ଏକତା, ଶାନ୍ତି ଓ ସମ୍ମାନକୁ ବଜାୟ ରଖିବା। ଆସନ୍ତୁ, ଏହି ପବିତ୍ର ଦିନରେ ଆମେ ସମସ୍ତେ ବୀର ସହିଦମାନଙ୍କୁ ଶ୍ରଦ୍ଧା ଜଣାଇ ସେମାନଙ୍କ ଆଦର୍ଶରେ ଚାଲିବାକୁ ସଂକଳ୍ପ ନେବା। "ଶହୀଦମାନେ କେବେ ମରନ୍ତି ନାହିଁ; ସେମାନେ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ସଦା ଜୀବିତ ରହନ୍ତି।"

ପିଏଚଡି ସ୍କୋଲାର, ତ୍ରିମ୍ବ ବିଶ୍ୱବିଦ୍ୟାଳୟ, ଓଡ଼ିଶା



# ସମସ୍ତ ବିବାଦ ସତ୍ତ୍ୱେ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ ଅତୁଳନୀୟ



ସୌଭାଗ୍ୟ ରଞ୍ଜନ ମହାନ୍ତି

ଭାରତୀୟ ରାଜନୀତି ଏବଂ ଶିକ୍ଷା କ୍ଷେତ୍ରରେ ଏକ ଅଭୂତପୂର୍ବ ଏବଂ ବଡ଼ଧରଣର ଘଟଣାକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜର ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ଦେଶବ୍ୟାପୀ ଦୀର୍ଘଦିନ ଧରି ଚାଲିଥିବା ଛାତ୍ର ଆନ୍ଦୋଳନ, ନୀଟ୍-ୟୁଜି ପରୀକ୍ଷା ଦୁର୍ନୀତି ଏବଂ ପ୍ରଶ୍ନପତ୍ରଲିକ୍ ଘଟଣାକୁ ନେଇ ସୃଷ୍ଟି ହୋଇଥିବା ଘୋର ଅସନ୍ତୋଷ ପରେ ତାଙ୍କର ଏହି ପଦକ୍ଷେପ ଆସିଛି। ଦେଶର ରାଜଧାନୀ ନୂଆଦିଲ୍ଲୀର ଜନ୍ତରମନ୍ତରଠାରୁ ଆରମ୍ଭ କରି ଦେଶର କୋଣ ଅନୁକୋଣରେ ଯେଉଁଭଳି ଭାବରେ ଯୁବପିଢ଼ି ଏବଂ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ପ୍ରତିବାଦର ସ୍ୱର ଜୋରଦାର କରାଯାଇଥିଲା, ତାହା ଶେଷରେ ଫଳପ୍ରଦ ହୋଇଛି ଏବଂ ଶିକ୍ଷାମନ୍ତ୍ରୀଙ୍କୁ ନିଜ ପଦରୁ ହଟିବାକୁ ପଡ଼ିଛି। ଏହି ଇସ୍ତଫା କେବଳ ଜଣେ ବ୍ୟକ୍ତିଗତ ମନ୍ତ୍ରୀଙ୍କ ପ୍ରସ୍ଥାନ ନୁହେଁ, ବରଂ ଏହା ଦେଶର ଶିକ୍ଷା ବ୍ୟବସ୍ଥା, ପ୍ରଶାସନିକ ଦାୟିତ୍ୱବୋଧ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସାଧାରଣ ଓ ଛାତ୍ରଶକ୍ତିର ଏକ ବଡ଼ ବିଜୟ ବା ପରାଜୟର ଆଲୋଚନାକୁ ସାମ୍ନାକୁ ଆଣିଛି। ଧର୍ମେନ୍ଦ୍ର ପ୍ରଧାନ ତାଙ୍କର ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି ଯେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଯେପରି କୌଣସି ଆଇନଗତ ଜଟିଳତା କିମ୍ବା ରାଜନୈତିକ ଷଡ଼ଯନ୍ତ୍ରର ବଳ SPP ଘେରରେ ନ ପଡ଼େ ଏବଂ ଦେଶର ଏକତା ଅକ୍ଷୁର୍ଣ୍ଣ ରହୁ, ସେଥିପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ସମଗ୍ର ଘଟଣାକୁ ନେଇ ଦେଶର ରାଜନୈତିକ ଏବଂ ଶିକ୍ଷାଗତ ମହଲରେ ଯେଉଁ ସକାରାତ୍ମକ ଏବଂ ନକାରାତ୍ମକ ଦିଗଗୁଡ଼ିକ ଉତ୍ପନ୍ନ ହୋଇଛି, ତାହାକୁ ଗଭୀର ଭାବରେ ଅନୁଧ୍ୟାନ କରିବା ଅତ୍ୟନ୍ତ ଜରୁରୀ ଅଟେ। ଏହି ପ୍ରସଙ୍ଗର ଅନୁକୂଳ ଦିଗଗୁଡ଼ିକୁ ବିଚାର କଲେ ଜଣାଯାଏ ଯେ ଗଣତନ୍ତ୍ରରେ ଯୁବଶକ୍ତି ଏବଂ ଛାତ୍ର ସମାଜର ଶକ୍ତି କେତେ ପ୍ରଭାବଶାଳୀ ହୋଇପାରେ, ତାହା ଏହି ଘଟଣା ପୁଣିଥରେ ପ୍ରମାଣିତ କରିଛି। ଗତ କିଛି ସପ୍ତାହ ଧରି ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ପ୍ରତିବାଦ ଏବଂ ଅସନ୍ତୋଷ ସରକାରଙ୍କୁ ଏକ ବଡ଼ ବାର୍ତ୍ତା ଦେଇଥିଲା ଯେ ଶିକ୍ଷା ବ୍ୟବସ୍ଥା ଭଳି ଏକ ସମ୍ବେଦନଶୀଳ କ୍ଷେତ୍ରରେ କୌଣସି ପ୍ରକାରର ଅବହେଳା କିମ୍ବା ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ। ଶିକ୍ଷାମନ୍ତ୍ରୀଙ୍କର ଏହି ଇସ୍ତଫା ଏକପ୍ରକାର ନୈତିକ ଦାୟିତ୍ୱର ସ୍ୱୀକୃତି ବୋଲି କେତେକ ମହଲରେ ମତପ୍ରକାଶ ପାଇଛି, ଯାହାକି ଗଣତାନ୍ତ୍ରିକ ମୂଲ୍ୟବୋଧର ଏକ ଦୃଷ୍ଟାନ୍ତ ବୋଲି କୁହାଯାଇପାରେ। ଏହାବ୍ୟତୀତ, ଏହି ଆନ୍ଦୋଳନ ଫଳରେ ସରକାର ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରି ସିବିଆଇ ତଦନ୍ତର ନିର୍ଦ୍ଦେଶ ଦେବା, ପରୀକ୍ଷା ବାତିଲ କରି ପୁନଃପରୀକ୍ଷା ଘୋଷଣା କରିବା ଏବଂ ଭବିଷ୍ୟତରେ ଏଭଳି ତ୍ରୁଟିକୁ ରୋକିବା ପାଇଁ କମ୍ପ୍ୟୁଟର-ଆଧାରିତ ପରୀକ୍ଷା (CBT) ବ୍ୟବସ୍ଥା ଓ କଠିନ ଆଇନ ଆଣିବାର ଯୋଜନା କରିବା ଭଳି ପଦକ୍ଷେପଗୁଡ଼ିକ ଗ୍ରହଣ କରାଯାଇଛି। ଏହା ଦର୍ଶାଏ ଯେ ଜନସାଧାରଣଙ୍କ ପ୍ରବଳ ଚାପ ଏବଂ ସଚେତନତା ଯୋଗୁଁ ବ୍ୟବସ୍ଥା ଭିତରେ ସଂସ୍କାର ଆଣିବା ପାଇଁ କର୍ତ୍ତୃପକ୍ଷ ବାଧ୍ୟ ହୋଇଛନ୍ତି, ଯାହା ଭବିଷ୍ୟତର ପରୀକ୍ଷା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଏବଂ କଠୋର କରିବାରେ ସହାୟକ ହେବ। ମାତ୍ର ଏହି ଘଟଣାର ଅନ୍ୟପାର୍ଶ୍ୱରେ ରହିଛି ଅନେକଗୁଡ଼ିଏ ଚିନ୍ତାଜନକ ଏବଂ ନକାରାତ୍ମକ ଦିଗ, ଯାହା ଦେଶର ଶିକ୍ଷା ବ୍ୟବସ୍ଥାର ଦୁର୍ବଳତା ଏବଂ ପ୍ରଶାସନିକ ବିଫଳତାକୁ ପଦାରେ ପକାଇ ଦେଇଛି। ପ୍ରଥମତଃ, ଦେଶର ସର୍ବୋଚ୍ଚ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରବେଶିକା ପରୀକ୍ଷାଗୁଡ଼ିକରେ ବାରମ୍ବାର ପ୍ରଶ୍ନପତ୍ରଲିକ୍ ହେବା ଏବଂ ଦୁର୍ନୀତିର ଅଭିଯୋଗ ଆସିବା କେବଳ ଜଣେ ମନ୍ତ୍ରୀଙ୍କ ଇସ୍ତଫା ଦ୍ୱାରା ସମାଧାନ ହୋଇଯିବ ନାହିଁ, ବରଂ ଏହା ସମଗ୍ର ପ୍ରଶାସନିକ ଏବଂ ଏଜେନ୍ସିଗୁଡ଼ିକର କାର୍ଯ୍ୟଦକ୍ଷତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯେଉଁ ଲକ୍ଷାଧିକ ମେଧାବୀ ଛାତ୍ରଛାତ୍ରୀ ଦିନରାତି ଏକ କରି ପରୀକ୍ଷା ପାଇଁ ପ୍ରସ୍ତୁତି କରନ୍ତି, ସେମାନଙ୍କର ପରିଶ୍ରମ, ସମୟ ଏବଂ ମାନସିକ ସ୍ଥିତି ଉପରେ ଯେଉଁ କୁପ୍ରଭାବ ପଡ଼େ, ତାହାର ଭରଣା କୌଣସି ମନ୍ତ୍ରୀଙ୍କ ଇସ୍ତଫା ଦ୍ୱାରା ହୋଇପାରିବ ନାହିଁ। ଦ୍ୱିତୀୟତଃ, ଏଭଳି ବିବାଦୀୟ ପରିସ୍ଥିତି ଦେଶର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରରେ ଏକ ନକାରାତ୍ମକ ବାର୍ତ୍ତା ପଠାଇଥାଏ, ଯାହାକି ଆମର ମେଧାବୀ ଛାତ୍ରମାନଙ୍କ ଆତ୍ମବିଶ୍ୱାସକୁ ଭଙ୍ଗ କରିଥାଏ। ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ଜଣେ ବରିଷ୍ଠ ଏବଂ ପ୍ରଭାବଶାଳୀ ନେତାଙ୍କୁ ଏପରି ପରିସ୍ଥିତିରେ ପଦତ୍ୟାଗ କରିବାକୁ ପଡ଼ିବା ଦର୍ଶାଏ ଯେ ଶିକ୍ଷା କ୍ଷେତ୍ରର ପରିଚାଳନା ଏବଂ ସୁରକ୍ଷା କ୍ଷେତ୍ରରେ କେଉଁଠି ନା କେଉଁଠି ଏକ ପ୍ରକାର ଗଭୀର ତ୍ରୁଟି ରହିଯାଇଥିଲା ଯାହାକୁ ସମୟୋଚିତ ଭାବେ ନିୟନ୍ତ୍ରଣ କରାଯାଇପାରି ନାହିଁ। ଆହୁରି ମଧ୍ୟ, ଏହି ଆନ୍ଦୋଳନ ଏବଂ ରାଜନୈତିକାଳର ପରିବେଶ ମଧ୍ୟରେ ଯେପରି ଭାବରେ ସାମାଜିକ ଓ ରାଜନୈତିକ ଅସ୍ଥିରତା ଦେଖାଦେଲା, ତାହା ଦେଶର ବିକାଶ ଓ ଶାନ୍ତି ପାଇଁ ଆଦୌ ଅନୁକୂଳ ନୁହେଁ। ତେଣୁ, କେବଳ ଇସ୍ତଫା ଦେବା କିମ୍ବା ନେତା ପରିବର୍ତ୍ତନ କରିବା ଏହି ଗଭୀର ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ, ବରଂ ବ୍ୟବସ୍ଥାଗତ ସଂସ୍କାର ଏବଂ ଦୋଷୀମାନଙ୍କ ବିରୁଦ୍ଧରେ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ, ଯାହାଦ୍ୱାରା ଆଗାମୀ ଦିନରେ କୌଣସି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ କେହି ଖେଳିବାକୁ ସାହସ କରିବେ ନାହିଁ। ଭାରତୀୟ ରାଜନୀତି ଏବଂ ବିଶେଷକରି ଓଡ଼ିଶାର ରାଜନୈତିକ ଇତିହାସରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସୁଦୂରପ୍ରସାରୀ ଅଟେ ଯାହାକୁ ଦେଶର ବିକାଶମୂଳକ ଯାତ୍ରାରେ ଏକ ପ୍ରମୁଖ ଅଧ୍ୟାୟ ଭାବରେ ଗ୍ରହଣ କରାଯାଇଥାଏ ଏବଂ ତାଙ୍କର ଏହି ଦୀର୍ଘକାଳୀନ କାର୍ଯ୍ୟକାଳ ମଧ୍ୟରେ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ମନ୍ତ୍ରାଳୟର ଦାୟିତ୍ୱ ସଫଳତାର ସହ ତୁଲାଇ ଦେଶର ଅର୍ଥନୀତି, ଶକ୍ତି ସୁରକ୍ଷା, ପେଟ୍ରୋଲିୟମ କ୍ଷେତ୍ର ଏବଂ ଶିକ୍ଷା ବ୍ୟବସ୍ଥାରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସମର୍ଥ ହୋଇଛନ୍ତି ଯାହା ତାଙ୍କର ପ୍ରଶାସନିକ ଦକ୍ଷତା ଏବଂ ଦୂରଦୃଷ୍ଟିର ପରିଚୟ ଦେଇଥାଏ କାରଣ ଯେତେବେଳେ ସେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଥିଲେ, ସେତେବେଳେ ଦେଶର ଗରିବ ମହିଳାମାନଙ୍କୁ ଧୂଆଁମୁକ୍ତ ରୋଷେଇ ପ୍ରଦାନ କରିବା ସକାଶେ 'ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା'ର ସଫଳ ରୂପାୟନ କରାଯାଇଥିଲା ଯାହା କୋଟି କୋଟି ଗ୍ରାମାଞ୍ଚଳର ମହିଳାଙ୍କ ଜୀବନଶୈଳୀରେ ଏକ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିଥିଲା ଏବଂ ଏହା ସହିତ ଦେଶରେ ତରଳ ପ୍ରାକୃତିକ ଗ୍ୟାସ ଏବଂ ପାଇପ୍ ଗ୍ୟାସ ସଂଯୋଗକୁ ବ୍ୟାପକ କରିବା ଦିଗରେ ତାଙ୍କର ପଦକ୍ଷେପ ପ୍ରଶଂସନୀୟ ଥିଲା ଯାହା ଫଳରେ ଶକ୍ତି କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ଆଡ଼କୁ ଏକ ବଡ଼ ପଦକ୍ଷେପ ନେଇପାରିଥିଲା ଏବଂ ପରବର୍ତ୍ତୀ ସମୟରେ ତାଙ୍କୁ ଦେଶର ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରାଳୟର ଦାୟିତ୍ୱ ମଧ୍ୟ ଦିଆଯାଇଥିଲା ଯେଉଁଠାରେ ସେ ଦେଶର ଯୁବପିଢ଼ିଙ୍କୁ ବିଭିନ୍ନ ବୈଷୟିକ ଜ୍ଞାନକୌଶଳ ଏବଂ ପ୍ରଶିକ୍ଷଣ ପ୍ରଦାନ କରି ଆତ୍ମନିର୍ଭରଶୀଳ କରିବା ପାଇଁ 'ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା'କୁ ଅଧିକ ଫଳପ୍ରଦ କରିଥିଲେ ଯାହା ଦ୍ୱାରା ଲକ୍ଷାଧିକ ଯୁବକଯୁବତୀ ରୋଜଗାରକ୍ଷମ ହୋଇପାରିଥିଲେ ଏବଂ ଓଡ଼ିଶାର ଯୁବକମାନେ ମଧ୍ୟ ଏହି ଯୋଜନାରୁ ବହୁ ପରିମାଣରେ ଉପକୃତ ହୋଇଥିଲେ ଯାହା ରାଜ୍ୟର ମାନବ ସମ୍ବଳ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ଏବଂ ଏହାପରେ ଯେତେବେଳେ ସେ ଦେଶର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କଲେ, ସେତେବେଳେ ଦେଶରେ 'ଜାତୀୟ ଶିକ୍ଷା ନୀତି (NEP 2020)ର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଏବଂ ଶିକ୍ଷାକୁ ଅଧିକ ରୋଜଗାରଭିତ୍ତିକ, ଗୁଣାତ୍ମକ ଏବଂ ଅନ୍ତର୍ଭୁକ୍ତୀକରଣ କରିବା ଦିଗରେ ସେ ଅନେକ ମାଇଲଖୁଣ୍ଟ ସ୍ଥାପନ କରିଥିଲେ ଯାହା ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ପ୍ରଦାନ କରିବାରେ ସହାୟକ ହୋଇଛି ଏବଂ ବିଶେଷ କରି ଓଡ଼ିଶାର ବିକାଶ ପ୍ରସଙ୍ଗରେ ଧର୍ମେନ୍ଦ୍ର ପ୍ରଧାନ ସର୍ବଦା ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛନ୍ତି କାରଣ ଓଡ଼ିଶାରେ ରାଜପଥ ନିର୍ମାଣ, ରେଳବାଇର ଆଧୁନିକୀକରଣ, ଶିକ୍ଷାନୁଷ୍ଠାନର ପ୍ରସାର ଏବଂ ଶକ୍ତି ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ପଛରେ ତାଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ଅବଦାନ ରହିଛି ଯାହା ରାଜ୍ୟର ଅର୍ଥନୈତିକ ଏବଂ ଭିତ୍ତିଭୂମି ବିକାଶକୁ ଏକ ନୂତନ ଗତି ପ୍ରଦାନ କରିଥିଲା ଏବଂ ଓଡ଼ିଶାର ଜନସାଧାରଣଙ୍କ ସୁଖଦୁଃଖରେ ସର୍ବଦା ଉପସ୍ଥିତ ରହି ଜଣେ ମାଟିର ପୁଅ ଭାବରେ ସେ ରାଜ୍ୟର ସ୍ୱାର୍ଥକୁ ଜାତୀୟ ସ୍ତରରେ ଦୃଢ଼ତାର ସହ ଉପସ୍ଥାପନ କରିଛନ୍ତି ଯାହା ତାଙ୍କର ରାଜନୈତିକ ଜୀବନର ଏକ ମୁଖ୍ୟ ବିଶେଷତ୍ୱ ଅଟେ କିନ୍ତୁ ଏହା ସତ୍ତ୍ୱେ ଯେତେବେଳେ ନିକଟ ଅତୀତରେ ଶିକ୍ଷା କ୍ଷେତ୍ରରେ କିଛି ପ୍ରଶାସନିକ ତ୍ରୁଟି ଏବଂ ପରୀକ୍ଷା ଦୁର୍ନୀତିର ଅଭିଯୋଗ ଆସିଲା, ସେତେବେଳେ ତାଙ୍କର ସମଗ୍ର ଅବଦାନ ଏକ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେଲା ଏବଂ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଲା, ଯାହା ଦର୍ଶାଏ ଯେ ରାଜନୀତିରେ ଯେତେ ବଡ଼ ସଫଳତା କିମ୍ବା ଅବଦାନ ଥାଉ ନ କାହିଁକି, ଜନସାଧାରଣଙ୍କ ଆଶା ଏବଂ ପ୍ରଶାସନିକ ସ୍ୱଚ୍ଛତା ସବୁବେଳେ ସର୍ବୋପରି ରହିଥାଏ ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ଜଣେ ପ୍ରଭାବଶାଳୀ ନେତାଙ୍କ ଦ୍ୱାରା ଦେଶ ଏବଂ ରାଜ୍ୟକୁ ଦିଆଯାଇଥିବା ଏହି ବିବିଧ ସେବା ଓ ଅବଦାନଗୁଡ଼ିକୁ ଭାରତୀୟ ରାଜନୈତିକ ଇତିହାସରେ କେବେହେଲେ ଭୁଲିହେବ ନାହିଁ କାରଣ ଏହା ଦେଶର ବିକାଶ ଧାରାକୁ ଏକ ଦୀର୍ଘସ୍ଥାୟୀ ପ୍ରଭାବ ପକାଇଛି ଏବଂ ଭବିଷ୍ୟତରେ ମଧ୍ୟ ତାଙ୍କର ଏହି କାର୍ଯ୍ୟପନ୍ଥା ଏବଂ ନୀତିଗୁଡ଼ିକ ସମାଜ ପାଇଁ ମାର୍ଗଦର୍ଶକ ହୋଇ ରହିବ।

ମୋବାଇଲ୍:୯୪୩୭୯୯୪୩୭୯



# ଅସହମତି, ଗିରଫଦାରୀ ଓ ଗଣତନ୍ତ୍ରର ପ୍ରଶ୍ନ



ଗୋପାଳ ମହାପାତ୍ର

ଦିଲ୍ଲୀର ଲୋକ କଲ୍ୟାଣ ମାର୍ଗ ସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଯାଉଥିବା ବିରୋଧି ଦଳର ସଂଯୁକ୍ତ ମୋର୍ଚ୍ଚାକୁ ଗତ ୨୧ ତାରିଖ (ଜୁଲାଇ ମାସ) ଦିନ ଦିଲ୍ଲୀ ପୋଲିସ ଅଧା ରାସ୍ତାରେ ଅଟକାଇ ଦେଇଥିଲା। ବିରୋଧିଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭାଦ୍ରା, ସମାଜବାଦୀ ପାର୍ଟିର ନେତା ତଥା ସାଂସଦ ଅଖିଳେଶ ଯାଦବଙ୍କ ସମେତ ଅନ୍ୟ କେତେକ ନେତାଙ୍କୁ ଗିରଫ କରି ପ୍ରଦର୍ଶନ ସ୍ଥଳରୁ ହଟାଇ ଦିଆଯାଇଥିଲା। ପ୍ରଶାସନ ପକ୍ଷରୁ ଏ ପ୍ରସଙ୍ଗରେ କୁହାଯାଇଛି ଯେ ସୁରକ୍ଷା କାରଣ ତଥା ନିଷେଧାଦେଶ ଭଙ୍ଗ କାରଣରୁ ବିରୋଧିନେତା ମାନଙ୍କର ଗିରଫ ଦାରୀ ଆବଶ୍ୟକ ଥିଲା। ଅନ୍ୟ ପକ୍ଷରେ ବିରୋଧି ଦଳମାନେ ଏହାକୁ ଗଣତାନ୍ତ୍ରିକ ଅଧିକାରର ହନନ ଏବଂ ଅସହମତିର ସ୍ୱର ଚପାଇ ଦେବାପାଇଁ ଉଦ୍ୟମ ବୋଲି କହିଛନ୍ତି। ଏହି ଘଟଣାକୁ କେବଳ ଗୋଟିଏ ଦିନର ରାଜନୈତିକ ଖବର ବୋଲି ମାନିନେବା ଉଚିତ ନୁହେଁ। ଏଭଳି ଘଟଣା ପ୍ରଥମଥର ପାଇଁ ମଧ୍ୟ ଘଟିନାହିଁ। ରହୁଲ ଗାନ୍ଧୀ ଯେବେ ବି କୌଣସି ପ୍ରଦର୍ଶନ କରୁଛନ୍ତି ତାଙ୍କୁ ପୋଲିସ କାର୍ଯ୍ୟାନୁଷ୍ଠାନର ସାମନା କରିବାକୁ ପଡ଼ୁଛି। ବିଗତ କିଛି ବର୍ଷ ହେବ ରାହୁଲ ଗାନ୍ଧୀ କୃଷକ ଆନ୍ଦୋଳନ, ବେରୋଜଗାରୀ, ଦରଦାମ ବୃଦ୍ଧି, ହାଥରସ କାଣ୍ଡ ଏବଂ ସଂସଦ ସହ ଜଡ଼ିତ ବିବାଦ ଏବଂ ଜନ ଆନ୍ଦୋଳନ ବେଳେ ଅନେକ ବାର ଗିରଫ ହୋଇଛନ୍ତି ଅଥବା ତାଙ୍କୁ ଅଧାରାସ୍ତାରେ ଅଟକାଇ ଦିଆଯାଇଛି।



ଏସବୁକୁ ଦେଖିଲେ ଗତ ୨୧ ତାରିଖର ଘଟଣା କେବଳ ଏକ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ଭାରତୀୟ ଗଣତନ୍ତ୍ରରେ ବିରୋଧିଙ୍କ ଭୂମିକା ଏବଂ ବିରୋଧର ପରିବର୍ତ୍ତିତ ରାଜନୀତି ଉପରେ ଅନେକ ପ୍ରଶ୍ନ ଉଠୁଛି। ଭାରତୀୟ ଗଣତନ୍ତ୍ରରେ ସଡ଼କ ସବୁବେଳେ ରାଜନୈତିକ ଅଭିବ୍ୟକ୍ତିର ଗରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ରହିଆସିଛି। ଦେଶର ସ୍ୱାଧିନତା ଆନ୍ଦୋଳନଠାରୁ ଜୟପ୍ରକାଶଙ୍କ ଆନ୍ଦୋଳନ, ଆନ୍ନା ହଜାରଙ୍କ ଆନ୍ଦୋଳନ ଏବଂ କୃଷକ ଆନ୍ଦୋଳନ ପର୍ଯ୍ୟନ୍ତ ଶାସନ ପରିବର୍ତ୍ତନ ଏବଂ ନୀତି ପରିବର୍ତ୍ତନର ଅନେକ କଥା। ସଡ଼କରୁ ହିଁ ଜନ୍ମ ଦେଇଛି।

ସଂସଦ ଗଣତନ୍ତ୍ରର ଔପଚାରିକ ମଞ୍ଚ କିନ୍ତୁ ସଡ଼କ ଏହାର ଜୀବନ୍ତ ଚେତନା। ଯେତେବେଳେ ସଂସଦରେ ଯେତେବେଳେ ସଂଖ୍ୟାର ଗଣିତ ବିରୋଧିଙ୍କ ପକ୍ଷରେ ନଥାଏ ସେତେବେଳେ ବିରୋଧିଦଳ ମାନେ ଜନତାଙ୍କ ପାଖକୁ ଯାଇ ରାଜନୈତିକ ଲଢେଇ ଲଢିଥାନ୍ତି। ରାହୁଲ ଗାନ୍ଧୀଙ୍କ ରାଜନୀତିରେ ବିଗତ କିଛି ବର୍ଷ ହେବ ଅନେକ ପରିବର୍ତ୍ତନ ଦେଖାଦେଇଛି। ଏକଦା ରାହୁଲ ନିର୍ବାଚନୀ ରାଜନୀତି ପର୍ଯ୍ୟନ୍ତ ସିମୀତ ବୋଲି କୁହାଯାଉଥିଲା। କିନ୍ତୁ ତାଙ୍କ ଭାରତ ଯୋଡ଼ୋ ଯାତ୍ରା ଏବଂ ଭାରତ ନ୍ୟାୟ ଯାତ୍ରା ପରେ ତାଙ୍କ ରାଜନୈତିକ ଶୌଳୀ ବଦଳିଛି। କୃଷକ, ଯୁବ, ମହିଳା ଏବଂ ସାମାଜିକ ସଂଗଠନର ଆନ୍ଦୋଳନରେ ତାଙ୍କ ଭାଗିଦାରୀ ତାଙ୍କ ରାଜନୀତିର ଅଂଶ ପାଲଟିଛି। ଏହି ସନ୍ଦର୍ଭରେ ୨୧ ତାରିଖର ଘଟଣା ଗୁରୁତ୍ୱପୁର୍ଣ୍ଣ ନିଶ୍ଚୟ। ପ୍ରଧାନମନ୍ତ୍ରୀଙ୍କ ଆବାସ ପର୍ଯ୍ୟନ୍ତର ଯାତ୍ରା କେବଳ ଏକ ବିରୋଧ କାର୍ଯକ୍ରମ ନୁହେଁ ବରଂ ଏକ ରାଜନୈତିକ ସନ୍ଦେଶ ବୋଲି ଅନେକଙ୍କ ମତ। ବିରୋଧି ଦଳ ଦେଖାଇବାକୁ ଚାହିଁଥିଲେ ଯେ ସେମାନେ କେବଳ ସଂସଦ ଭିତରେ ନୁହେଁ ସଡ଼କ ଉପରେ ମଧ୍ୟ ସରକାରଙ୍କୁ ଚାଲେଞ୍ଜ କରିବାରେ ସକ୍ଷମ। ଗଣତନ୍ତ୍ରରେ ଏହା ହେଉଛି ସବୁଠାରୁ କଠିନ ସନ୍ତୁଳନ। ଗୋଟିଏ ପଟେ ନାଗରିକ ଏବଂ ରାଜନୈତିକ ଦଳ ମାନଙ୍କର ଶାନ୍ତିପୁର୍ଣ୍ଣ ବିରୋଧର ଅଧିକାର ଏବଂ ଅନ୍ୟ ପକ୍ଷରେ ସୁରକ୍ଷା ଏବଂ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ କାଏମ ରଖିବାର ଦାୟୀତ୍ୱ। ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ଯେତେ ପ୍ରଶ୍ନ ନ ଉଠୁଛି ତାଠାରୁ ଅଧିକ ପ୍ରଶ୍ନ ଉଠୁଛି କ'ଣ ବିରୋଧ ଏବଂ ଆଲୋଚନା ପାଇଁ ପର୍ଯ୍ୟାପ୍ତ ଗଣତାନ୍ତ୍ରିକ ସ୍ଥାନ ଉପଲବ୍ଧ? ରାହୁଲଙ୍କ ବାରମ୍ବାର ଗିରଫଦାରୀ ତାଙ୍କୁ କେବଳ ବିରୋଧିନେତା ରୂପରେ ନୁହେଁ ବରଂ ପ୍ରତିରୋଧ ରାଜନୀତିର ପ୍ରତୀକ ଭାବରେ ଚିତ୍ରିତ କରୁଛି।

କଂଗ୍ରେସ ଦଳ ଏହାକୁ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ବୋଲି କହୁଛି। ବିଜେପି ପକ୍ଷରୁ କୁହାଯାଉଛି ଯେ ସମସ୍ତେ ଆଇନ୍‌କୁ ମାନିବା ଆବଶ୍ୟକ ଏବଂ ସୁରକ୍ଷା ବ୍ୟବସ୍ଥାରେ କାହାରିକୁ ଛାଡ ଦିଆଯାଇ ପାରିବନାହିଁ। ଉଭୟ ଦଳ ନିଜର ବ୍ୟାଖ୍ୟା ପ୍ରସ୍ତୁତ କରୁଛନ୍ତି। କିନ୍ତୁ ଏଇ ପୁରା ଘଟଣା କ୍ରମର ଏକ ବ୍ୟାପକ ପକ୍ଷ ମଧ୍ୟ ରହିଛି। ବିଗତ କିଛି ବର୍ଷ ହେଲା କେବଳ ବିରୋଧି ଦଳ ନୁହଁନ୍ତି କୃଷକ, ଛାତ୍ର, ମହିଳା ଓ ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଆନ୍ଦୋଳନରେ ପ୍ରଶାସନ ଏବଂ ପୋଲିସର ଭୂମିକାକୁ ନେଇ ଚର୍ଚ୍ଚା ହେଉଛି। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ କ'ଣ ଅସହମତି ପାଇଁ ଉପଲବ୍ଧ ସ୍ଥାନ ସବୁ ପୁର୍ବ ତୁଳନାରେ ସିମୀତ ହୋଇଯାଇଛି ନା ସୁରକ୍ଷା କାରଣରୁ ପ୍ରଶାସନ ଅଧିକ ସତର୍କ ହୋଇଯାଇଛି? ରହୁଲ ଗାନ୍ଧୀ ବିଗତ କିଛି ବର୍ଷ ହେବ ସଂସଦରେ ତ ଆଲୋଚନାରେ ଭାଗ ନେଉଛନ୍ତି କିନ୍ତୁ ଅଧିକ ଭାବେ ଜନସମ୍ପର୍କକୁ ଗୁରୁତ୍ୱ ଦେଉଛନ୍ତି। ତାଙ୍କ ଯାତ୍ରା, ବିରୋଧ ପ୍ରଦର୍ଶନକୁ ଏକ ବୈଚାରିକ ଅଭିଯାନର ସ୍ୱରୂପ ଦେବା ପାଇଁ ସେ ଉଦ୍ୟମ କରୁଛନ୍ତି। ଫଳତଃ ତାଙ୍କ ରାଜନୈତିକ ଛବି ସୁଧୁରିଛି, ଗୋଟିଏ ସତ୍ୟ ଯେ ରାହୁଲ ଯେଉଁ ଅଭିଯାନରେ ସାମିଲ ହେଉଛନ୍ତି ତାହା ରାଷ୍ଟ୍ରୀୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଯାଉଛି। ଏଣୁ ୨୧ ତାରିଖର ଘଟଣା ଏବଂ ରାହୁଲଙ୍କ ଗିରଫଦାରୀ ଏକ ପ୍ରଶାସନିକ ବା ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ଗଣତାନ୍ତ୍ରିକ ରାଜନୀତିର ପରିବର୍ତ୍ତିତ ଚେହେରା ବୋଲି ମଧ୍ୟ କୁହାଯାଇପାରେ।

ରାମଚନ୍ଦ୍ରପୁର, ରଣପୁର

ମୋବାଇଲ୍:୯୪୩୮୪୮୫୦୯୪

## ଶନିବାର ନୈଶ-ଆକ୍ରମଣକୁ ସ୍ଥଗିତ ରଖିଲା ଆମେରିକା

# ଇରାନ୍ କହିଲା, ଯୁଦ୍ଧ ସରିନି

### ସ୍କୁଲ ଆକ୍ରମଣର ପ୍ରତିଶୋଧ ନେବା ଯାଏ ଜାରି ରହିବ ଯୁଦ୍ଧ

ତେହରାନ୍, ୨୫।୭ଃ ମଧ୍ୟପ୍ରାଚ୍ୟରେ ଇରାନ୍ ଓ ଆମେରିକା ମଧ୍ୟରେ ଚାଲିଥିବା ଘମାଘୋଟ ଲଢ଼େଇରେ ଶନିବାର ସାମାନ୍ୟ ଶୀତଳତା ଦେଖିବାକୁ ମିଳିଛି। ଆମେରିକା ଦୁଇ ସପ୍ତାହ ଧରି ଇରାନର ସାମରିକ ଓ ବାଣିଜ୍ୟିକ ଭିତ୍ତିଭୂମି ଉପରେ ଲଗାତାର ମିସାଇଲ୍ ଓ ଡ୍ରୋନ୍ ମାଡ଼ କରିବା ଜାରି ରଖିଥିବା ବେଳେ ଶନିବାର ଏହାକୁ ବନ୍ଦ ରଖିଛି। ଶନିବାର ଆମେରିକା ପକ୍ଷରୁ କୌଣସି ଆକ୍ରମଣାତ୍ମକ ହମ୍‌ଲା କରାଯାଇ ନାହିଁ ବୋଲି ଇରାନ୍ ପୁଷ୍ଟି କରିଛି।

ଇରାନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମୁଖପାତ୍ର ହୁସେନ୍ କେରମାନପୁର କହିଛନ୍ତି ଯେ, ଶନିବାର ଏକ ଶାନ୍ତିପୂର୍ଣ୍ଣ ରାତି ଥିଲା। ବିଗତ ୧୩ ଦିନ ଧରି ଆମେରିକା ଲଗାତାର ତେହରାନ୍ ଉପରେ ବୋମାବର୍ଷଣ ଜାରି ରଖିଥିଲା। ତେବେ ଶନିବାର ଆମେରିକାର କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍) କୌଣସି ନୂଆ ଆକ୍ରମଣ ଘୋଷଣା କରିନାହିଁ ବୋଲି ଇରାନ୍ କର୍ତ୍ତୃପକ୍ଷ କହିଛି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ, ଜୁଲାଇ ୭ ତାରିଖଠାରୁ ଆମେରିକା ଓ ଇରାନ୍ ମଧ୍ୟରେ ଅବିଶ୍ରାନ୍ତ ମିସାଇଲ ଓ ଡ୍ରୋନ୍ ମାଡ଼ ଫଳରେ ଇରାନରେ ୩, ୪୦୦ରୁ ଅଧିକ ଲୋକଙ୍କ



ମିନାବ୍ ସ୍କୁଲ ଆକ୍ରମଣରେ ନିହତ ପିଲାଙ୍କ ଫଟୋ ଧରି ଶୋକାଭିଭୂତ ଦୁଇ ମହିଳା

ମୃତ୍ୟୁ ଘଟିଛି। ଆମେରିକାର ୧୮ ଜଣ ସେବା ସଦସ୍ୟ ନିହତ ହୋଇଛନ୍ତି। ଇସ୍ରାଏଲର ୨୪ ଜଣ ସାଧାରଣ ଲୋକ ପ୍ରାଣ ହରାଇଛନ୍ତି। ସେହିଭଳି ଲେବାନନରେ ୪ ହଜାରରୁ ଅଧିକ ନିହତ ହୋଇଥିବା ବେଳେ ଇସ୍ରାଏଲର ୩୮ ଜଣ ସୈନିକଙ୍କ ମୃତ୍ୟୁ ଘଟିଛି। ଶନିବାର ନୈଶ-ଆକ୍ରମଣ ସ୍ଥଗିତ ରଖିବା ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟୀକରଣ ଦେଇଛନ୍ତି। ଟ୍ରମ୍ପ୍ ତାଙ୍କର ସୋସିଆଲ ମିଡ଼ିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ କହିଛନ୍ତି ଯେ, ୱାଶିଂଟନ ଓ ତେହରାନ୍ ମଧ୍ୟରେ କଥାବାର୍ତ୍ତା ଜାରି ରହିଛି। ତେଣୁ ଇରାନକୁ ବଡ଼ ଧରଣର ଆକ୍ରମଣ ଚେତାବନୀ ଦେବାର କୌଣସି ଆବଶ୍ୟକତା ନାହିଁ। ତଥାପି ଆମେରିକା ଇରାନ୍ ସଂକ୍ରାନ୍ତରେ 'ଲକ୍ଡ୍ ଆଣ୍ଡ ଲୋଡେଡ୍' ହୋଇ ରହିଛି।

ଶନିବାର ଆମେରିକାର ସେଣ୍ଟକମ୍ ତା'ର ଆକ୍ରମଣକୁ ସାମୟିକ ଭାବେ ସ୍ଥଗିତ ରଖିଥିଲେ ମଧ୍ୟ ଇରାନ୍ କହିଛି ଯେ, ଯୁଦ୍ଧ ଏଯାଏ ସରିନାହିଁ। ଇରାନ୍‌ର ସର୍ବୋଚ୍ଚ ରାଷ୍ଟ୍ରୀୟ ନିରାପତ୍ତା ପରିଷଦ ସଚିବ ମହମ୍ମଦ ବାଘେର ଜୋଲଘାଦର ଆମେରିକାକୁ ଚେତାବନୀ ଦେଇ କହିଛନ୍ତି ଯେ, ଶତ୍ରୁ ସମ୍ପୂର୍ଣ୍ଣ ପରାଜିତ ନହେବା ଯାଏ ଇରାନ୍‌ର ତା'ର ଆକ୍ରମଣକୁ ଜାରି ରଖିବ। ଇରାନର ସରକାରୀ ଗଣମାଧ୍ୟମ ଇର୍‌ନା ଜୋଲଘାଦରଙ୍କ ବ୍ୟକ୍ତବ୍ୟକୁ ଉଦ୍ଧାର କରି କହିଛି ଯେ, ଆମେରିକା ଓ ଇସ୍ରାଏଲ ମିଳିତ ଭାବରେ ଇରାନ ଉପରେ ଯେଉଁ ଯୁଦ୍ଧ ଲଦିଦେଇଛନ୍ତି ଏବଂ ସେମାନେ ଯେଉଁଭଳି ଭାବେ ସ୍କୁଲର ପିଲାମାନଙ୍କୁ ହତ୍ୟା କରିଛନ୍ତି ତାହାର ପ୍ରତିଶୋଧ ନେବାକୁ ଇରାନ୍ ସଂକଳ୍ପବଦ୍ଧ ହୋଇଛି। ଦେଶର ଶତ୍ରୁର ମାଟି ନ କାମୁଡ଼ିବା ଯାଏ ଏବଂ ମିନାବ ଓ ଲାମେର୍ଡର ନିର୍ଦ୍ଦୋଷ ପିଲାମାନଙ୍କର ସମୁଚିତ ପ୍ରତିଶୋଧ ନ ନେବା ଯାଏ ଇରାନ୍ ତା'ର ଆକ୍ରମଣ ଜାରି ରଖିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଜୋଲଘାଦର ମନେପକାଇ ଦେଇ କହିଛନ୍ତି ଯେ, ଆମେରିକା-ଇସ୍ରାଏଲ ଆକ୍ରମଣର ସବୁଠୁ ବଡ଼ ଓ ନିଚ ଆକ୍ରମଣ ଇରାନର ଦକ୍ଷିଣ ସହ ମିନାବର ଏକ ସ୍କୁଲ ଉପରେ କରାଯାଇଥିଲା, ଯେଉଁଥିରେ ୧୬୫ ଜଣ ନିହତ ହୋଇଥିଲେ ଓ ୯୫ ଜଣ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ସବୁଠାରୁ ଅଧିକ ଛୋଟ ସ୍କୁଲ୍ ପିଲା ଥିଲେ।

# ୨୮ ଭାରତୀୟ ଥିବା ଟ୍ୟାଙ୍କର ଉପରେ କ୍ଷେପଣାସ୍ତ୍ର ମାଡ଼




ତେହରାନ,୨୫।୭ଃ ତେହରାନରେ ଥିବା ଭାରତୀୟ ଦୂତାବାସ ରିପୋର୍ଟ କରିଛି ଯେ ଶୁକ୍ରବାର ଇରାନ ଜଳସୀମାରେ ୨୮ ଜଣ ଭାରତୀୟ କ୍ରୁ ସଦସ୍ୟଙ୍କୁ ନେଇ ଯାଉଥିବା ଏକ ମୋଜାମ୍ବିକ ପତାକା ବିଶିଷ୍ଟ ଏଲପିଜି ଟ୍ୟାଙ୍କର ଉପରେ ଆକ୍ରମଣ କରାଯାଇଥିଲା। ତେବେ ସମସ୍ତ ଭାରତୀୟ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି ଏବଂ ଦୂତାବାସ ଅଧିକାରୀମାନେ ସେମାନଙ୍କ ସହିତ ଯୋଗାଯୋଗରେ ଅଛନ୍ତି ବୋଲି ଦୂତାବାସ ନିଶ୍ଚିତ କରିଛି।

ଭାରତୀୟ ସାମୁଦ୍ରିକ କର୍ମଚାରୀଙ୍କ ପ୍ରତିନିଧିତ୍ୱ କରୁଥିବା ଏକ ବାଣିଜ୍ୟ ସଂଘ, ଫରୱାର୍ଡ ସିମେନ୍ସ ୟୁନିଅନ ଅଫ ଇଣ୍ଡିଆ କହିଛି ଯେ, 'ଦିଶା' ଜାହାଜ ପର୍ସିଆନ ଉପସାଗରକୁ ଯାଉଥିବା ସମୟରେ ହର୍ମୁଜ ପ୍ରଣାଳୀ ନିକଟରେ ଏକ ଅଜଣା କ୍ଷେପଣାସ୍ତ୍ର ଦ୍ୱାରା ଆଘାତ ହୋଇଥିଲା। 'ଦିଶା' ଉପରେ ଆକ୍ରମଣ ଖବର ପାଇବା ମାତ୍ରେ ଭାରତୀୟ ଦୂତାବାସ ପକ୍ଷରୁ ତୁରନ୍ତ କୂଟନୈତିକ ପଦକ୍ଷେପ ନିଆଯାଇଥିଲା। ଦୂତାବାସର ବିବୃତ୍ତିରେ ଉଲ୍ଲେଖ କରାଯାଇଛି ଯେ, 'ଜାହାଜରେ ମୋଟ ୨୮ ଜଣ ଭାରତୀୟ କ୍ରୁ ସଦସ୍ୟ ଅଛନ୍ତି। ଦୂତାବାସ ସମ୍ପୃକ୍ତ ଇରାନୀ କର୍ତ୍ତୃପକ୍ଷଙ୍କ ସହ ସିଧାସଳଖ ଯୋଗାଯୋଗରେ ଅଛି। ଏହା ନିଶ୍ଚିତ ହୋଇଛି ଯେ ଜାହାଜରେ ଥିବା ସମସ୍ତ ଭାରତୀୟ କ୍ରୁ ସଦସ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି।' ଦୂତାବାସ ସ୍ପଷ୍ଟ କରିଛି ଯେ ଏହା ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଏବଂ ଇରାନୀ ପ୍ରଶାସନ ସହିତ ସମନ୍ୱୟ ରଖି ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛି। ବିବୃତ୍ତିରେ ଜାହାଜର କ୍ଷତି କିମ୍ବା ଘଟଣାର ସଠିକ କାରଣ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇ ନାହିଁ।

### ମହାରାଷ୍ଟ୍ର ଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

## ମୁଖ୍ୟ ଅଭିଯୁକ୍ତ ବିଜେନ୍ଦ୍ର ଗୁପ୍ତା ଗିରଫ



ମୁମ୍ବାଇ, ୨୫।୭ଃ ମହାରାଷ୍ଟ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି) ପ୍ରଶ୍ନପତ୍ର ଲିକ୍ ମାମଲାର ମୁଖ୍ୟ ଅଭିଯୁକ୍ତ ବିଜେନ୍ଦ୍ର ଗୁପ୍ତାଙ୍କୁ ବିହାରରୁ ଗିରଫ କରାଯାଇଛି। ତାଙ୍କଠାରୁ ଏକ ବୃହତ୍ ରାକେଟ୍‌ର ଖୁଲାସା ହେବ ବୋଲି ତଦନ୍ତକାରୀ ସଂସ୍ଥା ଆଶା ପ୍ରକାଶ କରିଛି। ପ୍ରଶ୍ନପତ୍ର ଲିକ୍ ମାମଲାର ମୁଖ୍ୟ ଅଭିଯୁକ୍ତ ବିଜେନ୍ଦ୍ର ଗୁପ୍ତା ଦୀର୍ଘ ଦିନ ଧରି ଫେରାର ଥିବାବେଳେ ତାଙ୍କୁ ଧରିବା ପାଇଁ ଅନେକ ରାଜ୍ୟରେ ଚଢ଼ାଉ କରାଯାଇଥିଲା। ତାଙ୍କର ଜଣେ ସହଯୋଗୀଙ୍କୁ ମଧ୍ୟ ହେପାଜତକୁ ନିଆଯାଇଛି। ପୁଲିସ ସୂଚନା ଅନୁସାରେ, ବିଜେନ୍ଦ୍ର ଗୁପ୍ତା ପ୍ରଶ୍ନପତ୍ର ଲିକ୍ ଘଟଣାରେ ମୁଖ୍ୟ ସୂତ୍ରଧର ଥିଲେ ଏବଂ ଦେଶର ବିଭିନ୍ନ ରାଜ୍ୟରେ ଘଟିଥିବା ଅନେକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ସହ ତାଙ୍କର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ତାଙ୍କ ଗିରଫ ସହିତ ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସଂଖ୍ୟା ୧୪ରେ ପହଞ୍ଚିଛି।

### ଅଭିଜିତଙ୍କ ଜୀବନ ପ୍ରତି ବିପଦ

## ସୁରକ୍ଷା ପାଇଁ ରାଷ୍ଟ୍ରପତିଙ୍କୁ ଗୁହାରି



ନୂଆଦିଲ୍ଲୀ, ୨୫।୭ଃ ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଉଥିବା ଅଭିଜିତ୍ ଦୀପକେଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତାଙ୍କ ପରିବାର ରାଷ୍ଟ୍ରପତିଙ୍କ ନିକଟରେ ସୁରକ୍ଷା ପାଇଁ ଗୁହାରି କରିଛନ୍ତି। ଅଭିଜିତଙ୍କ ଭଉଣୀ ସ୍ନେହା ଭଞ୍ଜାରେ ବୀଡ୍ ଜିଲ୍ଲା କଲେକ୍ଟରଙ୍କ ମାଧ୍ୟମରେ ଭାରତର ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବା ସହ ଅଭିଜିତ୍ ଓ ତାଙ୍କ ସାଥୀ ଆନ୍ଦୋଳନକାରୀଙ୍କୁ ତୁରନ୍ତ ମହାରାଷ୍ଟ୍ର ପୁଲିସ ପକ୍ଷରୁ ସୁରକ୍ଷା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ଅତ୍ୟଧିକ ଶାରୀରିକ ଓ ମାନସିକ ଚାପ ଯୋଗୁଁ ଅଭିଜିତ୍ ଟାଇଫଏଡରେ ଆକ୍ରାନ୍ତ ହୋଇଥିଲେ ସୁଦ୍ଧା ସେ ପ୍ରତିବାଦ ସ୍ଥଳ ଛାଡ଼ିନାହାନ୍ତି। ପ୍ରତିବାଦକାରୀଙ୍କ ଉପରେ ଦିଲ୍ଲୀ ପୁଲିସର ଲାଠିଚାର୍ଜ ଘଟଣା ପରେ ଦିଲ୍ଲୀ ପୁଲିସ ଉପରେ ବିଶ୍ୱାସ ନଥିବା ସ୍ନେହା ପ୍ରକାଶ କରିଛନ୍ତି।

## ହୁତି ସାମରିକ ଘାଟିରେ ବୋମାମାଡ଼



ସାନା, ୨୫।୭ଃ ସାଉଦି ନେତୃତ୍ୱାଧୀନ ମିଳିତ ଗୋଷ୍ଠୀ ୟେମେନର ହୋଦେଦାହରେ ଇରାନ ସମର୍ଥିତ ହୁତି ସାମରିକ ଘାଟି ଉପରେ ବିମାନ ଆକ୍ରମଣ କରିଛି। ଲୋହିତ ସାଗରରେ ସାଉଦିର ଜାହାଜ ଉପରେ ହୁତି ଆକ୍ରମଣର ଜବାବରେ ଏହି ଆକ୍ରମଣ କରାଯାଇଛି। ସାଉଦି ନେତୃତ୍ୱାଧୀନ ମିଳିତ ଗୋଷ୍ଠୀର ମୁଖପାତ୍ର ମେଜର ଜେନେରାଲ ତୁର୍କି ଅଲ୍-ମାଲକି ସୋସିଆଲ ମିଡିଆ ଏକ୍ସର କହିଛନ୍ତି, ଆମେ ହୋଦେଦାହ ପ୍ରଦେଶରେ ଆକ୍ରମଣ କରି ପ୍ରତିଶୋଧ ନେଇଛୁ। ହୁତିଙ୍କ ଦ୍ୱାରା ପରିଚାଳିତ ଅଲ-ମାସିରାହ ଟିଭି ରିପୋର୍ଟ କରିଛି ଯେ, ସାଉଦି ପକ୍ଷରୁ ଲୋହିତ ସାଗର ବନ୍ଦର ସହର ହୋଦେଦାହରେ ଥିବା ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନିର କାରଖାନାକୁ ଟାର୍ଗେଟ କରାଯାଇଛି।

## ପୁଣି ଆରମ୍ଭ ହେଲା ଅମରନାଥ ଯାତ୍ରା

ନୂଆଦିଲ୍ଲୀ, ୨୫।୭ଃ ପୁଣି ଆରମ୍ଭ ହେଲା ଅମରନାଥ ଯାତ୍ରା। ଖରାପ ପାଣିପାଗ, ଭୂସ୍ଖଳନ ଏବଂ ସୁରକ୍ଷା କାରଣରୁ ଛଅ ଦିନ ଧରି ସ୍ଥଗିତ ରହିବା ପରେ ଆଜିଠୁ ପୁଣି ଶ୍ରୀ ଅମରନାଥ ଯାତ୍ରା ଆରମ୍ଭ ହୋଇଛି। ପାଗରେ ସୁଧାର ଆସିବା ଏବଂ ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଯାତାୟାତ ପାଇଁ ଖୋଲିବା ପରେ ଜାମ୍ମୁର ଭଗବତୀ ନଗର ଆଧାର ଶିବିରରୁ ୬,୨୭୯ ଶ୍ରଦ୍ଧାଳୁଙ୍କ ଏକ ନୂଆ ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଯାତ୍ରା ଆରମ୍ଭ କରିଛି। ପ୍ରଶାସନ ଏବଂ ସୁରକ୍ଷା ଏଜେନ୍ସି ଗୁଡ଼ିକ ଯାତ୍ରା ମାର୍ଗରେ ବିଶେଷ ନଜର ଏବଂ ସୁରକ୍ଷା ବ୍ୟବସ୍ଥା କରିଛନ୍ତି। ଯାତ୍ରା ପୁଣି ଆରମ୍ଭ ହେବା ପରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଏବେ ସୁଦ୍ଧା ପ୍ରାୟ ଚାରି ଲକ୍ଷ ଶ୍ରଦ୍ଧାଳୁ ବାବା ବରଫାନୀଙ୍କ ଦର୍ଶନ କରିସାରିଲେଣି ଏବଂ ଏହି ଯାତ୍ରା ଅଗଷ୍ଟ ୨୮ ତାରିଖ ରକ୍ଷାବନ୍ଧନ ଅବସରରେ ସମାପ୍ତ ହେବ।

### ଫ୍ରାନ୍ସ ଓ ସ୍ପେନ୍‌ରେ ଭୟଙ୍କର ହେଲା ବନାଗ୍ନି

## ଘର ଛାଡ଼ିଲେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ

ମାଦ୍ରିଦ୍,୨୫।୭ଃ ଫ୍ରାନ୍ସ ଓ ସ୍ପେନ୍‌ରେ ଜଙ୍ଗଲ ନିଆଁ ଏବେ ଭୟଙ୍କର ରୂପ ନେଇଛି। ଫ୍ରାନ୍ସର ବୋର୍ଡୋ ଅଞ୍ଚଳରେ ଲାଗିଥିବା ନିଆଁରୁ ୧୯ ହଜାର ହେକ୍ଟରରୁ ଅଧିକ ଜମି ଜଳିସାରିଛି। ବହୁ ଘର କ୍ଷତିଗ୍ରସ୍ତ ହୋଇଛି ଓ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଇଛି। ସେଭଳି ସ୍ପେନ୍‌ରେ ମାଡ୍ରିଡ୍‌ର ପଶ୍ଚିମ ଭାଗରେ ନିଆଁ ଲାଗିଥିବାର ଖବର ମିଳିଛି। ଏହାପରେ ସରକାରଙ୍କୁ ଜରୁରୀକାଳୀନ ସ୍ଥିତି ଘୋଷିତ କରିବାକୁ ପଡିଛି। ଦୁଇ ଦେଶରେ ପ୍ରାୟ ୨.୨୦ ଲକ୍ଷ ଲୋକଙ୍କୁ ନିଜର ଘର ଛାଡିବାକୁ ପଡିଛି। ସ୍ପେନ୍ ଇତିହାସରେ ପ୍ରଥମ ଥର ପାଇଁ ନ୍ୟାସନାଲ ଫାୟର ଏମର୍ଜେନ୍ସି ପରିସ୍ଥିତି ଘୋଷଣା କରିବାକୁ ପଡିଛି। ଏହି ସମୟରେ, ସ୍ପେନ୍ ପୋଲିସ ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କୁ ଗିରଫ କରିଛି। ପୋଲିସ ଅଭିଯୋଗ କରିଛି ଯେ ସେ କୃଷି ଯନ୍ତ୍ରପାତି ବ୍ୟବହାର କରିଥିଲେ, ଯାହା ଜଙ୍ଗଲ ନିଆଁକୁ ଜାଳି ଦେଇଥିଲା।

## ଦ୍ରୁତ ବୋଲରଙ୍କୁ ଡିଏସପି ପଦବୀ




ପାଟନା, ୨୫।୭ଃ ଭାରତୀୟ ଦ୍ରୁତ ବୋଲର ଆକାଶଦୀପ ଓ ମୁକେଶ କୁମାର ବିହାର ପୁଲିସ ବିଭାଗରେ ଉପ-ଅଧୀକ୍ଷକ (ଡିଏସ୍‌ପି) ଭାବେ ନିଯୁକ୍ତି ପାଇଛନ୍ତି। ପାଟନାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ସେମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ବିହାର ସରକାରଙ୍କ 'ମେଡାଲ ଆଣ ନିଯୁକ୍ତି ପାଅ' ଯୋଜନା ଅଧୀନରେ ସେମାନଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ଉଭୟ ଖେଳାଳି ଏହି ନିଯୁକ୍ତି ପାଇଁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଏହା ବିହାରର ଯୁବ ଖେଳାଳିମାନଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ଏହା ପୂର୍ବରୁ ୨୦୨୪ରେ ତେଲେଙ୍ଗାନା ସରକାର ଭାରତୀୟ ଦଳର ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଡିଏସ୍‌ପି ଭାବେ ନିଯୁକ୍ତି ପ୍ରଦାନ କରିଥିଲେ। ଆକାଶଦୀପ ଭାରତ ପାଇଁ ୧୦ ଟେଷ୍ଟ ଖେଳି ୨୮ ୱିକେଟ୍ ନେଇଥିବାବେଳେ ମୁକେଶ ୩ ଟେଷ୍ଟ ଖେଳି ୭ ୱିକେଟ୍ ନେଇଛନ୍ତି।

### ଜନ୍ତର ମନ୍ତର ଛାତ୍ର ପ୍ରତିବାଦ

## ଦିଲ୍ଲୀ ପୁଲିସକୁ ଜାତିସଂଘର କଡ଼ା ସମାଲୋଚନା




ନ୍ୟୁୟର୍କ, ୨୫।୭ଃ ଭାରତରେ ଚାଲିଥିବା ଛାତ୍ର ପ୍ରତିବାଦ ଉପରେ ଜାତିସଂଘର ମୁଖପାତ୍ର ଷ୍ଟିଫେନ୍ ଡୁଜାରିକ୍ ଏକ ବିବୃତି ଜାରି କରିଛନ୍ତି। ଯେଉଁମାନେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିବାକୁ ଚାହାନ୍ତି ସେମାନଙ୍କୁ ଗିରଫଦାରୀ କିମ୍ବା ଆଘାତର ଭୟ ବିନା ଏହା କରିବାକୁ ଅନୁମତି ଦିଆଯିବା ଜରୁରୀ। ଜାତିସଂଘ ମୁଖପାତ୍ର କହିଛନ୍ତି ଯେ, ଆମେ ନୂଆଦିଲ୍ଲୀରେ ହେଉଥିବା ପ୍ରତିବାଦ ବିଷୟରେ ଭଲ ଭାବରେ ଜାଣୁ। ଯେଉଁମାନେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିବାକୁ ଚାହାନ୍ତି ସେମାନଙ୍କୁ ଏହା କରିବାକୁ ଅନୁମତି ଦିଆଯିବା ଜରୁରୀ। ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର ପ୍ରକ୍ରିୟା ଶାଖାରେ ଏକ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରାଯାଇଛି। ଅଭିଯୋଗରେ ପ୍ରାୟ ୭୦ ଜଣ ପ୍ରତିବାଦକାରୀଙ୍କୁ ମନଇଚ୍ଛା ଅଟକ ରଖିବା, ବହୁ ସଂଖ୍ୟକ ଏଫଆଇଆର ଦାଖଲ କରିବା ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କ ଉପରେ ଲାଠିଚାର୍ଜ କରିବା ସମେତ ପୁଲିସ ନିର୍ମମତା ସମେତ ମାନବାଧିକାର ଉଲ୍ଲଂଘନ ଅଭିଯୋଗ କରାଯାଇଛି।

ଆମନେଷ୍ଟି ଇଣ୍ଟରନ୍ୟାସନାଲ ଓ ହ୍ୟୁମାନ୍ ରାଇଟ୍ସ ୱାଚ୍ ଭଳି ବିଶ୍ୱସ୍ତରୀୟ ସଂଗଠନଗୁଡ଼ିକ ଦିଲ୍ଲୀ ପୁଲିସ ଏବଂ ଅର୍ଦ୍ଧସାମରିକ ବାହିନୀ ୟୁନିଟଗୁଡ଼ିକୁ କଡ଼ା ସମାଲୋଚନା କରିଛନ୍ତି। ସେମାନେ ବାଡ଼ି, ଲୁହ ଗ୍ୟାସ୍ ଏବଂ କଥିତ ପେଲେଟ୍ ଗନ୍ ବ୍ୟବହାର ସମେତ ବେଆଇନ ଏବଂ ଅତ୍ୟଧିକ ବଳ ବ୍ୟବହାର, ଏବଂ ବହୁ ମେଟ୍ରୋ ଷ୍ଟେସନ ବନ୍ଦ କରିବା ଏବଂ ମୋବାଇଲ୍ ଇଣ୍ଟରନେଟ୍ ବନ୍ଦ କରିବା ସମେତ କଠୋର କଟକଣା ଲାଗୁ କରିବା ଉପରେ ପ୍ରଶ୍ନ ଉଠାଇଛନ୍ତି।

# ନାସିକରେ ଲଗାତାର ୪ ଥର ଭୂମିକମ୍ପ




ନୂଆଦିଲ୍ଲୀ,୨୫।୭ଃ ମହାରାଷ୍ଟ୍ରର ନାସିକରେ ଭୂମିକମ୍ପ। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୬ ରେକର୍ଡ କରାଯାଇଛି। ଶନିବାର ସକାଳେ ପ୍ରାୟ ଗୋଟିଏ ପରେ ଗୋଟିଏ ୪ ଟି ଭୂମିକମ୍ପ ଝଟକା ଅନୁଭବ ହୋଇଥିଲେ। ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ଚାଲି ଆସିଥିଲେ। ଏହି ଘଟଣା ପରେ ପ୍ରଶାସନ ଲୋକଙ୍କୁ ଧୈର୍ଯ୍ୟ ରଖିବାକୁ ନିବେଦନ କରିଛି। ନାସିକ ସହିତ ପାଲଘରରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଛି। ଶନିବାର ସକାଳେ ନାସିକ ଏବଂ ପାଲଘର ଜିଲ୍ଲାରେ ଅନେକ ଥର ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ଲୋକମାନେ କହିଛନ୍ତି ଯେ ଶନିବାର ସକାଳେ ନାସିକ ଜିଲ୍ଲାର ସୁରଗାନାରେ ଚାରି ଥର ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା। ଏହାସହ ପାଲଘରରେ ମଧ୍ୟ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ତେବେ ଯୋଗୁଁ କୌଣସି ପ୍ରକାର ଧନ ଜୀବନ କିମ୍ବା ସମ୍ପତ୍ତି କ୍ଷତିର ଖବର ଆସି ନାହିଁ। ଜିଲ୍ଲା ପ୍ରଶାସନ ଲୋକଙ୍କୁ ଗୁଜବରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି।

ଶନିବାର ସକାଳ ୯.୫୫ ଟାରୁ ନାସିକ ଜିଲ୍ଲାର ସୁରଗାନାର ବୋରଗାଓଁ ଏବଂ ଏହାର ଆଖପାଖ ଅଞ୍ଚଳରେ ୪ ଥର ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୩.୬ ରେକର୍ଡ କରାଯାଇଥିବା ବେଳେ ଆଜି ସକାଳ ପ୍ରାୟ ୧୦ଃ୫୭ ମିନିଟ୍ରେ ପାଲଘରରେ ଆଉ ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏଠାରେ ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩.୧ ରେକର୍ଡ କରାଯାଇଛି। ଏହି ଭୂମିକମ୍ପ ପାଲଘରର ଦହାନୁର ଧୁଣ୍ଡଲୱାଡି କାସା ଅଞ୍ଚଳରେ ଘଟିଛି।

## ଏଚ୍-୧-ବି ଭିସାକୁ ନେଇ ସିନେଟ୍‌ରେ ନୂତନ ବିଲ

ୱାଶିଂଟନ, ୨୫।୭ଃ ସିନେଟରେ ରିପବ୍ଲିକାନ୍ ପାର୍ଟିର ସିନେଟର ଟିମ୍ ଶୀହି ଏଚ୍-୧-ବି ଭିସାକୁ ନେଇ ଏକ ନୂତନ ବିଲ୍ ଆଗତ କରିଛନ୍ତି। ବିଲ୍‌ର ଉଦ୍ଦେଶ୍ୟ, ୩ ବର୍ଷ ପାଇଁ ନୂତନ ଏଚ୍-୧-ବି ଭିସା ପ୍ରଦାନ ଉପରେ ପ୍ରତିବନ୍ଧକ ଲଗାଇବା ଓ ଟ୍ରମ୍ପ ପ୍ରଶାସନ ଲାଗୁ କରିଥିବା ଏକ ଲକ୍ଷ ଡଲାର ଫି'କୁ ବୈଧ କରିବା। ଏହି ଫି'କୁ ପୂର୍ବରୁ ଫେଡେରାଲ୍ କୋର୍ଟ ବାତିଲ କରିଥିଲା। ଶୀହି କହିଛନ୍ତି ଯେ, ଏହା ଆମେରିକୀୟ ଶ୍ରମିକଙ୍କ ଅଧିକାରକୁ ଦୁର୍ବଳ କରୁଛି। ଏହା ବଳରେ ଆମେରିକୀୟ ପ୍ରଯୁକ୍ତିବିଦ୍ୟା କମ୍ପାନିଗୁଡ଼ିକ ପ୍ରତିବର୍ଷ ଭାରତ ଓ ଚୀନ୍ ଭଳି ଦେଶରୁ ହଜାର ହଜାର କର୍ମଚାରୀଙ୍କୁ ନିଯୁକ୍ତି ଦେଉଛନ୍ତି। ଶୀହି କହିଛନ୍ତି ଯେ, ଯୋଗ୍ୟ ଓ କଠିନ ପରିଶ୍ରମୀ ଆମେରିକୀୟମାନଙ୍କୁ ଶସ୍ତା ବିଦେଶୀ ଶ୍ରମିକଙ୍କ ସହିତ ବଦଳାଇବା ପାଇଁ ନୁହେଁ, ବରଂ ବିଶେଷଜ୍ଞଙ୍କ ପଦବୀ ପାଇଁ ଶ୍ରମିକ ଅଭାବକୁ ପୂରଣ କରିବା ପାଇଁ ଏହି ଭିସା କାର୍ଯ୍ୟକ୍ରମ ସୃଷ୍ଟି କରାଯାଇଥିଲା। ମାତ୍ର ଏବେ ତାହାର ଅପବ୍ୟବହାର ହେଉଛି ବୋଲି ସେ ଦର୍ଶାଇଛନ୍ତି।

## ୟୁପି-ବିହାର ସମେତ ୧୫ ରାଜ୍ୟ ପାଇଁ ବର୍ଷା ଆଲର୍ଟ

ନୂଆଦିଲ୍ଲୀ, ୨୫।୭ଃ ସାରା ଦେଶରେ ମନସୁନ୍ ବର୍ଷା ଜାରି ରହିଛି। ଉତ୍ତର ପ୍ରଦେଶ ଓ ବିହାର ସମେତ ୧୫ଟି ରାଜ୍ୟରେ ପ୍ରବଳ ବର୍ଷା ପାଇଁ ଆଇଏମ୍‌ଡି ଆଲର୍ଟ ଜାରି କରିଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ମୌସୁମୀ ବର୍ତ୍ତମାନ ସମ୍ପୂର୍ଣ୍ଣ ସକ୍ରିୟ ରହିଛି, ଯାହା ଫଳରେ ପୂର୍ବ ଏବଂ ପଶ୍ଚିମ ଭାରତରେ ପ୍ରବଳ ବର୍ଷା ଜାରି ରହିଛି। ଶନିବାର ଦିନ ଉତ୍ତର ପ୍ରଦେଶ, ବିହାର, ମଧ୍ୟ ପ୍ରଦେଶ, ଗୁଜରାଟ, ମହାରାଷ୍ଟ୍ର ସମେତ ୧୫ଟି ରାଜ୍ୟରେ ପ୍ରବଳ ବର୍ଷା ପାଇଁ ଚେତାବନୀ ଦିଆଯାଇଛି।

ଗୁଜରାଟରେ ଗତ ୩ ଦିନ ଧରି ପ୍ରବଳ ବର୍ଷା ଜାରି ରହିଥିବା ବେଳେ ଶନିବାର ପାଇଁ ମଧ୍ୟ ସେଠାରେ ପ୍ରବଳ ବର୍ଷାର 'ରେଡ୍ ଆଲର୍ଟ' ଜାରି କରାଯାଇଛି। ଗୁଜରାଟର ଅନେକ ଜିଲ୍ଲା ବନ୍ୟା କବଳରେ ଥିବା ବେଳେ ଆସାମରେ ମଧ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଆଗାମୀ କିଛି ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଉତ୍ତର ଭାରତର ଦିଲ୍ଲୀ, ଉତ୍ତର ପ୍ରଦେଶ, ହରିୟାଣା, ପଞ୍ଜାବ, ରାଜସ୍ଥାନ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଜମ୍ମୁ-କାଶ୍ମୀର ସମେତ ୧୫ଟି ରାଜ୍ୟରେ ପ୍ରବଳ ବର୍ଷା ସହ ଝଡ଼ବର୍ଷା ଏବଂ ବଜ୍ରପାତ ପାଇଁ ଆଲର୍ଟ ଜାରି କରିଛି। ଏହା ବ୍ୟତୀତ ପାର୍ବତ୍ୟ ରାଜ୍ୟଗୁଡ଼ିକରେ ଘଣ୍ଟା ପ୍ରତି ୭୦ କିଲୋମିଟର ବେଗରେ ପବନ ବହିବା ସହ ଭୂସ୍ଖଳନ ହେବାର ଆଶଙ୍କା ପ୍ରକାଶ କରାଯାଇଛି।

# ସାପ କାମୁଡ଼ାରେ ଚାଲିଗଲା ସ୍ୱାମୀର ଜୀବନ

ଲକ୍ଷ୍ନୌ,୨୫।୭ଃ ଉତ୍ତର ପ୍ରଦେଶର ବଦାୟୁନ୍ ଜିଲାର ଉଘାଇତି ଥାନା ଅଞ୍ଚଳରେ ଅବସ୍ଥିତ ରିଓନାଇ ଗାଁରେ ବିବାହ ଉତ୍ସବର କିଛି ଘଣ୍ଟା ମଧ୍ୟରେ ଶୋକର ଛାୟା ଖେଳିଯାଇଛି। କନ୍ୟାକୁ ବଡ଼ ଧୁମଧାମରେ ଘରକୁ ଆଣିଥିବା ନବବିବାହିତ ବ୍ୟକ୍ତି ବବଲୁ ମୌର୍ଯ୍ୟଙ୍କ ଚତୁର୍ଥୀ ରାତିରେ ହିଁ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା।

ରିଓନାଇ ଗ୍ରାମର ବାସିନ୍ଦା ବବଲୁ ଗୁନୌର କୋତୱାଲି ଅଞ୍ଚଳର ଲୌହରପୁରା ଗ୍ରାମରେ ବିବାହ କରିଥିଲେ। ପରିବାର ଓ ସମ୍ପର୍କୀୟ କନ୍ୟା ରଶ୍ମିଙ୍କୁ ନେଇ ଫେରିଥିଲେ। ନୂଆବୋହୂକୁ ସ୍ୱାଗତ କରିବା ପାଇଁ ଉତ୍ସବ ଓ ରୀତି ପାଳନ କରି ଦିନଟି ବିତାଇଥିଲେ। ପରମ୍ପରା ଅନୁଯାୟୀ, ଚତୁର୍ଥୀ ଦିନ ନବବିବାହିତ ଦମ୍ପତି ଶୋଇବା ପାଇଁ ଖଟ ସଜ୍ଜାଯାଇଥିଲା। ରାତିରେ ଶୋଇବା ସମୟରେ, ଏକ ବିଷାକ୍ତ ସାପ ବବଲୁଙ୍କ ବେକକୁ କାମୁଡ଼ି ଦେଇଥିଲା। ସକାଳେ ତାଙ୍କ ଅବସ୍ଥା ଗୁରୁତର ହେବା ପରେ ପରିବାର ସଦସ୍ୟଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସେମାନେ ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ବବ୍‌ଲୁଙ୍କୁ ମୃତ ଘୋଷଣା କରାଯାଇଥିଲା। ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିବା ପରେ ମଧ୍ୟ ପରିବାର ଆଶା ହରାଇ ନଥିଲେ। ସେମାନେ ପ୍ରଥମେ ତାଙ୍କୁ ଏକ ଘରୋଇ ହସ୍ପିଟାଲ ଏବଂ ତା'ପରେ ସରକାରୀ ମେଡିକାଲ କଲେଜକୁ ନେଇଯାଇଥିଲେ। ସେଠାରେ ଡାକ୍ତରମାନେ ତାଙ୍କୁ ପରୀକ୍ଷା କରି ମୃତ୍ୟୁ ନିଶ୍ଚିତ କରିଥିଲେ।

## ଭାରତରୁ ନେପାଳକୁ ପଶୁଛନ୍ତି ଶରଣାର୍ଥୀ

### ନେପାଳ ପୁଲିସ ମୁଖ୍ୟଙ୍କ ବଡ଼ ଖୁଲାସା

କାଠମାଣ୍ଡୁ, ୨୫।୭ଃ ନେପାଳର ଖୋଲା ସୀମାର ସୁଯୋଗ ନେଇ ଭାରତ ପଟୁ ବେଆଇନ ଭାବେ ରୋହିଙ୍ଗ୍ୟା ମୁସଲମାନ, ପାକିସ୍ତାନୀ ଏବଂ ସୋମାଲିଆର ନାଗରିକମାନେ ନେପାଳ ଭିତକୁ ପଶୁଛନ୍ତି। ନେପାଳ ପୁଲିସର ଇନ୍ସପେକ୍ଟର ଜେନେରାଲ (ଆଇଜିପି) ଦାନ ବାହାଦୂର କାର୍କୀ ଦେଶର ସଂସଦକୁ ଏକ ବଡ଼ ସୂଚନା ଦେଇ ଏହି ଦାବି କରିଛନ୍ତି। ନେପାଳ ସଂସଦର 'ସଂଘୀୟତା ସବଳୀକରଣ ତଥା ରାଷ୍ଟ୍ରୀୟ ସରୋକାର ସମିତି'ର ବୈଠକରେ ଦେଶର ସୁରକ୍ଷା ଚ୍ୟାଲେଞ୍ଜ ସମ୍ପର୍କରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ଆଇଜିପି କାର୍କୀ ଏହି ଚିନ୍ତାଜନକ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଆଇଜିପି ଦାନ ବାହାଦୁର କାର୍କୀଙ୍କ କହିବା ଅନୁଯାୟୀ, ଗତ କିଛିଦିନ ହେବ ଭାରତ ରାସ୍ତାରୁ ନେପାଳରେ ବେଆଇନ ଭାବେ ପ୍ରବେଶ କରୁଥିବା ଶରଣାର୍ଥୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏହି ବିଦେଶୀ ନାଗରିକମାନେ ପ୍ରାୟତଃ ଏକାଠି ହୋଇ ଗୋଷ୍ଠୀ ବା ସମୂହ କରି ନେପାଳର ବିଭିନ୍ନ ଅଞ୍ଚଳରେ ବସବାସ କରିବାକୁ ଚେଷ୍ଟା କରୁଛନ୍ତି। ସୀମା ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରି ଆଇଜିପି କାର୍କୀ କହିଛନ୍ତି ଯେ ଏହି ବେଆଇନ ଶରଣାର୍ଥୀମାନେ କେବଳ ବସବାସ କରୁନାହାନ୍ତି, ବରଂ ଡ୍ରଗ୍ସ ଚାଲାଣ ଭଳି ଅପରାଧରେ ମଧ୍ୟ ସମ୍ପୃକ୍ତ ରହୁଛନ୍ତି। ଏହା ନେପାଳର ଆଭ୍ୟନ୍ତରୀୟ ସୁରକ୍ଷା ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିଛି। ପୁଲିସ ଏପରି ଅନେକ ତସ୍କରଙ୍କୁ ଚିହ୍ନଟ କରି ଗିରଫ ମଧ୍ୟ କରିଛି।

### ମାଟି ଖୋଳୁଖୋଳୁ କୋଟିପତି

# ଭିଲ୍ଲା ତଳୁ ବାହାରିଲା ସୁନା ଭରା ସିନ୍ଦୁକ



ଭିଏନା, ୨୫।୭ଃ ଅଷ୍ଟ୍ରିଆର ରାଜଧାନୀ ଭିଏନାରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି। ଏକ ପୁରୁଣା ଭିଲ୍ଲାର ମରାମତି ଚାଲିଥିବା ବେଳେ ମାଟି ତଳୁ ବାହାରିଥିବା ଏକ ରସିକୁ ଟାଣିବା ପରେ ସେଠାରୁ ୨୩ କୋଟି ଟଙ୍କାର ସୁନା ଗଚ୍ଛିତ ଏକ ସିନ୍ଦୁକ ମିଳିଛି। ଭିଏନାର ପେନ୍‌ଜିଙ୍ଗ ଅଞ୍ଚଳରେ ଏକ ପୁରୁଣା ଭିଲ୍ଲାର ବେସମେଣ୍ଟରେ ମରାମତି କାମ ଚାଲିଥିଲା। ୬୬ ବର୍ଷୀୟ ଜଣେ ପ୍ଲମ୍ବର କଂକ୍ରିଟ୍ ଚଟାଣରୁ ଏକ ରହସ୍ୟମୟ ଦଉଡ଼ି ବାହାରକୁ ବାହାରିଥିବାର ଦେଖିବାକୁ ପାଇଥିଲେ। ସେ କୌତୂହଳବଶତଃ ଦଉଡ଼ିକୁ ଟାଣିବାକୁ ଚେଷ୍ଟା କରିଥିଲେ। ମାତ୍ର ତାହା ନ ବାହାରିବାରୁ ସେ ଏକ ଶାବଳ ସାହାଯ୍ୟରେ ଚଟାଣକୁ ଖୋଳିଥିଲେ। କିଛି ସମୟ ଖୋଳିବା ପରେ ଚଟାଣ ତଳେ ପୋତି ହୋଇ ରହିଥିବା ଏକ ସିନ୍ଦୁକ ଦେଖିଥିଲେ।

ସେହି ବାକ୍ସଟିକୁ ଖୋଲିବା ପରେ ସେଥିରେ ପ୍ରାୟ ୩୦ କିଲୋଗ୍ରାମ ଓଜନର ସୁନା ମୁଦ୍ରା ଭର୍ତ୍ତି ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଏହି ମୁଦ୍ରାଗୁଡ଼ିକରେ ସଙ୍ଗୀତଜ୍ଞ ୱଲ୍ଫଗ୍ୟାଙ୍ଗ୍ ଆମାଡିଉସ୍ ମୋଜାର୍ଟଙ୍କ ଫଟୋ ଖୋଦିତ ହୋଇଥିଲା। ସୁନା ପାଇଥିବା ପ୍ଲମ୍ବର ଜଣକ ଏକ ଜର୍ମାନ୍ ଟକ୍ ଶୋ'ରେ କହିଛନ୍ତି ଯେ, ଜୀବନରେ ଏମିତି ଘଟଣା ଅବିଶ୍ୱସନୀୟ। ମୁଁ ୧୫ ବର୍ଷ ବୟସରୁ କନଷ୍ଟ୍ରକ୍ସନ୍ କାମ କରୁଛି, କେବେ କେମିତି ଗୋଟିଏ ଦୁଇଟି ମୁଦ୍ରା ମିଳିଥାଏ। କିନ୍ତୁ ଏଭଳି ଗୁପ୍ତଧନ ମିଳିବା ନିଶ୍ଚିତ ଭାବେ ଅବିଶ୍ୱସନୀୟ। ସାଧାରଣତଃ ଅଧିକାଂଶ ଦେଶରେ ଏପରି ଗୁପ୍ତଧନ ମିଳିଲେ ସରକାର ତାହାକୁ ଜବତ କରିଥାନ୍ତି। କିନ୍ତୁ ଅଷ୍ଟ୍ରିଆ ଆଇନ୍ ଅନୁସାରେ, ମିଳିଥିବା ଗୁପ୍ତଧନର ମୂଲ୍ୟକୁ ସମ୍ପତ୍ତିର ମାଲିକ ଓ ଆବିଷ୍କାର କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ସମାନ ଦୁଇ ଭାଗ କରି ବଣ୍ଟାଯାଏ। ଏହି ନିୟମ ଅନୁସାରେ, ଏହି ୨୩ କୋଟି ଟଙ୍କାର ସୁନାରୁ ପ୍ଲମ୍ବର ଜଣକ ପ୍ରାୟ ୧୧.୫ରୁ ୧୨ କୋଟି ଟଙ୍କା ପାଇବେ।

**ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜ୍: ଈଶାନ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍**

# ଦ୍ୱିତୀୟ ମ୍ୟାଚ୍ ଜିତି ସିରିଜ୍ ଜିଣିଲା ଭାରତ

**ହରାରେ,୨୫।୭:** ଚଳିତ ଜିମ୍ବାୱେ ବିପକ୍ଷ ତିନି ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ୍ ଜିତିନେଇଛି ଭ୍ରମଣକାରୀ ଭାରତୀୟ ଦଳ। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ସହଜ ବିଜୟ ହାସଲ କରିଥିବା ଭାରତ ଆଜି ଦ୍ୱିତୀୟ ଟି-୨୦କୁ ୯୦ ରନ୍‌ରେ ଜିତିନେଇ ସିରିଜ୍‌କୁ ୨-୦ରେ ଜିତିନେଇଛି। ଏଥିସହ ଅଧିନାୟକ ଭାବେ ଶ୍ରେୟସ୍ ଆୟର୍ ତାଙ୍କ କ୍ୟାରିଅର୍‌ରେ ପ୍ରଥମ ସିରିଜ୍ ବିଜୟ ମଧ୍ୟ ଅର୍ଜନ କରିଛନ୍ତି। ପୂର୍ବରୁ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ପରାଜୟ ସହ ଶ୍ରେୟସ୍ ତାଙ୍କ ଅଧିନାୟକ କ୍ୟାରିଅର୍ ଆରମ୍ଭ କରିଥିଲେ। ବିସ୍ଫୋରକ ବ୍ୟାଟିଂ ପାଇଁ ବାମହାତୀ ବ୍ୟାଟ୍ସମ୍ୟାନ୍ ଈଶାନ୍ କିଶନ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ପ୍ରଥମେ ବ୍ୟାଟିଂ ପାଇ ଭାରତ ୫ ୱିକେଟ୍ ବିନିମୟରେ ୨୧୯ ରନ୍‌ର ବଡ଼ ସ୍କୋର୍ କରିଥିଲା। ଦଳ ପକ୍ଷରୁ ଈଶାନ୍ ମାତ୍ର ୪୪ଟି ବଲ୍ ଖେଳି ୯ଟି ଚୌକା ଓ ୨ଟି ଛକା ମାଧ୍ୟମରେ ସର୍ବାଧିକ ୮୧ ରନ୍ କରିଥିଲେ। ଏହାଛଡ଼ା ତିଲକ ବର୍ମା ମାତ୍ର ୨୯ ବଲ୍‌ରେ ୬୦ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ। ତାଙ୍କର ଏହି ଇନିଂସରେ ୫ଟି ଚୌକା ଓ ୩ଟି ଛକା ରହିଥିଲା। ଏଥିସହ ତିଲକ ଓ ଈଶାନ୍‌ଙ୍କ ମଧ୍ୟରେ ଚତୁର୍ଥ ୱିକେଟ୍ ପାଇଁ ୯୪ ରନ୍‌ର ବଳିଷ୍ଠ ପାର୍ଟନରସିପ୍ ହୋଇଥିଲା। ଓପନର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୯ଟି ବଲ୍ ଖେଳି ୩ଟି ଚୌକା ଓ ଗୋଟିଏ ଛକା ମାଧ୍ୟମରେ ୨୦ ରନ୍ କରିଥିଲେ।



ଜିମ୍ବାୱେ ପକ୍ଷରୁ ବ୍ଲେସିଙ୍ଗ୍ ମୁଜାରବାନି, ରିଚାର୍ଡ ଏନ୍‌ଗାରାଭା, ବ୍ରାଡ୍ ଇଭାନ୍ସ, ନ୍ୟୁମାନ୍ ନ୍ୟାମ୍‌ହୁରି ଓ ବ୍ରାଏନ୍ ବେନିଟ୍ ଗୋଟିଏ ଲେଖାଏଁ ୱିକେଟ୍ ଦଖଲ କରିଥିଲେ।

ବ୍ୟାଟିଂରେ ଜିମ୍ବାୱେ ୧୭.୫ ଓଭର୍‌ରେ ମାତ୍ର ୧୨୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର ବେନିଟ୍ ୩ଟି ଲେଖାଏଁ ଚୌକା ଓ ଛକା ସହ ସର୍ବାଧିକ ୩୨ ରନ୍ କରିଥିବା ବେଳେ ଟି. ମାରୁମାନି ଗୋଟିଏ ଲେଖାଏଁ ଚୌକା ଓ ଛକା ଜରିଆରେ ୨୪, ର୍‌ୟାନ୍ ବୁର୍ଲ ୨ଟି ଚୌକା ସହ ୨୦ ଏବଂ ଇଭାନ୍ସ ଗୋଟିଏ ଚୌକା ଓ ୨ଟି ଛକା ସହ ୧୯ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ଅଭିଷେକ ଶର୍ମା ସର୍ବାଧିକ ୩ଟି, ଡେବ୍ୟୁଟାଣ୍ଟ ଯଶ୍ ଠାକୁର ଓ ପ୍ରିନ୍ସ ଯାଦବ ୨ଟି ଏବଂ ରବି ବିଷ୍ଣୋଇ, ଶିବମ୍ ଦୁବେ ଓ ତିଲକ ବର୍ମା ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ସିରିଜ୍‌ର ଅନ୍ତିମ ଟି-୨୦ ଆସନ୍ତାକାଲି ଏଠାରେ ଖେଳାଯିବ।

## ଜ୍ୟୋତିଷଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା

**ଗୁରୁଣ୍ଡିଆ, ୨୫।୭ (ସଂଚାର ବ୍ୟୁରୋ):** ହାତ ଦେଖି ଭାଗ୍ୟ ଭବିଷ୍ୟତ ଗଣନା କରୁଥିବା ଜଣେ ହସ୍ତରେଖା ବିଷାରଦଙ୍କୁ ଜଣେ ଯୁବକ ଠେଙ୍ଗାରେ ପିଟି ପିଟି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ଘଟଣାଟି ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ଥାନା ଅଞ୍ଚଳରେ ଘଟିଛି। ଶନିବାର ଖୁସିରାମ କୁସୁମିରୁ ଯଜମାନି କାର୍ଯ୍ୟ ପାଇଁ ବାହାରିଥିଲେ। ଲଳିତ ଭବିଷ୍ୟତ ବିଷୟରେ ଜାଣିବା ପାଇଁ ଖୁସିରାମଙ୍କୁ କହିଥିଲେ। ଖୁସିରାମ ହାତ ଦେଖି ଲଳିତଙ୍କୁ କହିଥିଲେ ଯେ, 'ତୁମେ ଅତୀତରେ ତୁମ ପୁଅକୁ ହତ୍ୟା କରିଥିଲ। ବର୍ତ୍ତମାନ ଜନ୍ମରେ ଜଣେ ବିଧବା ସହ ଅବୈଧ ସମ୍ପର୍କ ରଖିଛ ବୋଲି କହିଥିଲେ। ଏଥିପାଇଁ ପରିବାରରେ ସର୍ବଦା ଅଶାନ୍ତି ଲାଗିଥିବା ଓ ଉନ୍ନତି ହେଉନାହିଁ ବୋଲି କହି ୧୨ ହଜାର ଟଙ୍କା ଦେଲେ ପୂଜାପୂଜି କରି ଘର ସଂସାର ସଜାଡ଼ି ଦେବି ବୋଲି କହିଥିଲେ। ପରେ ଲଳିତ ମୁଣ୍ଡାରୀ ନିଜ ଘରକୁ ଖୁସିରାମଙ୍କୁ ଡାକିନେଇ ଖୁସିରାମଙ୍କୁ ଠେଙ୍ଗାରେ ପିଟି ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇସ୍ତଫା ତାଙ୍କ...

ପ୍ରାଥମିକତା ଦେଇ ପଦବୀରୁ ଇସ୍ତଫା ଦେବା ପାଇଁ ସେ ଗ୍ରହଣ କରିଥିବା ନିଷ୍ପତ୍ତି ତାଙ୍କ ଉଚ୍ଚ ନୀତି ଆଦର୍ଶର ପରିଚାୟକ ବୋଲି ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସୂଚନା ଦେଇଛନ୍ତି। ଆହୁରି ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆଗାମୀ ଦିନରେ ତାଙ୍କର ଏହି କର୍ମମୟ ଯାତ୍ରା ଆହୁରି ଅଧିକ ସଫଳତା ଓ ପ୍ରତିଷ୍ଠା ଆଣିଦେବ ବୋଲି ଆମେ ଦୃଢ଼ ବିଶ୍ୱାସୀ ବୋଲି ସେ କହିଛନ୍ତି।

### ସ୍କୁଟି ବ୍ରେକଫେଲ୍...

କେତେକ ଲୋକ ସେମାନଙ୍କୁ ଉଦ୍ଧାର କରି ଗୁଣପୁର ମେଡିକାଲକୁ ନେଇଥିଲେ। କିନ୍ତୁ ଘଟଣାସ୍ଥଳରେ ହିଁ ଓଡ଼ିଶା ଅଡିଟରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଅଡିଟର ଗୁରୁତର ଭାବେ ଆହତ ହୋଇଥିଲେ। ଭୁବନେଶ୍ୱରରେ ଚିକିତ୍ସା ଚାଲିଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଛି। ଏହାଛଡ଼ା ସସ୍ମିତାଙ୍କ ଶରୀରରେ ଗଭୀର ଆଘାତ ଲାଗିଥିବା କାରଣରୁ ତାଙ୍କୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଡାକ୍ତରଖାନାକୁ ଅଧିକ ଚିକିତ୍ସା ପାଇଁ ରେଫର କରାଯାଇଥିଲା। କିନ୍ତୁ ବାଟରେ ପାରଳାଖେମୁଣ୍ଡି ନିକଟରେ ଶରୀର ନିଷ୍କ୍ରିୟ ହୋଇଯିବା କାରଣରୁ ପାରଳାଖେମୁଣ୍ଡି ମେଡିକାଲରେ ପୁଣି ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ।

### ଆଉ ୩ ମାସ...

ଜୁଲାଇ ୧ ପର୍ଯ୍ୟନ୍ତ ଲାଗୁ ରହିବ ବୋଲି ସ୍ପଷ୍ଟ କରାଯାଇଥିଲା। ସେହି ଅବଧି ଶେଷ ହୋଇଥିବାରୁ ପରବର୍ତ୍ତୀ ବ୍ୟବସ୍ଥାକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ନୂତନ ଆଦେଶ ଜାରି ହେବା ପରେ ଆଉ ତିନି ମାସ ପର୍ଯ୍ୟନ୍ତ ପୂର୍ବବର୍ତ୍ତୀ ବ୍ୟବସ୍ଥା ବଳବତ୍ତର ରହିବା ସହ ପାରିଶ୍ରମିକରେ କୌଣସି ପ୍ରଶାସନିକ ବାଧା ରହିବ ନାହିଁ। ରାଜ୍ୟପାଳଙ୍କ ଆଦେଶ କ୍ରମେ ଅର୍ଥ ବିଭାଗର ଯୁଗ୍ମ ସଚିବ ଅନିଲ କୁମାର ପୁରୋହିତ ଏହି ମେମୋରାଣ୍ଡମ୍ ଜାରି କରିଛନ୍ତି।

### ସ୍ୱାଭିମାନ ଅଞ୍ଚଳରୁ...

ଡିଟୋନେଟର, ୫୦୦ ଗ୍ରାମ ଗନ୍ ପାଉଡର, ୩ ମିଟର କୋର୍ଡେକ୍ସ ତାର, ଗୋଟିଏ ଛୋଟ ସୋଲାର ପ୍ୟାନେଲ, ଗୋଟିଏ ରେଡିଓ, ୨ଟି ଟର୍ଚ୍ଚ ଲାଇଟ୍, ଗୋଟିଏ ଜେଟ୍ ସ୍ପ୍ରେ ପାଇପ୍ ଓ ୨୫ ମିଟର ବିଦ୍ୟୁତ୍ ତାର ରହିଛି। ଏକଦା ଜୋଡ଼ାମ୍ବ ଥାନାଞ୍ଚଳ ମାଓବାଦୀଙ୍କ ଗଡ଼ ଭାବେ ପରିଚିତ ଥିଲା। ସେତେବେଳେ ପୁଲିସ ଓ ସୁରକ୍ଷାକର୍ମୀମାନଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀମାନେ ଏହି ବିସ୍ଫୋରକ ସାମଗ୍ରୀ ଜଙ୍ଗଲରେ ଲୁଚାଇ ରଖିଥିବା ବିଏସ୍‌ଏଫ୍ ଅନୁମାନ କରିଛି।

### କ୍ଷମତା ଛାଡ଼ିବା...

କିଛି ବାହାରର ଶକ୍ତି। ଆରମ୍ଭରୁ ନିଜ ମୁଣ୍ଡକୁ ଦାୟିତ୍ୱ ନେଇ ପରୀକ୍ଷାର୍ଥୀଙ୍କ ଗୋଟିଏ ବର୍ଷ ନଷ୍ଟ ହେବାକୁ ଦେଇ ନ ଥିଲେ। ସାନି ପରୀକ୍ଷା କରାଇବା ଓ ଅଳ୍ପ ଦିନ ମଧ୍ୟରେ ଫଳ ପ୍ରକାଶ କରାଇଥିଲେ। ହେଲେ ବିରୋଧୀଙ୍କ ପାଇଁ ସବୁବେଳେ କଣ୍ଟା ସାଜିଥିବା ଧର୍ମେନ୍ଦ୍ରଙ୍କୁ ରାସ୍ତାରୁ ହଟାଇବାକୁ କିଛି ଅରାଜକତାବାଦୀ ଶକ୍ତି ଏକାଠି ହୋଇଥିଲେ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଠେଲିଦେଇଥିଲେ। ଏହା ଜାଣିବା ପରେ ପ୍ରଧାନମନ୍ତ୍ରୀଙ୍କ ଅନିଚ୍ଛା ସତ୍ତ୍ୱେ ଅଖଣ୍ଡ କ୍ଷମତାକୁ ପଛ କରି ଧର୍ମେନ୍ଦ୍ର ଦେଶର ହିତ ଦୃଷ୍ଟିରୁ ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଦେଇଦେଲେ। ତେବେ ଗତ ଦୁଇ ବର୍ଷ ମଧ୍ୟରେ ପରୀକ୍ଷା ପରିଚାଳନାରେ ସୁବ୍ୟବସ୍ଥା ପାଇଁ ନିଜ ମନ୍ତ୍ରଣାଳୟରେ ଯେଉଁ କେତେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଯାଇଛନ୍ତି, ତାହା ସବୁଦିନ ପାଇଁ ନିଶ୍ଚୟ ସ୍ମରଣୀୟ ହୋଇ ରହିବ।

### ପ୍ରତିଷ୍ଠା ନୁହେଁ...

ଯୁବ ପିଢ଼ିର ସ୍ୱପ୍ନକୁ ସାକାର କରିବା ଆମ ସମସ୍ତଙ୍କ ରାଜନୈତିକ ଓ ସାମାଜିକ ଜୀବନର ନୈତିକ ସଙ୍କଳ୍ପ ରହିଛି। ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ରାଷ୍ଟ୍ରର ସେବା କରିବାର ଯେଉଁ ସୁଯୋଗ ତାଙ୍କୁ ମିଳିଥିଲା, ସେଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ମେ' ୩ ତାରିଖରେ ହୋଇଥିବା ନିଟ୍-ୟୁଜି ପରୀକ୍ଷାରେ ଅନିୟମିତତା ଦେଖାଯାଇଥିଲା। କେନ୍ଦ୍ର ସରକାର ଏହାକୁ ତୁରନ୍ତ ଗୁରୁତର ସହ ନେଇ ସିବିଆଇକୁ ସମର୍ପଣ କରିଥିଲେ ଓ ପରୀକ୍ଷାକୁ ବାତିଲ କରି ପୁନଃପରୀକ୍ଷାର ତାରିଖ ଘୋଷଣା କରିଥିଲେ। ଏଥିସହ ଆଗାମୀ ବର୍ଷରୁ ଏହି ପରୀକ୍ଷାକୁ ସିବିଟି (କମ୍ପ୍ୟୁଟର ବେସଡ୍ ଟେଷ୍ଟ) ମୋଡ୍‌ରେ କରିବାର ନିଷ୍ପତ୍ତି ନିଆଯାଇଥିଲା। ଏହି ସମୟରେ ଆମର ମୁଖ୍ୟ ପ୍ରାଥମିକତା ଥିଲା ଯେ ୨୦ ଲକ୍ଷରୁ ଅଧିକ ଛାତ୍ରଙ୍କ ପରୀକ୍ଷା ସୁଚାରୁ ରୂପେ ଆୟୋଜିତ ହେଉ। ଏଥିପାଇଁ ପୂରା ସରକାର ଆନ୍ତରିକତାର ସହ କାର୍ଯ୍ୟ କରିଥିଲା। ଏଥିରେ କେନ୍ଦ୍ର ସରକାର ସହ ରାଜ୍ୟ ସରକାର, ବିଶେଷକରି ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଛାତ୍ର, ଅଭିଭାବକ ଓ ମାତାପିତାଙ୍କ ସହଯୋଗରେ ଜୁନ ୨୧ ତାରିଖରେ ଏହି ପରୀକ୍ଷା ସମ୍ପୂର୍ଣ୍ଣ ହୋଇଥିଲା। ସେ କହିଛନ୍ତି ଯେ ପ୍ରଶ୍ନପତ୍ର ଲିକର ପ୍ରଥମ ଦିନରୁ ସେ ଦାୟିତ୍ୱ ନେଇଥିଲେ ଓ ଏହି ପରିସ୍ଥିତିରୁ କେବେ ମୁହଁ ଫେରାଇ ନ ଥିଲେ। ତାଙ୍କର ସଙ୍କଳ୍ପ ଥିଲା ଯେ ଆମେ କୌଣସି ମେଧାବୀ ଛାତ୍ରର ଭବିଷ୍ୟତ କୌଣସି ପରୀକ୍ଷା ମାଫିଆ କାରଣରୁ ନଷ୍ଟ ହେବାକୁ ଦେବୁ ନାହିଁ, କୌଣସି ଛାତ୍ର ସହ ଅନ୍ୟାୟ ହେବାକୁ ଦେବୁ ନାହିଁ। ଜୁଲାଇ ୧୬ ତାରିଖରେ ଘୋଷିତ ନିଟ୍-ୟୁଜିର ଫଳାଫଳ ସନ୍ତୋଷଜନକ ରହିଥିଲା, ଯେଉଁଥିରେ ଗରିବ ପରିବେଶରୁ ଆସିଥିବା ଅନେକ ମେଧାବୀ ଛାତ୍ରମାନେ ମଧ୍ୟ ସଫଳତା ପାଇଥିଲେ। ତଥାପି ଏହି ସମୟରେ ମଧ୍ୟ ଅନେକ ଛାତ୍ରଙ୍କୁ ଭ୍ରମରେ ପକାଇବା ପାଇଁ ଦାୟିତ୍ୱପୂର୍ଣ୍ଣ ପଦରେ ଥିବା ବ୍ୟକ୍ତିମାନେ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ, ଯାହାଦ୍ୱାରା ମନ ଅତ୍ୟନ୍ତ ବ୍ୟଥିତ ହୋଇଥିଲା ବୋଲି ସେ କହିଛନ୍ତି। 'ମୁଁ ସର୍ବଦା ଆମ ପ୍ରଜାତନ୍ତ୍ରର ଶକ୍ତି ଉପରେ ଅତୁଟ ବିଶ୍ୱାସ ରଖିଥିବା ବ୍ୟକ୍ତି ଓ ଯୁବକମାନଙ୍କ ଆକାଂକ୍ଷା, ସ୍ୱପ୍ନ ଓ ଅପେକ୍ଷାଗୁଡ଼ିକର ଗଭୀର ସମ୍ମାନ କରି ଆସିଛି। ସେମାନେ କେବଳ ଭାରତର ଭବିଷ୍ୟତ ନୁହଁନ୍ତି, ବରଂ ଏକ ନୂତନ ଓ ବିକଶିତ ଭାରତର ବାହକ, ନିର୍ମାତା ଓ ଭବିଷ୍ୟତର ଶିଳ୍ପକାର ମଧ୍ୟ। ଗତ ୧୦ ଦିନର ଘଟଣାକ୍ରମ ଦେଖି ମୋର ମନ ଦୁଃଖିତ। ଏହା ମୋ ପାଇଁ ବ୍ୟକ୍ତିଗତ ପ୍ରତିଷ୍ଠାର ବିଷୟ ନୁହେଁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେ କହିଛନ୍ତି ଯେ ଭାରତର ଯୁବଶକ୍ତି ହିଁ ଏହି ଦେଶର ପ୍ରକୃତ ଶକ୍ତି। ଦେଶର ଯୁବଶକ୍ତିକୁ ଭ୍ରମର କୁଚକ୍ରରେ ଫସାଇବାକୁ ଦେବୁ ନାହିଁ, ଏହା ହିଁ ମୋର ସଙ୍କଳ୍ପ। ଜନ୍ତର-ମନ୍ତର ଏବଂ ଦେଶରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ଏହି ପରିସ୍ଥିତିରୁ ରାଷ୍ଟ୍ରବିରୋଧୀ ଶକ୍ତିମାନେ ଲାଭ ନ ଉଠାନ୍ତୁ, ଦେଶର ଏକତା ବଜାୟ ରହୁ, ଭାରତର ଗୋଟିଏ ମଧ୍ୟ ବିଦ୍ୟାର୍ଥୀର ଭବିଷ୍ୟତ ଆଇନଗତ ଜଟିଳତାରେ ନ ଫସୁ, ଆମ ପିଲାମାନେ ନିଜ ସମୟ ପଢ଼ାପଢ଼ିରେ ଲଗାନ୍ତୁ, କ୍ୟାରିଅର ଗଢ଼ିବା ଉପରେ ଧ୍ୟାନ ଦିଅନ୍ତୁ, ଏହି କଥା ଚିନ୍ତା କରି ସେ ତାଙ୍କର ତ୍ୟାଗପତ୍ର ପ୍ରଧାନମନ୍ତ୍ରୀଙ୍କୁ ପଠାଇଥିବା କହିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ, ବିଶ୍ୱାସ ଓ ନିରନ୍ତର ସହଯୋଗ ପାଇଁ ସେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଷ୍ଟ୍ରସେବା ତାଙ୍କ ଜୀବନର ସର୍ବୋଚ୍ଚ ପ୍ରାଥମିକତା ଓ ଏଥିପାଇଁ ସେ ସର୍ବଦା ସମର୍ପିତ ରହିବେ ବୋଲି କହିଛନ୍ତି। 'ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ମୁଁ ଭବିଷ୍ୟତରେ ମଧ୍ୟ ଭାରତମାତା, ଓଡ଼ିଶାର ଜନତା ତଥା ଦେଶର ଯୁବକମାନଙ୍କ ଆକାଂକ୍ଷା ପୂରଣ ପାଇଁ ସମସ୍ତ ସମ୍ଭବ ଉପାୟରେ ନିଜକୁ ସମର୍ପିତ ରଖିବି' ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ରାଜବେଶରେ ଦର୍ଶନ...

ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ସ୍ୱର୍ଣ୍ଣ ଚକ୍ର, ରୌପ୍ୟ ଶଙ୍ଖ, ହରିଡ଼ା, ବାହାଡ଼ା ମାଳି, ତାବିଜ ମାଳି, ସେବତୀ ମାଳି ଓ ତ୍ରିଖଣ୍ଡିକା କମରପଟି ଭଳି ଅଳଙ୍କାରରେ ସଜ୍ଜିତ ହୋଇଛନ୍ତି। ସେହିଭଳି ଶ୍ରୀବଳଭଦ୍ରଙ୍କୁ ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣି, କୁଣ୍ଡଳ, ତ୍ରିଖଣ୍ଡିକା କମରପଟି, ଚନ୍ଦ୍ରସୂର୍ଯ୍ୟ, ସେବତୀ ମାଳି, ଆଡ଼କାନି, ବାଘନଖ ମାଳି, ଘାଗଡ଼ା ମାଳି, ବାହାଡ଼ା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବା କଣ୍ଠି, ହଳ ଓ ମୂଷଳ ଆଦି ଅଳଙ୍କାର ଲାଗି ହୋଇଛି। ଦେବୀ ସୁଭଦ୍ରା କିରୀଟ, ଓଡ଼ିଆଣି, କାନ, ଚନ୍ଦ୍ରସୂର୍ଯ୍ୟ, ଘାଗଡ଼ା ମାଳି, କଦମ୍ବ ମାଳି, ୨ଟି ତଗଡ଼ି, ସେବତୀ ମାଳି ଆଦିରେ ସଜ୍ଜିତ ହୋଇଛନ୍ତି। ଭକ୍ତମାନଙ୍କର ଶୃଙ୍ଖଳିତ ଦର୍ଶନ ତଥା ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରତିବର୍ଷ ଭଳି ମାର୍କେଟ୍ ଛକରୁ ବଡ଼ଦାଣ୍ଡରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଭକ୍ତ ବଡ଼ଦାଣ୍ଡରେ ବାମପାର୍ଶ୍ୱରୁ ଦର୍ଶନ ପାଇଁ ପ୍ରବେଶ କରୁଛନ୍ତି। ରଥ ଆଗ ଦେଇ ଭକ୍ତମାନେ ଦର୍ଶନ ସାରିବା ପରେ ଡାହାଣ ପାର୍ଶ୍ୱରେ ପ୍ରସ୍ଥାନ କରୁଛନ୍ତି। ବାହୁଡ଼ା ଯାତ୍ରା ପରେ ଆଷାଢ଼ ଶୁକ୍ଳ ଏକାଦଶୀରେ ସିଂହଦ୍ୱାର ସମ୍ମୁଖରେ ରଥ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ସୁନାବେଶରେ ଭକ୍ତମାନଙ୍କୁ ଦିବ୍ୟ ଦର୍ଶନ ଦେଇଥାନ୍ତି। ଆସନ୍ତାକାଲି ଅଧରପଣା ନୀତି ଓ ଶ୍ରୀଗରୁଡ଼ ଶୟନ ନୀତି ଓ ୨୭ରେ ତ୍ରୟୋଦଶୀରେ ନୀଳାଦ୍ରି ବିଜେ ପର୍ବ ଅନୁଷ୍ଠିତ ହେବ।

### ଖୋଲା ବଜାରରୁ...

ଆର୍ଥିକ ବର୍ଷରେ ଓଡ଼ିଶା ମୋଟ ୨୦,୭୮୦ କୋଟି ଟଙ୍କାର ଋଣ ଖୋଲା ବଜାରରୁ ଆଣିଥିବା ବେଳେ ୩୦୦୦ କୋଟି ଟଙ୍କାର ପୁରୁଣା ଋଣ ପରିଶୋଧ କରିବା ପରେ ନିଟ୍ ଋଣ ୧୭,୭୮୦ କୋଟି ଟଙ୍କା ରହିଥିଲା। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ଖୋଲା ବଜାରରୁ ୧୧ ହଜାର କୋଟି ଟଙ୍କା ଋଣ ଆଣିଥିଲା ଓ ୨ ହଜାର କୋଟି ଟଙ୍କା ପରିଶୋଧ କରିଥିବା ଯୋଗୁ ନିଟ୍ ଋଣ ୯ ହଜାର କୋଟି ଟଙ୍କା ରହିଥିଲା। ଚଳିତ ବର୍ଷ ଏବେ ସୁଦ୍ଧା ମାତ୍ର ୧୦୦୦ କୋଟି ଟଙ୍କାର ଋଣ ଖୋଲା ବଜାରରୁ ଆଣି ନିଜର ସୁଦୃଢ଼ ଆର୍ଥିକ ପରିଚାଳନାର ପ୍ରମାଣ ଦେଇଛି। ସରକାରୀ ସିକ୍ୟୁରିଟି ଜରିଆରେ ସଂଗୃହୀତ ଏହି ୧୦୦୦ କୋଟି ଟଙ୍କାର ଦୀର୍ଘମିଆଦୀ ଅର୍ଥରାଶିକୁ ରାଜ୍ୟ ସରକାର ପ୍ରାଥମିକ ଭିତ୍ତିଭୂମି ବିକାଶ, ପୁଞ୍ଜିଗତ ବ୍ୟୟ ଓ ଦୀର୍ଘମିଆଦୀ ଜନକଲ୍ୟାଣକାରୀ ପ୍ରକଳ୍ପ ସମୂହର ସଫଳ ରୂପାୟନରେ ବିନିଯୋଗ କରିବେ ବୋଲି ଅର୍ଥ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ ୨୦୨୬ ଫେବ୍ରୁଆରୀ ଶେଷ ସୁଦ୍ଧା ରାଜ୍ୟର ମୋଟ ଋଣ ଭାର ୧ ଲକ୍ଷ ୨୫ ହଜାର ୯୫୧ କୋଟି ଟଙ୍କା ଥିବା ବେଳେ ମୁଣ୍ଡପିଛା ଋଣ ବୋଝ ୨୬୭୮୩ ଟଙ୍କା ରହିଥିଲା। ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶା ମୋଟ ୪୭୮୦୦ କୋଟି ଟଙ୍କାର ଋଣ ଆହରଣ, ୨୨ ହଜାର କୋଟି ଟଙ୍କାର ଋଣ ପରିଶୋଧ ଓ ୮୨୦୦ କୋଟି ଟଙ୍କାର ସୁଧ ପରିଶୋଧ ନିମନ୍ତେ ବଜେଟ୍‌ରେ ପ୍ରସ୍ତାବ ରହିଛି।

## ଆସାମ ବନ୍ୟା ମୃତ୍ୟୁ ସଂଖ୍ୟା ୬୧କୁ ବୃଦ୍ଧି

**କୋଲକାତା,୨୫।୭(ସଂଚାର ବ୍ୟୁରୋ):** ଆସାମରେ ବନ୍ୟା ପରିସ୍ଥିତି କ୍ରମଶଃ ଭୟଙ୍କର ରୂପ ନେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୧୪ ଜଣଙ୍କର ମୃତ୍ୟୁ ହୋଇଛି, ଯାହା ଫଳରେ ମୋଟ ମୃତ୍ୟୁ ସଂଖ୍ୟା ୬୧ରେ ପହଞ୍ଚିଛି। ରାଜ୍ୟର ୧୨ଟି ଜିଲ୍ଲା ବନ୍ୟାରେ ବୁଡ଼ି ରହିଛି, ଯାହା ୭ ଲକ୍ଷ ୫ ହଜାରରୁ ଅଧିକ ଲୋକଙ୍କୁ ପ୍ରଭାବିତ କରିଛି। ବିପର୍ଯ୍ୟୟ ପରିଚାଳନା ଦଳ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି, ଅନ୍ୟପଟେ ହଜାର ହଜାର ଲୋକ ସୁରକ୍ଷା ପାଇଁ ରିଲିଫ୍ ଶିବିରରେ ଆଶ୍ରୟ ନେଉଛନ୍ତି।

## ନବଦ୍ୱୀପ ଓ ମାୟାପୁରରେ ବାହୁଡ଼ା, ଭକ୍ତଙ୍କ ଭିଡ଼



**କୋଲକାତା,୨୫।୭ (ସଂଚାର ବ୍ୟୁରୋ):** ପ୍ରଚଣ୍ଡ ଗରମକୁ ସହ୍ୟ କରି ନବଦ୍ୱୀପ ଓ ମାୟାପୁରରେ ବାହୁଡ଼ା ଯାତ୍ରାରେ ବିଶାଳ ଜନସମାଗମ ହୋଇଥିଲା। ଶୁକ୍ରବାର ପ୍ରଭୁ ଜଗନ୍ନାଥଙ୍କ ବାହୁଡ଼ାଯାତ୍ରା ଉତ୍ସବର ଅଂଶ ଭାବରେ ମାୟାପୁରର ଇସ୍କନ ଗୁଣ୍ଡିଚା ମନ୍ଦିରରୁ ରାଜାପୁରରେ ଥିବା ତାଙ୍କ ମନ୍ଦିରକୁ ଫେରି ଆସିଥିଲେ। ଇସ୍କନ ସନ୍ନ୍ୟାସୀଙ୍କ ସହିତ ନଦିଆର ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ତରୁଣ କୁମାର ମଣ୍ଡଳ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଜୁଲାଇ ୧୬ ତାରିଖରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା ମାୟାପୁର ଇସ୍କନର ଚନ୍ଦ୍ରୋଦୟ ମନ୍ଦିରରେ ପହଞ୍ଚିବା ପାଇଁ ରାଜାପୁରର ଜଗନ୍ନାଥ ମନ୍ଦିରରୁ ପ୍ରାୟ ପାଞ୍ଚ କିଲୋମିଟର ଯାତ୍ରା କରିଥିଲେ। ପଞ୍ଚତତ୍ତ୍ୱ ମନ୍ଦିର ପରିସରରେ ଜଗନ୍ନାଥଙ୍କ 'ମାଉସୀ ଘର'ର ପ୍ରତୀକ ସ୍ୱରୂପ ଏକ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର ସ୍ଥାପନ କରାଯାଇଥିଲା। ସେମାନଙ୍କ ରହଣି ସମୟରେ, ପ୍ରତିଦିନ ପ୍ରଭୁ ଜଗନ୍ନାଥଙ୍କୁ ପାରମ୍ପରିକ ଛପନ ଭୋଗ ଅର୍ପଣ କରାଯାଉଥିଲା, ଯାହା ଦେଶ ଏବଂ ବିଦେଶରୁ ଭକ୍ତଙ୍କ ଭିଡ଼କୁ ଆକର୍ଷିତ କରୁଥିଲା। ଶୁକ୍ରବାର ଭୋରରୁ ରାଜାପୁର ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା।

## ନାବାଳିକାଙ୍କୁ ଯୌନ ନିର୍ଯାତନା ଅଭିଯୋଗ, ଜଣେ ଗିରଫ

**କୋଲକାତା,୨୫।୭(ସଂଚାର ବ୍ୟୁରୋ):** ଜଣେ ନାବାଳିକାକୁ ଯୌନ ନିର୍ଯାତନା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଏହି ଘଟଣାଟି ସର୍ଭେ ପାର୍କ ଥାନା ଅଞ୍ଚଳରେ ଘଟିଛି। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଦୀର୍ଘ ଦିନ ଧରି ନାବାଳିକାକୁ ହଇରାଣ କରିଆସୁଥିଲା। ବୁଧବାର ସେ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲା। ସର୍ଭେ ପାର୍କ ମହିଳା ଥାନାରେ ମାମଲା ରୁଜୁ ହେବା ପରେ ଗୁରୁବାର ରାତିରେ ଅଭିଯୁକ୍ତକୁ ଗିରଫ କରାଯାଇଛି। ତାଙ୍କ ବିରୁଦ୍ଧରେ ପୋକ୍ସୋ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ତାଙ୍କ ଲିଖିତ ଅଭିଯୋଗରେ ନାବାଳିକା ଜଣକ କହିଛନ୍ତି ଯେ ଅଭିଯୁକ୍ତ ସର୍ଭେ ପାର୍କ ଅଞ୍ଚଳର ବାସିନ୍ଦା। ପ୍ରତିଦିନ ତାଙ୍କୁ ଅନୁସରଣ କରୁଥିଲେ ଓ ବିଭିନ୍ନ ଅଶ୍ଳୀଳ ମନ୍ତବ୍ୟ ଦେଉଥିଲେ। ଯଦିଓ ନାବାଳିକା ଜଣକ ପ୍ରତିବାଦ କରିଥିଲେ ଯୁବକ ତାଙ୍କୁ ହଇରାଣ କରି ଚାଲିଥିଲେ। ବୁଧବାର ଦିନ ସେ ନାବାଳିକାକୁ ଅନୁସରଣ କରୁଥିଲେ ଏବଂ ତାଙ୍କ ଘରେ ପ୍ରବେଶ କରି ଯୌନ ନିର୍ଯାତନା ଦେଇଥିଲେ। ପୀଡ଼ିତା ଜଣକ ଚିତ୍କାର କରିବା ପରେ ସେ ପଳାଇ ଯାଇଥିଲେ। ପରବର୍ତ୍ତୀ ସମୟରେ ସର୍ଭେ ପାର୍କ ମହିଳା ଥାନାରେ ଏକ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରାଯାଇଥିଲା। ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ସେ ସର୍ଭେ ପାର୍କ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଥିଲା ଏବଂ ଏକ ତଲ୍ଲାସୀ ଅଭିଯାନ ପରେ ତାଙ୍କୁ ଗିରଫ କରିଛି।

**● ମିଚିଗାନରେ ରହସ୍ୟମୟ ଅଗ୍ନିକାଣ୍ଡ**

## ୬ ଶିଶୁ ସମେତ ପରିବାରର ୮ ମୃତ

**ୱାଶିଂଟନ, ୨୫।୭:** ଆମେରିକାର ମିଚିଗାନ୍ ରାଜ୍ୟର ଗ୍ରାଣ୍ଡ ହାଭେନ୍ ଟାଉନ୍‌ଶିପ୍‌ରେ ଘଟିଥିବା ଏକ ରହସ୍ୟମୟ ଅଗ୍ନିକାଣ୍ଡରେ ଗୋଟିଏ ପରିବାରର ୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ଶିଶୁ ଓ ୨ ଜଣ ପ୍ରାପ୍ତବୟସ୍କ ଥିବାବେଳେ କେତେକଙ୍କ ଶରୀରରେ ଗୁଳି ଚିହ୍ନ ମିଳିଛି। ଅଟାୱା କାଉଣ୍ଟି ଶେରିଫ୍ କାର୍ଯ୍ୟାଳୟର ସୂଚନା ଅନୁସାରେ, ଶୁକ୍ରବାର ପୂର୍ବାହ୍ଣରେ ରିଭରସାଇଡ୍ ଟ୍ରେଲ୍ ଅଞ୍ଚଳର ଏକ ଘରରୁ ଧୂଆଁ ବାହାରୁଥିବା ଖବର ମିଳିବା ପରେ ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚିଥିଲେ। ନିଆଁକୁ ଆୟତ୍ତ କରିବା ପରେ ସେମାନେ ଘର ଭିତରୁ ୮ଟି ମୃତଦେହ ଉଦ୍ଧାର କରିଥିଲେ। ଏହା ପୂର୍ବରୁ ସେହିଦିନ ସକାଳ ପ୍ରାୟ ୮ଟା ୩୦ ମିନିଟ୍‌ରେ ଧୂଆଁର ଗନ୍ଧ ଆସୁଥିବା ନେଇ ଖବର ମିଳିଥିଲା, କିନ୍ତୁ ସେତେବେଳେ ଅଗ୍ନିକାଣ୍ଡର କୌଣସି ଚିହ୍ନ ମିଳି ନଥିଲା।

## ନିଃସ୍ୱାର୍ଥ ସେବାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଧର୍ମେନ୍ଦ୍ର: ପୃଥ୍ୱୀରାଜ



**ଭୁବନେଶ୍ୱର, ୨୫।୭ (ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ପ୍ରତିକ୍ରିୟା ରଖିଛନ୍ତି ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ ଭାରତର ଶିକ୍ଷା ବ୍ୟବସ୍ଥାକୁ ନୂତନ ଦିଗ ଦେବାରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ ସର୍ବଦା ସ୍ମରଣୀୟ। ଦୀର୍ଘ ଦଶନ୍ଧିରୁ ଅଧିକ ସମୟ ଧରି ସେ ଛାତ୍ର ସମାଜ, ଶିକ୍ଷକ ଏବଂ ଶିକ୍ଷା ସଂସ୍କାର ପ୍ରତି ସମର୍ପିତ ରହିଆସିଛନ୍ତି। ତାଙ୍କର ଦୃଢ଼ ବିଶ୍ୱାସ ଯେ ଏକ ଦୂରଦୃଷ୍ଟିସମ୍ପନ୍ନ ଓ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ହିଁ ଏକ ଶକ୍ତିଶାଳୀ ରାଷ୍ଟ୍ରର ମୂଳ ଆଧାର।

ଛାତ୍ର ଆନ୍ଦୋଳନରୁ ଆରମ୍ଭ କରି ଦେଶର କେନ୍ଦ୍ର ଶିକ୍ଷାମନ୍ତ୍ରୀ ପର୍ଯ୍ୟନ୍ତ ତାଙ୍କର ପ୍ରେରଣାଦାୟୀ ଯାତ୍ରା ସେବା, ସମର୍ପଣ, ସଂଗଠନ ପ୍ରତି ନିଷ୍ଠା ଓ ରାଷ୍ଟ୍ରହିତ ପ୍ରତି ଅତୁଟ ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ଉଦାହରଣ। କେନ୍ଦ୍ର କ୍ୟାବିନେଟରେ ଐତିହାସିକ ଜାତୀୟ ଶିକ୍ଷା ନୀତି-୨୦୨୦ର ପ୍ରଭାବୀ କାର୍ଯ୍ୟାନ୍ୱୟନ ପ୍ରତ୍ୟେକ ପଦକ୍ଷେପ ଭାରତର ଶିକ୍ଷା କ୍ଷେତ୍ରକୁ ଏକ ନୂତନ ଦିଗ ପ୍ରଦାନ କରିଛି। ଜ୍ଞାନ, କୌଶଳ, ନବସୃଜନ ଓ ଭାରତୀୟ ମୂଲ୍ୟବୋଧର ସମନ୍ୱୟ ମାଧ୍ୟମରେ ଆତ୍ମନିର୍ଭର ଓ ବିକଶିତ ଭାରତ ଗଠନର ଲକ୍ଷ୍ୟକୁ ସେ ଦୃଢ଼ତାର ସହ ଆଗେଇ ନେବାରେ ସେ ତାଙ୍କର ସକ୍ଷମତା ପ୍ରକାଶ କରିଛନ୍ତି ବୋଲି ସେ କହିଛନ୍ତି।

ସେ ସର୍ବଦା ବିଶ୍ୱାସ କରିଆସିଛନ୍ତି ଯେ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ତାହାର ଯୁବଶକ୍ତି ଏବଂ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଉପରେ ନିର୍ଭରଶୀଳ। ଏହି ଦୂରଦର୍ଶୀ ଚିନ୍ତାଧାରାକୁ ଆଧାର କରି ସେ ଶିକ୍ଷା ସଂସ୍କାର, ଗବେଷଣା, ଦକ୍ଷତା ବିକାଶ, ନବସୃଜନ ଏବଂ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ଜନ୍ମମାଟି ଓଡ଼ିଶାରୁ ଆରମ୍ଭ କରି ସମଗ୍ର ଦେଶର ସେବାରେ ତାଙ୍କ ନିଷ୍ଠା, ଦୂରଦର୍ଶୀ ନେତୃତ୍ୱ ଏବଂ ରାଷ୍ଟ୍ର ଗଠନ ପ୍ରତି ଅକ୍ଳାନ୍ତ ସମର୍ପଣ ନିଶ୍ଚିତ ଭାବେ ପ୍ରେରଣାଦାୟକ ଓ ପ୍ରଶଂସନୀୟ ବୋଲି ପୃଥ୍ୱୀରାଜ କହିଛନ୍ତି।

## ରଥଯାତ୍ରାକୁ ନେଇ ହୀନ ରାଜନୀତି କରୁଛି ବିଜେଡି



**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ବିଜେପି ସରକାର ରଥଯାତ୍ରାକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରିବା ପାଇଁ ସାଧାରଣ ଜନତାଙ୍କ ସହଯୋଗରେ ଭରପୂର ପ୍ରୟାସ କରିଛି। ରଥଯାତ୍ରାରେ ପ୍ରତ୍ୟେକ ବର୍ଷ ଦର୍ଶନାର୍ଥୀଙ୍କ ଭିଡ଼ ଆଶାତୀତ ଭାବେ ବୃଦ୍ଧି ପାଉଛି। ସେହି ପରିପ୍ରେକ୍ଷୀରେ କାଁଭାଁ କିଛି ଅସ୍ୱାଭାବିକ ଘଟଣା ଘଟିବା ଆମ୍ଭମାନଙ୍କୁ ମର୍ମାହତ କରିଛି। ସରକାର ସେନେଇ ସଚେତନ ଥିବା ସହ ଭବିଷ୍ୟତରେ କିଭଳି ଆଉ ଦୁର୍ଘଟଣା ନ ଘଟିବ, ସେ ଦୃଷ୍ଟିରୁ ପ୍ରୟାସରତ ଅଛନ୍ତି। ଯେଉଁମାନଙ୍କ ଦେହାନ୍ତ ହୋଇଛି, ସେନେଇ ସରକାର ଦୁଃଖ ପ୍ରକାଶ କରିବା ସହ କେଉଁ ପରିସ୍ଥିତିରେ ଏଭଳି ଦୁର୍ଘଟଣା ହୋଇଛି, ତାହାର କାରଣ ଓ ନିରାକରଣ ସମ୍ପର୍କରେ ତଦନ୍ତ କରୁଛନ୍ତି। ଏନେଇ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଉଛି। କିନ୍ତୁ ବିଜେଡି ଜଗନ୍ନାଥଙ୍କ ରଥଯାତ୍ରାକୁ ନେଇ ଅତ୍ୟନ୍ତ ଘୃଣ୍ୟ ଓ ହୀନ ରାଜନୀତି କରୁଛି ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ରଥଯାତ୍ରା ହେଉ ବା ତଦନ୍ତ କମିଶନ ହେଉ, ସେ ସମ୍ପର୍କରେ କିଛି କହିବା ପାଇଁ ବିଜେଡିର କୌଣସି ନୈତିକ ଅଧିକାର ନାହିଁ। ବିଜେଡି ହେଉଛି ସେହି ଦଳ, ଯିଏ କୋଭିଡ ସମୟରେ ରଥଯାତ୍ରା ବନ୍ଦ କରିବାକୁ ସବୁପ୍ରକାର ପ୍ରୟାସ କରିଥିଲା। ମାତ୍ର କେନ୍ଦ୍ରର ବିଜେପି ସରକାର ଓ କୋର୍ଟଙ୍କ ହସ୍ତକ୍ଷେପ କାରଣରୁ ସେତେବେଳେ ମହାପ୍ରଭୁଙ୍କର ଐତିହାସିକ ରଥଯାତ୍ରା ବନ୍ଦ ନ ହୋଇ ଅନୁଷ୍ଠିତ ହୋଇଥିଲା। ବିଜେଡି ବିଗତ ୨୪ ବର୍ଷ ଶାସନ କାଳ ମଧ୍ୟରେ ବିଭିନ୍ନ ଦୁର୍ଘଟଣାକୁ ଓ ବିଷୟକୁ ଚପାଇ ଦେବା ପାଇଁ ୨୪ଟି କମିଶନ ବସେଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ କୌଣସି ଗୋଟିଏ ବି କମିଶନଙ୍କ ରିପୋର୍ଟ ନା ବିଧାନସଭାରେ ଉପସ୍ଥାପିତ ହୋଇଥିଲା ନା ସାର୍ବଜନୀନ କରାଯାଇଥିଲା ନା କମିଶନଙ୍କ ସୁପାରିସ୍ ଆଧାରରେ କାହା ଉପରେ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା। ୧୯୯୩ରେ ବିଜୁ ପଟ୍ଟନାୟକଙ୍କ ଜନତା ଦଳ ସରକାର ଥିଲା ବେଳେ ଜଗନ୍ନାଥଙ୍କ ନାର୍ଗାର୍ଜୁନ ବେଶ ବେଳେ ଦଳାଚକଟା ହୋଇ ୬ ଭକ୍ତଙ୍କ ପ୍ରାଣହାନୀ ହୋଇଥିଲା। ଏହି ଦୁର୍ଘଟଣାର ତଦନ୍ତ ପାଇଁ ଗଠିତ ହୋଇଥିବା ତଦନ୍ତ କମିଶନଙ୍କ ରିପୋର୍ଟକୁ ହଜାଇ ଦିଆଯାଇଥିଲା। ରିପୋର୍ଟ ହଜିବାର ତଦନ୍ତ କରିବା ପାଇଁ ୨୦୦୬ରେ ଜଷ୍ଟିସ ପିକେ ମହାନ୍ତି କମିଶନ ଗଠନ କରାଯାଇଥିଲା। କିନ୍ତୁ ଉକ୍ତ କମିଶନଙ୍କ ରିପୋର୍ଟ ମଧ୍ୟ ଓଡ଼ିଶାବାସୀ ଜାଣିପାରିଲେ ନାହିଁ। ତେଣୁ କମିଶନ ତଦନ୍ତ ନାମରେ ବିଜେଡି ଏଭଳି ଘୃଣ୍ୟ ରାଜନୀତି ବନ୍ଦ କରିବାକୁ ଶ୍ରୀ ତ୍ରିପାଠୀ କହିଛନ୍ତି।

## ଆନ୍ଦୋଳନ ପ୍ରତ୍ୟାହାର କଲା ସିଜେପି



**ନୂଆଦିଲ୍ଲୀ,୨୫।୭:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଘୋଷଣା କରିବାର କିଛି ମୁହୂର୍ତ୍ତ ମଧ୍ୟରେ ତ୍ୱରିତ ପଦକ୍ଷେପ ସ୍ୱରୂପ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଶନିବାର ଏହାର ଆନ୍ଦୋଳନକୁ ପ୍ରତ୍ୟାହାର କରିନେଇଛି। ଏଥିସହିତ ଜନ୍ତର ମନ୍ତରରେ ଏକତ୍ରିତ ହୋଇଥିବା ଏହାର ସମର୍ଥକମାନଙ୍କୁ ଘରକୁ ଫେରିଯିବା ଲାଗି ସିଜେପି ଅନୁରୋଧ କରିଛି। ଶନିବାର ସନ୍ଧ୍ୟାରେ ସିଜେପି ଓ ସରକାରଙ୍କ ପ୍ରତିନିଧି ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଆନ୍ଦୋଳନ ସମାପ୍ତ ହୋଇଥିବା ଘୋଷଣା କରିଛନ୍ତି। ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗକୁ କେନ୍ଦ୍ରକରି ଦେଶବ୍ୟାପି ଆନ୍ଦୋଳନ ଡାକରା ଦେଇଥିବା ସିଜେପିର ପ୍ରମୁଖ ପ୍ରସଙ୍ଗ ଥିଲା କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା। ମିଳିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡାଙ୍କ ସମେତ ସିଜେପିର ଦୁଇ ମୁଖପାତ୍ର ସୌରଭ ଦାସ ଓ ଆଶୁତୋଷ ରାଙ୍କା ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଦାବି ପୂରଣ ଲାଗି ଦେଇଥିବା ପ୍ରତିଶ୍ରୁତିକୁ ସରକାର ରଖିବେ ବୋଲି ଆଶା ରଖି ସିଜେପି ଗଭୀର ସଦ୍ଭାବନାର ସହିତ ଆନ୍ଦୋଳନକୁ ଶେଷ କରୁଛି।

ସିଜେଆଇଙ୍କ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀରୁ ବିଶାଳ ଅଭିଯାନରେ ପରିଣତ ହୋଇଥିବା ସିଜେପିର ଦୁଇ ମୁଖପାତ୍ର କହିଛନ୍ତି ଯେ, ସେମାନଙ୍କର ଗୋଟିଏ ଦାବି ପୂରଣ ହୋଇଛି। ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ବିରୋଧରେ ରୁଜୁ ହୋଇଥିବା ପୁଲିସ କେସ୍ ପ୍ରତ୍ୟାହାର କରିବା, ଭବିଷ୍ୟତରେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ତଥା ଆନ୍ଦୋଳନ ସ୍ଥଳରେ ପୁଲିସର ବର୍ବରୋଚିତ ଆକ୍ରମଣରେ ପ୍ରାଣ ହରାଇଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ନିୟମ ଅନୁଯାୟୀ କ୍ଷତିପୂରଣ ଦେବା ଲାଗି ସରକାର ପ୍ରତିଶ୍ରୁତି ଦେଇଛନ୍ତି।

**■ ଶାନ୍ତିପୂର୍ଣ୍ଣ ଭାବେ ଫେରିବାକୁ ଅନୁରୋଧ**

ସରକାର ଆମର ଦାବିକୁ ମାନି ନେଇଥିବାରୁ ସମସ୍ତେ ଘରକୁ ଫେରି ଯାଆନ୍ତୁ ବୋଲି ସୌରଭ ଦାସ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଆଶୁତୋଷ ରାଙ୍କା କହିଛନ୍ତି ଯେ, ୩୬ ଦିନ ପରେ ସରକାର ଆମର ଦାବିକୁ ଗ୍ରହଣ କରିଛନ୍ତି। ଆମର ଦାବି ଚରମପନ୍ଥାତ୍ମକ ନଥିଲା, ବରଂ ମୌଳିକ ଥିଲା। ଏବେ ସରକାରଙ୍କୁ ସେସବୁକୁ ମାନିବାକୁ ପଡ଼ିବ। ତେଣୁ ସମସ୍ତେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ସ୍ଥଳରୁ ଘରକୁ ଫେରିଯାଆନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି।

# ରାଜପଥ ବ୍ଲାକ ସ୍ପଟ୍, ଓଡ଼ିଶାରେ ୧୯୪



**ଭୁବନେଶ୍ୱର,୨୫।୭:** ଜାତୀୟ ରାଜପଥଗୁଡ଼ିକରେ ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ଅଞ୍ଚଳ (ବ୍ଲାକ ସ୍ପଟ୍) ମଧ୍ୟରୁ ଓଡ଼ିଶାରେ ୧୯୪ଟି ରହିଛି। ଏଥିମଧ୍ୟରୁ ସର୍ବାଧିକ ୨୮ଟି ଖଣି ଖାଦାନଭରା ଯାଜପୁର ଜିଲ୍ଲାରେ ଅଛି। ଜାତୀୟ ରାଜପଥରେ ଦୁର୍ଘଟଣା ସଂକ୍ରାନ୍ତରେ ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଭୂପୃଷ୍ଠ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଜୟରାମ ଗଡକରୀ।

ମନ୍ତ୍ରୀ ଦର୍ଶାଇଛନ୍ତି, ଜାତୀୟ ରାଜପଥଗୁଡ଼ିକର କେତେକ ସ୍ଥାନରେ ବାରମ୍ବାର ଦୁର୍ଘଟଣାମାନ ଘଟୁଥିବାରୁ ଏହାକୁ ବ୍ଲାକ କରିଡର ଭାବେ ଚିହ୍ନଟ ହୋଇଛି। କୃତ୍ରିମ ବୁଦ୍ଧିମତା (ଏଆଇ) ଆଧାରିତ ଟୁଲ୍ ବ୍ୟବହାର କରି ଏହାର ଚିହ୍ନଟ ହୋଇଛି। ଏହାବାଦ୍ ୨୦୨୩ରୁ ୨୦୨୫ ମଧ୍ୟରେ ରାଜପଥଗୁଡ଼ିକରେ ଘଟିଥିବା ଦୁର୍ଘଟଣାର ହିସାବକୁ ଏଥିରେ ସାମିଲ କରାଯାଇଛି।

ଏଥିରୁ ଜଣାଯାଇଛି ଯେ ସମଗ୍ର ଦେଶରେ ୬୩୫୮ଟି ବ୍ଲାକସ୍ପଟ୍ ରହିଥିବା ବେଳେ ଓଡ଼ିଶାରେ ମୋଟ୍ ୧୯୪ଟି ବ୍ଲାକ ସ୍ପଟ୍ ଚିହ୍ନଟ ହୋଇଛି। ଏଥିରୁ ସର୍ବାଧିକ ୨୮ଟି ଯାଜପୁର ଜିଲ୍ଲାରେ ରହିଛି। ଏହାଛଡ଼ା ଗଞ୍ଜାମରେ ୧୭ଟି, କଟକ ସହରାଞ୍ଚଳ ଓ ପୁରୀରେ ୧୩ଟି ଲେଖାଏଁ ଥିବା ବେଳେ ଭୁବନେଶ୍ୱର ସହରାଞ୍ଚଳ ଓ ମୟୂରଭଞ୍ଜରେ ୧୧ଟି ଲେଖାଏଁ, ନୟାଗଡ଼, ଭଦ୍ରକ ଓ ବ୍ରହ୍ମପୁରରେ ୧୦ଟି ଲେଖାଏଁ ବ୍ଲାକ ସ୍ପଟ୍ ରହିଛି। ବାଲେଶ୍ୱର, ଭଦ୍ରକ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ ଓ ଜଗତ୍‌ସିଂହପୁରରେ ଥିବା ଜାତୀୟ ରାଜପଥରେ ଗୋଟିଏ ଲେଖାଏଁ ସ୍ଥାନ ଚିହ୍ନଟ ହୋଇଛି। କେନ୍ଦୁଝର ଜିଲ୍ଲାରେ ଥିବା ରାଜପଥରେ ୭ଟି ବ୍ଲାକ୍ କରିଡର ଚିହ୍ନଟ ହୋଇଛି। ଏହିସବୁ ଜାତୀୟ ରାଜପଥରେ ଘଟିଥିବା ଦୁର୍ଘଟଣା, ମୃତ୍ୟୁ ଓ ଆହତ ସଂକ୍ରାନ୍ତରେ କେନ୍ଦ୍ର ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ଓଡ଼ିଶାରେ ୨୦୨୦ରେ ୩୬୭୩ଟି ଦୁର୍ଘଟଣା ଘଟିଥିବା ବେଳେ ୨୦୨୪ରେ ତାହା ୪୫୫୫କୁ ବୃଦ୍ଧି ପାଇଛି। ସେହିଭଳି ମୃତ୍ୟୁସଂଖ୍ୟା ଏହି ସମୟରେ ୧୭୮୧ରୁ ବୃଦ୍ଧି ପାଇ ୨୩୫୮ରେ ପହଞ୍ଚିଛି। ଦୁର୍ଘଟଣାରେ ଆହତମାନଙ୍କ ସଂଖ୍ୟା ୨୦୨୦ରେ ୩୪୨୧ ଥିବାବେଳେ ୨୦୨୪ର ତାହା ୪୨୫୭ରେ ପହଞ୍ଚିଛି। ଜାତୀୟ ରାଜପଥଗୁଡ଼ିକରେ ବୃଦ୍ଧି ପାଉଥିବା ଦୁର୍ଘଟଣା ଓ ମୃତ୍ୟୁକୁ ଦୃଷ୍ଟିରେ ରଖି ଏହାକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିମଧ୍ୟରେ ବିଭିନ୍ନ ସ୍ଥାନରେ ଗାଡ଼ି ଚାଳନା ତାଲିମ ଓ ଗବେଷଣା ପ୍ରତିଷ୍ଠାମାନ ପ୍ରତିଷ୍ଠା କରାଯାଉଛି।

ନିକଟରେ ଏ ସଂକ୍ରାନ୍ତରେ ନିୟମାବଳୀରେ କେତେକ ପରିବର୍ତ୍ତନ ଅଣାଯିବା ସହ ଆର୍ଥିକ ସହାୟତାକୁ ବୃଦ୍ଧି କରାଯାଇଛି। ସ୍ୱୟଂକ୍ରିୟ ପରୀକ୍ଷା କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାର ଅନୁଦାନ ରାଶି ଯୋଗାଇ ଦେଉଛନ୍ତି। ସମସ୍ତ ଜାତୀୟ ରାଜପଥରେ ସଡ଼କ ସୁରକ୍ଷା ଅଡିଟ୍‌କୁ ବାଧ୍ୟମତାମୂଳକ କରାଯାଇଛି। ଜାତୀୟ ରାଜପଥର ଡିଜାଇନ୍, ନିର୍ମାଣ, ପରିଚାଳନା ଆଦିର ତୃତୀୟ ପକ୍ଷ ଅଡିଟ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି। (ତଥ୍ୟ)

# ଭାରତମାଳା ଓଭରବ୍ରିଜ ତଳେ ଜମୁଛି ବର୍ଷା ପାଣି

## ଯାତାୟାତରେ ସମସ୍ୟା



**ରାଇଘର,୨୫।୭ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଦେଇ ଯାଇଥିବା ଭାରତମାଳା ପ୍ରକଳ୍ପ ଅଧୀନରେ ନିର୍ମିତ ଏକାଧିକ ଓଭରବ୍ରିଜ ତଳେ ବର୍ଷା ପାଣି ଜମି କୃତ୍ରିମ ପୋଖରୀର ରୂପ ନେଇଥିବାରୁ ସାଧାରଣ ଲୋକଙ୍କ ଦୈନନ୍ଦିନ ଯାତାୟାତରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି। ଜଳ ନିଷ୍କାସନ ବ୍ୟବସ୍ଥାର ଅଭାବ ଏବଂ ନିର୍ମାଣ ତ୍ରୁଟି ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା।

ବିଶେଷକରି ଦେବାଗାଁ, କୁରୁବେଲା ଓ ଜୁନାନିପାରା ଅଞ୍ଚଳର ଓଭରବ୍ରିଜ ତଳେ ବହୁ ପରିମାଣରେ ବର୍ଷା ପାଣି ଜମି ରହୁଥିବାରୁ ରାସ୍ତା ଅତିକ୍ରମ କରିବା ବିପଦପୂର୍ଣ୍ଣ ହୋଇପଡ଼ିଛି। ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକ, ଦୁଇଚକିଆ ଚାଳକ ଏବଂ ସ୍କୁଲ-କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ଯାତାୟାତ କରୁଥିବା ବେଳେ ସେମାନଙ୍କୁ ଜମିଥିବା ପାଣି ଭିତରେ ଯିବାକୁ ବାଧ୍ୟ ହେବାକୁ ପଡୁଛି।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପାଣି ଭିତରେ ରାସ୍ତାର ଗାତ ଓ ଭଙ୍ଗା ଅଂଶ ଦେଖା ନଯିବାରୁ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିପାରେ। ବର୍ଷା ଛାଡ଼ିଯିବା ପରେ ମଧ୍ୟ ଦୀର୍ଘ ସମୟ ଧରି ପାଣି ଜମି ରହୁଥିବାରୁ ଲୋକମାନଙ୍କ ଦୁର୍ଭୋଗ ଆହୁରି ବଢ଼ିଯାଉଛି।

ଅଞ୍ଚଳବାସୀଙ୍କ ଅଭିଯୋଗ, ବାରମ୍ବାର ସମସ୍ୟା ସମ୍ପର୍କରେ ଜଣାଇଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ କିମ୍ବା ନିର୍ମାଣ ସଂସ୍ଥା ପକ୍ଷରୁ ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ପ୍ରତ୍ୟେକ ବର୍ଷା ଋତୁରେ ଏହି ସମସ୍ୟା ପୁଣି ଉଭା ହେଉଛି। ଏନେଇ ଅଞ୍ଚଳବାସୀ ଭାରତମାଳା ପ୍ରକଳ୍ପ ଅଧୀନରେ ନିର୍ମିତ ଓଭରବ୍ରିଜ ତଳ ରାସ୍ତାଗୁଡ଼ିକର ତୁରନ୍ତ ବୈଷୟିକ ଯାଞ୍ଚ କରି ସଠିକ୍ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହ ରାସ୍ତାର ସମସ୍ତ ତ୍ରୁଟି ଦୂର କରି ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରିବାକୁ ପ୍ରଶାସନ ଓ ସମ୍ପୃକ୍ତ ନିର୍ମାଣ ସଂସ୍ଥାଙ୍କ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି।

## ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜିଉଙ୍କ ସୁନାବେଶ, ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼



**କୋରାପୁଟ,୨୫।୭ (ସଂଚାର ବ୍ୟୁରୋ):** ପବିତ୍ର ବଡ଼ ଏକାଦଶୀ ଅବସରରେ ଶାବର ଶ୍ରୀକ୍ଷେତ୍ର କୋରାପୁଟର ବଡଦାଣ୍ଡ ଶନିବାର ଭକ୍ତିମୟ ପରିବେଶରେ ଉତ୍ସବମୁଖର ହୋଇଉଠିଥିଲା। ତିନି ରଥ ଉପରେ ସୁନାବେଶରେ ବିରାଜମାନ ଚତୁର୍ଧାମୂର୍ତ୍ତିଙ୍କ ଦୁର୍ଲଭ ଦର୍ଶନ ପାଇଁ ସକାଳଠାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସୁନାର ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଥିବା ମହାପ୍ରଭୁଙ୍କ ରୂପ ଭକ୍ତମାନଙ୍କୁ ମୁଗ୍ଧ କରିଥିଲା। ମସ୍ତକରେ କିରୀଟ, କାନରେ କୁଣ୍ଡଳ, ହାତରେ କଙ୍କଣ, ପାଦରେ ପୟର ଏବଂ ବିଭିନ୍ନ ସୁବର୍ଣ୍ଣ ଅଳଙ୍କାରରେ ସୁସଜ୍ଜିତ ଚତୁର୍ଧାମୂର୍ତ୍ତିଙ୍କ ଅପୂର୍ବ ଶୋଭା ବଡଦାଣ୍ଡକୁ ଆଧ୍ୟାତ୍ମିକ ଆଭାରେ ଭରି ଦେଇଥିଲା। ଏହାସହ ରଥ ଉପରେ ପାରମ୍ପରିକ ଅଧରପଣା ନୀତି ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ନୂଆଗାଁ ଆଶ୍ରମ ବିଦ୍ୟାଳୟ ପରିସରରେ ଭାଲୁ



**ବୋରିଗୁମ୍ମା,୨୫।୭ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ନୂଆଗାଁ ପଂଚାୟତ ସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟ ପରିସରରେ ଏକ ଭାଲୁ ବିଚରଣ କରୁଥିବା ଠାବ କରାଯାଇଥିବା ସୂଚନା ମିଳିଛି। ଭାଲୁଟି ଗତକାଲି ସନ୍ଧ୍ୟା ୭ଟାରୁ ୮ଟା ସମୟରେ ଖାଦ୍ୟ ଅନ୍ୱେଷଣରେ ପାଚେରୀ ଡେଇଁ ବିଦ୍ୟାଳୟ ପରିସରରେ ପଶି ବୁଲୁଥିବା ଦେଖି ସ୍ଥାନୀୟ ଲୋକ ଓ ଛାତ୍ରବାସରେ ରହୁଥିବା ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଖବର ପାଇ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳରେ ନଜର ରଖିଛନ୍ତି। ଭାଲୁଟିକୁ ସୁରକ୍ଷିତ ଭାବେ ଜଙ୍ଗଲକୁ ଫେରାଇବା ପାଇଁ ବନ ବିଭାଗ ଆବଶ୍ୟକ ପଦକ୍ଷେପ ନେଉଥିବା ଜଣାପଡ଼ିଛି।

## ତୃତୀୟ ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରାରେ ଲକ୍ଷେରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

● ଅଧାବାଟରେ ଅଟକିଲେ କାଳିଆ ସାଆନ୍ତ



**ନୀଳଗିରି,୨୫।୭ (ସଂଚାର ବ୍ୟୁରୋ):** ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ବାହୁଡ଼ାଯାତ୍ରା ଆନନ୍ଦଉଲ୍ଲାସର ସହ ଆୟୋଜନ ହୋଇଛି। ପ୍ରାୟ ୧ଲକ୍ଷରୁ ଅଧିକ ଭକ୍ତଙ୍କ ଗହଣରେ ଜନ୍ମବେଦି ବା ମାଉସୀ ମା' ମନ୍ଦିର ଲୀଳା ସାରି ଶ୍ରୀ ମନ୍ଦିରକୁ ବାହାରିଛନ୍ତି ମହାବାହୁ। ପ୍ରଥମଦିନ ଭକ୍ତମାନେ ମାଉସୀ ମା ମନ୍ଦିର ନିକଟରୁ ରଥଟାଣି ଅଧାରାସ୍ତା ଶଙ୍କରା ଖୁଣ୍ଟା ପୋଖରୀ ନିକଟରେ ପହଞ୍ଚାଇଛନ୍ତି। ଆଜି ସେଠାରେ ପ୍ରଭୁ ରାତ୍ରିଯାପନ କରିବା ପରେ ତୃତୀୟ ଶ୍ରୀକ୍ଷେତ୍ର ପରମ୍ପରା ଅନୁସାରେ ଆସନ୍ତାକାଲି ୨ୟ ଦିନରେ ରଥ ଟଣା ଯାଇ ନୀତିକାନ୍ତି କରାଯିବା ପରେ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରକୁ ଯିବାର ପରମ୍ପରା ରହିଛି। ସନ୍ଧ୍ୟା ୬ଟା ବେଳେ ହଠାତ୍ ପ୍ରବଳ ବର୍ଷା ହେବାଯୋଗୁଁ ସହରର ନୂଆ ବସଷ୍ଟାଣ୍ଡ, କଦମ୍ବସାହି, ହସ୍ପିଟାଲ ଛକ ଓ ଘାଟଘର ସାହି ରାତି୮ଟା ପର୍ଯ୍ୟନ୍ତ ଟ୍ରାଫିକ ଜାମ ଥିବା ବେଳେ ଭକ୍ତମାନେ ବର୍ଷା ରେ ଓଦା ହେଉଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣରେ ନାକେଦମ ହୋଇଥିବା ଦେଖିବାକୁ ମିଳିଛି।

## ପୋଖରୀରେ ବୁଡ଼ି ଜଣେ ଶିଶୁ ମୃତ

**ଲାଞ୍ଜିଗଡ,୨୫।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ବିଜେପୁର ଥାନା ଅନ୍ତର୍ଗତ ତାଲାଙ୍ଗଶୁର ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ନାରୁଣୁ ମାଝୀଙ୍କ ଝିଅ ଗୌରୀ ମାଝୀ (୬)ଗାଁ ନିକଟସ୍ଥ ଏକ ପୋଖରୀ ବୁଡି ମୃତ୍ୟୁବରଣ କରିଥିବା ଜଣାପଡିଛି । ସୂଚନା ଅନୁସାରେ ତାଲଙ୍ଗଶୁର ଗାଁର ନାରୁଣୁ ମାଝୀଙ୍କ ଝିଅ ଗୌରୀ ମାଝୀ ଗାଁର ତିନିଜଣ ସାଙ୍ଗଙ୍କ ସହ ସନ୍ଧ୍ୟା ୪ଟାରେ ଗାଧୋଇବା ପାଇଁ ଗାଁ ନିକଟରେ ଥିବା ପୋଖରୀକୁ ଯାଇଥିଲେ। ହେଲେ ଗାଧୋଇବା ସମୟରେ ଗୋଡ଼ ଖସିଯିବାରୁ ସାଙ୍ଗରେ ଥିବା ଶିଶୁମାନେ ତାଙ୍କୁ ପାଣିରୁ ଉଦ୍ଧାର କରିପାରି ନ ଥିଲେ। ଯାହାଫଳରେ ଶିଶୁ ଗଭୀର ପାଣି ଭିତରକୁ ଭାସି ଯାଇଥିଲା। ଶିଶୁମାନେ ଚିତ୍କାର କରି ପରିବାର ଲୋକଙ୍କୁ ଡାକିବାରୁ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଅଚେତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବେନଗାଁ ପ୍ରାଥମିକ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ହେଲେ ସେଠାରେ ଶିଶୁର ଚେତା ନ ଫେରିବାରୁ ତାଙ୍କୁ ବାଇକ ଯୋଗେ ବିଶ୍ୱନାଥ ପୁରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ବିଜେପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ବେଳେ ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

## ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ରକ୍ତଦାନ ଶିବିର ଓ ସଚେତନତା କାର୍ଯ୍ୟକ୍ରମ



**ନୀଳଗିରି,୨୫।୭ (ସଂଚାର ବ୍ୟୁରୋ):** ନୀଳଗିରି ରଥଯାତ୍ରା ଅବସରରେ ନୀଳଗିରି ରକ୍ତଦାତା ସଂଘ ପକ୍ଷରୁ ବଡଦାଣ୍ଡରେ ଭ୍ରାମ୍ୟମାଣ ଯାନ ରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଏସଡିଏମଓ ଡାକ୍ତର ସତ୍ୟନାରାୟଣ ନାୟକ ଉଦଘାଟନ କରିଥିଲେ। ଏଥିରେ ମୋଟ ୧୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଏହା ସହିତ ନୀଳଗିରି ମହିଳା ମହାବିଦ୍ୟାଳୟର ଜୁନିଅର ରେଡକ୍ରସ ତରଫରୁ ଛାତ୍ରୀ ମାନଙ୍କ ତରଫରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରକ୍ତଦାତା ସଂଘ ର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ସଭାପତି ଗୋପାଳ ଚନ୍ଦ୍ର ମହାପାତ୍ର, ବରିଷ୍ଠ ଉପଦେଷ୍ଟା ,ସମାଜ ସେବୀ ତଥା ସାମ୍ବାଦିକ ରବି ରାଉତ, ତପସ୍ୱିନୀ ପଣ୍ଡା, ହେମେନ୍ଦ୍ର ସେଠୀ, ପ୍ରଦୀପ ମିଶ୍ର ଯୋଗ ଦେଇଥିଲେ। ଏଠାରେ ସୂଚନା ଯୋଗ୍ୟ, ମହିଳା କଲେଜ ୟୁଥ ରେଡକ୍ରସ ଅଧିକାରୀ ଡ .ପ୍ରଦୀପ୍ତ କୁମାର ମିଶ୍ର ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଥିଲେ। ଶିଶିର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରା ଯାଇଥିଲା।

# ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜମି ରହୁଛି ପାଣି

## ବଢୁଛି ଡେଙ୍ଗୁ ଭୟ



**ଆନନ୍ଦପୁର,୨୫।୭ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳର ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ସାମ୍ନାକୁ ଆସିଛି ଏକ ଚିନ୍ତାଜନକ ଚିତ୍ର। ଗୋଟିଏ ପଟେ ଡେଙ୍ଗୁ ସଚେତନତାର ବଡ଼ ବଡ଼ ପୋଷ୍ଟର, ଆଉ ଅନ୍ୟପଟେ ମେଡ଼ିକାଲ ପରିସରରେ ଜମି ରହିଛି ବର୍ଷା ପାଣି। ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠୁଛି, ଡେଙ୍ଗୁ ରୋକିବାର ବାର୍ତ୍ତା କେବଳ ପୋଷ୍ଟରରେ ସୀମିତ କି? ହଁ ଦର୍ଶକ ବନ୍ଧୁ ଆପଣ ଦେଖୁଥିବା ଏହି ଦୃଶ୍ୟ କୌଣସି ବନ୍ୟା ପାଣିର ନୁହେଁ, କିମ୍ବା କୌଣସି ପୋଖରୀର ନୁହେଁ। ଏହା ହେଉଛି ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଜମି ରହିଥିବା ବର୍ଷା ଜଳ।

ଗୋଟିଏ ପଟେ ଜାତୀୟ ଡେଙ୍ଗୁ ଦିବସ ପାଳନ କରାଯାଇ ଡେଙ୍ଗୁରୁ ରକ୍ଷା ପାଇଁ ସଚେତନତା ପୋଷ୍ଟର ଲଗାଯାଇଛି। କିନ୍ତୁ ସେହି ମେଡ଼ିକାଲ ପରିସରରେ ଥିବା ଆୟୁର୍ବେଦ ବିଭାଗ ସମ୍ମୁଖରେ ଦୀର୍ଘଦିନ ଧରି ପାଣି ଜମି ରହିଛି। ଫଳରେ ମଶା ଓ ମାଛିଙ୍କ ବଂଶବୃଦ୍ଧି ପାଇଁ ଏହା ପାଲଟିଛି ଉପଯୁକ୍ତ ସ୍ଥାନ। ତେବେ ଆୟୁର୍ବେଦିକ ବିଭାଗକୁ ରୋଗୀ ମାନେ ଏହି ଦୂଷିତ ପାଣିଦେଇ ଯିବାକୁ ବାଧ୍ୟ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ। ଯେଉଁ ସ୍ୱାସ୍ଥ୍ୟ କେନ୍ଦ୍ର ଲୋକଙ୍କୁ ସୁରକ୍ଷାର ବାର୍ତ୍ତା ଦେଉଛି, ସେହି ପରିସରରେ ଏଭଳି ଅବ୍ୟବସ୍ଥା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେପଟେ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ମେଡ଼ିକାଲ କୋଠା ନିର୍ମାଣ କାର୍ଯ୍ୟ ଦୀର୍ଘଦିନ ଧରି ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ନିର୍ଦ୍ଧାରିତ ଅବଧି ସରିଯାଇଥିଲେ ମଧ୍ୟ ନିର୍ମାଣ କାମ ଜାରି ରହିଛି। ତେବେ ପ୍ରଶ୍ନ ଉଠୁଛି— କେବେ ଶେଷ ହେବ ଏହି ନିର୍ମାଣ କାର୍ଯ୍ୟ? କେବେ ଲୋକଙ୍କ ସେବାରେ ଆସିବ ନୂତନ ମେଡ଼ିକାଲ କୋଠା? ଆଉ କେବେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରୁ ହଟିବ ଏହି ଜଳବନ୍ଦୀ ସମସ୍ୟା? ଏବେ ସମସ୍ତଙ୍କ ନଜର ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ।

## ଯୋଡ଼ା ମାଇନିଂ ଏରିଆ ଟ୍ରକ୍ ଓନର୍ସ ଆସୋସିଏସନର ନିଜସ୍ୱ କାର୍ଯ୍ୟାଳୟ ପାଇଁ ଭୂମି ପୂଜନ



**ଯୋଡ଼ା,୨୫।୭ (ସଂଚାର ବ୍ୟୁରୋ):** ଯୋଡ଼ା ମାଇନିଂ ଏରିଆ ଟ୍ରକ୍ ଓନର୍ସ ଆସୋସିଏସନ ପକ୍ଷରୁ ଶୁକ୍ରବାର ବାଂଶପାଣି ଅନ୍ତର୍ଗତ ପଟ୍ଟନାୟକ ପେଟ୍ରୋଲ ପମ୍ପ ନିକଟସ୍ଥ ବାଂଶପାଣି ରେଳ ସାଇଡିଂ ଅଞ୍ଚଳରେ ସଂଘର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଛି।

ଏହି ଶୁଭ କାର୍ଯ୍ୟରେ ସଂଘର ସଭାପତି ଚତୁର୍ଭୁଜ ପଳେଇ ଓ ସମ୍ପାଦକ ସତ୍ୟପ୍ରିୟ ବାରିକ କର୍ତ୍ତା ଭାବେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସଂଘର ବହୁ କର୍ମକର୍ତ୍ତା, ସଦସ୍ୟ ଏବଂ ଶୁଭେଚ୍ଛୁମାନେ ଉପସ୍ଥିତ ରହି ନୂତନ କାର୍ଯ୍ୟାଳୟ ପାଇଁ ଶୁଭକାମନା ଜଣାଇଥିଲେ।

ସୂଚନାଯୋଗ୍ୟ ଯେ, ବାଂଶପାଣି ରେଳ ସାଇଡିଂ ନିକଟରେ ଥିବା ଏହି ଜମି ସଂଘ ପକ୍ଷରୁ ବହୁ ପୂର୍ବରୁ କ୍ରୟ କରାଯାଇଥିଲେ ମଧ୍ୟ ବିଭିନ୍ନ କାରଣରୁ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନଥିଲା। ପୂର୍ବରୁ ସଂଘର କାର୍ଯ୍ୟାଳୟ ଏସ୍.ସି.ପଢ଼ି ମାଇନ୍ସ ଲିଜ୍ ଅଞ୍ଚଳରେ ଥିବାରୁ ସ୍ଥାୟୀ ଓ ସ୍ୱାଧୀନ କାର୍ଯ୍ୟାଳୟର ଆବଶ୍ୟକତା ଅନୁଭବ କରାଯାଇଥିଲା। ସେହି ପରିପ୍ରେକ୍ଷୀରେ ନିଜସ୍ୱ ଜମିରେ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଭୂମି ପୂଜନ କରାଯାଇଛି।

ସଂଘର କର୍ମକର୍ତ୍ତାମାନଙ୍କ କହିବା ଅନୁଯାୟୀ, ନୂତନ କାର୍ଯ୍ୟାଳୟ ନିର୍ମାଣ ହେଲେ ସଂଗଠନର ପ୍ରଶାସନିକ କାର୍ଯ୍ୟ ଅଧିକ ସୁବ୍ୟବସ୍ଥିତ ହେବା ସହ ଟ୍ରକ୍ ମାଲିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ।

### ସମ୍ ଅଲ୍‌ଟିମେଟ୍ ମେଡିକେୟାରରେ ଜଟିଳ ପ୍ରକ୍ରିୟା

## ୧୦ ମାସ ଶିଶୁର ଜୀବନ ବଞ୍ଚାଇଲେ ଡାକ୍ତର



**ଭୁବନେଶ୍ୱର,୨୫।୭ (ସଂଚାର ବ୍ୟୁରୋ):** ଉଚ୍ଚସ୍ତରୀୟ ଚିକିତ୍ସା ଦକ୍ଷତା ଓ ସମନ୍ୱିତ କାର୍ଯ୍ୟଧାରାର ପରିଚୟ ସ୍ୱରୂପ ସମ୍ ଅଲ୍ଟିମେଟ୍ ମେଡିକେୟାର (ସମମ୍)ର ଡାକ୍ତରମାନେ ଏକ ୧୦ ମାସର ଶିଶୁର ଜୀବନ ସଫଳତାର ସହ ବଞ୍ଚାଇଛନ୍ତି। ଶିଶୁଟିର ଡାହାଣ ମୁଖ୍ୟ ଶ୍ୱାସନଳୀ ମଧ୍ୟରେ ଅଟକି ରହିଥିବା ଏକ ଆତ ମଞ୍ଜିକୁ ଜଟିଳ ପ୍ରକ୍ରିୟା ମାଧ୍ୟମରେ ବାହାର କରି ଶିଶୁଟିର ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି ସମ୍ମମ୍ ଡାକ୍ତର।

ଶିଶୁଟି ଆତ ମଞ୍ଜିଟିକୁ ଗିଳି ଦେବା ଫଳରେ ଏହା ଶ୍ୱାସନଳୀକୁ ଚାଲିଯିବା ପରେ ଶିଶୁଟିର ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସେ ନିଶ୍ୱାସ ନେବା ପାଇଁ କଷ୍ଟ ଅନୁଭବ କରିଥିଲା। ଏଭଳି ଜଟିଳ ଅବସ୍ଥାରେ ଶିଶୁଟିକୁ ସମ୍ ଅଲ୍‌ଟିମେଟ୍ ମେଡିକେୟାରକୁ ଅଣାଯାଇଥିଲା। ଛାତିର ଏକ୍ସ-ରେରୁ ଜଣାପଡ଼ିଥିଲା ଯେ ଡାହାଣ ପାର୍ଶ୍ୱ ଶ୍ୱାସନଳୀରେ ମଞ୍ଜିଟି ଅଟକି ରହିଥିବାରୁ ଡାହାଣ ପାର୍ଶ୍ୱ ଫୁସଫୁସ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିଲା। ଏହା ଏକ ସଙ୍କଟାପନ୍ନ ପରିସ୍ଥିତି ସୃଷ୍ଟି କରିବା ଫଳରେ ତୁରନ୍ତ ଚିକିତ୍ସାର ଆବଶ୍ୟକତା ଥିଲା।

ସମ୍ ଅଲ୍ଟିମେଟ୍ ମେଡିକେୟାରର କର୍ଣ୍ଣ, ନାସା ଓ ଗଳା (ଇଏନ୍‌ଟି) ଏବଂ ସ୍କଲ୍ ବେସ୍ ସର୍ଜରୀ ବିଭାଗର ସିନିୟର କନ୍‌ସଲଟାଂଟ ଡାକ୍ତର ରାଧାମାଧବ ସାହୁ ଏମର୍ଜେନ୍ସି ରିଜିଡ୍ ବ୍ରୋଙ୍କୋସ୍କୋପି ପ୍ରକ୍ରିୟା ମାଧ୍ୟମରେ ଆତ ମଞ୍ଜିଟିକୁ ଶିଶୁର ଶରୀରରୁ କାଢ଼ିବା ନିମନ୍ତେ ପଦକ୍ଷେପ ନେଇଥିଲେ।

ମଞ୍ଜିଟି ଦୃଢ଼ ଭାବେ ଅଟକି ରହିଥିବାରୁ ପ୍ରାରମ୍ଭିକ କେତେକ ପ୍ରୟାସ ବିଫଳ ହୋଇଥିଲେ ମଧ୍ୟ ଶେଷରେ ଡାକ୍ତର ସାହୁ ସ୍ୱତନ୍ତ୍ର ଅପ୍‌ଟିକାଲ୍ ଫୋର୍ସେପ୍ସ ବ୍ୟବହାର କରି ସଫଳତାର ସହ ମଞ୍ଜିଟିକୁ ବାହାର କରିଥିଲେ। ଏହା ଫଳରେ ଶ୍ୱାସନଳୀର ଅବରୋଧ ତୁରନ୍ତ ଦୂର ହୋଇ ଶିଶୁଟି ସାଧାରଣ ଭାବେ ନିଶ୍ୱାସ ନେବାକୁ ସକ୍ଷମ ହୋଇଥିଲା। ଅସ୍ତ୍ରୋପଚାର ପରେ ଶିଶୁଟି ସୁସ୍ଥ ହୋଇ ବର୍ତ୍ତମାନ ସ୍ଥିର ଅବସ୍ଥାରେ ରହିଛି।

ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ସଫଳତା ନିମନ୍ତେ ସମଗ୍ର ଡାକ୍ତରୀ ଟିମ୍‌କୁ ଅଭିନନ୍ଦନ ଜଣାଇ କହିଛନ୍ତି, "ଏହି ଜଟିଳ ମାମଲାର ସଫଳ ପରିଚାଳନା ସମ୍ ଅଲ୍‌ଟିମେଟ୍ ମେଡିକେୟାରର ଉଚ୍ଚମାନର ଚିକିତ୍ସା ଦକ୍ଷତା, ଅତ୍ୟାଧୁନିକ ଭିତିଭୂମି ଓ ବହୁବିଭାଗୀୟ ସମନ୍ୱିତ ଚିକିତ୍ସା ବ୍ୟବସ୍ଥାର ପ୍ରତିଫଳନ। ଏଭଳି ଜଟିଳ ଜରୁରୀ ପରିସ୍ଥିତିରେ ୧୦ ମାସର ଶିଶୁର ଜୀବନ ବଞ୍ଚାଇବା ଏକ ଉଲ୍ଲେଖନୀୟ ସଫଳତା।"

# ରାସ୍ତାରେ ଧାନ ରୋଇ ଭିନ୍ନ ଢଙ୍ଗରେ ପ୍ରତିବାଦ

## ରେମଣ୍ଡା-ମଙ୍ଗସପୁର ଆର୍‌ଡି ରାସ୍ତା ମରାମତି ଦାବି



**ସୁନ୍ଦରଗଡ଼,୨୫।୭ (ସଂଚାର ବ୍ୟୁରୋ):** ରାସ୍ତାରେ ଧାନ ରୋଇ ଭିନ୍ନ ଢଙ୍ଗରେ ପ୍ରତିବାଦ କରିଛନ୍ତି ଅଞ୍ଚଳବାସୀ। ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ବାରମ୍ବାର ଗୁହାରି କରିବା ସତ୍ତ୍ୱେ ମଧ୍ୟ ରେମଣ୍ଡା ଛକରୁ ମଙ୍ଗସପୁର ଆର୍.ଡି. ରାସ୍ତାର ଶୋଚନୀୟ ଅବସ୍ଥାର କୌଣସି ସ୍ଥାୟୀ ସମାଧାନ କରିପାରିଲା ନାହିଁ ପ୍ରଶାସନ। ଯାହାକୁ ନେଇ ଲୋକେ ହୀନସ୍ତା ଜୋଇଁ ସ୍ଥାନୀୟ ଅଞ୍ଚଳବାସୀ ରାସ୍ତାରେ ଧାନ ତଳି ରୋଇ ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି। ଦୀର୍ଘଦିନ ଧରି ରାସ୍ତା ମରାମତି ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନର ଉଦାସୀନତା ଯୋଗୁଁ ଏଭଳି ପ୍ରତିବାଦ ପାଇଁ ବାଧ୍ୟ ହୋଇଥିବା ସ୍ଥାନୀୟ ଲୋକେ।

ସ୍ଥାନୀୟଙ୍କ କହିବା ଅନୁଯାୟୀ, ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରୁଛନ୍ତି। ବର୍ଷା ଦିନରେ ରାସ୍ତାରେ ବଡ଼ ବଡ଼ ଖାଲ, କାଦୁଅ ଓ ପାଣି ଜମି ରହୁଥିବାରୁ ଯାତାୟାତ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି। ଅନେକ ସମୟରେ ବାଇକ୍ ଚାଳକ ଓ ପଥଚାରୀମାନେ ଖସିପଡ଼ି ଆହତ ହେଉଥିବା ସହ ଦୁର୍ଘଟଣାର ଶିକାର ହେଉଛନ୍ତି।

ଏହି ରାସ୍ତା ଦେଇ ପ୍ରତିଦିନ କୁନି କୁନି ସ୍କୁଲ ଛାତ୍ରଛାତ୍ରୀ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍କୁଲକୁ ଯାଉଛନ୍ତି। କାଦୁଅପାଣି ଯୋଗୁଁ ସେମାନଙ୍କ ପୋଷାକ ମଇଳା ହୋଇଯାଉଥିବା ସହ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଏହି ରାସ୍ତା ଦେଇ ଚିକିତ୍ସା ପାଇଁ ସିଏଚ୍‌ସିକୁ ଯାଉଥିବା ରୋଗୀ ଓ ସାଧାରଣ ଲୋକମାନେ ମଧ୍ୟ ଦୁର୍ଦ୍ଦଶା ଭୋଗୁଛନ୍ତି।

ଏହି ସମସ୍ୟା ସମ୍ପର୍କରେ ସୁନ୍ଦରଗଡ଼ ଆର୍.ଡି. ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲୁ କିନ୍ତୁ ସେ କ୍ୟାମେରା ସମ୍ମୁଖରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିଲେ। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଶୀଘ୍ର ସ୍ଥାୟୀ ମରାମତି କରାଯାଇ ଯାତାୟାତ ସୁବିଧା ସ୍ୱାଭାବିକ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନେ ଦୃଢ଼ ଦାବି କରିଛନ୍ତି। ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ପ୍ରତିବାଦକାରୀମାନେ ସତର୍କ କରାଇଛନ୍ତି ।

## ପଞ୍ଚାୟତ ନିର୍ବାଚନ ପାଇଁ ପାରାଦ୍ୱୀପରେ ବଢୁଛି ବିଜେପି ଟିକେଟ୍ ଟଣାଟଣି

**ପାରାଦ୍ୱୀପ,୨୫।୭ (ସଂଚାର ବ୍ୟୁରୋ):** ଆଗାମୀ ପଂଚାୟତ ନିର୍ବାଚନକୁ ଆଉ ମାସ କେଇଟା ଥିବା ବେଳେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଚହଳ ଦେଖାଦେଇଛି। ବିଶେଷ କରି ରାଜ୍ୟରେ ବିଜେପି ଶାସକ ଦଳ ହୋଇଥିବାରୁ ଦଳୀୟ ଟିକେଟ୍ ପାଇଁ ଭିଡ଼ ଲାଗିଯାଇଛି।

ସୂତ୍ରରୁ ଜଣାପଡ଼ିଛି ଯେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ଅଧୀନ ପ୍ରତି ପଞ୍ଚାୟତରେ ବିଜେପି ଟିକେଟ୍ ପାଇଁ ୫ରୁ ଅଧିକ ଆଶାୟୀ ପ୍ରାର୍ଥୀ ଲାଇନ୍ ଲଗାଇଛନ୍ତି। ଏଥିରେ ସମ୍ପ୍ରତି ବିଜେଡି ଛାଡ଼ି ବିଜେପିରେ ମିଶିଥିବା ନେତାଙ୍କ ସଂଖ୍ୟା ମଧ୍ୟ ଅଧିକ। ଅନ୍ୟପଟେ ପୂର୍ବରୁ ବିଜେପିରେ କାମ କରୁଥିବା କର୍ମୀମାନେ ନିଜକୁ ଅଣଦେଖା ଅନୁଭବ କରୁଛନ୍ତି।

ଏହାକୁ ନେଇ ଦଳ ଭିତରେ ଗୋଷ୍ଠୀ କନ୍ଦଳ ଦେଖାଦେଇଛି। କେତେକ ପଂଚାୟତରେ ଟିକେଟ୍ ନ ପାଇଲେ ଅସନ୍ତୁଷ୍ଟ ବିଜେପି ପ୍ରାର୍ଥୀ ସ୍ୱାଧୀନ ଭାବେ ଲଢ଼ିବାର ଚେତାବନୀ ମଧ୍ୟ ଦେଇସାରିଛନ୍ତି। ଫଳରେ ଆସନ୍ତା ନିର୍ବାଚନରେ ବିଜେପିର ଭୋଟ୍ ବିଭାଜନ ହେବା ଆଶଙ୍କା ଦେଖାଦେଇଛି।

ରାଜନୈତିକ ବିଶ୍ଳେଷକଙ୍କ ମତରେ, ବିଜେଡିରୁ ଆସିଥିବା ନେତା ଓ ପୁରୁଣା ବିଜେପି କର୍ମୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବେ ଦଳ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇଛି। ନଚେତ ପାରାଦ୍ୱୀପରେ ବିଜେପିର ପ୍ରଭାବ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିପାରେ। ଏନେଇ ଦଳର ବରିଷ୍ଠ ନେତୃତ୍ୱ ଶୀଘ୍ର ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ କର୍ମୀ ଦାବି କରିଛନ୍ତି ।

**ଅସ୍ତରଙ୍ଗରେ ନୂଆ ଯୁଗର ଆରମ୍ଭ**

# ନିର୍ମାଣ ହେବ ଫ୍ଲାଏଓଭର, ଖୋଲିବ ବିକାଶର ନୂଆ ଦ୍ୱାର

## ଉପକୂଳ ରାଜପଥର ଗେମ୍ ଚେଞ୍ଜର୍, ଅସ୍ତରଙ୍ଗରେ ଫ୍ଲାଏଓଭର

## ପର୍ଯ୍ୟଟନ-ବନ୍ଦର-ବାଣିଜ୍ୟକୁ ମିଳିବ ନୂଆ ଗତି

**କାକଟପୁର/ଅସ୍ତରଙ୍ଗ,୨୫।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର ଅସ୍ତରଙ୍ଗ ଆଉ କେବଳ ଗୋଟିଏ ବ୍ଲକ୍ ରହିବ ନାହିଁ। ଉପକୂଳ ରାଜପଥର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସଂଯୋଗସ୍ଥଳ ଭାବେ ଏହା ଖୁବ୍ ଶୀଘ୍ର ନୂଆ ପରିଚୟ ପାଇବାକୁ ଯାଉଛି। ବଡ଼ପୋଖରିଆ- ମସାକଣି ଉପକୂଳ ରାଜପଥ ଏନଏଚ- ୩୧୬ ଏ'ର ପ୍ୟାକେଜ୍- ୨ ଅନ୍ତର୍ଗତ କୋଣାର୍କରୁ ମସାକଣି ଅଂଶର ଚେନେଜ୍ ୯୯.୦୦୦ କି.ମି. ଠାରେ ଅର୍ଥାତ୍ ଅସ୍ତରଙ୍ଗ ମୁଖ୍ୟ ବଜାର ନିକଟରେ ଏକ ବିଶାଳ ଫ୍ଲାଏଓଭର ନିର୍ମାଣ ହେବାକୁ ଯାଉଛି। ଏଠାରେ ଉପକୂଳ ରାଜପଥ ନିମାପଡ଼ା- କାକଟପୁର- ଅସ୍ତରଙ୍ଗ ଏମ୍‌ଡିଆର ରାଜ୍ୟ ରାସ୍ତାକୁ ଅତିକ୍ରମ କରୁଛି। ଏହି ଛକରେ ଦିନକୁ ଦିନ ଯାନବାହାନ ଚଳାଚଳ ବଢ଼ିବାରେ ଲାଗିଛି। ଦୁର୍ଘଟଣା ଆଶଙ୍କା ଓ ଟ୍ରାଫିକ୍ ଜାମ୍ ଏକ ସମସ୍ୟା ପାଲଟିଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର ଏଠାରେ ଫ୍ଲାଏଓଭର ସହ ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ୍ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଏଠାରେ ସୁରକ୍ଷିତ, ଦ୍ରୁତ ଓ ନିରବଚ୍ଛିନ୍ନ ଯାତାୟାତ ସୁନିଶ୍ଚିତ ହୋଇପାରିବ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଅଂଶକୁ ୨-ଲେନ୍ ୱିଥ୍ ପେଭ୍ଡ଼ ଶୋଲ୍ଡର ମାନକରେ ବିକଶିତ କରାଯିବ। ଭବିଷ୍ୟତରେ ଯାତାୟାତର ଚାହିଦା ବୃଦ୍ଧି ପାଇଲେ ଏହି ଅଂଶକୁ ସହଜରେ ୪-ଲେନ୍‌ରେ ଉନ୍ନୀତ କରାଯିବାର ଯୋଜନା ରହିଛି। ଏହା ଉପକୂଳ ଓଡିଶାର ଦୀର୍ଘମିଆଦି ବିକାଶ ପାଇଁ ଏକ ବଡ ପଦକ୍ଷେପ ଭାବେ ବିବେଚନା କରାଯାଉଛି।

ଏହି ଜଙ୍କସନର ସବୁଠୁ ବଡ ସୁବିଧା ହେଲା ଏହା ସଂଯୋଗର କେନ୍ଦ୍ରବିନ୍ଦୁ ପାଲଟିବ। ବଡ଼ପୋଖରିଆ, ପୁରୀ ଓ ପାରାଦ୍ୱୀପ ପଟୁ ଆସୁଥିବା ଯାନବାହାନଗୁଡ଼ିକ ଏଠାରୁ ସହଜରେ ଏକ୍ଜିଟ ନେଇ ଅସ୍ତରଙ୍ଗ ମୁଖ୍ୟ ବଜାର, ପ୍ରସ୍ତାବିତ ଅସ୍ତରଙ୍ଗ ବନ୍ଦର, ଜାହାନିଆ ପୀର ସାହେବ ପୀଠ, ନୂଆଗଡ଼ ଫିସିଂ ୟାର୍ଡ, ଅସ୍ତରଙ୍ଗ ବେଳାଭୂମି, କାକଟପୁର ମା' ମଙ୍ଗଳା ମନ୍ଦିର, ନୂଆ ହାଟ ଏବଂ ଚାରିଛକ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ସିଧାସଳଖ ପହଞ୍ଚିପାରିବେ। ସେହିପରି ଅସ୍ତରଙ୍ଗ, ନୂଆ ହାଟ ଓ ଚାରିଛକ ଅଞ୍ଚଳର ଲୋକମାନେ ମଧ୍ୟ ଏଠାରୁ ଉପକୂଳ ରାଜପଥରେ ଏଣ୍ଟ୍ରି ନେଇ ବଡ଼ପୋଖରିଆ, ପୁରୀ ଓ ପାରାଦ୍ୱୀପ ଦିଗକୁ ଦ୍ରୁତ, ସୁରକ୍ଷିତ ଓ ସୁବିଧାଜନକ ଯାତ୍ରା କରିପାରିବେ। କେବଳ ଯାତାୟାତ ନୁହେଁ, ଏହି ଫ୍ଲାଏଓଭର ଅସ୍ତରଙ୍ଗ ଅଞ୍ଚଳର ଅର୍ଥନୀତିକୁ ମଧ୍ୟ ନୂଆ ଆକାର ଦେବ।

ପ୍ରସ୍ତାବିତ ଅସ୍ତରଙ୍ଗ ବନ୍ଦର କାର୍ଯ୍ୟକ୍ଷମ ହେଲେ ମାଲ ପରିବହନ ପାଇଁ ଏହି ରାସ୍ତା ମୁଖ୍ୟ କରିଡର ପାଲଟିବ। ନୂଆଗଡ଼ ଫିସିଂ ୟାର୍ଡର ମତ୍ସ୍ୟ ବ୍ୟବସାୟ, ଅସ୍ତରଙ୍ଗ ବେଳାଭୂମିର ପର୍ଯ୍ୟଟନ, ମା' ମଙ୍ଗଳାଙ୍କ ଦର୍ଶନ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ବାଣିଜ୍ୟକ କାର୍ଯ୍ୟକଳାପ ସମସ୍ତଙ୍କୁ ଏହା ସିଧା ଲାଭ ଦେବ।

ସ୍ଥାନୀୟ ବାସିନ୍ଦାମାନେ ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି। ଜଣେ ବ୍ୟବସାୟୀ କହିଛନ୍ତି, "ଏତେ ଦିନ ଧରି ଏହି ଛକରେ ଜାମ୍ ଲାଗୁଥିଲା। ଫ୍ଲାଏଓଭର ହେଲେ ଆମ ବ୍ୟବସାୟ ମଧ୍ୟ ବଢ଼ିବ।" ଜଣେ ସାମାଜିକ କର୍ମୀଙ୍କ କହିବା ଅନୁଯାୟୀ, _"ଏହା କେବଳ ରାସ୍ତା ନୁହେଁ, ଏହା ଅସ୍ତରଙ୍ଗର ବିକାଶର ନୂଆ ଦ୍ୱାର।" ବୁଦ୍ଧିଜୀବୀ ମାନେ କହୁଛନ୍ତି ଯେ ଏହି ପ୍ରସ୍ତାବିତ ସଂଯୋଗସ୍ଥଳ କେବଳ ଯାତାୟାତ ବ୍ୟବସ୍ଥାକୁ ସୁଦୃଢ଼ କରିବ ନାହିଁ, ବରଂ ପର୍ଯ୍ୟଟନ, ମତ୍ସ୍ୟ ଶିଳ୍ପ, ପ୍ରସ୍ତାବିତ ଅସ୍ତରଙ୍ଗ ବନ୍ଦର ଏବଂ ସାମଗ୍ରିକ ଆଞ୍ଚଳିକ ଅର୍ଥନୈତିକ ବିକାଶକୁ ମଧ୍ୟ ନୂତନ ଗତି ପ୍ରଦାନ କରିବ।

ସରକାରଙ୍କ ଏହି ନିଷ୍ପତ୍ତି ପରେ ଅସ୍ତରଙ୍ଗ ଆଉ ଗୋଟିଏ ସାଧାରଣ ବ୍ଲକ୍ ରହିବ ନାହିଁ। ଏହା ଉପକୂଳ ଓଡିଶାର ବାଣିଜ୍ୟ, ପର୍ଯ୍ୟଟନ ଓ ଶିଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ହବ୍ ଭାବେ ଉଭା ହେବ।

## ଜେଜିୟୁରୁ ଅନ୍ତର୍ଜାତୀୟ ସମ୍ପର୍କରେ ଏମଏ ଡିଗ୍ରୀ ହାସଲ କଲେ ମାଲକାନଗିରିର ଶିକ୍ଷାବିତ୍



**ମାଲକାନଗିରି,୨୫।୭ (ସଂଚାର ବ୍ୟୁରୋ):** ଜିଲ୍ଲା ତଥା ସମଗ୍ର ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି ବାଲିମେଳା କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଶିକ୍ଷକ ତଥା ଗବେଷକ ଡ. କିଶୋର କୁମାର ଦାଶ। ହରିୟାଣାର ସୋନିପଥ ସ୍ଥିତ ଓ.ପି. ଜିନ୍ଦଲ ଗ୍ଲୋବାଲ ୟୁନିଭରସିଟି (ଜେଜିୟୁ)ର 'ଜିନ୍ଦଲ ସ୍କୁଲ ଅଫ୍ ଇଣ୍ଟରନ୍ୟାସନାଲ ଆଫେୟାର୍ସ' (ଜେଏସ୍‌ଆଇଏ) ପକ୍ଷରୁ ଆୟୋଜିତ ୧୫ଶ ସମାବର୍ତ୍ତନ ଉତ୍ସବରେ ତାଙ୍କୁ ଅନ୍ତର୍ଜାତୀୟ ସମ୍ପର୍କ, ସୁରକ୍ଷା ଓ ରଣନୀତି ବିଷୟରେ ସ୍ନାତକୋତ୍ତର ଡିଗ୍ରୀ ପ୍ରଦାନ କରାଯାଇଛି।

ବିଶ୍ୱବିଦ୍ୟାଳୟର ଚାନ୍ସେଲର ନବୀନ ଜିନ୍ଦଲ, ହାର୍ଭାଡ ବିଶ୍ୱବିଦ୍ୟାଳୟର ପ୍ରଫେସର ତରୁଣ ଖାନ୍ନା ଏବଂ ଜେଜିୟୁର କୁଳପତି ପ୍ରଫେସର (ଡ.) ସି. ରାଜ କୁମାରଙ୍କ ଉପସ୍ଥିତିରେ ଡ. ଦାଶଙ୍କୁ ଏହି ଡିଗ୍ରୀ ପ୍ରଦାନ କରାଯାଇଥିଲା।

ଜଣେ ବହୁମୁଖୀ ଗବେଷକ ଭାବେ ଡ. ଦାଶ ୩୦ରୁ ଅଧିକ ପୁସ୍ତକ ରଚନା କରିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ଗବେଷଣା ପତ୍ରିକାରେ ୫୦ରୁ ଅଧିକ ଗବେଷଣା ପ୍ରବନ୍ଧ ପ୍ରକାଶ କରିଛନ୍ତି। ଏହାଛଡ଼ା ଅନ୍ତର୍ଜାତୀୟ ସମ୍ପର୍କ, ରଣନୈତିକ ବ୍ୟାପାର, ସୁଶାସନ, ସାମ୍ବାଦିକତା ଏବଂ ଜନନୀତି ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସେ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀରେ ନିଜର ଗବେଷଣା ପତ୍ର ଉପସ୍ଥାପନ କରିଛନ୍ତି।

ଡ. ଦାଶଙ୍କ ଏହି ଗୌରବମୟ ସଫଳତା ପାଇଁ ମାଲକାନଗିରିର ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ତାଙ୍କୁ ସାଧୁବାଦ ଜଣାଇଛନ୍ତି।

## ନୈତିକତାର ଏକ ଦୃଷ୍ଟାନ୍ତ



ଭୁବନେଶ୍ୱର, ୨୫।୭ (ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଭାରତୀୟ ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ସେ ଦେଶର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ, ଲୋକତାନ୍ତ୍ରିକ ଭାବନା ଓ ନୈତିକ ଦାୟିତ୍ୱକୁ ସମ୍ମାନ ଦେଇ ପଦତ୍ୟାଗ କରିଛନ୍ତି ବୋଲି ପୂର୍ବତନ ବିଧାୟକ ନବୀନ ନନ୍ଦ କହିଛନ୍ତି। ସୋସିଆଲ ମିଡିଆରେ ସେ କହିଛନ୍ତି ଯେ ଜଣେ ନେତାଙ୍କୁ କେବଳ ଗୋଟିଏ ବିବାଦ କିମ୍ବା ଗୋଟିଏ ଘଟଣା ଆଧାରରେ ବିଚାର କରାଯିବା ଉଚିତ୍ ନୁହେଁ। ଧର୍ମେନ୍ଦ୍ର ପ୍ରଧାନ ଦୀର୍ଘ ଦିନ ଧରି ଓଡ଼ିଶା ଓ ଦେଶ ପାଇଁ କାର୍ଯ୍ୟ କରିଆସିଛନ୍ତି। ତାଙ୍କ ଅବଦାନ, ପରିଶ୍ରମ ଓ ସାର୍ବଜନିକ ଜୀବନର ପ୍ରତିବଦ୍ଧତାକୁ ସମ୍ମାନ ଦେବା ଉଚିତ। ଇସ୍ତଫା ଏକ ରାଜନୈତିକ ଓ ନୈତିକ ନିଷ୍ପତ୍ତି ହୋଇପାରେ, କିନ୍ତୁ ଏହା ସହ ଶିକ୍ଷା ବ୍ୟବସ୍ଥାରେ ଆବଶ୍ୟକ ସଂସ୍କାର, ପରୀକ୍ଷା ପ୍ରଣାଳୀର ସ୍ୱଚ୍ଛତା, ଜବାବଦେହିତା ଓ ଛାତ୍ରଛାତ୍ରୀଙ୍କ ବିଶ୍ୱାସ ପୁନଃସ୍ଥାପନ ହେବା ହିଁ ପ୍ରକୃତ ଲକ୍ଷ୍ୟ ହେବା ଦରକାର। ସେ କହିଛନ୍ତି ଯେ ମୁଁ ଆଜି ମଧ୍ୟ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦୃଢ଼ ଭାବେ ଛିଡ଼ା ହୋଇ ରହିଛି। ମୋର ବିଶ୍ୱାସ ସେ ଭବିଷ୍ୟତରେ ମଧ୍ୟ ଦେଶ, ଓଡ଼ିଶା ଓ ଯୁବସମାଜର ସେବାରେ ସମାନ ନିଷ୍ଠାର ସହ କାମ କରିବେ।

# ଚମ୍ପୁଆକୁ ଲେଉଟିଲେ ୨୫ଟିକିଆ ହାତୀପଲ



ଚମ୍ପୁଆ,୨୫।୭(ସଂଚାର ବ୍ୟୁରୋ): ପାଖାପାଖି ମାସେ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାକୁ ଚାଲିଯାଇଥିବା ୨୫ଟିକିଆ ହାତୀପଲ ଗତକାଲି ପୁଣି ଚମ୍ପୁଆ ରେଞ୍ଜକୁ ଲେଉଟି ଆସିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନାନୁଯାୟୀ, ଗତକାଲି ମୟୂରଭଞ୍ଜରୁ ବାହାରି ପାଟଣା ରେଞ୍ଜ ମଧ୍ୟ ଦେଇ ହାତୀପଲ ଚମ୍ପୁଆ ରେଞ୍ଜରେ ପ୍ରବେଶ କରିଥିଲେ। ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନର ପଦ୍ମପୁରଠାରେ ବୈତରଣୀ ନଦୀ ପାର୍ ହୋଇ ହାତୀମାନେ ବରପଦା ଜଙ୍ଗଲରେ ପ୍ରବେଶ କରିଥିଲେ। ଜଙ୍ଗଲ ମଧ୍ୟରେ ପଶିବା ପରେ ସେଠାକାର ଏକ ପୋଖରୀରେ ହାତୀପଲ ଦୀର୍ଘ ସମୟ ଧରି ଜଳକ୍ରୀଡ଼ା କରିଥିବା ଦେଖିବାକୁ ମିଳିଥିଲା। ଜଙ୍ଗଲରୁ ବାହାରି ହାତୀପଲ ନିକଟସ୍ଥ ବର୍ଦ୍ଧନା ଗାଁ ଭିତରେ ପଶିଥିଲେ। ଗାଁର ଯୁଧିଷ୍ଠିର ମହାକୁଡ଼ଙ୍କ ଘରକୁ ଭାଙ୍ଗିବା ସହ ହାତୀପଲ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଗାଁରେ ହାତୀ ପଶିଥିବା ନେଇ ଖବର ପାଇବା ପରେ ବନ ବିଭାଗ ତତ୍ପରତା ପ୍ରକାଶ କରିଥିଲା। ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କୁ ଗାଁରୁ ଘଉଡ଼ାଇବାରେ ସଫଳ ହୋଇଥିଲେ। ଆଜି ସକାଳୁ ହାତୀପଲ ନିକଟସ୍ଥ ନିଉଣ୍ଡି ଗାଁ ଜଙ୍ଗଲକୁ ଚାଲିଯାଇଥିବା ଜଣାପଡ଼ିଛି। ବନ ବିଭାଗର ସୂଚନା ମୁତାବକ, ଏହି ହାତୀପଲରେ ଦନ୍ତାହାତୀ ୫ଟି, ମାଈ ହାତୀ ୧୧ଟି, ଛୁଆ ହାତୀ ୯ଟି ଏହିପରି ମୋଟ ୨୫ଟି ହାତୀ ପୁଣିଥରେ ଏହି ଅଞ୍ଚଳକୁ ଫେରିଥିବାରୁ ଆଖପାଖ ଗ୍ରାମଗୁଡ଼ିକରେ ଆତଙ୍କ ଖେଳିଯାଇଛି। ବନ ବିଭାଗ ପକ୍ଷରୁ ହାତୀଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଇଛି। ଏଥିସହ ଗ୍ରାମବାସୀଙ୍କୁ ହାତୀଙ୍କଠାରୁ ଦୂରତା ବଜାଇ ରଖିବାକୁ ଓ ରାତ୍ରି ସମୟରେ ସତର୍କ ରହିବାକୁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

**ବର୍ଦ୍ଧନାରେ ଘର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି**

● ବଙ୍ଗୋପସାଗରରେ ପୁଣି ଲଘୁଚାପ

# ପ୍ରବଳ ବର୍ଷିବ, ୬ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ



ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ପୁଣି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ପଶ୍ଚିମବଙ୍ଗ- ଓଡ଼ିଶା ଉପକୂଳରେ ଲଘୁଚାପ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଏହାର ପ୍ରଭାବରେ ରାଜ୍ୟରେ ଭୀଷଣ ବର୍ଷା ଲାଗି ରହିଛି।

ଗତକାଲି ସକାଳ ସୁଦ୍ଧା କେନ୍ଦୁଝର ଜିଲା ହାଟଡିହିଠାରେ ସର୍ବାଧିକ ୧୨୦.୨ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ବାଲେଶ୍ୱର ଜିଲ୍ଲାର ବାହାନଗାଠାରେ ୮୫ ମିମି, ଭୋଗରାଇରେ ୫୮ ମିମି, ଔପଦାଠାରେ ୫୨ ମିମି, କେନ୍ଦୁଝର ଜିଲ୍ଲାର ଘଷିପୁରାଠାରେ ୫୧.୩ ମିମି, ଆନନ୍ଦପୁରରେ ୫୧ ମିମି ବର୍ଷା ହୋଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଜି କଟକ, ଅନୁଗୋଳ, ଢେଙ୍କାନାଳ ଏବଂ କେନ୍ଦୁଝର ପରି ୪ଟି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଭୀଷଣ ବର୍ଷା ପାଇଁ କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ କଟକ ପରି ୬ଟି ଜିଲ୍ଲାକୁ ରେଡ ଆଲର୍ଟ ଜାରି କରାଯାଇଛି। ଏହାଛଡ଼ା ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୯ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଏବଂ ପ୍ରବଳ ବର୍ଷା ପାଇଁ ମଧ୍ୟ ୯ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି। ଆହୁରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଆଦି ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ସୌମ୍ୟ ଚାପରେ ଥିଲେ, ବହୁ ଜାଗାରେ ତାଙ୍କର ଟଙ୍କା ଫସିଥିଲା

● କ୍ରାଇମବ୍ରାଞ୍ଚ ଆଗରେ ବୟାନ ରଖିଲେ ହାପି



କଟକ, ୨୫।୭ (ସଂଚାର ବ୍ୟୁରୋ): ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣାରେ ସୌମ୍ୟଙ୍କ ସାଙ୍ଗ ହାପି କ୍ରାଇମବ୍ରାଞ୍ଚ ଅଫିସରେ ପହଞ୍ଚି ତଦନ୍ତକାରୀ ଅଧିକାରୀଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ, ସୌମ୍ୟ ଖୁବ ଚାପରେ ରହୁଥିଲେ। ବହୁ ଜାଗାରେ ତାଙ୍କର ଟଙ୍କା ଫସି ରହିଥିଲା। ସେ ହତାଶା ଭିତରେ ସମୟ ବିତାଉଥିଲେ। ସେହିପରି, ଗୋଟିଏ କିମ୍ବା ଦୁଇଟି ନୁହେଁ, ପାଖାପାଖି ୪ଟି ଜିମ୍‌ର ପରିଚାଳନା ଦାୟିତ୍ୱଭାର ତାଙ୍କ କାନ୍ଧରେ ଥିଲା। ପୁଣି ବିଭାଗୀୟ ଚାପ ଓ କିଛି ବଡ଼ବଡ଼ିଆଙ୍କ ନାଲିଆଖିରେ ସେ ଅଣନିଃଶ୍ୱାସୀ ହୋଇ ପଡୁଥିଲେ ବୋଲି କ୍ରାଇମବ୍ରାଞ୍ଚକୁ ହାପି ସୂଚନା ଦେଇଛନ୍ତି। ଏଥିସହିତ, ସୌମ୍ୟଙ୍କ ସହ ବାର୍ତ୍ତାଳାପ ହୋଇଥିବା କିଛି ଅଡ଼ିଓ ରେକର୍ଡିଂ ଓ ଭିଜୁଆଲ ମଧ୍ୟ ସେ କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ବାଲିଅନ୍ତା ଭିଡ଼ହିଂସା ଗିରଫଦାରୀ ସଂଖ୍ୟା ୨୦ରେ ପହଞ୍ଚିଛି। ହେଲେ ଘଟଣାର ପ୍ରମୁଖ ଅଭିଯୁକ୍ତକୁ ଏଯାଏଁ କାହିଁକି ଗିରଫ କରାଯାଇନାହିଁ ବୋଲି ମୃତ ସୌମ୍ୟଙ୍କର ଆଉ ଜଣେ ବନ୍ଧୁ ପ୍ରଶ୍ନ କରିଛନ୍ତି।

## ବାଇକ ମୁହାଁମୁହିଁ: ସ୍ତ୍ରୀ ଆଗରେ ସ୍ୱାମୀର ଜୀବନ ଗଲା

ଭଞ୍ଜନଗର,୨୫।୭(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ଯୋଗିମାରି ନିକଟରେ ଦୁଇ ବାଇକ ମୁଁହାମୁହିଁ ଧକ୍କା ହୋଇଛି। ଏଥିରେ ଜଣକର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମୃତକ ଜଣକ ବେଲଗୁଣ୍ଠା ଥାନା ଅନ୍ତର୍ଗତ ପଣ୍ଡିଖାରୀ ଗ୍ରାମର। ନିଜ ସ୍ତ୍ରୀ ଓ ଝିଅଙ୍କୁ ନେଇ ବାଇକରେ ଯାଉଥିବା ବେଳେ ଯୋଗିମାରୀ ଗାଁ ନିକଟର ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରୁ ସମସ୍ତ ଆହତଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଦୁଇ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ ଜବତ କରି ଭଞ୍ଜନଗର ଥାନା ପୁଲିସ୍ ତଦନ୍ତ ଚଳାଇଛି। ସେହିପରି ଗତକାଲି ଯାଜପୁରରେ ଟ୍ରକ୍ ପଛରେ ପିଟି ହେଲା ନାଇଟ କୋଚ୍ ଯାତ୍ରୀବାହୀ ବସ। ୧୦ରୁ ଅଧିକ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଥିଲେ। ଅଳ୍ପକେ ବର୍ତ୍ତିଥିଲେ ୫୦ରୁ ଅଧିକ ଯାତ୍ରୀ। ବସରେ ୫୦ରୁ ଅଧିକ ଯାତ୍ରୀ ଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ରୁ ଅଧିକ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଥିଲେ। 'ସନା ଟ୍ରାଭେଲ୍ସ' ନାମକ ଏକ ଯାତ୍ରୀବାହୀ ନାଇଟ କୋଚ୍ ବସ ଭୁବନେଶ୍ୱରରୁ କୋଲକାତା ଅଭିମୁଖେ ଯାଉଥିଲା। ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ଯାତ୍ରୀମାନଙ୍କୁ ଗାଡ଼ି ଭିତରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ: ୫ ଗିରଫ

ଦିଗପହଣ୍ଡି,୨୫।୭(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ପୁଲିସ ଟିମ୍ ପୋଡ଼ାମାରି ଗ୍ରାମ ନିକଟ ଏକ କୁକୁଡ଼ାଫାର୍ମରେ ଚାଲିଥିବା ଜୁଆଆଡ୍ଡା ଉପରେ ଅତର୍କିତ ଚଢ଼ାଉ କରି ୫ ଜଣ ଜୁଆଡ଼ିଙ୍କୁ ଗିରଫ କରିଥିବା ବେଳେ ପୂର୍ବରୁ ସୂଚନା ପାଇ ବହୁ ସଂଖ୍ୟକ ଜୁଆଡ଼ି ଫେରାର ହୋଇଯାଇଥିବା ଜଣାପଡ଼ିଛି। ଗିରଫ ଜୁଆଡ଼ିମାନଙ୍କଠାରୁ ପୁଲିସ ୮,୨୬୦ ହଜାର ଟଙ୍କା, ତାସମୁଠା ଓ ବେଡ୍‌ସିଟ୍ ଆଦି ଜବତ କରିଛି। ଗତକାଲି ବିଳମ୍ବିତ ରାତିରେ ଗାଁ ନିକଟ ଏକ କୁକୁଡ଼ା ଫାର୍ମରେ ଜୁଆଖେଳ ଚାଲିଥିବା ନେଇ ସୂଚନା ମିଳିବା ପରେ ପୋଡ଼ାମାରି ଫାଣ୍ଡି ଏସ୍‌ଆଇ ପ୍ରଭାତ କୁମାର ବାଲିକାନା, ପାଟପୁର ଥାନା ଏଏସ୍‌ଆଇ ସନ୍ତୋଷ କୁମାର ମିଶ୍ରଙ୍କ ନେତୃତ୍ୱରେ ପୁଲିସ ଟିମ୍ ଚଢ଼ାଉ କରିଥିଲେ। ଏନେଇ ଏଏସ୍‌ଆଇ ସନ୍ତୋଷ ମିଶ୍ରଙ୍କ ଏତଲା କ୍ରମେ ଆଇଆଇସି ଦୀପ୍ତି ରଞ୍ଜନ ବେହେରା ମାମଲା ନଂ.୨୧୨/୨୬ ଅନୁଯାୟୀ ମକଦ୍ଦମା ରୁଜୁ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା-୩୫(୩) ଅନୁଯାୟୀ ନୋଟିସ୍ ଦିଆଯିବା ପରେ ଛାଡ଼ି ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି।

## ନଦୀପଠାରେ ପଡ଼ିଛି ବାଘ ପାଦ ଚିହ୍ନ

ବୈପାରୀଗୁଡ଼ା,୨୫।୭(ସଂଚାର ବ୍ୟୁରୋ): କୁନ୍ଦୁରା ଓ କୋଟପାଡ଼ରେ ବାଘ ଭୟ। ସୀମାନ୍ତ ଅଞ୍ଚଳରେ ବାଘର ପାଦଚିହ୍ନ ଠାବ ପରେ ଲୋକଙ୍କ ମନରେ ଛନକା ପଶିଛି। କୋଟପାଡ଼ ବ୍ଲକ୍ ଚତର୍ଲା ପଞ୍ଚାୟତ କଟ୍ରିଗୁଡ଼ା ଗାଁ ନଦୀ ଘାଟ ନିକଟରେ ବାଘର ପାଦଚିହ୍ନ ଦେଖିଛନ୍ତି ସ୍ଥାନୀୟ ଲୋକେ। ସ୍ଥାନୀୟ ଲୋକେ ବାଘର ପାଦ ଚିହ୍ନ ଭିଡିଓ କରିବା ସହ ଏହା ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏହା ମହାବଳ ବାଘ ନା କଲରାପତରିଆ ତାହା ସ୍ପଷ୍ଟ ହୋଇନାହିଁ। ଏନେଇ ଲୋକେ ବନ ବିଭାଗକୁ ଖବର ଦେଇଥିବା ବେଳେ ବନ ବିଭାଗ ତଦନ୍ତ ଆରମ୍ଭ କରିଛି। ଏହା ବାଘ ନା ଅନ୍ୟ କୌଣସି ଜନ୍ତୁର ପାଦ ଚିହ୍ନ, ତାହା ତଦନ୍ତ ସରିବା ପରେ ଜଣାପଡ଼ିବ। ତେବେ ସ୍ଥାନୀୟ ଲୋକେ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି।



# ବିଲରେ ପଶିଲା କାର୍: ଅଳ୍ପକେ ବର୍ତ୍ତିଲେ ୩



ମୋହନା,୨୫।୭(ସଂଚାର ବ୍ୟୁରୋ): ଦୁଇ ଦିନର ଛୁଟି କାଟି ରାୟଗଡ଼ା ଜିଲ୍ଲାର ପଦ୍ମପୁରରୁ ଏକ କାର୍ (ଓଡି୦୭- ଏଏଫ୍- ୭୯୯୬) ଯୋଗେ ବ୍ରହ୍ମପୁର ଫେରୁଥିବା ବେଳେ ଗଜପତି ଜିଲ୍ଲା ଅଡ଼ବା ଥାନା ଅନ୍ତର୍ଗତ ପଦା ଗ୍ରାମ ନିକଟ ୩୨୬ ନମ୍ବର ଜାତୀୟ ରାଜପଥରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ତେବେ ଏଥିରେ ଡ୍ରାଇଭର ଓ ଦୁଇ ଜଣ ସହଯୋଗୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ମିଳିଥିବା ସୂଚନାନୁଯାୟୀ, ଜାତୀୟ ରାଜପଥରେ ଅନେକ ଗାତ ଥିବାରୁ ଗାଡ଼ିର ଷ୍ଟିଅରିଂ ଜାମ୍ ହୋଇଯାଇଥିଲା। ଫଳରେ ଚାଳକ ଭାରସାମ୍ୟ ହରାଇବା ଫଳରେ ଗାଡ଼ିଟି ରାସ୍ତା କଡ଼ରେ ଥିବା ଏକ ଧାନ ବିଲ ଭିତରକୁ ପଶିଯାଇଥିଲା। ଦୁର୍ଘଟଣାରେ କାର୍‌ଟି ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଗାଡ଼ିରେ ଥିବା ତିନି ଜଣ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଏନେଇ ଖବର ପାଇ ଅଡ଼ବା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ, ୩୨୬ ନମ୍ବର ଜାତୀୟ ରାଜପଥ ଦୀର୍ଘଦିନ ଧରି ମରଣଯନ୍ତା ପାଲଟିଥିବା ଅଭିଯୋଗ ହେଉଛି। ରାସ୍ତାରେ ଅସଂଖ୍ୟ ଗର୍ତ୍ତ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଅଞ୍ଚଳବାସୀଙ୍କ ପକ୍ଷରୁ ଏନେଇ ବହୁବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଠିକାଦାର କେବଳ ନାମକୁ ମାତ୍ର କିଛି ସ୍ଥାନରେ ମରାମତି କରି ଚାଲିଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଜାତୀୟ ରାଜପଥର ଶୀଘ୍ର ସ୍ଥାୟୀ ମରାମତି କରି ଦୁର୍ଘଟଣା ରୋକିବା ପାଇଁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଯୌତୁକ ପାଇଁ ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ: ସ୍ୱାମୀ ଗିରଫ

ଦିଗପହଣ୍ଡି,୨୫।୭(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ଖଜୁରୀପଲ୍ଲୀ ଗ୍ରାମର ପୁଷ୍ପା ସେଠୀ (୨୭)ଙ୍କୁ ଅଧିକା ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ମୁହଁରେ ତକିଆ ଚାପି ଶ୍ୱାସରୁଦ୍ଧ କରି ହତ୍ୟା ଉଦ୍ୟମ ଅଭିଯୋଗରେ ତଦନ୍ତକାରୀ ଅଧିକାରୀ ଦିଗପହଣ୍ଡି ଥାନା ଏସଆଇ ସୋଫିଆ ମିଶ୍ର ଆଜି ଅପରାହ୍ଣରେ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି। ସେ ହେଲେ ପାଟପୁର ଥାନା ପି. ଜଗନ୍ନାଥପୁର ଗ୍ରାମର ତସୁ ସେଠୀ ଓରଫ ତପୁ ସେଠୀ(୩୦)। ଥାନା ମାମଲା ନଂ. ୨୦୦/୨୬ ଭାରତୀୟ ନ୍ୟାୟ ସଂହିତାର ଦଫା -୮୫/୧୧୫(୨) /୧୧୭(୨)/ ୧୦୯/ ୩୫୧(୨) ଓ ଯୌତୁକ ନିର୍ଯାତନା ନିରୋଧ ଆଇନର ଧାରା -୪ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍-ଜେଲ ହାଜତକୁ ପଠାଇ ଦିଆଯାଇଛି।

ଗତ ୨୦୧୮ରେ ଖଜୁରୀପଲ୍ଲୀ ଗ୍ରାମର ବିପ୍ର ସେଠୀଙ୍କ ଝିଅ ପୁଷ୍ପା ସାନଖେମୁଣ୍ଡି ବ୍ଲକ ପି.ଜଗନ୍ନାଥପୁର ଗ୍ରାମର ଶୁକୁରିଆ ସେଠୀଙ୍କ ପୁଅ ତପୁଙ୍କୁ ବିବାହ କରିଥିଲେ। ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ଦାବି ଅନୁସାରେ ସ୍ୱାମୀଙ୍କ ପାଇଁ ସୁନା ଚେନ୍ ଓ ମୁଦି, ନଗଦ ୩୦ ହଜାର ଟଙ୍କା ସହ ସମସ୍ତ ଆସବାବପତ୍ର ଦିଆଯାଇଥିଲା। ବିବାହର କିଛି ମାସ ହସ ଖୁସିରେ କଟିବା ପରେ ଉଭୟଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ପରେ ସ୍ୱାମୀ ତାଙ୍କୁ ବାପ ଘରୁ ଅଧିକା ନଗଦ ୧ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ପୁଷ୍ପା ଦ୍ୱିତୀୟ ଥର ଗର୍ଭବତୀ ହେବାରୁ ତାଙ୍କ ସହାୟତା ପାଇଁ ସେ ସାନ ଭଉଣୀ ଲକ୍ଷ୍ମୀଙ୍କୁ ଘରକୁ ଡ଼ାକିଥିଲେ। ଏହି ସମୟରେ ଶାଳୀ ଲକ୍ଷ୍ମୀଙ୍କ ସହ ତାଙ୍କ ସ୍ୱାମୀ ତପୁଙ୍କ ଅବୈଧ ସମ୍ପର୍କ ଗଢ଼ି ଉଠିଥିଲା। ଏଥିରେ ପୁଷ୍ପା ପ୍ରତିବାଦ କରିଥିଲେ ମଧ୍ୟ ତପୁ କିଛି ବି ଶୁଣି ନଥିଲେ। ଫଳରେ ପୁଷ୍ପା ତାଙ୍କ ବାପ ଘରକୁ ଚାଲିଆସିଥିଲେ। ଗତ ୧ ତାରିଖ ରାତି ପ୍ରାୟ ୯ଟାରେ ପୁଷ୍ପା ଖଜୁରୀପଲ୍ଲୀ ବାପ ଘରେ ଏକୁଟିଆ ଥିବା ବେଳେ ତପୁ ସେଠାରେ ପହଞ୍ଚି ତାଙ୍କ ସହ ଭଲରେ କଥାବାର୍ତ୍ତା କରି ବ୍ରହ୍ମପୁର ରେଳ ଷ୍ଟେସନକୁ ଗଞ୍ଜେଇ ଚାଲାଣ କଲେ ତୋତେ ଅଧିକା ଟଙ୍କା ଦେବି ବୋଲି କହିଥିଲେ। ପୁଷ୍ପା ରାଜି ନ ହେବାରୁ ସେ ଏକ ପ୍ଲାଷ୍ଟିକ ପାଇପ୍‌ରେ ମାଡ଼ ମାରି ତଳେ ପକାଇଦେବା ସହ ତାଙ୍କ ମୁହଁରେ ତକିଆ ଚାପି ଶ୍ୱାସରୁଦ୍ଧ କରି ହତ୍ୟା ଉଦ୍ୟମ କରିଥିଲେ। ପୁଷ୍ପାଙ୍କ ପରିବାର ଲୋକେ ଘରେ ପହଞ୍ଚି ଘଟଣା ଦେଖିବା ପରେ ସାହି ପଡ଼ୋଶୀଙ୍କୁ ଡାକିବାରୁ ତପୁ ନାନା ଧମକ ଦେଇ ସେଠାରୁ ପଳାଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୁଷ୍ପା ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ଗତ ୮ ତାରିଖରେ ପରିବାର ଲୋକଙ୍କ ସହ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେବା ପରେ ଆଇଆଇସି କିଶୋର କୁମାର ସାମଲ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ।

# କଳ୍ପତରୁଙ୍କ ଏକାଦଶ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ




ଧର୍ମଶାଳା,୨୫।୭(ସଂଚାର ବ୍ୟୁରୋ): ଆଜି ଓଡ଼ିଶାର ପୂର୍ବତନ ସାଂସଦ ତଥା ପୂର୍ବତନ ପଞ୍ଚାୟତିରାଜ ମନ୍ତ୍ରୀ ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତଃ କଳ୍ପତରୁ ଦାସଙ୍କ ଏକାଦଶ ଶ୍ରାଦ୍ଧବାର୍ଷିକ ଉତ୍ସବ ଧର୍ମଶାଳା ଭବନଠାରେ ଅନୁଷ୍ଠିତ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ପ୍ରମିଳା ମଲ୍ଲିକ, ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼ାଇ, ପ୍ରଣବ ବଳବନ୍ତରାୟ, ବିଶ୍ୱରଞ୍ଜନ ମଲ୍ଲିକ, ସୁଜାତା ସାହୁ, ଶର୍ମିଷ୍ଠା ସେଠୀ, କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ର, ସରୋଜ ମହାପାତ୍ର ନିଜର ଅଭିଭାଷଣରେ ସ୍ୱର୍ଗତଃ କଳ୍ପତରୁ ଦାସଙ୍କ ଓଡ଼ିଶା ପ୍ରତି ଓ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ତାଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ୫୪ଟି ପଞ୍ଚାୟତର କଳ୍ପତରୁ ଦାସଙ୍କୁ ଭଲ ପାଉଥିବା ହଜାର ହଜାର କର୍ମୀ ଯୋଗ ଦେଇଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ସନ୍ତୋଷ ଜେନା, ସୁରେନ୍ଦ୍ର ପଣ୍ଡା, ଅମରେନ୍ଦ୍ର ରାୟ, ଉତ୍କଳମଣି ଦାସ, ଦୁଃଶାସନ ସାହୁ, ରାଜକିଶୋର ମହାନ୍ତିଙ୍କ ସମେତ ଧର୍ମଶାଳା ନିର୍ବାଚନମଣ୍ଡଳୀର ଯୁବ, ଛାତ୍ର, ମହିଳା ଓ ସମୂହ ସଂଗଠକ ଯୋଗ ଦେଇଥିଲେ। ସଭାକୁ ପରିଚାଳନା କରିଥିଲେ ବିଜେଡି ବ୍ଲକ୍ ସଭାପତି ପ୍ରସନ୍ନ ରାଉତ ଓ ସହଯୋଗ କରିଥିଲେ କାର୍ଯ୍ୟକାରୀ ସଭାପତି ସୁବ୍ରତ ଧଳ ଏବଂ ଶେଷରେ ୧୩ ନମ୍ବର ସଂଯୋଜକ ଉତ୍ତମ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ଘରେ ପଶି ବୃଦ୍ଧାଙ୍କୁ ନିର୍ମମ ହତ୍ୟା



ଖୋର୍ଦ୍ଧା,୨୫।୭(ସଂଚାର ବ୍ୟୁରୋ): ଜଟଣୀରେ ଘରେ ପଶି ଜନୈକା ବୃଦ୍ଧାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଶୁକ୍ରବାର ରାତିରେ ଘରେ ପଶି ଉକ୍ତ ବୃଦ୍ଧାଙ୍କୁ ଦୁର୍ବୃତ୍ତ ହତ୍ୟା କରିଛନ୍ତି। ଜଟଣୀ ଥାନା ଉପରବସ୍ତ ଗାଁରେ ଏହି ହତ୍ୟାକାଣ୍ଡ ଘଟିଛି। ଲୁଟ୍ ଉଦ୍ଦେଶ୍ୟରେ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ମୃତ ମହିଳା ଜଣଙ୍କ ହେଲେ ୭୫ ବର୍ଷୀୟା ଶାନ୍ତିଲତା ପ୍ରଧାନ। ମିଳିଥିବା ସୂଚନାନୁଯାୟୀ, ଜଟଣୀ ଥାନା ଉପରବସ୍ତ ଗାଁର ଶାନ୍ତିଲତାଙ୍କ ଘରେ ପଶି ଜଣେ ଦୁର୍ବୃତ୍ତ ତାଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଶାନ୍ତିଲତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳା ଜଣଙ୍କ ପଡ଼ିଥିବା ଦେଖି ପରିବାର ଲୋକେ ଜଟଣୀ ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଜଟଣୀ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଲୁଟ୍ ଉଦ୍ଦେଶ୍ୟରେ ଏହି ହତ୍ୟାକାଣ୍ଡ ହୋଇଥିବା ଅନୁମାନ କରାଯାଉଛି।

# ଜମିବାଡ଼ି ବିବାଦ ନେଇ ହତ୍ୟାକାଣ୍ଡ, ୨ ଗିରଫ

କଳାହାଣ୍ଡି,୨୫।୭(ସଂଚାର ବ୍ୟୁରୋ): ଜମିବାଡ଼ି ବିବାଦକୁ କେନ୍ଦ୍ରକରି ସ୍ତ୍ରୀ ଆଗରେ ସ୍ୱାମୀକୁ ପିଟିପିଟି ହତ୍ୟା କରାଯାଇଛି। କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା କୁମଜୋର ଗାଁରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ମୃତକ ଜଣଙ୍କ ୫୦ ବର୍ଷୀୟ ସୁବେ ଶବର ହୋଇଥିବା ବେଳେ ଏହି ମାମଲାରେ ପୁଲିସ୍ ଦୁଇ ଜଣଙ୍କୁ ଗିରଫ କରିଛି।

ମିଳିଥିବା ସୂଚନାନୁସାରେ, ସୁବେ ଶବର ଓ ତାଙ୍କ ସ୍ତ୍ରୀ ସତ୍ୟ ଶବର ଶୁକ୍ରବାର ଚାଷ ଜମିକୁ କାମ ପାଇଁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୪ଟା ବେଳେ ଘରକୁ ଫେରୁଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗାଁର ଜଗନ୍ନାଥ ଶବର ଓ ଦେସେରାମ ଶବର ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଲାଠି ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ ଯୋଗୁଁ ସୁବେ ଗୁରୁତର ଭାବେ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ସୁଦ୍ଧା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଜୟପାଟଣା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଦୁଇ ଅଭିଯୁକ୍ତ ଜଗନ୍ନାଥ ଓ ଦେସେରାମଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

ଦୁର୍ଘଟଣାରେ ବାପ-ଝିଅଙ୍କ ମୃତ୍ୟୁ ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ସହାୟତା ରାଶି ଘୋଷଣା

ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଗଙ୍ଗପଡ଼ା ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ବାପ ଓ ଝିଅଙ୍କର ମୃତ୍ୟୁ ହୋଇଛି। ଗଙ୍ଗପଡା ଛକ ନିକଟରେ ଏକ ସ୍କୁଟରକୁ ହାଇୱା ଧକ୍କା ଦେଇଥିଲା। ଫଳରେ ସ୍କୁଟରରେ ଯାଉଥିବା ବାପା ଓ ଝିଅଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଏହି ଦୁର୍ଘଟଣା ପ୍ରତିବାଦରେ ୧୬ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳସ୍ୱରୂପ, ରାସ୍ତାର ଦୁଇ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡ଼ି ମୋଟର ଅଟକି ରହିଥିଲା। ଅନ୍ୟପକ୍ଷରେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ରାଶି ଘୋଷଣା କରାଯାଇଛି। ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ।

# ବିଜେପିରେ ମିଶିଲେ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ




ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ): ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓଙ୍କ ସମେତ ୭ ଜଣ ଜିଲ୍ଲା ପରିଷଦ ସଦସ୍ୟ ବିଜେଡି ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି। ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଶ୍ରୀ ସିଂହଦେଓଙ୍କ ସମେତ ଜିଲ୍ଲା ପରିଷଦ ସଦସ୍ୟ ମହେନ୍ଦ୍ର ରଣା, ଲିଲି ଦୀପ, ଜୟସେନ୍ ସାହୁ, ସରିତା ମାଝୀ, ଦୟାନିଧି ନାଏକ, ନମ୍ରତା ସାହୁ, ଲୋକେଶ ସାହୁଙ୍କ ସମେତ କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ ପ୍ରମୁଖ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି।

ମିଶ୍ରଣ ପର୍ବରେ ବିଜେଡିର ପୂର୍ବତନ ଜିଲ୍ଲା ଉପସଭାପତି ସୁଷମା ସାହୁ, ମଦନପୁର ପଞ୍ଚାୟତ ସରପଞ୍ଚ କେତକୀ ଦଣ୍ଡିଆ, ରେଗେଡ଼ା ସରପଞ୍ଚ ଦୀପ୍ତିରାଣୀ ସାହୁ, କଣ୍ଡୁପଡ଼ା ସରପଞ୍ଚ ଅରୁଣ ନାୟକ, ହାତିଖୋଜ ସରପଞ୍ଚ ସୁନୀତା କୁମାର, କାଣ୍ଟେସିର ସରପଞ୍ଚ ମମତା ନାଗ, ପଞ୍ଚାୟତ ସମିତି ସଦସ୍ୟ ତ୍ରିପୁରା ମାଝୀ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ବିଜେପିରେ ସାମିଲ୍ ହୋଇଛନ୍ତି। ଏହାଛଡ଼ା ନୂଆପଡ଼ା ଜିଲ୍ଲାର ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ମୁରଲୀଧର ଭୋଇ, ଉମା ଠାକୁର ଓ କୋମନା ବ୍ଲକ ବିଜେଡି ସଭାପତି କ୍ଷମାସିଂହ ନିଆଲ ଓ ବରିଷ୍ଠ କଂଗ୍ରେସ ନେତା ତଥା ଜିଲ୍ଲା ସାଧାରଣ ସମ୍ପାଦକ ବୃନ୍ଦାବନ ମହାନନ୍ଦ ନିଜ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ବିଜେପିରେ ମିଶିଛନ୍ତି। ଏହି କର୍ମୀମାନଙ୍କୁ ସ୍ୱାଗତ କରି ରାଜ୍ୟ ବିଜେପି ସଭାପତି ତଥା ସାଂସଦ ମନମୋହନ ସାମଲ କହିଛନ୍ତି ଯେ ବିଜେପି ଏକ କାର୍ଯ୍ୟକର୍ତ୍ତା ଆଧାରିତ ଦଳ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ହୋଇପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବିଜେପିରେ ନୂତନ କାର୍ଯ୍ୟକର୍ତ୍ତାଙ୍କ ଯୋଗଦାନ ବଢ଼ିଚାଲିଛି। ବିଜେପି ସରକାର ଓଡ଼ିଶାର ବିକାଶ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ନୂଆ ଓଡ଼ିଶା ଗଠନରେ ସମସ୍ତେ ଯେପରି ଗୋଟିଏ ଗୋଟିଏ ଧର୍ମପଦ ହେବ ସେନେଇ ସମସ୍ତେ ଉଦ୍ୟମ କରିବା ଦରକାର। ଏଥିରେ ନୂତନ କାର୍ଯ୍ୟକର୍ତ୍ତାଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ସାମଲ କହିଛନ୍ତି।

## ୬ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ

ବଲାଙ୍ଗୀର,୨୫।୭(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲାର ତୁଷୁରା-ଦେଓଗାଁ ରାସ୍ତା ଗଞ୍ଜେଇ କରିଡ଼ର ପାଲଟିଛି। ପ୍ରତିଦିନ ଏହି ରାସ୍ତାରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ ରାଜ୍ୟ ବାହାରକୁ ଚୋରା ଚାଲାଣ ହେଉଛି। ଆଜି ତୁଷୁରା ପୁଲିସ ୬ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି। ତୁଷୁରା ଥାନା ଯାମୁଟ-ଗୁଡ଼ଭେଲା ରାସ୍ତା ଉପରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଓଡି୦୨ଏଏଚ ୦୭୩୨ ପିକଅପ୍ ଗାଡ଼ି ରାସ୍ତା ଉପରେ ଛାଡ଼ି ଦେଇ ୨ ଜଣ ଗଞ୍ଜେଇ ମାଫିଆ ଫେରାର ହୋଇଯାଇଥିଲେ। ତୁଷୁରା ପୁଲିସ ଗାଡ଼ିକୁ ଯାଞ୍ଚ କରିବା ପରେ ସେଥିରେ ବସ୍ତା ବସ୍ତା ଗଞ୍ଜେଇ ରହିଥିଲା। ପରେ ଓଜନ ହେବାରୁ ବସ୍ତାରୁ ପାଖାପାଖି ୬ କ୍ୱିଣ୍ଟାଲ ୧୯ କିଗ୍ରା ଗଞ୍ଜେଇ ମିଳିଥିଲା, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୭୦ ଲକ୍ଷ ଟଙ୍କା ହେବ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଗଞ୍ଜେଇ ଓ ଗାଡ଼ିକୁ ଜବତ କରିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003, Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ତେଲ, ଗ୍ୟାସ୍ ପାଇଁ ମହାନଦୀ ଅବବାହିକାରେ କୂପ ଖନନ



ନୂଆଦିଲ୍ଲୀ,୨୫।୭: ଓଡ଼ିଶାର କୋଣାର୍କ ସନ୍ଧାନ କ୍ଷେତ୍ରଠାରୁ ୨୩ ନୌଟିକାଲ ମାଇଲ ଦୂରରେ ମହାନଦୀ ଉପତଟୀୟ ଅବବାହିକାରେ ଥିବା 'ଏମ୍‌ଏନ୍-ଡିଡବ୍ଲ୍ୟୁ୧୮-ଏଚ୍-ଡି'ଠାରେ ରାଷ୍ଟ୍ରାୟତ୍ତ କମ୍ପାନି ଓଏନ୍‌ଜିସି ପକ୍ଷରୁ କୂପ ଖନନ ଆରମ୍ଭ କରାଯାଇଛି। ସମୁଦ୍ର ମନ୍ଥନ ଅଭିଯାନ ଅଧୀନରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି ଯାହା ଦେଶର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ସହ ଆମଦାନି ନିର୍ଭରଶୀଳତା କମ୍ କରିବ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି। ଏହି ସ୍ଥାନରେ ଚାରିଟି କୂପ ଖନନ ଯୋଜନା ରହିଛି। ଏହି ଅଞ୍ଚଳରେ ବ୍ୟାପକ ତୈଳ ଓ ଗ୍ୟାସ ଗଚ୍ଛିତ ଥିବା ଆକଳନ କରାଯାଇଛି।

ଏକ ଆକଳନ ଅନୁସାରେ ଭାରତ ପୂର୍ବ ଓ ପଶ୍ଚିମତଟର ଗଭୀର ସମୁଦ୍ର ଅବବାହିକାରେ ୬୫୦୦ ନିୟୁତ ମେଟ୍ରିକ୍ ଟନ୍‌ରୁ ଅଧିକ ତୈଳ ଗଚ୍ଛିତ ଥିବା ଅନୁମାନ କରାଯାଉଛି। ତାହାର ସନ୍ଧାନ କରିବା ପାଇଁ ପୂର୍ବରୁ ନିଷିଦ୍ଧ ଥିବା ୩୦୦୦ ମିଟର ପର୍ଯ୍ୟନ୍ତର ଗଭୀର ଜଳରେ ଖନନ ଆରମ୍ଭ କରିବାକୁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ଫଳରେ ସମୁଦ୍ରରେ ପ୍ରାୟ ଏକ ନିୟୁତ ବର୍ଗ କିଲୋମିଟର ପର୍ଯ୍ୟନ୍ତ ପୂର୍ବରୁ ନିଷିଦ୍ଧ ଥିବା ଅଞ୍ଚଳରେ ଖନନ ପାଇଁ ପଥ ପ୍ରଶସ୍ତ ହୋଇପାରିଛି। ନିକଟରେ କାବେରୀ, ମହାନଦୀ ଓ ଆଣ୍ଡାମାନ ଅବବାହିକାରେ କରାଯାଇଥିବା ଅନୁସନ୍ଧାନରେ ବ୍ୟାପକ ସଫଳତା ମିଳିଥିଲା। ଗଭୀର ସମୁଦ୍ରରେ ଅନୁସନ୍ଧାନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଓଏନ୍‌ଜିସି ସ୍ୱତନ୍ତ୍ର 'ଡିପ୍‌ଏକ୍ସ' ବିଭାଗ ଖୋଲିଛି। ମହାନଦୀ ଉପତଟୀୟ ଅବବାହିକାରେ ଆଜି ଆରମ୍ଭ କରାଯାଇଥିବା ଖନନ ସବୁଠାରୁ ଆହ୍ୱାନପୂର୍ଣ୍ଣ ବୋଲି କମ୍ପାନି କହିଛି।

ଭାରତ ନିଜ ସିଂହଭାଗ ତୈଳ ଓ ଗ୍ୟାସ୍ ଆବଶ୍ୟକତାକୁ ଆମଦାନି ଜରିଆରେ ପୂରଣ କରୁଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଏହି ଦୁଇ ଜିନିଷ ମଗାଇବା ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ହୋଇପଡ଼ିଛି ଯାହା ଦେଶର ଶକ୍ତି ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି। କେବଳ ସେତିକି ନୁହେଁ ଅଧିକ ଦାମ୍‌ରେ ତେଲ ଓ ଗ୍ୟାସ କିଣିବାକୁ ବିପୁଳ ବିଦେଶୀ ମୁଦ୍ରା ଖର୍ଚ୍ଚ କରିବାକୁ ପଡୁଛି ଯାହା ଦେଶର ଅର୍ଥନୀତିକୁ ମଧ୍ୟ ଦୁର୍ବଳ କରୁଛି। ଆମଦାନି ନିର୍ଭରଶୀଳତା କମ୍ କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ଦେଶ ଭିତରେ ଥିବା ସମ୍ଭାବ୍ୟ ଅଞ୍ଚଳଗୁଡ଼ିକରେ ତୈଳ ଓ ଗ୍ୟାସ୍ ସନ୍ଧାନ କାର୍ଯ୍ୟକୁ ଜୋରଦାର କରିଛନ୍ତି।

## ଖାତାରେ ଜମା ହେଲା ଇପିଏଫ୍ ସୁଧ




ନୂଆଦିଲ୍ଲୀ,୨୫।୭:କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ପକ୍ଷରୁ ସଦସ୍ୟମାନଙ୍କ ଖାତାରେ ସୁଧ ବାବଦ ଟଙ୍କା ଜମା କରିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ସୁଧ ଜମା ହେଉଥିବା ସଦସ୍ୟମାନଙ୍କ ପାଖକୁ ଏସ୍‌ଏମ୍‌ଏସ୍ ଜରିଆରେ ସେହି ସୂଚନା ଦିଆଯାଉଛି। ବହୁ ସଂଖ୍ୟାରେ ସଦସ୍ୟ ୨୦୨୫-୨୬ ଆର୍ଥିକ ବର୍ଷର ୮.୨୫ ପ୍ରତିଶତ ସୁଧ ପାଇଛନ୍ତି। ଯେଉଁ ସଦସ୍ୟମାନଙ୍କ ପାଖରେ ଏସ୍‌ଏମ୍‌ଏସ୍ ପହଞ୍ଚିପାରିନାହିଁ ସେମାନେ ୦୧୧-୨୨୯୦୧୪୦୬ ନମ୍ବରକୁ ମିସ୍‌ଡ କଲ୍ କରି ଖାତା ବାଲାନ୍ସ ଜାଣିପାରିବେ। ଏସ୍‌ଏମ୍‌ଏସ୍ ପଠାଇ, ଉମଙ୍ଗ ଆପ୍ କିମ୍ବା ଇପିଏଫ୍‌ଓ ପୋର୍ଟାଲ ମାଧମରେ ମଧ ନିଜ ଖାତା ବାଲାନ୍ସ ଜାଣିବାର ସୁବିଧା ରହିଛି। ଇପିଏଫ୍‌ଓ ପକ୍ଷରୁ ଖୁବ୍‌ଶୀଘ୍ର ଏଟିଏମ୍ ଓ ୟୁପିଆଇ ମାଧମରେ ଟଙ୍କା ଉଠାଣ ସୁବିଧା ଆରମ୍ଭ କରାଯିବ। ଇପିଏଫ୍‌ଓ ୩.୦ ଅଧୀନରେ ଏହାର ୭.୮ କୋଟି ସଦସ୍ୟ ବିନା କୌଣସି କାଗଜପତ୍ର କାମରେ ତୁରନ୍ତ ପାଣ୍ଠି ପାଇପାରିବେ। ଏହି ବ୍ୟବସ୍ଥା ଲାଗୁ ହେବା ପରେ ଇପିଏଫ୍‌ଓର ଅଧିକାଂଶ ସେବା ସଦସ୍ୟଙ୍କୁ ସୁହାଇବା ଭଳି ହୋଇଯିବ। ସ୍ୱୟଂକ୍ରିୟ ଦାବି ସମାଧାନ, ସଦସ୍ୟ ଚାହୁଥିବା ବ୍ୟାଙ୍କ ଖାତାରେ ଟଙ୍କା ଜମା ହେବା ଭଳି ସୁବିଧା ମିଳିବ।

### କଠୋର ବାଣିଜ୍ୟ ତଦନ୍ତ ନିର୍ଦ୍ଦେଶ ଜାରି

## ଇୟୁର ଜରିମାନା ପରେ ପ୍ରତିଶୋଧ ନେଲେ ଟ୍ରମ୍ପ



ୱାସିଂଟନ,୨୫।୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁରୋପୀୟ ସଂଘର ନୀତି ବିରୋଧରେ ଏକ ଆନୁଷ୍ଠାନିକ ବାଣିଜ୍ୟ ତଦନ୍ତ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ୟୁରୋପୀୟ ସଂଘ ଦ୍ୱାରା ଆମେରିକୀୟ ଟେକ୍ କମ୍ପାନିଗୁଡ଼ିକ ଉପରେ ଲାଗୁ କରାଯାଇଥିବା ଭାରୀ ଜରିମାନାର ପ୍ରତିକ୍ରିୟା ପରେ ଆସିଛି। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି, ସେ ଅନ୍ୟାୟକୁ ସହ୍ୟ କରିବେ ନାହିଁ। ୟୁରୋପୀୟ ସଂଘ ଆଣ୍ଟିଟ୍ରଷ୍ଟ ନିୟମ ଉଲ୍ଲଂଘନ କରିଥିବାରୁ ଗୁଗୁଲ ଉପରେ ୧ ବିଲିୟନ ଡଲାର ଜରିମାନା ଲାଗୁ କରିଛି। ଏନେଇ କ୍ରୋଧିତ ହୋଇ ଡୋନାଲ୍ଡ ଟ୍ରମ୍ପ ୟୁରୋପୀୟ ସଂଘ ଉପରେ ବାଣିଜ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ସଙ୍କେତ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ୟୁରୋପୀୟ ସଂଘ ଆପଲ, ମେଟା ଏବଂ ଆମାଜନ ଭଳି ଆମେରିକୀୟ କମ୍ପାନିଗୁଡ଼ିକୁ ଟାର୍ଗେଟ କରୁଛି। ଆମେରିକା ଏବେ ଏହି ପକ୍ଷପାତପୂର୍ଣ୍ଣ ନୀତିର କଡ଼ା ଜବାବ ଦେବାକୁ ପ୍ରସ୍ତୁତ।

ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆରେ ଏକ ଲମ୍ବା ପୋଷ୍ଟରେ ଇୟୁର କଠୋର କାର୍ଯ୍ୟାନୁଷ୍ଠାନକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଯୁକ୍ତରାଷ୍ଟ୍ର ୟୁରୋପର 'ପିଗି ବ୍ୟାଙ୍କ' ନୁହେଁ, ଏବଂ ସେ ତାଙ୍କ କମ୍ପାନିଗୁଡ଼ିକୁ ଲୁଟିବାକୁ ଦେବେ ନାହିଁ। ଏଭଳି ଆଚରଣ ବେଆଇନ ଏବଂ ଅନୈତିକ। ଏନେଇ ଇୟୁକୁ ବହୁ ମୂଲ୍ୟ ଦେବାକୁ ପଡିବ। କମ୍ପାନିଗୁଡ଼ିକ ଉପରେ ଲାଗୁ ହୋଇଥିବା ସମସ୍ତ ଜରିମାନା ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାହାର କରିବାକୁ ସେ ତାଗିଦ୍ କରିଛନ୍ତି। ଆମେରିକା ଖୁବ୍ ଶୀଘ୍ର ୟୁରୋପୀୟ ସଂଘର ଉତ୍ପାଦଗୁଡ଼ିକ ଉପରେ ଭାରୀ ଶୁଳ୍କ ଲାଗୁ କରିବାକୁ ପଦକ୍ଷେପ ନେବ। ଏହି ପଦକ୍ଷେପ ୟୁରୋପୀୟ ସଂଘର ଅନ୍ୟାୟ ଭାବରେ ୮୯ କୋଟି ୟୁରୋ ଜରିମାନା ଲାଗୁ କରାଯିବାର ଜବାବରେ ନିଆଯିବ। ଟ୍ରମ୍ପ ପ୍ରଶାସନ ୧୯୭୪ ମସିହାର ବାଣିଜ୍ୟ ଆଇନର ଧାରା ୩୦୧ ଅନୁଯାୟୀ ୟୁରୋପୀୟ ସଂଘ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନଗୁଡ଼ିକୁ କଡ଼ାକଡ଼ି ଲାଗୁ କରୁଛି। ଏହି ଧାରା ଅନୁଯାୟୀ, ଆମେରିକାର ରାଷ୍ଟ୍ରପତି ଅନୁଚିତ ନୀତି ଥିବା ଯେକୌଣସି ଦେଶ ବିରୋଧରେ ଆମଦାନି ଶୁଳ୍କ ଏବଂ ଅନ୍ୟାନ୍ୟ କଟକଣା ଲଗାଇପାରିବେ। ୟୁରୋପୀୟ ସଂଘ ଅଭିଯୋଗ କରିଥିଲା ଯେ ଗୁଗୁଲ ଡିଜିଟାଲ୍ ପ୍ରତିଯୋଗିତାକୁ ଗୁରୁତର ଭାବରେ କ୍ଷତି ପହଞ୍ଚାଇଛି। ତେବେ ଆମେରିକା ଏବେ ଏହି ଦାବିଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ୟୁରୋପୀୟ ସଂଘକୁ କଡ଼ା ଜବାବ ଦେଇଛି।

## ୫ ଦିନରେ ୨୦୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ



ନୂଆଦିଲ୍ଲୀ,୨୫।୭:ଚଳିତ ସପ୍ତାହ ଭାରତୀୟ ଇକ୍ୱିଟି ବଜାର ପାଇଁ ଖରାପ ସମୟ ଥିଲା। ଅଶୋଧିତ ତୈଳ ଦରରେ ବୃଦ୍ଧି ଏବଂ ଆମେରିକା ଓ ଇରାନ ମଧରେ ଉତ୍ତେଜନା ପ୍ରଭାବରେ ନିବେଶକମାନେ ସବୁ ଦିନ ବିପୁଳ ପରିମାଣର ସେୟାର ବିକ୍ରି କରିଥିଲେ। ସମସ୍ତ ପାଞ୍ଚଟି କାରବାର ଦିନରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ କିଛି କିଛି ପଏଣ୍ଟ ହରାଇଥିଲା। ଏହି ସପ୍ତାହରେ ସେନ୍‌ସେକ୍ସ ୨୦୯୨ ପଏଣ୍ଟ୍ ହରାଇଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ମଧ ଏହାର ସର୍ବନିମ୍ନ ସ୍ତର ୨୩,୬୬୭ ପଏଣ୍ଟକୁ ଖସିଆସିଛି। ଦେଶର କିଛି ବଡ଼ କମ୍ପାନିର ଆର୍ଥିକ କାରବାର ଆଶାନୁରୂପ ନ ରହିବ, ଅଶୋଧିତ ତୈଳ ଦର ବ୍ୟାରେଲକୁ ୧୦୦ ଡଲାରରୁ ଉପରକୁ ଚାଲିଯିବା, ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ୯୬-୯୭ ଟଙ୍କା ସ୍ତରରେ ରହିବା, ହର୍ମୁଜ ପ୍ରଣାଳୀରେ ଦେଖାଦେଇଥିବା ଅନିଶ୍ଚିତତା ଆଦି କାରଣ ପାଇଁ ନିବେଶକମାନେ ସେୟାର ବିକ୍ରି କରିଥିଲେ। ଆସନ୍ତା ସପ୍ତାହରେ ଘୋଷଣା ହେବାକୁ ଥିବା କମ୍ପାନିଗୁଡ଼ିକର ଆର୍ଥିକ ଫଳାଫଳ, ଅଶୋଧିତ ତେଲ ଦର ଉପରେ ବଜାରରେ କିଭଳି କାରବାର ହେବ ତାହା ନିର୍ଭର କରିବ।

## ଭାରତୀୟ ମୁଦ୍ରା ତୁଳନାରେ ମହଙ୍ଗା ହେଲା ଡଲାର




ନୂଆଦିଲ୍ଲୀ,୨୫।୭:ଟଙ୍କା ତୁଳନାରେ ମହଙ୍ଗା ହେଲା ଡଲାର। ଏବେ ୧ ଆମେରିକୀୟ ଡଲାର ଭାରତୀୟ ମୁଦ୍ରାରେ ୯୬ଟଙ୍କା ୭୦ ପଇସାକୁ ପହଞ୍ଚିଛି। ଏଣୁ ଆର୍ଥିକ ବଜାରରେ ହଲଚଲ ବଢ଼ି ଯାଇଛି। ସେପଟେ ବ୍ରେଣ୍ଟ କ୍ରୁଡ ପୁଣି ଥରେ ୧୦୦ ଡଲାରକୁ ପହଞ୍ଚି ଯାଇଛି। ଏଣୁ ଆମଦାନୀ ମହଙ୍ଗା ହୋଇଛି। ତେବେ ମାମଲାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ହସ୍ତକ୍ଷେପ କରିବା ଯୋଗୁ ପରିସ୍ଥିତି କିଛିମାତ୍ରାରେ ନିୟନ୍ତ୍ରିତ ହୋଇଛି। ହେଲେବି ଇଣ୍ଟ୍ରାଡେ ନିମ୍ନସ୍ତରର ଚାପ ଦେଖିବାକୁ ମିଳୁଛି। ଉପୁଜିଥିବା ପରିସ୍ଥିତିରେ ଯଦି ପେମେଣ୍ଟ ଲାଗି ଆପଣଙ୍କ ପାଖରେ ସ୍ୱଳ୍ପ ସମୟ ଅଛି ତେବେ କେବଳ ହେଡ଼ଲାଇନ ରେଟ୍ ଦେଖନ୍ତୁନି, ବରଂ ପକେଟରୁ କଟୁଥିବା ମୋଟ ବ୍ୟୟ ଉପରେ ଧ୍ୟାନ ଦିଅନ୍ତୁ। ସପ୍ତାହର ଶେଷ ଦିନ ହୋଇଥିବାରୁ ରେଟ୍ ଲକ୍ ଓ କଟଅଫ ଟାଇମିଂ ଉପରେ ଖାସ ଧ୍ୟାନ ଦିଅନ୍ତୁ। କାରଣ ୱିକେଣ୍ଡରେ ଫୋରେକ୍ସ ପ୍ରୋସେସିଂ ଅଟକି ଯାଇଥାଏ। ଶନିବାର ପଠାଯାଇଥିବା ରିକ୍ୱେଷ୍ଟ ସାଧାରଣତଃ ସୋମବାର ପ୍ରୋସେସ ହୋଇଥାଏ ଓ ସୋମବାର ଭାଲ୍ୟୁଡେଟ୍ ହିଁ ମିଳିଥାଏ। ଏଥିରେ ଯଦି ତୁରନ୍ତ ପେମେଣ୍ଟ ଜରୁରି ହୋଇଥାଏ ତେବେ ନିଜ ବ୍ୟାଙ୍କ ମାଧ୍ୟମରେ ଫରୱାର୍ଡ କଣ୍ଟ୍ରାକ୍ଟ ଅଥବା ଗ୍ୟାରେଣ୍ଟେଡ ରେଟ ପ୍ରଡକ୍ଟ ବୁକ୍ କରି ନିଅନ୍ତୁ। ଭାରତ ନିଜ ଆବଶ୍ୟକତାରେ ୮୫%ରୁ ଅଧିକ ଅଶୋଧିତ ତୈଳ ଆମଦାନୀ କରିଥାଏ। ଡଲାର ମହଙ୍ଗା ହେବା ଯୋଗୁ ତେଲ ଆମଦାନୀ ବିଲ୍ ବଢ଼ିବ। ଫଳରେ ପରିବହନ, ଖାଦ୍ୟସାମଗ୍ରୀ ଓ ଅନ୍ୟ ଆମଦାନୀ ସାମଗ୍ରୀର ଦର ବଢ଼ିବ। ଡଲାର ମହଙ୍ଗା ହେବା ଯୋଗୁ ଆମେରିକା ଓ ଅନ୍ୟ ଦେଶକୁ ଯାତ୍ରା କରୁଥିବା ଲୋକେ ଅଥବା ବିଦେଶରେ ପାଠ ପଢୁଥିବା ଛାତ୍ର ଖର୍ଚ୍ଚ ବଢ଼ି ଯାଇଛି। ତେବେ ଟଙ୍କାର ମୂଲ୍ୟ ହ୍ରାସ ରୋକିବା ପାଇଁ ଆରବିଆଇ ନିଜ ବୈଦେଶିକ ମୁଦ୍ରାଭଣ୍ଡାର ଉପଯୋଗ କରି ବଜାରରେ ଡଲାର ବିକ୍ରି ଆରମ୍ଭ କରିଛନ୍ତି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୫୧୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୩୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୪,୩୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୬,୫୧୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୪,୩୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୬,୩୧,୫୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୪,୪୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୬,୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୪,୩୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୫୧୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୪,୩୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦାମ ହ୍ରାସ ପାଇଛି । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

# ଗଞ୍ଜେଇ ଚୋରା ଚାଲାଣ ରୋକିବାରେ ପୁଲିସର ସଫଳତା



ମ, ରାମପୁରକ,୨୫।୭ (ସଂଚାର ବ୍ୟୁରୋ): ଏମ୍. ରାମପୁର ଥାନା ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଯେ, ଏକ ଧଳା ରଙ୍ଗର ସିଜି-୦୪ଏଲ୍ଭି-୭୦୦୨ ନମ୍ବର ବିଶିଷ୍ଟ ଜିପ୍‌ରେ ବହୁ ପରିମାଣର ଗଞ୍ଜେଇ ଚୋରା ଚାଲାଣ କରାଯାଉଛି। ଏହି ସୂଚନା ପାଇବା ପରେ ତୁରନ୍ତ ଏମ୍. ରାମପୁର ଥାନା ପକ୍ଷରୁ ଏକ ସ୍ୱତନ୍ତ୍ର ପୋଲିସ ଦଳ ଗଠନ କରାଯାଇ ସିଡିଂପଦର ନିକଟରେ ନାକାବନ୍ଦୀ ଓ ଯାନବାହନ ଯାଞ୍ଚ ଆରମ୍ଭ କରାଯାଇଥିଲା।

କିଛି ସମୟ ପରେ ଉକ୍ତ ଜିପ୍‌ଟି ସେହି ରାସ୍ତାରେ ଆସୁଥିବା ଦେଖି ପୋଲିସ ଅଟକିବାକୁ ସଙ୍କେତ ଦେଇଥିଲା। କିନ୍ତୁ ଗାଡ଼ି ଚାଳକ ପୋଲିସକୁ ଦେଖି ଗାଡ଼ି ବୁଲାଇ ପଳାଇବାକୁ ଉଦ୍ୟମ କରିଥିଲେ। ପୋଲିସ ଦଳ ତୁରନ୍ତ ପିଛା କରି ଗାଡ଼ିକୁ ଅଟକାଇବା ସହ ଚାଳକଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଏହାପରେ ଏନ୍‌ଡିପିସି ଆଇନର ସମସ୍ତ ନିୟମ ପାଳନ କରି, ଅଭିଯୁକ୍ତଙ୍କୁ ତାଙ୍କ ଆଇନଗତ ଅଧିକାର ସମ୍ପର୍କରେ ଅବଗତ କରାଯାଇଥିଲା। ପରେ କାର୍ଯ୍ୟନିର୍ବାହୀ ଦଣ୍ଡାଧିକାରୀ ଓ ସ୍ୱାଧୀନ ସାକ୍ଷୀମାନଙ୍କ ଉପସ୍ଥିତିରେ ଜିପ୍‌ର ତଲାସି କରାଯାଇଥିଲା। ତଲାସି ବେଳେ ଗାଡ଼ିର ଡିକିରୁ ୧୦ଟି ପ୍ଲାଷ୍ଟିକ ଜରି ବ୍ୟାଗରେ ଲୁଚାଇ ରଖାଯାଇଥିବା ବ୍ୟବସାୟିକ ପରିମାଣର ଗଞ୍ଜେଇ ଜବତ କରାଯାଇଥିଲା। ଜବତ ଗଞ୍ଜେଇର ମୋଟ ଓଜନ ପ୍ରାୟ ୧୬୩ କେଜି (ସମୁଦାୟ ଓଜନ) ଏବଂ କେବଳ ଗଞ୍ଜେଇର ଓଜନ ୧୬୨ କେଜି ଥିଲା। ନିୟମାନୁସାରେ ଓଜନ, ନମୁନା ସଂଗ୍ରହ, ସିଲ୍ ଓ ଜବତ ପ୍ରକ୍ରିୟା କରାଯାଇଥିଲା। ଘଟଣାରେ ବ୍ୟବହୃତ ଜିପ୍ ଏବଂ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍‌କୁ ମଧ୍ୟ ଜବତ କରାଯାଇଛି। ଘଟଣାରେ ଇନ୍ଦ୍ର ସାହୁ (୨୨), ପିତା- ବିପ୍ର ସାହୁ, ଗ୍ରାମ- ରାଜାମୁଣ୍ଡା, ଥାନା- ଏମ୍. ରାମପୁର, ଜିଲ୍ଲା- କଳାହାଣ୍ଡିଙ୍କୁ ଗିରଫ କରାଯାଇ ଏମ୍. ରାମପୁର ଥାନା କେସ୍ ନଂ- ୧୮୭, ତା. ୨୩.୦୭.୨୦୨୬, ଧାରା- ୨୦(ବି)(ii)(ସି) ଏନ୍‌ଡିପିସି ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ମାନ୍ୟବର ଅଦାଲତକୁ ଚାଲାଣ କରାଯିବ। ପ୍ରାଥମିକ ତଦନ୍ତରୁ ଏହା ଜଣାପଡ଼ିଛି ଯେ, ଏହି ଗଞ୍ଜେଇ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଓ ସଦସ୍ୟମାନଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଛି।

# ଗୋନା ହାଟରେ ପୁଲିସର ଚଢ଼ାଉ, ୪୫ ଲିଟର ବିଅର ଜବତ, ଜଣେ ଗିରଫ



ରାଇଘର,୨୫।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ପୋଲିସ ପକ୍ଷରୁ ଗୋନା ସାପ୍ତାହିକ ହାଟରେ ଚଢ଼ାଉ କରି ବେଆଇନ ଭାବେ ବିଅର ବିକ୍ରି କରୁଥିବା ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୪୫ ଲିଟର ବିଅର ଜବତ କରାଯାଇଛି। ଏହି ଘଟଣା ପରେ ରାଇଘର ଅଞ୍ଚଳରେ ବେଆଇନ ବିଦେଶୀ ମଦ କାରବାରକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁସାରେ, ରାଇଘର ଥାନା ଅଧିକାରୀ ଟିକେଚାନ୍ଦ ବାହୁବଳୀ ଖଟୁଆଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗୋନା ସାପ୍ତାହିକ ହାଟରେ ଚଢ଼ାଉ କରିଥିଲେ। ସେଠାରେ ବିଜେନ୍ଦ୍ର ମଣ୍ଡଳ ନାମକ ବ୍ୟକ୍ତି ବେଆଇନ ଭାବେ ବିଅର ବିକ୍ରି କରୁଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ମୋଟ ୪୫ ଲିଟର ବିଅର, ଅର୍ଥାତ ୫୨ଟି ବିଅର ବୋତଲ ଓ ୧୩ଟି କେନ୍ ବିଅର ଜବତ କରାଯାଇଛି। ରାଇଘର ଅଞ୍ଚଳରେ ଦିନକୁ ଦିନ ବେଆଇନ ବିଦେଶୀ ମଦ କାରବାର ବଢ଼ୁଥିବା ଅଭିଯୋଗ ହୋଇଆସୁଛି। ସରକାରୀ ଭାବେ ରାଇଘରରେ ଦୁଇଟି ଏବଂ ହାଟଭରଣ୍ଡୀରେ ଗୋଟିଏ ଅନୁମୋଦିତ ବିଦେଶୀ ମଦ ବିକ୍ରୟ କେନ୍ଦ୍ର ଥିବା ସତ୍ତ୍ୱେ, ଗାଁ ଗାଁରେ ଓ ସାପ୍ତାହିକ ହାଟରେ ବେଆଇନ ଭାବେ ବିଦେଶୀ ମଦ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ଆସୁଛି। ଏହି ମଦ କେଉଁଠାରୁ ଆସୁଛି ଏବଂ କିପରି ଗ୍ରାମାଞ୍ଚଳରେ ପହଞ୍ଚୁଛି, ତାହାକୁ ନେଇ ମଧ୍ୟ ସାଧାରଣରେ ପ୍ରଶ୍ନ ଉଠୁଛି।

ପୋଲିସକୁ ମିଳିଥିବା ସୂଚନା ଆଧାରରେ ଗତକାଲି ଏହି ଚଢ଼ାଉ କରାଯାଇଥିଲା। ଘଟଣା ସମ୍ପର୍କରେ ରାଇଘର ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ବେଆଇନ ମଦ କାରବାରର ଉତ୍ସ ଏବଂ ଏଥିରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଟିକେଚାନ୍ଦ ବାହୁବଳୀ ଖଟୁଆ ସୂଚନା ଦେଇଛନ୍ତି।

# ବଡ଼ାଶ ଉପ-ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ସ୍ୱାସ୍ଥ୍ୟ କର୍ମୀ

## ସେବାରୁ ବଞ୍ଚିତ ଜନସାଧାରଣ



ବାଲିଆପାଳ,୨୫।୭ (ସଂଚାର ବ୍ୟୁରୋ): ଗ୍ରାମାଞ୍ଚଳ ରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ମାଳମାଳ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ମାତ୍ର କର୍ମଚାରୀ ଅଭାବରୁ ତାହା ଫଳ ପ୍ରଦ ହୋଇପାରୁନାହିଁ। ସରକାର ପ୍ରତ୍ୟେକ ପଞ୍ଚାୟତରେ ଉପସ୍ୱାସ୍ଥ୍ୟକେନ୍ଦ୍ର (ଆୟୁଷ୍ମାନ ଆରୋଗ୍ୟ ମନ୍ଦିର) ଖୋଲିଛନ୍ତି। ସେଥିପାଇଁ ପ୍ରତ୍ୟେକ କେନ୍ଦ୍ରରେ ଜଣେ ମହିଳା ଜଣେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଏବଂ ସିଏଚଓ ମଧ୍ୟ ନିଯୁକ୍ତି ଦିଆଯାଇଛି। ମାତ୍ର ଅଧିକାଂଶ କେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ ନଥିବାରୁ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବାକୁ ବିପର୍ଯ୍ୟସ୍ତ ପରିସ୍ଥିତି ସୃଷ୍ଟି ହୋଇଛି।

ଏଭଳି ଚିତ୍ର ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡ଼ାଶ ପଞ୍ଚାୟତର ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ। ସୂଚନା ଅନୁଯାୟୀ ପଞ୍ଚାୟତ ରେ ୯ ଟି ଗ୍ରାମରେ ପ୍ରାୟ ଦଶହଜାର ଊର୍ଦ୍ଧ୍ୱ ଲୋକ ଏହି ଉପକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ମହିଳା ସ୍ୱାସ୍ଥ୍ୟକର୍ମୀ ଅନ୍ନପୂର୍ଣ୍ଣା କବାଟ ମାର୍ଚ୍ଚ ୩୧ ତାରିଖ ଦିନ ଅବସର ନେବା ପରେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଉପେଶ ଦନସେନା କେନ୍ଦ୍ରଦାୟିତ୍ୱ ବୁଲାଉଥିଲେ। ମାତ୍ର ଜାମକୁଣ୍ଡା ଆରୋଗ୍ୟ ମନ୍ଦିରରେ ରହୁଥିବା। ବିଶେଷ କରି ସରକାରୀ ସେବାରେ ଅନ୍ତର୍ଭୁକ୍ତ ଗର୍ଭବତୀ ମହିଳା ସ୍ୱାସ୍ଥ୍ୟକର୍ମୀ ପଦବୀ ଫାଙ୍କା ପଡିବାରୁ ସେଠାକୁ ତାଙ୍କୁ ବଦଳି କରାଯାଇଛି। ଯାହା ଫଳରେ ବଡାଶ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ଭର କରୁଥିବା ହଜାର ହଜାର ଲୋକ ଚିକିତ୍ସାରୁ ବଞ୍ଚିତ ପ୍ରସୂତି ସେବା, ନବଜାତ ଶିଶୁ, ବିଭିନ୍ନ ଟିକାକରଣ, ଗର୍ଭ କାଳୀନ ପଞ୍ଜିକରଣ ହୋଇପାରୁ ନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପଞ୍ଚାୟତ ବାସୀ। ସ୍ୱାସ୍ଥ୍ୟ ସେବା ପାଇବାରୁ ବଂଚିତ।

ଏନେଇ ବଡାଶ ପଞ୍ଚାୟତ ର ସରପଞ୍ଚ ଜଗନ୍ନାଥ ବିଶାଳ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜଙ୍କୁ ଜଣାଇବା ପରେ ନିକିରା ଉପ ସ୍ୱାସ୍ଥ୍ୟ କେନ୍ଦ୍ରରୁ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ବୋଲି କହିଥିଲେ। ହେଲେ ୪ ମାସ ହେବାକୁ ବସିଲାଣି କାହାରିକୁ କାହିଁକି ନିଯୁକ୍ତି ଦିଆଯାଇନାହିଁ ବୋଲି ସରପଞ୍ଚ ଅଭିଯୋଗ କରିଛନ୍ତି। ଯଦି ଦୁଇ ଦିନ ମଧ୍ୟରେ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ନ ହୁଏ ତାହାଲେ ପ୍ରଫୁଲ୍ଲ ସାହୁ, ଜଗନ୍ନ ପରିଡା, ରବିନ୍ଦ୍ର ସାହୁ, ଯଦୁନାଥ କର, ଭାଗିରଥ କର, ଗୌରିଶଙ୍କର ଦେ ପ୍ରମୁଖ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଇନଚାର୍ଜ ପ୍ରୀତମ ସାହୁ କହିଛନ୍ତି ଏଥିସହ ଜିଲ୍ଲାପାଳ ଓ ସିଡିଏମଓ ଙ୍କୁ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଁ ଲିଖିତ ଚିଠି ଦ୍ୱାରା ଅବଗତ କରାଯାଇଛି।

# ସାପ୍ତାହିକ ହାଟରେ ଚାଲିଛି ଜୁଆଖେଳ

## ପୁଲିସର ନିରବତାକୁ ନେଇ ଉଠିଲା ପ୍ରଶ୍ନ



ରାଇଘର,୨୫।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ରାଇଘର ଓ କୁନ୍ଦେଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ସାପ୍ତାହିକ ହାଟ ରେ ଖୋଲାଖୋଲି ଜୁଆଖେଳ ଚାଲୁଥିବା ଅଭିଯୋଗ ହୋଇଛି। କେତେକ ସ୍ଥାନରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଉଥିବା ବେଳେ, ଆଉ କେତେକ ଅଞ୍ଚଳରେ ନିର୍ଭୟରେ ଚାଲିଛି ଜୁଆଖେଳ ଚାଲିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶାସନର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କୁନ୍ଦେଇ ଥାନା ଅନ୍ତର୍ଗତ ଜାଣିପାରା, କିବେକଙ୍ଗା, ତୁରୁଡ଼ିହି, କୋସକଙ୍ଗା ଓ ହିରୀ ସର୍ଗିପାରା ସମେତ ବିଭିନ୍ନ ସ୍ଥାନରେ ଦୀର୍ଘ ଦିନ ଧରି ଜୁଆ ଆସର ବସୁଥିବା କୁହାଯାଉଛି। ସେହିପରି ରାଇଘର ଥାନା ଅଞ୍ଚଳର ଦାସପୁର, ଜଳଙ୍ଗପାରା, ସଭାପାରା ଓ ସାପ୍ତାହିକ ବଜାର ଅଞ୍ଚଳରେ ମଧ୍ୟ ଜୁଆଡ଼ିଙ୍କ ଭିଡ଼ ଜମୁଥିବା ଅଭିଯୋଗ ରହିଛି।

ସ୍ଥାନୀୟଲୋକଙ୍କ କହିବା ଅନୁସାରେ, ଏହି ଜୁଆ ଆସରରେ ଅନେକ ନିରୀହ ଆଦିବାସୀ ଓ ଶ୍ରମଜୀବୀ ଲୋକ ନିଜର କଷ୍ଟଉପାର୍ଜିତ ଅର୍ଥ ହରାଇ ସର୍ବସ୍ୱାନ୍ତ ହେଉଛନ୍ତି। କେତେକ ପରିବାରରେ ଏହାକୁ କେନ୍ଦ୍ର କରି ଅଶାନ୍ତି ସୃଷ୍ଟି ହେଉଥିବା ମଧ୍ୟ ଆଲୋଚନା ହେଉଛି। ଯୁବପିଢ଼ି ମଦ୍ୟପାନ ଓ ଜୁଆ ଭଳି ଅସାମାଜିକ କାର୍ଯ୍ୟରେ ଜଡ଼ିତ ହେଉଥିବାରୁ ସାମାଜିକ ପରିବେଶ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଥିବା କୁହାଯାଉଛି।

ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏପରି ମଧ୍ୟ ଆଲୋଚନା ହେଉଛି ଯେ, କେତେକ ଲୋକ ଜୁଆ ଖେଳିବା ପାଇଁ ଘରୁ ଟଙ୍କା, ଧାନ, ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ବିକ୍ରି କରି ସେହି ଟଙ୍କା ଙ୍କୁ ବାଜି ଲଗାଉଛନ୍ତି।

ଏହି ପରିସ୍ଥିତିକୁ ନେଇ ଅଞ୍ଚଳବାସୀ କୁନ୍ଦେଇ ଓ ରାଇଘର ପୋଲିସ ପ୍ରଶାସନ ତୁରନ୍ତ ଏହି ଅଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ଚଢ଼ାଉ କରି ବେଆଇନ ଜୁଆ ଆଡ଼ା ବନ୍ଦ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ଏହି ଅଭିଯୋଗ ସମ୍ପର୍କରେ କୁନ୍ଦେଇ କିମ୍ବା ରାଇଘର ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଔପଚାରିକ ପ୍ରତିକ୍ରିୟା ମିଳିନାହିଁ।

# ଡ଼ଃ ବି.ଆର ଆମ୍ବେଦକର କ୍ଲବର ସାଧାରଣ ସଭା




ଜୁନାଗଡ଼,୨୫।୭ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୁରୁଗୁଡା ମହୁଲକୋଟ ପଡା ସ୍ଥିତ ଧାନମଣ୍ଡି ଠାରେ ଡ଼ଃ ବି.ଆର ଆମ୍ବେଦକର କ୍ଲବ ର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମଣିଷର ମହାନତା ତା'ର ଜନ୍ମରେ ନୁହେଁ, ବରଂ ତା'ର କର୍ମରେ ରହିଛି। ଜ୍ଞାନ ହେଉଛି ମଣିଷ ଜୀବନର ଭିତ୍ତି। ସାମାଜିକ ସ୍ୱାଧୀନତା ବିନା ରାଜନୈତିକ ସ୍ୱାଧୀନତାର କୌଣସି ଅର୍ଥ ନାହିଁ। ଯେ ସମାଜ ନିଜ ଇତିହାସକୁ ଭୁଲିଯାଏ, ସେ ସମାଜ ନିଜର ଭବିଷ୍ୟତ ଗଢ଼ିପାରେ ନାହିଁ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କ୍ଲବର ସଭାପତି ଅଜୟ କୁମାର ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ପ୍ରକୃତିବନ୍ଧୁ ଯତୀନ୍ଦ୍ର କର, ଓୟୁଜେ ରାଜ୍ୟ ଉପସଭାପତି ତଥା ଜୁନାଗଡ଼ ସାମ୍ବାଦିକ ସଂଘର ସଭାପତି ସନ୍ତୋଷ ସିଂହ ଦେଓ, ବରିଷ୍ଠ ଆଇନଜୀବୀ ଚିତ୍ତ ରଞ୍ଜନ ନିଆଲ, ମିଡ଼ିଆ କ୍ଲବ ସଭାପତି ଆଦିତ୍ୟ ପ୍ରସାଦ ମହାନ୍ତି, ଆମ୍ବେଦକରବାଦୀ ସଞ୍ଜୟ ସୁନାନୀ, ଭଇଁରୀଗୁଡା ପଞ୍ଚାୟତର ସମିତିସଭ୍ୟ ଜବରସିଂ ତାଣ୍ଡି, ସମ୍ବାଦ ର ବ୍ଲକ ପ୍ରତିନିଧି ସୁନ୍ଦର ମୋହନ ଛାତ୍ରୀଆ ପ୍ରମୁଖ ଉଦବୋଧନ ଦେଇଥିଲେ।

# ଚିତ୍ରକୋଣ୍ଡା ଜଳଭଣ୍ଡାରରୁ ମୃତଦେହ ଉଦ୍ଧାର

ମାଲକାନଗିରି,୨୫।୭ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଜଳଭଣ୍ଡାର ରୁ ଏକ ମୃତ ବ୍ୟକ୍ତି ର ଶବ ଚିତ୍ରକୋଣ୍ଡା ଅଗ୍ନିଶମ ବିଭାଗ ଉଦ୍ଧାର କରିଛନ୍ତି। ସୂଚନା ମୁତାବକ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ରାଲ୍ଲେଗଡା ପଞ୍ଚାୟତ ବାଙ୍ଗୁରସୁଧା ଗ୍ରାମ ନିକଟ ଘୋଡାମାଳ ନଦୀ ରୁ ଗତ କାଲି ଅଗ୍ନିଶମ ବିଭାଗ ଖବର ପାଇବା ପରେ ବହୁ ଖୋଜାଖୋଜି କରିବା ପରେ ହାତଗୋଡ଼ ବନ୍ଧା ଅବସ୍ଥାରେ ଏକ ବ୍ୟକ୍ତିଙ୍କୁ ଚିତ୍ରକୋଣ୍ଡା ଅଗ୍ନିଶମ ବିଭାଗ ମୁଖ୍ୟ ମଙ୍ଗଳଦାନ ହିକିକା ଙ୍କ ନେତୃତ୍ୱରେ ସମସ୍ତ ଟିମ ଉଦ୍ଧାର କରିଛନ୍ତି। ଉଦ୍ଧାର ବ୍ୟକ୍ତି ଜଣକ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟର ଆଲୁରି ସୀତାରାମରାଜୁ ଜିଲ୍ଲାର ଗୁଡ଼େମ ଥାନା ଅନ୍ତର୍ଗତ ମୂରଲୀଗଡ଼ା ଗ୍ରାମର ଖିଲ ସାନା ଙ୍କ ପୁଅ ଖିଲ ପ୍ରକାଶ (୪୪) ବୋଲି ଜଣାପଡିଛି। ଏହି ବାବଦରେ ଏକ କେସ ନଂ ୩୪/୨୦୨୬ ପେପରମେଟଲା ଥାନାରେ ଧାରା ୧୦୩(କ), ୨୩୮(କ), ୩(୫) ଏଏସଆଇ ଦ୍ରୋଣାଚର୍ଯ୍ୟ ସୁନାନି ଅଧୀନରେ ଏକ ମାମଲା ରୁଜୁ କରାଯାଇ ଛାନଭିନ ଜାରି ରହିଛି। ମୃତ୍ୟୁର କାରଣ ଏବଂ ଏହି ଦୋଷୀ ମାନଙ୍କ ବାବଦରେ ଏବେ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟୀକରଣ ଆସିନାହିଁ।

# ଘଷିପୁରା ବସ୍‌ଷ୍ଟାଣ୍ଡ ଛାତରୁ ଗଳୁଛି ପାଣି, ଯାତ୍ରୀ ହନ୍ତସନ୍ତ



ଆନନ୍ଦପୁର,୨୫।୭ (ସଂଚାର ବ୍ୟୁରୋ): କୋଟି କୋଟି ଟଙ୍କା ଖର୍ଚ୍ଚ... କିନ୍ତୁ ବର୍ଷା ହେଲେ ଛାତରୁ ଝରୁଛି ପାଣି! ଯାତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ନିର୍ମିତ ବସ୍‌ଷ୍ଟାଣ୍ଡ ଆଜି ନିଜେ ପାଲଟିଛି ସମସ୍ୟାର କେନ୍ଦ୍ରବିନ୍ଦୁ। ସଫେଇ କର୍ମଚାରୀ ବସ୍ ଷ୍ଟାଣ୍ଡ ସଫା କରିବା ସହ ପାଣି ନିଷ୍କାସନ କରୁଥିବା ଚିତ୍ର ଆସିଲା ସାମ୍ନାକୁ, ଆଉ ଏପଟେ ଯାତ୍ରୀ ହେଉଛନ୍ତି ହଇରାଣ। ହଁ ଦର୍ଶକ ବନ୍ଧୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଘଷିପୁରା ବସ୍‌ଷ୍ଟାଣ୍ଡର ଅବସ୍ଥା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବର୍ଷା ହେଲେ ବସ୍‌ଷ୍ଟାଣ୍ଡର ଛାତର ବିଭିନ୍ନ ସ୍ଥାନରୁ ଟୋପା ଟୋପା ପାଣି ଗଳୁଥିବାରୁ ଯାତ୍ରୀମାନେ ବସିବାକୁ ମଧ୍ୟ ସ୍ଥାନ ପାଉନାହାନ୍ତି। ସବୁଠାରୁ ବିଡ଼ମ୍ବନାର କଥା, ବସ୍‌ଷ୍ଟାଣ୍ଡ ସଫା କରିବା ସହିତ ସଫେଇ କର୍ମଚାରୀଙ୍କୁ ଜମିଥିବା ବର୍ଷା ପାଣି ବାହାର କରିବାକୁ ପଡୁଛି। ଯାହା ନିର୍ମାଣ କାର୍ଯ୍ୟର ମାନକୁ ନେଇ ବଡ଼ ପ୍ରଶ୍ନ ଉଠାଇଛି। ତେବେ ପୂର୍ବ ସରକାରଙ୍କ ସମୟରେ ହୋଇଥିବା ବସ୍ ଷ୍ଟାଣ୍ଡ ନିର୍ମାଣ ର ଦୁର୍ନୀତି ପେଡ଼ି ଖୋଲିବେକି ମୋହନ ସରକାର। କିଏ ସେଇ ଠିକାଦାର? କାହା ଛତ୍ରଛାୟା ତଳେ ରହି ଠିକାଦାର କରିଥିଲା ନିମ୍ନ ମାନର ନିର୍ମାଣ। କେବେ ହେବ ତଦନ୍ତ? ନାକି ଯାତ୍ରୀ ମାନେ ଏମିତି ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇ ବସ୍ କୁ ଅପେକ୍ଷା କରି ରହିବେ। ଜିଲ୍ଲା ପ୍ରଶାସନ କେବେ ଦେବ ଦୃଷ୍ଟି। କେବେ ହେବ ଏହାର ସ୍ଥାୟୀ ସମାଧାନ।

ସ୍ଥାନୀୟ ଲୋକଙ୍କ ଅଭିଯୋଗ, ନିର୍ମାଣ ସମୟରେ ନିମ୍ନମାନର କାମ ହୋଇଥିବାରୁ ଆଜି ଏହି ପରିସ୍ଥିତି ସୃଷ୍ଟି ହୋଇଛି। କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା, କିନ୍ତୁ ଯାତ୍ରୀଙ୍କୁ ମିଳୁନି ମୌଳିକ ସୁବିଧା। ବର୍ଷା ଦିନରେ ବସ୍‌ଷ୍ଟାଣ୍ଡ ଭିତରେ ଠିଆ ହେବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଏହି ଘଟଣାକୁ ନେଇ ତୁରନ୍ତ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ବସ୍‌ଷ୍ଟାଣ୍ଡ ନିର୍ମାଣରେ କୌଣସି ଅନିୟମିତତା ହୋଇଛି କି ନାହିଁ ତାହାର ତଦନ୍ତ କରିବା ସହ ଦାୟୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ଏବଂ ବସ୍‌ଷ୍ଟାଣ୍ଡର ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ର ସଂଗଠନର ଚାରାରୋପଣ କାର୍ଯ୍ୟକ୍ରମ




ଫୁଲବାଣୀ,୨୫।୭ (ସଂଚାର ବ୍ୟୁରୋ): ଓଡିଶା ଆଦର୍ଶ ବିଦ୍ୟାଳୟ, ଘୁ. ଉଦୟଗିରି, କନ୍ଧମାଳ ପ୍ରତିବର୍ଷ ପରି ଚଳିତ ବର୍ଷ ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ର ସଂଗଠନ ତରଫରୁ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଘୁ. ଉଦୟଗିରି ଉପଖଣ୍ଡ ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ପଟ୍ଟନାୟକଙ୍କ ପୌରହିତ ରେ ଏବଂ ବନରକ୍ଷୀଙ୍କ ସହଯୋଗରେ ପ୍ରାୟ ୨୫୦ରୁ ଅଧିକ ବିଭିନ୍ନ ପ୍ରକାରର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି।

ଏଥିରେ ନବୋଦୟ ଛାତ୍ର ସଂଗଠନର ସଭାପତି ସିମାଞ୍ଚଳ ମୁଖି, ସାଧାରଣ ସମ୍ପାଦକ ବିପିନ ପ୍ରଧାନ, ଉପ-ସଭାପତି ସଂଯୁକ୍ତା ଡିଗାଲ ଉପସ୍ଥିତ ରହି ଆଦର୍ଶ ବିଦ୍ୟାଳୟ ର ଅଧ୍ୟକ୍ଷ ଶୁଭମ ଶାଶ୍ୱତ ସାହୁ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ପ୍ରାୟ ୭୦ ଜଣ ପୁରାତନ ଛାତ୍ର ଉକ୍ତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ। ଆଜିର କାର୍ଯ୍ୟକ୍ରମ ପୂର୍ବରୁ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତଯୋଗୀତା କରାଯାଇଥିଲା। କନିଷ୍ଠ ବିଭାଗ ଏବଂ ବରିଷ୍ଠ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ନବୋଦୟ ଅନୁଷ୍ଠାନର ପୂର୍ବତନ ଛାତ୍ରଛାତ୍ରୀ ପ୍ରଦ୍ୟୁତ ପ୍ରଧାନ, ହେମନ୍ତ କହଁର, ସୁରେନ୍ଦ୍ର ଡିଗାଲ, ଗୌରବ କହଁର, ଗିରିଧାରୀ କହଁର, ଦିଲ୍ଲିପ ପ୍ରଧାନ, ସୁଷମା ପ୍ରଧାନ, କୁନୁ କହଁର ଓ ଅନ୍ୟମାନେ ସହଯୋଗ କରିଥିଲେ, ସହସମ୍ପାଦକ କୌଶିକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଇଘର ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲରେ ଖାଦ୍ୟମେଳା




ରାଇଘର,୨୫।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲ ପରିସରରେ ଉତ୍ସାହ ଓ ଆନନ୍ଦର ସହ ଆୟୋଜିତ ହୋଇଛି ଏକ ଭିନ୍ନଧରଣର ଖାଦ୍ୟ ମେଳା। ଏହି ଖାଦ୍ୟ ମେଳାରେ ପଞ୍ଚମରୁ ଦଶମ ଶ୍ରେଣୀର ଅନେକ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ସ୍କୁଲ ପରିଚାଳକ ଜୟଦେବ ପରିଡ଼ା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରିଥିଲେ।

ମେଳାରେ ଛାତ୍ରଛାତ୍ରୀମାନେ ନିଜ ନିଜ ଘରୁ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଓ ପୌଷ୍ଟିକ ଖାଦ୍ୟ ପ୍ରସ୍ତୁତ କରି ଆଣିଥିଲେ। କୁନି କୁନି ହାତରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟ ମେଳାର ମୁଖ୍ୟ ଆକର୍ଷଣ ପାଲଟିଥିଲା। ଛାତ୍ରଛାତ୍ରୀମାନେ ନିଜ ନିଜ ଷ୍ଟଲ୍‌କୁ ସୁନ୍ଦର ଭାବେ ସଜାଇବା ସହ ଖାଦ୍ୟର ପୌଷ୍ଟିକ ଗୁଣ ଓ ବିଶେଷତ୍ୱ ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରିଥିଲେ।

ଏହି ଅବସରରେ ଅଭିଭାବକମାନେ ମଧ୍ୟ ବହୁ ସଂଖ୍ୟାରେ ଯୋଗଦେଇ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟର ସ୍ୱାଦ ନେବା ସହ ସେମାନଙ୍କ ପ୍ରତିଭାକୁ ଭୂୟସୀ ପ୍ରଶଂସା କରି ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ, ସୃଜନଶୀଳତା ଓ ଦଳଗତ ମନୋଭାବ ବୃଦ୍ଧି କରିବାରେ ଏଭଳି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଏହି ଖାଦ୍ୟ ମେଳା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ଲୁଚିଥିବା ପ୍ରତିଭାକୁ ସାମ୍ନାକୁ ଆଣିବା ସହ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ସୁନ୍ଦର ମଞ୍ଚ ମିଳିଥିଲା।

ସ୍କୁଲ ପରିଚାଳକ ଜୟଦେବ ପରିଡ଼ା କହିଥିଲେ ଯେ, ପାଠପଢ଼ା ସହିତ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ ହିଁ ବିଦ୍ୟାଳୟର ମୁଖ୍ୟ ଲକ୍ଷ୍ୟ। ଏଥିପାଇଁ ସମୟ ସମୟରେ ଏଭଳି ଶିକ୍ଷଣୀୟ, ସୃଜନଶୀଳ ଓ ପ୍ରେରଣାଦାୟକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଆଗାମୀ ଦିନରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ କହିଥିଲେ। ଖାଦ୍ୟ ମେଳାକୁ ନେଇ ସମଗ୍ର ବିଦ୍ୟାଳୟ ପରିସର ଉତ୍ସବମୁଖର ହୋଇଉଠିଥିଲା। ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ଆନନ୍ଦ ଓ ଉତ୍ସାହର ପରିବେଶ।

# ଖଲିଗୁଡ଼ି ଅଙ୍ଗନବାଡି କେନ୍ଦ୍ରରୁ ଜଳ ନିଷ୍କାସନ ପାଇଁ ଦାବି



ଫୁଲବାଣୀ,୨୫।୭ (ସଂଚାର ବ୍ୟୁରୋ): ଖଜୁରୀପଡ଼ା ବ୍ଲକ୍ ଅନ୍ତର୍ଗତ ଖଲିଗୁଡ଼ି ଅଙ୍ଗନବାଡ଼ି କେନ୍ଦ୍ରର ଭଗ୍ନ ଅବସ୍ଥା ଓ ଶିଶୁଙ୍କ ପଠା ପଢ଼ା ଅସୁବିଧା ହେତୁ ନୂତନ ଅଙ୍ଗନବାଡ଼ି ଗୃହ ଓ ସୁରକ୍ଷା ପାଚେରୀ ବିଭିନ୍ନ ଯୋଜନା ମାଧ୍ୟମରେ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରି ନିର୍ମାଣ କରିଥିଲେ। ପ୍ରଶାସନର ଏହି ଆଶୁ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିଲେ ହେଁ, ଅଧାପନ୍ତରିଆ କାର୍ଯ୍ୟ ଯୋଗୁଁ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହୋଇପାରି ନାହିଁ।

ସୂଚନାଯୋଗ୍ୟ ଯେ, ନୂତନ ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ପିଇବା ପାଣି ପାଇଁ ଟାଙ୍କି ଛତା ଉପରେ ବସାଯାଇଥିଲେ ବି ଏପର୍ଯ୍ୟନ୍ତ ଜଳ ସଂଯୋଗୀକରଣ ପାଇପ୍ କନେକ୍ସନ କରାଯାଇ ନାହିଁ। ଫଳରେ ସୁରକ୍ଷିତ ପିଇବା ପାଣି ଟୋପାଏ ପାଇଁ କୋମଳମତି ଶିଶୁ ଓ ଅଙ୍ଗନବାଡ଼ି କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଅପରପକ୍ଷରେ, ଅଙ୍ଗନବାଡ଼ି କେନ୍ଦ୍ର ଅଗଣା ମଧ୍ୟ ଦେଇ ଚାଷ ଜମିକୁ କେନାଲ ପାଣି ବୋହି ଯାଉଥିବା ଏକ ଦୃଶ୍ୟ ଦେଖିବାକୁ ମିଳିଛି। କେନାଲର ସ୍ଥାୟୀ କଂକ୍ରିଟ୍ ନିର୍ମାଣ ହୋଇ ନ ଥିବାରୁ, ଜଳନିଷ୍କାସନ ବାଧାପ୍ରାପ୍ତ ହୋଇ ଅଗଣାରେ ପାଣି ଓ କାଦୁଅ ଜମି ରହୁଛି। ବର୍ଷା ହେଲେ ଏହି ପାଣି ଦ୍ୱିଗୁଣିତ ହୋଇ ଅଙ୍ଗନୱାଡି କେନ୍ଦ୍ର ଭିତରେ ବର୍ଷା ଜଳ ପଶି ଯାଉଛି। ଯାହା ଫଳରେ କୁନି କୁନି ଶିଶୁମାନେ ପ୍ରତିଦିନ ଏହି ଆଣ୍ଠୁଏ ପାଣି-କାଦୁଅରେ ଚାଲି ଚାଲି କେନ୍ଦ୍ରକୁ ଯିବା ଆସିବା କରୁଛନ୍ତି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଛି। ବର୍ଷା ଦିନେ କ୍ରମାଗତ ଜଳମଗ୍ନ ପରିସ୍ଥିତି ଯୋଗୁଁ ଚର୍ମରୋଗ ଓ ଡେଙ୍ଗୁ ଭଳି ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ପ୍ରକାଶ ପାଉଛି।

ସରକାର କୋଠା ନିର୍ମାଣ କରି ପ୍ରଶଂସନୀୟ କାମ କରିଥିଲେ ହେଁ, ଏହି ମୌଳିକ ସୁବିଧାର ଅଭାବ ଶିଶୁଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ପିଇବା ପାଣି ସଂଯୋଗ କରାଯାଉ ଏବଂ ଅଗଣାରେ କେନାଲ ନିର୍ମାଣ କରି ଜଳ ନିଷ୍କାସନର ସ୍ଥାୟୀ ସମାଧାନ କରାଯାଉ ବୋଲି ଗ୍ରାମବାସୀ ଓ ବୁଦ୍ଧିଜୀବୀ ଦୃଢ଼ ଦାବି କରିଛନ୍ତି। ଏ ସମସ୍ୟା ଉପରେ ବିଡିଓ ଶୁଭ ଦତ୍ତାତ୍ରେୟ ବାହିନୀପତିଙ୍କୁ ଦୃଷ୍ଟି ଆକର୍ଷଣ କରି ପ୍ରତିକ୍ରିୟା ପଚାରିବାରୁ ସେ କହିଛନ୍ତି ଯେ ପିଇବା ପାଣି ସଂଯୋଗୀ କରଣ ଶୀଘ୍ର କରିବାର ବ୍ୟବସ୍ଥା କରିଦିଆଯିବ ଏବଂ କେନାଲ ପାଣି ନିଷ୍କାସନ ପାଇଁ କେନାଲ ନିର୍ମାଣ କରାଯିବ ବୋଲି କହିଛନ୍ତି।

# ପଟ୍ଟାମୁଣ୍ଡାଇ ବଜାର ମା' ବାସୁଲେଇ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା

ପଟ୍ଟାମୁଣ୍ଡାଇ,୨୫।୭ (ସଂଚାର ବ୍ୟୁରୋ): ପବିତ୍ର ବାହୁଡା ଅବସରରେ ପଟ୍ଟାମୁଣ୍ଡାଇ ବଜାର ପୋଲ ପାଖରେ ଥିବା ବହୁ ମହିମାର ଅଧିଷ୍ଠାତ୍ରୀ ଦେବୀ ସର୍ବପୁରାତନ ମା ବାସୁଲେଇ ଠାକୁରାଣୀ ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ଅନିଲ କୁମାର ପଣ୍ଡା ସସ୍ତ୍ରୀକ କର୍ତ୍ତା ଭାବେ ସମସ୍ତ ରୀତିନୀତି ସମ୍ପାଦନ କରିଥିଲେ। ପଣ୍ଡିତ ରାଧାନାଥ ତ୍ରିପାଠୀ, ପ୍ରଭାତ କୁମାର ମିଶ୍ର ମନୋଜ ମହାପାତ୍ର ହରି ଚନ୍ଦନ ତ୍ରିପାଠୀ ପ୍ରମୁଖ ମା' ସମସ୍ତ ପୂଜାର୍ଚ୍ଚନା ଓ ପୂଜା ବିଧି ସମ୍ପନ୍ନ କରିଥିଲେ। ଏହି ମହାର୍ଘ୍ୟ ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ମା' ଆଶୀର୍ବାଦ ଭିକ୍ଷା କରିଥିଲେ।



# ନଟବର ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସଭା



ଆଳି,୨୫।୭ (ସଂଚାର ବ୍ୟୁରୋ): ଆଳି ବ୍ଲକ୍ ଚଣ୍ଡିଆଗଡି ପଞ୍ଚାୟତ ମାଳପାଟଣା ଗ୍ରାମର ଆଦର୍ଶ ଶିକ୍ଷକ ତଥା ଅନୁଷ୍ଠାନ ପ୍ରେମୀ ତଥା ମାଳପାଟଣା ଭାତୃଆବଟର ସେବକ ସ୍ୱର୍ଗତଃ ନଟବର ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ହରିଶଙ୍କର ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, କେନ୍ଦ୍ରାପଡ଼ା ଜିଲ୍ଲା ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି,କବି ପ୍ରମୋଦ ମଲ୍ଲିକ, ଶୁଶାନ୍ତ କୁମାର ନାୟକ, ସ୍ୱର୍ଗତ ନଟବର ସାହୁଙ୍କ ଦୁଇ ପୁତ୍ର ମାନସ କୁମାର ସାହୁ, ଜ୍ୟୋତି ପ୍ରକାଶ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ବିଶ୍ୱାଳ, ସମାଜସେବୀ ଗୋବିନ୍ଦ ଚନ୍ଦ୍ର ନନ୍ଦ, ଅଶୋକ କୁମାର ବାରିକ, ଶିକ୍ଷୟିତ୍ରୀ ରଶ୍ମିତା ସେନାପତି, ଲକ୍ଷ୍ମୀଧର ଦୀକ୍ଷିତ, ରଂଜନ କୁମାର ବେହେରା, ଅଶ୍ୱିନୀ କୁମାର ସାହୁ,ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁଙ୍କ ସହ ଆଳିର ବହୁ ସମାଜସେବୀ ଓ ରାଜନେତା ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ।

ଏହି ଅବସରରେ ଅତିଥି ମାନେ ସ୍ମୃତି ସ୍ମରଣିକା "ତର୍ପଣ" କୁ ଉନ୍ମୋଚନ କରିଥିଲେ। ସ୍ୱର୍ଗତଃ ସାହୁଙ୍କ ଅମର ଆତ୍ମା ସଦଗତି ନିମନ୍ତେ ଭଜନ ସମାରୋହ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ ସ୍ମୃତି ସଭାରେ ଆତ୍ମୀୟସ୍ୱଜନ ବନ୍ଧୁ ପରିବାରିବର୍ଗ ଉପସ୍ଥିତ ରହି ସ୍ୱର୍ଗୀୟ ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




# ବର୍ଷା ଦିନରେ ନିଶ୍ଚୟ ଖାଆନ୍ତୁ ଫଳ



ବର୍ଷା ଦିନରେ ପରିବେଶ ଥଣ୍ଡା ଓ ଆର୍ଦ୍ର ରହିଥାଏ। ଏହି ସମୟରେ ସଂକ୍ରମଣ ଓ ପେଟ ସମସ୍ୟାର ଆଶଙ୍କା ମଧ୍ୟ ବଢ଼ିଯାଏ। ସେଥିପାଇଁ ଏହି ଋତୁରେ ସଠିକ୍ ଖାଦ୍ୟ ଖାଇବା ବହୁତ ଜରୁରୀ। ବିଶେଷ କରି ତାଜା ଓ ସଫା ଫଳ ଖାଇଲେ ଶରୀରକୁ ଆବଶ୍ୟକ ଭିଟାମିନ୍ ଓ ଖଣିଜ ପଦାର୍ଥ ମିଳିଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ବଢ଼ାଇଥାଏ। ତେବେ ଆସନ୍ତୁ ଜାଣିବା କେଉଁ ଫଳ ବର୍ଷା ଦିନେ ଖାଇବା ଭଲ।

ଡାଳିମ୍ବ: ଡାଳିମ୍ବରେ ଆଇରନ୍ ଓ ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଥାଏ। ଏହା ରକ୍ତ ବଢ଼ାଇବା ସହ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।

ସେଓ: ପ୍ରତିଦିନ ଗୋଟିଏ ସେଓ ଖାଇଲେ ଶରୀରକୁ ଫାଇବର୍ ଓ ଭିଟାମିନ୍ ମିଳିଥାଏ। ଏହା ପାଚନ ଶକ୍ତିକୁ ଭଲ ରଖିବାରେ ସାହାଯ୍ୟ କରେ।

କଦଳୀ: କଦଳୀରେ ପୋଟାସିୟମ୍ ଓ ଶକ୍ତି ଭରପୂର ରହିଥାଏ। ଏହା ଶରୀରକୁ ଶକ୍ତି ଦେବା ସହ ଦୁର୍ବଳତା ଦୂର କରିଥାଏ।

ପିଜୁଳି: ପିଜୁଳିରେ ଭିଟାମିନ୍—ସି ଅଧିକ ପରିମାଣରେ ରହିଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ସର୍ଦ୍ଦି—କାଶରୁ ସୁରକ୍ଷା ଦେଇଥାଏ।

ଅମୃତଭଣ୍ଡା: ଅମୃତଭଣ୍ଡା ପାଚନ ପାଇଁ ବହୁତ ଉପକାରୀ। ଏହା ପେଟକୁ ସୁସ୍ଥ ରଖିବା ସହ କୋଷ୍ଠକାଠିନ୍ୟ ସମସ୍ୟା କମାଇଥାଏ।

ବର୍ଷା ଦିନରେ ଫଳ ଖାଇବା ପୂର୍ବରୁ ସେଗୁଡ଼ିକୁ ଭଲ ଭାବେ ଧୋଇ ଖାଆନ୍ତୁ। କଟା ଫଳକୁ ଦୀର୍ଘ ସମୟ ବାହାରେ ରଖନ୍ତୁ ନାହିଁ। ସବୁବେଳେ ତାଜା ଓ ସଫା ଫଳ ଖାଇବାକୁ ଚେଷ୍ଟା କରନ୍ତୁ। ସଠିକ୍ ଖାଦ୍ୟ ଓ ସୁସ୍ଥ ଜୀବନଶୈଳୀ ଆପଣାଇଲେ ବର୍ଷା ଦିନରେ ମଧ୍ୟ ଆପଣ ସୁସ୍ଥ ଓ ସତେଜ ରହିପାରିବେ।



# ସ୍କିନ୍ ଆଲର୍ଜିଙ୍କ ପାଇଁ କ୍ଷତିକାରକ ବାଇଗଣ

କିଛି ଲୋକ ବାଇଗଣ ଖାଇବାକୁ ପସନ୍ଦ କରୁଥିବାବେଳେ ଆଉ କିଛି ଲୋକ ଏହାକୁ ଖାଇବାକୁ ଆଦୌ ପସନ୍ଦ କରି ନଥାଆନ୍ତି। ବାଇଗଣରେ ଅନେକ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରାଯାଏ। ବାଇଗଣ ଖାଇବାର ଅନେକ ଫାଇଦା ରହିଛି। ବାଇଗଣର କେତେକ କ୍ଷତିକାରଣ ଗୁଣ ମଧ୍ୟ ରହିଛି। କିଛି ଲୋକଙ୍କ ଠାରେ ବାଇଗଣ ଖାଇବା ପରେ କୁଣ୍ଡାଇ ହେବା, ନାଲି ନାଲି ଫଳିଯିବା, କିଡ୍ନୀ ପଥରୀ ଓ ଲୋ ବ୍ଲଡ ସୁଗାର ଆଦି ସମସ୍ୟା ଦେଖାଦେଇଥାଏ। ଏହା କିଛି ଲୋକଙ୍କ ପାଇଁ କ୍ଷତିକାରକ ହୋଇଥାଏ। ତେବେ ଆସନ୍ତୁ ବାଇଗଣ କେଉଁମାନେ ଖାଇବା ଉଚିତ୍ ନୁହେଁ ସେ ସମ୍ପର୍କରେ ଜାଣିବା।

କିଡନୀ ପାଇଁ କ୍ଷତିକାରକ: ଯେଉଁ ଲୋକମାନଙ୍କ କିଡ଼ନୀରେ ଷ୍ଟୋନ୍ ସମସ୍ୟା ରହିଛି ସେମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ ବାଇଗଣ। ବାଇଗଣ ମଞ୍ଜି କିଡ଼ନୀ ଷ୍ଟୋନ୍ ସମସ୍ୟାକୁ ବଢାଇ ଦେଇଥାଏ। ବାଇଗଣ ଖାଇବା ଦ୍ୱାରା ଏହି ସମସ୍ୟା ବିପଦ ସୃଷ୍ଟି କରିଥାଏ। ତେଣୁ କିଡ଼ନୀ ରୋଗରେ ପୀଡିତ ଥିବା ବ୍ୟକ୍ତି ବାଇଗଣ ଖାଇବା ଅନୁଚିତ୍।

ହାଡ଼ ପାଇଁ କ୍ଷତିକାରକ: ବାଇଗଣରେ ଅକ୍ସାଲେଟ ନାମକ ଏକ ତତ୍ତ୍ୱ ଥାଏ। ଯାହା କ୍ୟାଲସିୟମକୁ ଅବଶୋଷଣ କମ୍ କରିଥାଏ। ଏହା ହାଡ଼ ପାଇଁ କ୍ଷତିକାରକ ବୋଲି ବିବେଚନା କରାଯାଏ। ଯେଉଁମାନଙ୍କ ହାଡ଼ ଦୁର୍ବଳ ସେମାନେ ବାଇଗଣ ଖାଇବାଠାରୁ ଦୂରେଇ ରୁହନ୍ତୁ।

ପାଇଲ୍ସ ରୋଗୀଙ୍କ ପାଇଁ କ୍ଷତିକାରକ: ଯଦି ଆପଣ ରକ୍ତହୀନତା କିମ୍ବା ପାଇଲ୍ସ ରୋଗରେ ପୀଡ଼ିତ ତେବେ ଆପଣମାନେ ବାଇଗଣ ଆଦୌ ଖାଆନ୍ତୁ ନାହିଁ। ନଚେତ୍ ଏହା ସମସ୍ୟାକୁ ବଢାଇଦେଇଥାଏ।

ଆର୍ଥ୍ରାଇଟିସ୍ ରୋଗୀ ପାଇଁ କ୍ଷତିକାରକ : ଆର୍ଥ୍ରାଇଟିସ୍ ରୋଗୀମାନେ ମଧ୍ୟ ବାଇଗଣ ଖାଇବାଠାରୁ ଦୂରେଇ ରୁହନ୍ତୁ। ନଚେତ୍ ଏହା ଆପଣଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ବିଗାଡ଼ି ଦେଇପାରେ। ଏଥିସହିତ ଅତ୍ୟଧିକ ବାଇଗଣ ଖାଇବା କ୍ଷତିକାରକ ହୋଇପାରେ। ଏହା ପେଟ ଖରାପ, ପେଟ ଯନ୍ତ୍ରଣା, ବାନ୍ତି, ମୁଣ୍ଡବିନ୍ଧା ଏବଂ କୁଣ୍ଡେଇ ହେବାର କାରଣ ହୋଇପାରେ।

ସ୍କିନ୍ ଆଲର୍ଜି: ବାଇଗଣ ଖାଇବା ଦ୍ୱାରା ଅଧିକାଂଶ ଲୋକଙ୍କ ଠାରେ ତ୍ୱଚା ସମ୍ବନ୍ଧୀୟ ଆଲର୍ଜି ଯଥା- ନାଲି ନାଲି ଫଳିଯିବା, କୁଣ୍ଡାଇ ହେବା, ଜିଭରେ ଦାନା ଦାନା ହୋଇ ଫଳିଯିବା, ବାନ୍ତି ହେବା ଆଦି ସମସ୍ୟା ଦେଖାଦିଏ। ଯେଉଁ ଲୋକଙ୍କ ଠାରେ ଏସବୁ ସମସ୍ୟା ଦେଖାଦେଉଛି, ଡାକ୍ତର ତାଙ୍କୁ ବାଇଗଣ ଖାଇବାରୁ ବିରତ ରହିବାକୁ ପରାମର୍ଶ ଦେଇଥାନ୍ତି।

# ହାଡ଼କୁ ମଜବୁତ କରେ କାଜୁ



ସୁସ୍ଥ ଶରୀର ପାଇଁ ପୋଷକତତ୍ତ୍ୱର ଆବଶ୍ୟକତା ରହିଛି। ସେଥିମଧ୍ୟରୁ କ୍ୟାଲସିୟମ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କ୍ୟାଲସିୟମ ଅଭାବ ଯୋଗୁଁ ଅନେକ ସମସ୍ୟା ଦେଖାଦେଇଥାଏ। କ୍ୟାଲସିୟମ୍ ଅଭାବ ହେବା ଦ୍ୱାରା ହାଡ଼କୁ ଦୁର୍ବଳ କରିଦେଇଥାଏ। ଏବେ ପିଲାଠୁ ଆରମ୍ଭ କରି ବଡ଼ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ହାଡ଼ ଜନିତ ସମସ୍ୟା ଦେଖିବାକୁ ମିଳୁଛି। କ୍ୟାଲସିୟମ ଅଭାବ ଯୋଗୁଁ ବୟସ ପୂର୍ବରୁ ହାଡ଼ ଦୁର୍ବଳ ହୋଇଯାଇଥାଏ। ତେଣୁ କ୍ୟାଲସିୟମ୍ ଯୁକ୍ତ ଖାଦ୍ୟ ଜରୁରୀ। ଏପରି ପରିସ୍ଥିତିରେ, ଆପଣ ଆପଣଙ୍କ ଖାଦ୍ୟରେ କିଛି ପରିବର୍ତ୍ତନ ଆଣିବା ଉଚିତ୍। ଯାହା ଦ୍ୱାରା କ୍ୟାଲସିୟମ ଅଭାବକୁ ଦୂର କରାଯାଇପାରିବେ। ଏହି ଅଭାବ ଦୂର କରିବା ପାଇଁ, ଆପଣ ଆପଣଙ୍କ ଖାଦ୍ୟରେ କ୍ଷୀର, ସବୁଜ ପନିପରିବା କିମ୍ବା କିଛି ଶସ୍ୟ ଜାତୀୟ ଖାଦ୍ୟ ସାମିଲ କରିପାରିବେ। ଏହା ବ୍ୟତୀତ, ଆପଣ ଆପଣଙ୍କ ଖାଦ୍ୟରେ ଶୁଖିଲା ଫଳ ମଧ୍ୟ ସାମିଲ କରିପାରିବେ। ଫଳରେ ଏହା ଆପଣଙ୍କ ହାଡ଼କୁ ମଜବୁତ କରିବାରେ ସାହାଯ୍ୟ କରିବ। ଏଠାରେ ଆମେ ଆପଣଙ୍କୁ କିଛି ଏପରି ଶୁଖିଲା ଖାଦ୍ୟ ବିଷୟରେ କହିବାକୁ ଯାଉଛୁ ଯାହା ଆପଣଙ୍କ ହାଡ଼କୁ ମଜବୁତ କରିବା ପାଇଁ ପ୍ରଭାବଶାଳୀ ହେବ। ଯାହାକୁ ଆପଣଙ୍କ ଦୈନନ୍ଦିନ ଖାଇବା ଲିଷ୍ଟରେ ଆଡ୍ କରିବା ଉଚିତ୍। ତେବେ ଆସନ୍ତୁ ସେହି ସବୁ ଖାଦ୍ୟ ସମ୍ପର୍କରେ ଜାଣିବା, ଯାହା ହାଡ଼କୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗଠନ କରିବ।

ବାଦାମ: ବାଦାମକୁ ହାଡ଼ ପାଇଁ ଏକ ବରଦାନ ଭାବରେ ବିବେଚନା କରାଯାଏ। ଏଥିରେ କ୍ୟାଲସିୟମ ଏବଂ ଭିଟାମିନ-ଇ ଭରପୂର ପରିମାଣରେ ଥାଏ। କ୍ୟାଲସିୟମ ହାଡ଼ର ଘନତା ବୃଦ୍ଧି କରେ, ମ୍ୟାଗ୍ନେସିୟମ ଶରୀରକୁ କ୍ୟାଲସିୟମ ଶୋଷଣ କରିବାରେ ସାହାଯ୍ୟ କରେ। ପ୍ରତିଦିନ ସକାଳେ ୫-୬ଟି ଭିଜା ବାଦାମ ଖାଇବା ଦ୍ୱାରା ହାଡ଼ ମଜବୁତ ହୁଏ। ତେଣୁ, ଏହାକୁ ନିଶ୍ଚିତ ଭାବରେ ସେବନ କରନ୍ତୁ।

ଅଞ୍ଜିର: ଯଦି ଆପଣ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ଆପଣଙ୍କ ହାଡ଼କୁ ମଜବୁତ ରଖିବାକୁ ଚାହାଁନ୍ତି, ତେବେ ଅଞ୍ଜିର ଖାଇବା ଆରମ୍ଭ କରନ୍ତୁ। ଅଞ୍ଜିରକୁ କ୍ୟାଲସିୟମର ଏକ ଉତ୍କୃଷ୍ଟ ଉତ୍ସ ଭାବରେ ବିବେଚନା କରାଯାଏ। ଅଧା କପ୍ ଅଞ୍ଜିରରେ ପ୍ରାୟ ଏକ କପ୍ କ୍ଷୀର ପରି କ୍ୟାଲସିୟମ ଥାଏ। ଅଞ୍ଜିରରେ ପୋଟାସିୟମ ମଧ୍ୟ ଥାଏ। ଯାହା ଶରୀରରୁ କ୍ୟାଲସିୟମ ହ୍ରାସକୁ ରୋକିବାରେ ସାହାଯ୍ୟ କରେ।

କାଜୁ: କାଜୁ ମ୍ୟାଗ୍ନେସିୟମ୍ ଏବଂ ତମ୍ବାରେ ଭରପୂର। ମ୍ୟାଗ୍ନେସିୟମ୍ ହାଡ଼ର ନମନୀୟତା ଏବଂ ଗଠନକୁ ଉନ୍ନତ କରେ, ଯେତେବେଳେ ତମ୍ବା କୋଲାଜେନ ନିର୍ମାଣ କରିବାରେ ସାହାଯ୍ୟ କରେ, ଯାହା ସନ୍ଧିଗୁଡ଼ିକୁ ମଜବୁତ କରେ। ତଥାପି, ଏହାକୁ ସୀମିତ ପରିମାଣରେ ଖାଆନ୍ତୁ।

କିସମିସ୍: କିସମିସ୍‌ରେ ବୋରନ୍ ନାମକ ଏକ ଖଣିଜ ପଦାର୍ଥ ଥାଏ, ଯାହା ହାଡ଼ ଏବଂ ସନ୍ଧି ସ୍ୱାସ୍ଥ୍ୟ ପାଇଁ ଜରୁରୀ। ବୋରନ୍ ଶରୀରକୁ କ୍ୟାଲସିୟମ ଏବଂ ଭିଟାମିନ୍ ଡି ପ୍ରଭାବଶାଳୀ ଭାବରେ ବ୍ୟବହାର କରିବାରେ ସାହାଯ୍ୟ କରେ।

ଅଖରୋଟ: ଅଖରୋଟରେ ଓମେଗା-୩ ଫ୍ୟାଟି ଏସିଡ୍ ଭରପୂର ମାତ୍ରାରେ ଥାଏ। ଏହି ଫ୍ୟାଟି ଏସିଡ୍ ପ୍ରଦାହ କମ କରିଥାଏ ଏବଂ ହାଡ଼କୁ ମଜବୁତ କରିଥାଏ। ଅଖରୋଟ ଖାଇବା ଦ୍ୱାରା ହାଡ଼ ମଜବୁତ ହୋଇପାରିବ।

# ସୁସ୍ଥ ଶରୀର ପାଇଁ ମହୋଷଧି ଡାଳିମ୍ବ

ସୁସ୍ଥ ଶରୀର ପାଇଁ କିଏ ବା ନଚାହେଁ। କାହାଁକି ନା ସ୍ୱାସ୍ଥ୍ୟ ହିଁ ସମ୍ପଦ। ସୁସ୍ଥ ରହିବାକୁ ହେଲେ ଭଲ ଖାଦ୍ୟର ଆବଶ୍ୟକତା ରହିଛି। ପନିପରିବା ହେଉ ଅବା ଫଳମୂଳ। ଆମେ ଅନେକ ସମୟରେ ଅନେକ ପ୍ରକାରର ଫଳ ଖାଇଥାଉ। ଯାହାଫଳରେ ଆମ ଶରୀର ଉପରେ ଭଲ ପ୍ରଭାବ ପକାଇଥାଏ। ସେହି ସବୁ ଲାଭକାରୀ ଫଳ ମଧ୍ୟରୁ ଡାଳିମ୍ବ ହେଉଛି ଅନ୍ୟତମ। ଡାଳିମ୍ବ ଯେତିକି ସ୍ୱାଦିଷ୍ଟ ସୁସ୍ଥ ଶରୀର ପାଇଁ ସେତିକି ଫଳପ୍ରଦ ହୋଇଥାଏ। ସାଧାରଣତଃ ଆମେ ଡାଳିମ୍ବର ଉପକାରିତା ସମ୍ପର୍କରେ ଅଳ୍ପ ବହୁତେ ଜାଣିଥାଉ। ଡାଳିମ୍ବରେ ଅନେକ ଲାଭକାରୀ ଗୁଣ ରହିଛି। ଏହାର ମିଠା ସ୍ୱାଦ ସହ ଏହା ଆମ ଶରୀରକୁ ପୋଷକତା ଯୋଗାଇଥାଏ। ଡାଳିମ୍ବ ପ୍ରାୟତଃ ରକ୍ତ ବଢ଼ାଇବା ପାଇଁ ଜଣାଶୁଣା। ଡାଳିମ୍ବରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ, ଯାହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା କରିବାରେ ସାହାଯ୍ୟ କରିଥାଏ। ଡାଳିମ୍ବକୁ ସୁପରଫୁଡ ଭାବେ ବିବେଚନା କରାଯାଏ। ଡାଳିମ୍ବ ହେଉଛି ଏକ ଏପରି ଫଳ ଯେଉଁଥିରେ ଅଧିକ କ୍ୟାଲୋରୀ, ଫାଇବର, ଭିଟାମିନ୍ ଏବଂ ଖଣିଜ ପଦାର୍ଥରେ ଭରପୂର ରହିଥାଏ। ଏହା ବ୍ୟତୀତ ଏଥିରେ ଓମେଗା-୬ ଫ୍ୟାଟି ଏସିଡ୍ ଏବଂ ଜିଙ୍କ୍ ଭରପୁର ମାତ୍ରାରେ ରହିଥାଏ। ତେବେ ଏହାକୁ ଖାଲି ପେଟରେ ଖାଇବା ଦ୍ୱାରା କେଉଁ ସବୁ ଫାଇଦା ମିଳିଥାଏ ଆସନ୍ତୁ ଜାଣିବା। ଖାଲି ପେଟରେ ଡାଳିମ୍ବ ଖାଇବା ଦ୍ୱାରା ଶରୀରକୁ ହାଇଡ୍ରେଟ୍ ରଖିଥାଏ। ଏହା ଛଡା ଡାଳିମ୍ବରେ ଭିଟାମିନ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ମିନେରାଲ୍ସ ଥିବାରୁ ଶରୀରକୁ ଶକ୍ତି ପ୍ରଦାନ କରିଥାଏ। ଥକାପଣକୁ ଦୂର କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। ଏଥି ସହିତ ଏହା ଖାଇବା ଦ୍ୱାରା ଆକ୍ଟିଭ୍ ଅନୁଭବ ହୋଇଥାଏ। ଡାଳିମ୍ବ ନିୟମିତ ଭାବେ ଖାଇବା ଦ୍ୱାରା ଷ୍ଟେମିନା ବଢ଼ିବାରେ ସହାୟକ ହୋଇଥାଏ। ଏହା ଫ୍ଲାଭୋନୋଲରେ ଭରପୂର ଏବଂ ଶରୀରରେ ଫୁଲା ମଧ୍ୟ କମ୍ କରିଥାଏ। ଏହା ବ୍ୟତୀତ ହାଡ ସମ୍ବନ୍ଧୀୟ ସମସ୍ୟା କମ୍ କରିବାରେ ମଧ୍ୟ ଏହା ସହାୟକ ହୋଇଥାଏ। ଏତିକି ନୁହେଁ ଚମକଦାର ତ୍ୱଚା ପାଇଁ ମଧ୍ୟ ଲାଭକାରୀ ହୋଇଥାଏ ଡାଳିମ୍ବ। ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ସି ଥିବାରୁ ଚମକଦାର ତ୍ୱଚା ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଯାହା ଫ୍ରି ରାଡିକିଲ୍ସ ସହ ଲଢ଼ି ଚର୍ମ ବାର୍ଦ୍ଧକ୍ୟତାଠାରୁ ମୁକ୍ତି ଦେଇଥାଏ। ତେଣୁ ଚର୍ମରୋଗ ବିଶେଷଜ୍ଞମାନେ ଉଜ୍ଜ୍ୱଳ ତ୍ୱଚା ପାଇଁ ଡାଳିମ୍ବ ଖାଇବାକୁ ପରାମର୍ଶ ଦେଇଥାନ୍ତି। ଯେଉଁମାନଙ୍କ ପେଟ ଜନିତ ସମସ୍ୟା ଥାଏ ସେମାନେ ଏହାକୁ ଖାଇପାରିବେ। ଏମାନେ ପ୍ରତିଦିନ ଗୋଟିଏ ଲେଖାଏଁ ଡାଳିମ୍ବ ଖାଇପାରିବେ। ଏହାଦ୍ୱାରା କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦୂର ହୋଇଥାଏ। ଶରୀରରେ ମାଂସପେଶୀକୁ ମଜବୁତ କରାଇବା ପାଇଁ ଆପଣ ଡାଳିମ୍ବ ଖାଇପାରିବେ। ଡାଳିମ୍ବ ଏକ କମ୍ କ୍ୟାଲୋରୀଯୁକ୍ତ ଫଳ ହୋଇଥିବାରୁ ଓଜନ ନିୟନ୍ତ୍ରଣ ପାଇଁ ବେଷ୍ଟ ହୋଇଥାଏ। ଯାହାକୁ ସକାଳେ ଖାଲି ପେଟରେ ଖାଇବା ଦ୍ୱାରା ପ୍ରଭାବଶାଳୀ ହୋଇଥାଏ। ଏହାକୁ ଖାଇବା ଦ୍ୱାରା କୋଲେଷ୍ଟ୍ରୋଲର ସ୍ତରକୁ ନିୟନ୍ତ୍ରଣ କରିଥାଏ। ଯାହା ସୁସ୍ଥ ହାର୍ଟ ପାଇଁ ଭଲ ବୋଲି ପ୍ରମାଣିତ ହୋଇଛି।



# ପୋଷକ ତତ୍ତ୍ୱର ଭଣ୍ଡାର କୋଳଥ ଡାଲି

ଭାରତୀୟଙ୍କ ପ୍ରଥମ ପସନ୍ଦ ଭାତ ଓ ଡାଲି ହୋଇଥାଏ। ଆପଣ ବିଭିନ୍ନ ପ୍ରକାର ଡାଲି ଖାଇଥିବେ। ହରଡ, ମୁଗ, ମସୁର, ବୁଟ ଇତ୍ୟାଦି ଡାଲି ନିଶ୍ଚିତ ଖାଇଥିବେ। ଯାହା ଆମକୁ ଅନେକ ପ୍ରୋଟିନ ଯୋଗାଇଥାଏ। କିନ୍ତୁ ଏହିସବୁ ଡାଲି ବ୍ୟତୀତ କୋଳଥ ଡାଲି ମଧ୍ୟ ରହିଛି। ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ହୋଇଥାଏ।

କୋଳଥ ଡାଲିକୁ ପୋଷକ ତତ୍ତ୍ୱର ଭଣ୍ଡାର ବୋଲି ବିବେଚନା କରାଯାଏ। ଆୟୁର୍ବେଦ ଅନୁସାରେ ଏହି ଡାଲି ଶରୀରର କଫ, ବାତ ଏବଂ ସହଜରେ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ। ଯେଉଁମାନଙ୍କର ପ୍ରୋଟିନ୍ ଅଭାବଅଧିକ ମାତ୍ରାରେ ଦେଖିବାକୁ ମିଳେ ସେହିମାନଙ୍କ ପାଇଁ ଏହି ଡାଲି ବେଷ୍ଟ ହୋଇଥାଏ। ଯଦି ଆପଣ ନିରାମିଷରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଖାଇବାକୁ ଚାହାଁନ୍ତି ତେବେ ଆପଣଙ୍କ ଡାଏଟ୍ ପ୍ଲାନରେ ନିଶ୍ଚୟ କୋଳଥ ଡାଲି ସାମିଲ କରନ୍ତୁ। ଯାହା ଆପଣଙ୍କୁ ଅନେକ ଲାଭ ପ୍ରଦାନ କରିବ। କୋଳଥ ଡାଲିରେ ପ୍ରୋଟିନ୍ ସହିତ ଫାଇବର, ଆଇରନ୍, କ୍ୟାଲସିୟମ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟର ଗୁଣ ଭରପୂର ମାତ୍ରାରେ ରହିଛି। ଯାହା ଶରୀରକୁ ସୁସ୍ଥ ଓ ସକ୍ରିୟ ରଖିବାରେ ସହାୟକ ହୁଏ। କୋଳଥ ଡାଲି ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଭଲ ରହିବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ପୂର୍ଣ୍ଣ ହୋଇ ରହିଥାଏ। ତେବେ ଏହି ଡାଲି ଖାଇବା ଦ୍ୱାରା କ'ଣ ସବୁ ଲାଭ ହୋଇଥାଏ ଆସନ୍ତୁ ସେ ସମ୍ପର୍କରେ ଜାଣିବା।

କିଡ଼ନୀ ପାଇଁ ଲାଭଦାୟକ: ଯଦି ଆପଣଙ୍କର କିଡ଼ନୀ ଜନିତ ସମସ୍ୟା ରହିଛି ତେବେ କୋଳଥ ଡାଲି ଡାଏଟରେ ସାମିଲ କରନ୍ତୁ। କୋଳଥ ଡାଲି ଖାଇବା ଦ୍ୱାରା କିଡ଼ନୀ ଷ୍ଟୋନକୁ ସହଜରେ ନଷ୍ଟ କରାଯାଇପାରିବ। କୋଳଥ ଡାଲି ଖାଇବା ଦ୍ୱାରା ଏହା ପରିସ୍ରା ମାଧ୍ୟମରେ ଶରୀରରୁ ଷ୍ଟୋନ୍ ବାହାର କରିବାରେ ସାହାଯ୍ୟ କରେ।

ଓଜନ ନିୟନ୍ତ୍ରଣ କରେ: କୋଳଥ ଡାଲି ଖାଇବା ଦ୍ୱାରା ସହଜରେ ଓଜନକୁ କମ୍ କରାଯାଇପାରିବ। ଏଥିରେ ହାଇ ପ୍ରୋଟିନ୍ ଏବଂ ଫାଇବରର ମାତ୍ରା ଭରପୂର ମାତ୍ରାରେ ଥାଏ। ଯାହା ଲମ୍ବା ସମୟ ପର୍ଯ୍ୟନ୍ତ ଭୋକକୁ ନିୟନ୍ତ୍ରଣରେ ରଖିଥାଏ। ଫଳରେ ଓଜନ ନିୟନ୍ତ୍ରଣରେ ରହିଥାଏ। କୋଳଥ ଡାଲିରେ ପ୍ରୋଟିନ୍ ଥିବାରୁ ଏହା ମାଂସପେଶୀକୁ ମଜବୁତ କରି ରଖିବାରେ ସହାୟକ କରେ। ଏଥିରେ କମ୍ କ୍ୟାଲୋରୀ ଥିବାରୁ ଏହା ଶରୀର ପାଇଁ ଉପକାରୀ ହୋଇଥାଏ।



ସର୍ଦ୍ଦି ଏବଂ କଫ ପାଇଁ ଲାଭକାରୀ: ଯଦି ଆପଣଙ୍କୁ ବାରମ୍ବାର ଥଣ୍ଡା, ଅତ୍ୟଧିକ ନାକ ବନ୍ଦ ଏବଂ ନିଶ୍ୱାସ ନେବାରେ କଷ୍ଟ ହେଉଛି କିମ୍ବା ଯଦି ଆପଣ ସାଇନସ୍ ସମସ୍ୟା ରେ ପୀଡିତ ତେବେ ଆପଣଙ୍କ ଡାଏଟ୍ ଲିଷ୍ଟରେ ନିଶ୍ଚିତ ଭାବେ କୋଳଥ ଡାଲି ଆଡ୍ କରନ୍ତୁ। ଆପଣ କୋଳଥ ଡାଲିକୁ କାଢା ଭାବରେ ମଧ୍ୟ ସେବନ କରିପାରିବେ।

ପାଚନ ପ୍ରକ୍ରିୟାରେ ସାହାଯ୍ୟ କରେ: ଯେଉଁମାନଙ୍କର ଗ୍ୟାସ୍ ଏବଂ ପାଚନ ସମସ୍ୟା ରହିଛି ସେମାନେ କୋଳଥ ଡାଲି ଖାଇବା ଉଚିତ୍। ଏଥିରେ ଫାଇବରର ଗୁଣ ଭରପୁର ମାତ୍ରାରେ ଥିବାରୁ ପାଚନ ପ୍ରକ୍ରିୟାକୁ ଉନ୍ନତ କରେ।

ହାଡ଼କୁ ମଜବୁତ କରେ: କୋଳଥ ଡାଲିରେ କ୍ୟାଲିସିୟମ ଏବଂ ଫସଫରସର ଗୁଣ ରହିଛି।ଯାହା ହାଡ଼କୁ ମଜବୁତ କରି ରଖିଥାଏ। ଏହା ସହିତ ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ଇନଫ୍ଲୋମେଣ୍ଟାଣୀ ଗୁଣ ଥିବାରୁ ପ୍ରଦାହ ହ୍ରାସ କରିବାରେ ସାହାଯ୍ୟ କରେ। ଯଦି ଏହି ସବୁ ସମସ୍ୟା ରହିଛି ତେବେ ନିଶ୍ଚିତ ଭାବେ ଆପଣଙ୍କ ଡାଏଟ୍ ପ୍ଲାନରେ କୋଳତ ଡାଲି ସାମିଲ କରନ୍ତୁ। ଯାହା ଆପଣଙ୍କ ସମସ୍ୟା ଦୂର କରିବାରେ ସାହାଯ୍ୟ କରିବ।

## ପରମ୍ପରା ଓ ଭକ୍ତିର ଅପୂର୍ବ ସମନ୍ୱୟ
# ଖମ୍ବାକୁଳ ମଠରେ ବାହୁଡ଼ା ରଥଯାତ୍ରା



**ବାଲିକୁଦା,୨୫।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଖମ୍ବାକୁଳ ମଠରେ ଶନିବାର ପାରମ୍ପରିକ ରୀତିନୀତି ଓ ଆଧ୍ୟାତ୍ମିକ ଆବେଗ ମଧ୍ୟରେ ପାରମ୍ପରିକ ଏକାଦଶୀ ତିଥିରେ ବାହୁଡ଼ା ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଶତାବ୍ଦୀ ଧରି ଚାଲିଆସୁଥିବା ଏହି ପରମ୍ପରା ଅନୁଯାୟୀ ପୁରୀ ଶ୍ରୀକ୍ଷେତ୍ରର ବାହୁଡ଼ା ଯାତ୍ରାର ଦ୍ୱିତୀୟ ଦିନରେ ମଠ ପକ୍ଷରୁ ବାସି ବାହୁଡ଼ା ରଥଯାତ୍ରା ପାଳନ କରାଯାଇଥାଏ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହଜାର ହଜାର ଭକ୍ତଙ୍କ ସମାଗମରେ ସମଗ୍ର ଅଞ୍ଚଳ ଭକ୍ତି, ଆନନ୍ଦ ଓ ଆଧ୍ୟାତ୍ମିକ ପରିବେଶରେ ମୁଖରିତ ହୋଇଉଠିଥିଲା। ପୂର୍ବାହ୍ନରେ ମାଉସୀ ମା ମନ୍ଦିରରେ ମଙ୍ଗଳ ଆଳତି, ମଇଲମ, ଅବକାଶ, ସ୍ନାନ, ବେଶ, ପୂଜାର୍ଚ୍ଚନା ଓ ଅନ୍ୟାନ୍ୟ ନୀତିକାନ୍ତି ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ସମ୍ପନ୍ନ ହୋଇଥିଲା।

ପୂଜକମାନେ ଶାସ୍ତ୍ରବିଧି ଅନୁଯାୟୀ ସମସ୍ତ ନୀତି ସୁଚାରୁରୂପେ ସମ୍ପନ୍ନ କରିବା ପରେ ଦଇତାପତି ନିଯୋଗଙ୍କ ଦ୍ୱାରା ପାରମ୍ପରିକ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ଏହି ପବିତ୍ର ମୁହୂର୍ତ୍ତକୁ ଦେଖିବା ପାଇଁ ଭୋରରୁ ହିଁ ମାଉସୀ ମା ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପ୍ରଥମେ ବଡ଼ ଠାକୁର ଶ୍ରୀବଳଭଦ୍ରଙ୍କୁ ଦଇତାପତି ସେବକମାନେ ପାରମ୍ପରିକ ରୀତିରେ ପହଣ୍ଡି କରାଇ ରଥ ଉପରେ ବିଜେ କରାଇଥିଲେ। ଏହାପରେ ଦେବୀ ସୁଭଦ୍ରା ଓ ଶେଷରେ କାଳିଆ ସାଆନ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦାରୁବିଗ୍ରହକୁ ଭକ୍ତିଭାବର ସହ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ପହଣ୍ଡି ବିଜେ ସମୟରେ ଘଣ୍ଟ, ଘଣ୍ଟା, ମୃଦଙ୍ଗ, ଝାଞ୍ଜ, କାହାଳି ଓ ଶଙ୍ଖଧ୍ୱନିରେ ସମଗ୍ର ବଡ଼ଦାଣ୍ଡ ପରିସର କମ୍ପି ଉଠିଥିଲା। ଭକ୍ତମାନଙ୍କ "ହରିବୋଲ", "ଜୟ ଜଗନ୍ନାଥ" ଧ୍ୱନି ସହ ମହିଳାମାନଙ୍କ ହୁଳହୁଳି ପରିବେଶକୁ ଆହୁରି ଭକ୍ତିମୟ କରିଦେଇଥିଲା। ପରେ ରଥରେ ଛେରା ପହଁରା, ଆଳତି ଓ ଅନ୍ୟାନ୍ୟ ପାରମ୍ପରିକ ନୀତି ସମ୍ପନ୍ନ କରାଯାଇଥିଲା। ପରେ ହଜାର ହଜାର ଭକ୍ତଙ୍କ ସମବେତ ପ୍ରୟାସରେ ରଥ ଟଣା ଆରମ୍ଭ ହୋଇଥିଲା। ରଥର ରସି ଟାଣିବାକୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅପାର ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଅବସରରେ ମାଉସୀ ମା ମନ୍ଦିର ଠାରୁ ବଡଦାଣ୍ଡ ଏବଂ ଆଖପାଖ ଅଞ୍ଚଳରେ ଏକ ମେଳା ପରିବେଶ ସୃଷ୍ଟି ହୋଇଥିଲା।

## ଉତ୍କଳ ଯାଦବ ମହାସଭା ପକ୍ଷରୁ ପ୍ରସାଦ ବିତରଣ



**ନୀଳଗିରି,୨୫।୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ଉତ୍କଳ ଯାଦବ ମହାସଭା ଆନୁକୂଲ୍ୟରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରଥଯାତ୍ରା ରେ ପ୍ରସାଦ ବିତରଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଚଳିତ ରଥ ଯାତ୍ରାରେ ଆଜି ଦିବସ ବ୍ୟାପି ଶଙ୍କରା ଖୁଣ୍ଟା ଶିବ ମନ୍ଦିର ଓ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ବିତରଣ କାର୍ଯ୍ୟକ୍ରମ କରାଯାଇଥିଲା। ବାହୁଡା ରଥ ଯାତ୍ରା ପାଇଁ ଆସିଥିବା ହଜାର ହଜାର ଜଗନ୍ନାଥ ପ୍ରେମୀ ଓ ଶ୍ରଦ୍ଧାଳୁ ହରିଶୟନ ଏକାଦଶୀ ରେ ପ୍ରସାଦ ସେବନ କରି ଆନନ୍ଦ ଲାଭ କରିଥିଲେ। ଉତ୍କଳ ଯାଦବ ମହାସଭା ବାଲେଶ୍ୱର ଶାଖା ର ମୁଖ୍ୟଉପଦେଷ୍ଟା କୈଳାଶ ଚନ୍ଦ୍ର ଯାଦବ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରସାଦ ବିତରଣ କାର୍ଯ୍ୟକ୍ରମ ରେ ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା, ପରାମର୍ଶଦାତ୍ତା ମନୋଜ କୁମାର ଦାସ, ସୁଶାନ୍ତ କୁମାର ବାରିକ, ଯୁବ କାର୍ଯ୍ୟକାରୀ ସଭାପତି ଶଶୀକାନ୍ତ ବାରିକ, ଯୁବ ସାଙ୍ଗଠନିକ ସମ୍ପାଦକ ସୌମ୍ୟରଞ୍ଜନ ଯାଦବ, କୋଷାଧ୍ୟାକ୍ଷ ପୂର୍ଣ୍ଣଚନ୍ଦ୍ର ଦାସ, ନୀଳଗିରି ଶାଖା ସଭାପତି ସୁଶାନ୍ତ କୁମାର ବାରିକ, ସାଧାରଣ ସମ୍ପାଦକ ସୁସ୍ୱଭନ ବାରିକ, ଶଙ୍କର୍ଷଣ ବାରିକ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ଦଧିବାମନ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାରେ ପ୍ରସାଦ ବଣ୍ଟନ



**ସୁବର୍ଣ୍ଣପୁର,୨୫।୭ (ସଂଚାର ବ୍ୟୁରୋ):** ଶ୍ରୀ ଜଗନ୍ନାଥ ଦଧିବାମନ ମହାପ୍ରଭୁଙ୍କ ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ସୋନପୁର ପଞ୍ଚରଥ ମନ୍ଦିର ମାର୍କେଟ କମ୍ପ୍ଲେକ୍ସ ପରିସରରେ ବ୍ୟବସାୟୀ ଙ୍କ ତରଫରୁ ଅନ୍ନଦାନ ମହାପୂଣ୍ୟ ଭଳି ଏକ ମହତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାହୁଡା ଯାତ୍ରାରେ ଭକ୍ତଙ୍କ ସେବା ପାଇଁ ଏକ ସ୍ୱତନ୍ତ୍ର ଷ୍ଟଲରେ ପଞ୍ଚରଥ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଶହ ଶହ ସଂଖ୍ୟାରେ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରଥ ଟାଣିବା ଓ ତିନି ଠାକୁର ଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତମାନେ ମାଗଣା ଅନ୍ନପ୍ରସାଦ ସେବନ କରି ଆପ୍ୟାୟିତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ନିରଞ୍ଜନ ତ୍ରିପାଠୀ,ମନୋଜ ଅଗ୍ରୱାଲ, ବାବୁଲା ବେବର୍ତ୍ତା, ସୁନିଲ ପଟେଲ, ମନୋଜ ସିଂ, ସନ୍ତୋଷ ସାହୁ, ରଞ୍ଜିତ ସାହୁ,ଜୟକେତନ ରାୟଗୁରୁ, ଲମ୍ବୋଦର ମହାକୁଡ଼,ସୁରୁ ମହାକୁଡ଼, ସେନାପତି ଦଲେଇ, ରଘୁନାଥ ପାଢ଼ୀ,ରାହୁଲ ସିଂ, ପରଦେଶୀ ଗୁରୁ, ପ୍ରକାଶ ବିଶି, ଘନଶ୍ୟାମ ବାରିକ, ଅଶ୍ୱିନୀ ସାହୁ ପ୍ରମୁଖ ଅନ୍ୟମାନେ ସହଯୋଗ କରି ଭକ୍ତଙ୍କୁ ଉତ୍ସାହିତ କରିଥିଲେ।

# ହୀରାକୁଦ ପାଣି ଛାଡ଼ିଲା, ଫୁଲିଲା ଦେବୀ ନଦୀ

## ଅସନର ପଥର ଗୁରୁଜ ବୁଡ଼ିଲା, ବିଭାଗ ନିରବ

## ଟର୍ଣ୍ଣି ପଏଣ୍ଟରେ ମାଟି କ୍ଷୟ, କାଗଜରେ ଫାଇଲ୍ ଚାଲୁଛି ମାତ୍ର ପଥର ପଡୁନି



**କାକଟପୁର/ଅସ୍ତରଙ୍ଗ,୨୫।୭ (ସଂଚାର ବ୍ୟୁରୋ):** ହୀରାକୁଦରୁ ଗେଟ୍ ଖୋଲିବା ମାତ୍ରେ ମହାନଦୀ ଫୁଲି ଉଠିଲା। ଆଉ ମହାନଦୀ ଫୁଲିବା ସହ ତା'ର ଶାଖା ଦେବୀ ନଦୀ ମଧ୍ୟ ରୌଦ୍ର ରୂପ ଧାରଣ କରିଲା। ଗତ ୨ ଦିନ ହେଲା ଦେବୀର ଜଳସ୍ତର କ୍ରମଶଃ ବଢୁଛି। ଫଳରେ ତଟବର୍ତୀ ଗାଁ ଗୁଡିକରେ ପୁଣି ଥରେ ବନ୍ୟା ଭୟ ଘାରିଛି।

ଜଳସମ୍ପଦ ବିଭାଗର ତଥ୍ୟ ଅନୁଯାୟୀ ମହାନଦୀର ପ୍ରାୟ ୭୦ ପ୍ରତିଶତ ବନ୍ୟା ଜଳ ଦେବୀନଦୀ ଦେଇ ବଙ୍ଗୋପ ସାଗରକୁ ଯାଏ। କିନ୍ତୁ ଏତେ ଗୁରୁତ୍ୱପୂର୍ଣ୍ଣ ନଦୀର ସୁରକ୍ଷା ପ୍ରତି ବିଭାଗର ଉଦାସୀନତା ଏବେ ସ୍ପଷ୍ଟ ହୋଇଯାଇଛି।

ଅସ୍ତରଙ୍ଗ ବ୍ଲକ ଅସନ ଗ୍ରାମ ନିକଟର ନଦୀବନ୍ଧ ଏବେ ମୃତ୍ୟୁ ମୁହଁରେ। ଦୀର୍ଘ ବର୍ଷ ତଳେ ନିର୍ମିତ ହୋଇଥିବା ପଥର ଗୁରୁଜ ଏବେ ସମ୍ପୂର୍ଣ୍ଣ ଭାବେ ପାଣିରେ ଲୀନ ହୋଇଯାଇଛି। ଖୋଜିଲେ ବି ମିଳୁନି। ସେପଟେ ନଦୀର ଟର୍ଣ୍ଣି ପଏଣ୍ଟରେ ଜଳର ସିଧା ମାଡରେ କୂଳର ମାଟି ଅତଡା ଖାଇ ନଦୀରେ ମିଶୁଛି। ପ୍ରତି ମୁହୂର୍ତ୍ତରେ ନଦୀବନ୍ଧ ଭାଙ୍ଗିବାର ଆଶଙ୍କା। ଗ୍ରାମବାସୀ ମାସ ମାସ ଧରି ଦାବି କରୁଛନ୍ତି, ମେମୋରାଣ୍ଡମ ଦେଉଛନ୍ତି, କିନ୍ତୁ ଜଳସମ୍ପଦ ବିଭାଗ କେବଳ କାଗଜରେ ଫାଇଲ୍ ଚଲାଉଛି। ମାଟିରେ ଗୋଟିଏ ପଥର ମଧ୍ୟ ପଡୁନି। ବର୍ଷା ଆସିଲେ ଅଫିସର ମାନେ କାର ରେ ଆସି ଫୋଟୋ ଉଠାଇ ଚାଲିଯାଉଛନ୍ତି। କାମ କିଛି ହେଉନି।କେବଳ ଠିକାଦାର ପୋଷା ସହ ଯନ୍ତ୍ରୀ ପକେଟ ଗରମ। ସ୍ଥାନୀୟ ବାସିନ୍ଦା ହିମାଂଶୁ ରାଉତ ଆକ୍ରୋଶର ସହ କହିଛନ୍ତି, "ପ୍ରତି ବର୍ଷ ବର୍ଷା ଆସିଲେ ଆମେ ଚିନ୍ତାରେ।ପୁରୁଣା ଗୁରୁଜ ତ ଭାଙ୍ଗି ବୁଡି ସରିଲାଣି। ଜଳସମ୍ପଦ ବିଭାଗ ଆଖି ବୁଜି ବସିଛି। ଯୁଦ୍ଧକାଳୀନ ଭିତ୍ତିରେ ନୂତନ ଗୁରୁଜ କରନ୍ତୁ। ନଚେତ ଆଗାମୀ ଦିନରେ ନଦୀବନ୍ଧ ଖାଇଲେ ଆମ ଗାଁ, ଜମି ଓ ଜୀବନ ସବୁ ଭାସିଯିବ। ତା'ର ଦାୟୀ କିଏ ହେବ? ଏହି ଘୁମନ୍ତା କାକଟପୁର ଜଳସମ୍ପଦ ବିଭାଗ କି?"

ଅସନ ସହ ଆଖପାଖର ଆଉ ୪-୫ଟି ଗାଁ ଏହି ନଦୀବନ୍ଧ ଉପରେ ନିର୍ଭରଶୀଳ। ବନ୍ଧ ଭାଙ୍ଗିଲେ ଶହ ଶହ ଏକର ଚାଷ ଜମି ଜଳମଗ୍ନ ହେବା ସହ ହଜାର ହଜାର ଲୋକ ବାସହରା ହେବେ। ଲୋକଙ୍କ ଅଭିଯୋଗ - ବିଭାଗ କେବଳ ବଜେଟ୍ କରୁଛି। କିନ୍ତୁ ବାସ୍ତବରେ କାମ କରୁନି। ବନ୍ୟା ଆସିଲେ ରିଲିଫ୍ ଦେଇ ଫୋଟୋ ଉଠାଇବା ପାଇଁ ସବୁ ଅଧିକାରୀ ରେଡି, କିନ୍ତୁ ବନ୍ୟା ନଆସିବା ପାଇଁ ପୂର୍ବ ପ୍ରସ୍ତୁତି କେହି କରୁନାହାନ୍ତି।

ଗ୍ରାମବାସୀଙ୍କ ସ୍ପଷ୍ଟ ଚେତାବନୀ - ଜଳସ୍ତର ଆହୁରି ବଢ଼ିବା ପୂର୍ବରୁ ତୁରନ୍ତ ମରାମତି କରି ନୂତନ ଗୁରୁଜ ନିର୍ମାଣ କରାଯାଉ। ନଚେତ ଆଗାମୀ ଦିନରେ ଏହି ଅଞ୍ଚଳ ଆଉ ଏକ ବଡ ବନ୍ୟା ବିପର୍ଯ୍ୟୟର ସାମନା କରିବ। ଆଉ ସେଦିନ ଜଳସମ୍ପଦ ବିଭାଗର ଉଦାସୀନତା ହିଁ ଦାୟୀ ରହିବ।

## ଖାଲ ଖମାରେ ଭର୍ତ୍ତି ଜାତୀୟ ରାଜପଥ

**ଘଟଗାଁ,୨୫।୭ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ଗମନା ଗମନ ନୀମନ୍ତେ ବିଭିନ ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ କେନ୍ଦୁଝର ଜିଲ୍ଲାର ଲାଇଫ ଲାଇନ କୁହାଯାଉ ଥିବା ୨୦ନମ୍ବର ଜାତୀୟ ରାଜ ପଥ ଖାଲ ଖମାରେ ଭର୍ତି ହୋଇଛି। ଏହି ଜାତୀୟ ରାଜ ପଥ ଦେଇ ପ୍ରତେହ ଶହ ଶହ ଟ୍ରିପ କଞ୍ଚା ମାଲ ଲୁହା ପଥର ବୋଝେଇ ଟ୍ରକ ଯାତାୟତ କରି ରାଜ କୋଷ କୁ କୋଟି କୋଟି ଟଙ୍କା ଆୟ ଦେଉଛନ୍ତି। ତଥାପି ଅବହେଳିତ ହୋଇ ପଡ଼ିଛି ୨୦ନମ୍ବର ଜାତୀୟ ପଥ ଏଭଳି ଦେଖିବାକୁ ମିଳେ ଘଟଗାଁ ତାରିଣୀ ଠାକୁରାଣୀ ମହା ବିଦ୍ୟାଳୟ ବାଇ ପାସ ନିକଟରେ ଏହା ଯାଜପୁର ପାଣିକୋଇଲି କଟକ ଭୁବନେଶ୍ୱରର ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତେକ ଦିନ ଯାତ୍ରୀବାହୀ ବସ ସାଙ୍ଗକୁ ଅନେକ ଯାନବାହନ ଯାତାୟତ କରୁଛି। କେତେ ବେଳେ କେଉଁ ମୁହୂର୍ତ୍ତରେ ଦୁର୍ଘଟଣାକୁ ଏଡାଇ ଦିଆ ଜାଇ ନପାରେ। ତେଣୁ ତୁରନ୍ତ ବିଭାଗୀୟ ଅଧିକାରୀ ଏଥି ପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଦାବି ହେଉଛି।

## ସାଇନ୍ସ ଅଲମ୍ପିୟାଡ଼ ଜୋନାଲ ସ୍ତରରେ ପ୍ରଥମ ହେଲେ ନିରୁପମା



**ଧର୍ମଗଡ଼, ୨୫।୭ (ସଂଚାର ବ୍ୟୁରୋ):** ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳ କ୍ଷେତ୍ରରେ ଓଡିଶା ଆଦର୍ଶ ବିଦ୍ୟାଳୟ ପର୍ଲା ର ଦଶମ ଶ୍ରେଣୀ ଛାତ୍ରୀ ନିରୁପମା ନାୟକ ଆଞ୍ଚଳିକ ସ୍ତରରେ ବିଦ୍ୟାଳୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତ। ପ୍ରତିଷ୍ଠିତ ସାଇନ୍ସ ଅଲିମ୍ପିୟାଡ଼ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଛାତ୍ରୀ ନିରୁପମା।

ଏହି ଅସଧାରଣ ସଫଳତା ପାଇଁ ପର୍ଲା ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବ ରେ ଏହି ଛାତ୍ରୀ ଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଛି । ତାଙ୍କୁ ସମ୍ମାନଜନକ ସ୍ୱର୍ଣ୍ଣ ପଦକ ଓ ପାଞ୍ଚ ହଜାର ଟଙ୍କା ର ଆର୍ଥିକ ରାଶି ର ଚେକ ସହାୟତା ଦିଆ ଯାଇଛି । ଛାତ୍ରୀ ଙ୍କ ଏହି କୃତିତ୍ୱ ପାଇଁ ଆଦର୍ଶ ବିଦ୍ୟାଳୟ ର ଅଧ୍ୟକ୍ଷ ଅଭିଷେକ ମହାନ୍ତି ଶିକ୍ଷକ ଶିକ୍ଷୟତ୍ରୀ ଅଭିଭାବକ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସହିତ କରିଛନ୍ତି। ଏହି ଅବସରରେ ନିରୁପମାଙ୍କୁ ସଠିକ ଦିଗଦର୍ଶନ ଗାଇଡ଼ ଦେଇଥିବା ଶିକ୍ଷକ ଅଂଶୁମାନ ଅଚର୍ଯ୍ୟ ଓ ଅଲିମ୍ପିୟାଡ଼ ସଂଯୋଜକ ବୀରେନ୍ଦ୍ର ବରୁଆଁ ଙ୍କ ବିଶେଷ ଅବଦାନ ପାଇଁ ବିଦ୍ୟାଳୟ ପକ୍ଷ୍ୟ ଧନ୍ୟବାଦ ଓ ଶୁଭେଚ୍ଛା ଦିଆ ଯାଇଛି ।

## ମହିଳାଙ୍କର ଶବସଂସ୍କାର କଲେ ଶ୍ମଶାନବନ୍ଧୁ



**ସୁନ୍ଦରଗଡ, ୨୫।୭ (ସଂଚାର ବ୍ୟୁରୋ):** ଆସ୍ଥାଗୃହର ଅନ୍ତେବାସୀ ଭାବରେ ଅନେକ ଦିନରୁ ରହି ଆସୁଥିଲେ ମାନସିକ ଅନଗ୍ରସର ମହିଳା ଲିଲିମା ୪୫ ବର୍ଷ, ଗତ ଏକ ସପ୍ତାହ ଆଗରୁ ଦେହ ଅସୁସ୍ଥ ହେବାରୁ ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟଠାରେ ଚିକିତ୍ସାଧିନ ଅବସ୍ଥାରେ ଗତ ୨୧ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରି ଥିଲେ। ଟାଉନ ଥାନା ପୋଲିସ ମୃତକଙ୍କ ପରିଚୟ ଖୋଜିଥିଲେ ମଧ୍ୟ କିଛି ଜଣା ପଡିନଥିଲା। ନିୟମ ମୁତାବକ ୯୬ ଘଣ୍ଟା ଶବାଗାରରେ ମହିଳାଙ୍କର ଶବ କୁ ସଂରକ୍ଷିତ ରଖିବା ପରେ ଶନିବାର ଟାଉନ ପୋଲିସ ଆସ୍ଥାଗୃହ ସମ୍ପାଦିକାଙ୍କ ଉପସ୍ଥିତିରେ ଶବ ପଞ୍ଚନାମା ସହିତ ଶବ ବ୍ୟବଚ୍ଛେଦ କରାଯାଇଥିଲା । ପରେ ଆସ୍ଥାଗୃହ ତରଫରୁ ପତ୍ର ମାଧ୍ୟମ ରେ ଟିମ ଶ୍ମଶାନ ବନ୍ଧୁର ସହଯୋଗ ଲୋଡିଥିଲେ। ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଚିଣ୍ଟୁ ରକ୍ସା ଓ ଦେବେନ୍ଦ୍ର ସାହୁ ସୁନ୍ଦରଗଡ ସ୍ୱର୍ଗଦ୍ୱାର ଠାରେ ସମ୍ମାନର ସହିତ ମହିଳାଙ୍କର ଶବସଂସ୍କାର ସମ୍ପନ୍ନ କରିଥିଲେ। ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ ତରଫରୁ ଶବସଂସ୍କାର ନିମନ୍ତେ ଆବଶ୍ୟକ ସାମଗ୍ରୀ ସହଯୋଗ କରାଯାଇଥିଲା।

## କୁଡୁମୁଲୁଗୁମ୍ମା ଫାଣ୍ଡିରେ ନୂତନ ପୁଲିସ ଅଧିକାରୀଙ୍କ ଯୋଗଦାନ

**ମାଲକାନଗିରି,୨୫।୭ (ସଂଚାର ବ୍ୟୁରୋ):** ଓର୍କେଲ ଥାନା ଅଧୀନ କୁଡୁମୁଲୁଗୁମ୍ମା ସ୍ଥିତ ପୋଲିସ୍ ଫାଣ୍ଡିରେ ନୂତନ ପୁଲିସ ଅଧିକାରୀ ଭାବେ ପ୍ରଦୀପ କୁମାର ନାୟକ ଯୋଗ ଦେଇଛନ୍ତି। ଆଜି କୁଡୁମୁଲୁଗୁମ୍ମା ପତ୍ରକାର ସଂଘ ସଦସ୍ୟ ପ୍ରଭାକର ସୁନା, ଗଣେଶ ପ୍ରସାଦ ଦାସ ଓ ଭଗବାନ ସାହୁ ପ୍ରମୁଖ ଫୁଲତୋଡ଼ା ଦେଇ ନୂତନ ପୋଲିସ ଅଧିକାରୀଙ୍କୁ ସ୍ୱାଗତ କରିବା ସହିତ, ଏଠାରୁ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଥିବା ପୋଲିସ ଅଧିକାରୀ କୃଷ୍ଣ ଚନ୍ଦ୍ର ହିଆଲଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ପ୍ରକାଶ ଥାଉକି, ନୂତନ ପୋଲିସ ଅଧିକାରୀ ଶ୍ରୀ ନାୟକ ଏହା ପୂର୍ବରୁ ଏମଭି ୭୯ ଥାନାରେ ଏସ୍ ଆଇ ଭାବେ କାର୍ଯ୍ୟରତ ଥିଲେ। ସେ ଜଣେ ଯୁବ ଓ ଦକ୍ଷ ଅଧିକାରୀ ଭାବରେ ବେଶ୍ ପରିଚିତ। ସେ କୁଡୁମୁଲୁଗୁମ୍ମା ଫାଣ୍ଡି ଅଧିନରେ ଥିବା ସମ୍ପୂର୍ଣ୍ଣ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ସୁଧାରିବା ସହ ପୋଲିସ ଓ ଜନ ସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ବଢୁଛି ଅପମିଶ୍ରିତ ଖାଦ୍ୟର ପସରା

### ପ୍ରଶାସନ ଚଢଉ ଦାବି



**ଜୟପୁର, ୨୫।୭ (ସଂଚାର ବ୍ୟୁରୋ):** କୋରାପୁଟ ଜିଲାରେ ରଙ୍ଗବେରଙ୍ଗ ମିଠା, ଚମକୁଥିବା ଷ୍ଟଲ, ଗ୍ରାହକଙ୍କୁ ଆକୃଷ୍ଟ କରୁଥିବା ଖାଦ୍ୟ ସାମଗ୍ରୀ। ବାହାରୁ ଦେଖିଲେ ସବୁ ଆକର୍ଷଣୀୟ। କିନ୍ତୁ ଭିତରେ ଲୁଚି ରହିଛି ବିପଦ। କୋରାପୁଟ ଜିଲାର ଜୟପୁର, କୋରାପୁଟ, ସେମିଳିଗୁଡା, କୁନ୍ଦୁରା, ବୈପାରିଗୁଡା, କୋଟପାଡ, ଲମତାପୁଟ, ପଟଙ୍ଗୀ, ନନ୍ଦପୁର ଲକ୍ଷ୍ମୀପୁର ବଜାରରେ ଏବେ ଅପମିଶ୍ରିତ ଓ ଅସ୍ୱାସ୍ଥ୍ୟକର ଖାଦ୍ୟର ପସରା ବଢୁଛି। ଏହାକୁ ନେଇ ସାଧାରଣରେ ଉଦବେଗ ଦେଖାଦେଇଛି।

ଜିଲ୍ଲାର ଗ୍ରାମାଞ୍ଚଳ ହେଉଛି ସହରାଞ୍ଚଳ ଅଞ୍ଚଳରେ ଖୋଲାଖୋଲି ଭାବେ ବିକ୍ରି ହେଉଛି ଅସ୍ୱାସ୍ଥ୍ୟକର ଖାଦ୍ୟ। ସ୍ଥାନୀୟ ଅଞ୍ଚଳରେ ତିଆରି ହୋଇ ବିକ୍ରି ହେଉଥିବା ପାଉଁରୁଟି, ପାଣି ବୋତଲ, ପ୍ୟାକେଟ ଆଇସକ୍ରିମ, କେକ ଆଦିର ପ୍ୟାକେଟରେ ନିର୍ମାଣ ତାରିଖ, ବ୍ୟବହାର ସମୟ ସୀମା ବା ଏକ୍ସପାୟରୀ ଡେଟ୍ କିଛି ଲେଖା ନାହିଁ। ଗ୍ରାହକ ଜାଣି ପାରୁନାହାନ୍ତି ଏହା କେବେ ତିଆରି ହୋଇଛି ଓ କେବେ ଖାଇବା ଅଯୋଗ୍ୟ ହେବ।

ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଛୋଟ ବଡ ଜଳଖିଆ ଦୋକାନ ଓ ହୋଟେଲରେ ଚାଟ, ଜିଲାପି, ପକୁଡି, ପକୋଡା ଆଦି ଫାଷ୍ଟଫୁଡରେ ବହୁଳ ମାତ୍ରାରେ ରାସାୟନିକ ରଙ୍ଗ ମିଶାଯାଉଛି। ଏକା ପୋଡା ତେଲକୁ ବାରମ୍ବାର ଗରମ କରି ଖାଦ୍ୟ ଛଣା ଯାଉଛି। ଅନେକ ସ୍ଥାନରେ ବାସୀ ଖାଦ୍ୟ ଗ୍ରାହକଙ୍କୁ ପରଷା ଯାଉଥିବା ଅଭିଯୋଗ ହୋଇଛି। ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ହେଉଥିବା ଏହି ଖାଦ୍ୟ ବର୍ଷା ଦିନ ଥିବାରୁ ଡାଇରିଆ, ଖାଦ୍ୟ ବିଷକ୍ରିୟା ଓ ଅନ୍ୟାନ୍ୟ ରୋଗର କାରଣ ପାଲଟିଛି।

ଏତେ ସବୁ ଅନିୟମିତ ସତ୍ତ୍ୱେ ପ୍ରଶାସନିକ ଅଧିକାରୀଙ୍କ ନଜର ଏସବୁ ଉପରେ ପଡୁନାହିଁ। ବ୍ୟବସାୟୀମାନେ ମାତ୍ର ଲାଭ ପାଇଁ ଗ୍ରାହକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ଅଭିଯୋଗ ହେଉଛି। ଖାଦ୍ୟରେ ରଙ୍ଗ ମିଶାଇବା, ପୋଡା ତେଲ ବ୍ୟବହାର ଓ ବାସୀ ଖାଦ୍ୟ ବିକ୍ରି ଏବେ ତାଙ୍କର ସ୍ୱଭାବ ପାଲଟି ଯାଇଛି। ସାଧାରଣରେ ଦାବୀ ହୋଇଛି, ଖାଦ୍ୟ ସୁରକ୍ଷା ଅଧିକାରୀମାନେ ତୁରନ୍ତ ବଜାରରେ ଚଢଉ କରି ଖାଦ୍ୟ ନମୁନା ସଂଗ୍ରହ କରନ୍ତୁ। ନକଲି ଓ ଅପମିଶ୍ରିତ ଖାଦ୍ୟ ବ୍ୟବସାୟୀଙ୍କ ବିରୋଧରେ ଦୃଢ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ତେଣୁ ଜିଲାର ୧୪ଟି ବ୍ଲକ ସହ ପୌରାଞ୍ଚଳ ଓ ଏନଏସିରେ ଥିବା ଦୋକାନ, ବଜାରରେ ଚଢଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି।

## ଅଙ୍ଗନବାଡ଼ି ଗୃହ ଶୋଚନୀୟ
### କୋମଳମତି ଶିଶୁଙ୍କ ପ୍ରତି ବିପଦ ଆଶଙ୍କା

**ସାଲେପୁର,୨୫।୭ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ଜୟରାମପୁର ପଞ୍ଚାୟତ ରସୁଲପୁର ଅଙ୍ଗନବାଡ଼ି କେନ୍ଦ୍ର ଗୃହର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଦୀର୍ଘ ଦିନ ହେବ ବ୍ଲକର ବୈଷୟିକ ସଂଯୋଜକ ଏହି ଗୃହଟିର ଉପଯୁକ୍ତ ତଦାରଖ କରିନଥିବାରୁ ଏଭଳି ହୋଇଥିବା ଦେଖାଯାଇଛି। ଯାହାଦ୍ୱାରା ଏହି ଗୃହରେ ବସି ପାଠ ପଢୁଥିବା କୋମଳମତି ଶିଶୁ ମାନଙ୍କ ଜୀବନ ପ୍ରତି ବିପଦର ଆଶଙ୍କା ସୃଷ୍ଟି ହୋଇଛି। ଏହାର ପ୍ରତିକାର ଦିଗରେ ପ୍ରଶାସନିକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଅଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

ରସୁଲପୁର ଅଙ୍ଗନବାଡି କେନ୍ଦ୍ର ଗୃହର କାନ୍ଥ ଫାଟି ଯାଇଥିବା ବେଳେ ବର୍ଷାରେ କାନ୍ଥସାରା ଶିଉଳି ଲାଗି ଅନାବନା ଗଛ ମାଡିଥିବା ଦେଖାଯାଇଛି। ଅପରପକ୍ଷରେ ଏହି କେନ୍ଦ୍ର ଗୃହର ପାଶ୍ୱର୍ରେ ଏକ ବିରାଟ ଚାକୁଣ୍ଡା ଗଛ ରହିଛି। ଯାହାଦ୍ୱାରା ବର୍ଷା ପବନ ହେଲେ ଗଛଟି ଭାଙ୍ଗିପଡ଼ି କେନ୍ଦ୍ର ଗୃହ ଉପରେ ପଡ଼ିବାର ସମ୍ଭାବନା ରହିଥିବାରୁ ଗୃହ ପ୍ରତି ବିପଦର ଆଶଙ୍କା ସୃଷ୍ଟି କରିଛି। ଏହାଛଡା ଟିକିଏ ବର୍ଷା ହେଲେ ଏହି କାନ୍ଥ ଦେଇ ଶ୍ରେଣୀ ଗୃହ ମଧ୍ୟକୁ ପାଣି ଝରୁଥିବାରୁ କେନ୍ଦ୍ରର ବିଭିନ୍ନ ରେକର୍ଡପତ୍ର ଓ ଜିନିଷପତ୍ର ନଷ୍ଟ ହେବାର ଦେଖାଯାଇଛି।

# ସରକାରୀ କାମ ଆଳରେ ବେଆଇନ ମାଟି ଖନନ

### ବଢୁଛି ରାଜସ୍ୱ କ୍ଷତି



**ଝାରସୁଗୁଡ଼ା,୨୫।୭ (ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲ୍ଲାରେ ସରକାରୀ କାମ ଆଳରେ ବେଆଇନ ମାଟି ଖନନ ଓ ଚୋରାଚାଲାଣ ଚିନ୍ତାର ବିଷୟ ପାଲଟିଛି। ପ୍ରଶାସନର କଟକଣା ଏବଂ ଆଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ କେତେକ ଦୁର୍ବୃତ୍ତ ସରକାରୀ ଓ ଚାଷଜମିରୁ ବିନା ଅନୁମତିରେ ମାଟି ଖନନ କରି ଚୋରାଚାଲାଣ କରୁଥିବା ଅଭିଯୋଗ ହୋଇଛି।

ନିୟମ ଅନୁଯାୟୀ, ମାଟି ଖନନ ପାଇଁ ରାଜସ୍ୱ ବିଭାଗର ଅନୁମତି ସହ ନିର୍ଦ୍ଧାରିତ ଶୁଳ୍କ ପ୍ରଦାନ ବାଧ୍ୟତାମୂଳକ। ତେବେ ମାଲିମୁଣ୍ଡା, ବାଲିଝୋରି, ଲହଣ୍ଡାବୁଡ଼, ବେହେରପାଟ, ଭୂଳିଆଟିକ୍ରା ଓ ଭାଲୁପତ୍ରା ଅଞ୍ଚଳରେ ଜେସିବି ଏବଂ ପୋକ୍ଲିନ୍ ମେସିନ୍ ସହାୟତାରେ ଦିନରାତି ବେଆଇନ ଭାବେ ମାଟି ଖନନ କରାଯାଉଥିବା ଅଭିଯୋଗ ହେଉଛି।

ଅଭିଯୋଗ ଅନୁସାରେ, କେତେକ ଠିକାସଂସ୍ଥା ସରକାରୀ ନିର୍ମାଣ ଓ ସଡ଼କ କାମର ଆଳ ଦେଖାଇ ଶହ ଶହ ଟ୍ରିପ୍ ମାଟି ଉଠାଇ ଅବୈଧ ଭାବେ ପରିବହନ କରୁଛନ୍ତି। ବିଶେଷକରି ମାଲିମୁଣ୍ଡା ଷ୍ଟାଡିୟମ ଗୋଲେଇ ଛକ ନିକଟରେ ବିନା କାଗଜପତ୍ରରେ ରାତିସାରା ମାଟି ଖନନ ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ବାରମ୍ବାର ଅଭିଯୋଗ ପରେ ଜିଲ୍ଲାପାଳ ବେହେରପାଟ ଅଞ୍ଚଳ ପରିଦର୍ଶନ କରି ଜିଲ୍ଲା ଖଣି ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇ କିଛି ଗାଡ଼ି ଜବତ ହେବା ସହ ପ୍ରାୟ ୨ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ତଥାପି ବେଆଇନ ମାଟି ଖନନ ଓ ଚୋରାଚାଲାଣରେ ଆଶାନୁରୂପ ରୋକ୍ ଲାଗିନଥିବା ଅଭିଯୋଗ ହେଉଛି।

ସରକାରୀ କାର୍ଯ୍ୟ ନାଁରେ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଥିବାରୁ ପ୍ରଶାସନ ତୁରନ୍ତ କଠୋର ପଦକ୍ଷେପ ନେଇ ବେଆଇନ ମାଟି ଖନନ ଓ ଚୋରାଚାଲାଣ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଏନେଇ ଜିଲ୍ଲା ଖଣି ଅଧିକାରୀ ଶଙ୍କର କିଷାନ କହିଛନ୍ତି, "ଜିଲ୍ଲାର ବିଭିନ୍ନ ସ୍ଥାନରେ ବେଆଇନ ମାଟି ଖନନ ନେଇ ତଦନ୍ତ ଚାଲିଛି। ତଦନ୍ତ ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।"

# ସ୍କୁଲ ପିଲାଙ୍କ ହାତରେ ବାଇକ୍ ଓ କାର୍

### ନିରାପତ୍ତା ଆଇନ ଉଲ୍ଲଙ୍ଘନ



**ଜୟପୁର,୨୫।୭ (ସଂଚାର ବ୍ୟୁରୋ):** ସ୍କୁଲ ପିଲାଙ୍କ ହାତରେ ବାଇକ୍ ଓ କାର୍ ନିରାପତ୍ତା ଆଇନ ଉଲ୍ଲଂଘନ କୋରାପୁଟ ଜିଲ୍ଲା ପୁଲିସ ତରଫରୁ ଯାଞ୍ଚ କରିବାକୁ ଦାବି କରାଯାଇଛି। ବାଳିକା, ବାଳକ ତଥା ସ୍କୁଲ ପିଲାଙ୍କ ମଧ୍ୟରେ ଗାଡି ଚଳାଇବା ନିଶା ବେଶ୍ ଘାରିଛି। ସମ୍ଭାବିତ ଦୁର୍ଘଟଣା ଆଶଙ୍କାରେ ଭୟଭୀତ ଅଛନ୍ତି। ୧୪ ବର୍ଷରୁ କମ ପିଲା ମାନଙ୍କ ଅଭିଭାବକମାନେ ବାଇକ ଚାବି ଦେବାରୁ ପିଲାମାନେ ଆଉ ମାନୁ ନାହାନ୍ତି। ଯାହାକୁ ନେଇ ଦୁର୍ଘଟଣା ଆଶଙ୍କାରେ ଭୟଭୀତ ଅଛନ୍ତି ଅଭିଭାବକ। ୧୪ ବର୍ଷରୁ କମ ପିଲା ମାନଙ୍କ ଅଭିଭାବକମାନେ ବାଇକ ଚାବି ଦେବାରୁ ପିଲାମାନେ ଆଉ ମାନୁ ନାହାନ୍ତି। ଭିଡ ରାସ୍ତାରେ ମଧ୍ୟ ଗାଡ଼ି ଚଳାଇ ଏପରି ଯାଉଛନ୍ତି ଯେ, ଅସାବଧାନତା ହେଲେ ଭୟଙ୍କର ରୂପ ନେବ।

ସଡ଼କ ନିରାପତ୍ତା ଆଇନ ଅନୁଯାୟୀ ନାବାଳକ ମାନଙ୍କ ପାଇଁ ଗାଡି ଚଳାଇବା ମନା ଥିବାବେଳେ କଟକଣାକୁ କିନ୍ତୁ କେହି ମାନୁ ନାହାଁନ୍ତି। ଏପରିକି ଅଭିଭାବକ ମାନେ ନାବାଳକ ପିଲାଙ୍କ ପାଇଁ ବାଇକ, ସ୍କୁଟି ର ଚାବି ଦେଇ ଭିଡ଼ ରାସ୍ତାରେ ଚଳାଇବାକୁ ପ୍ରୋସାହିତ କରୁଥିବା ଦେଖାଯାଉଛି। ଏମିତିକି ସ୍କୁଲରୁ ଫେରିବା ପରେ ପୁଅ ଝିଅମାନେ ସ୍କୁଟି ଓ ବାଇକ ଧରି ଭିଡ଼ ରାସ୍ତାରେ ଏକ ପ୍ରକାର ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳୁଛି। ଜାତୀୟ ରାଜପଥରେ ସାଧାରଣତଃ ଗାଡ଼ିମୋଟର ଭିଡ଼ ଥିବା ସତ୍ତ୍ୱେ ଏହି ପିଲାମାନେ କିଛି ନମାନି ଯେପରି ଭାବେ ବାଇକ ଓ ସ୍କୁଟି ଚଳାଇଥାନ୍ତି ତାହା ସ୍ୱଚକ୍ଷୁରେ ନଦେଖିଲେ ବିଶ୍ୱାସ କରି ହେବନାହିଁ। ଧନୀ ବ୍ୟବସାୟୀଙ୍କ ପିଲାମାନେ ସେମାନଙ୍କ ସ୍କୁଲ ଓ କଲେଜ ପଢୁଆ ପୁଅ ଝିଅଙ୍କ ପାଇଁ ବାଇକ ଓ ସ୍କୁଟି ଦେଉଥିବାବେଳେ ପ୍ରତିଦିନ ସନ୍ଧ୍ୟାରେ ଏହି ନାବାଳକଙ୍କ ବିପଦପୂର୍ଣ ବାଇକ ଚାଳନା ଦେଖିଲେ ଯେକେହି ବି ଭୟଭୀତ ହେବା ସ୍ୱାଭାବିକ।

ସେହିପରି ନାବାଳକମାନେ କୋରାପୁଟ ଜିଲାର ଜୟପୁର, ସେମିଳିଗୁଡା, ବୋରିଗୁମ୍ମା, କୋଟପାଡ, କୋରାପୁଟ ସହର ସମେତ ଗ୍ରାମାଞ୍ଚଳରେ ଘଣ୍ଟା ପ୍ରତି ୬୦ରୁ ୮୦ କି.ମି. ସ୍ପିଡରେ ବସ୍ତି ମଧ୍ୟରେ ବାଇକ ଚଳାଇବା ଏକ ସାଧାରଣ ଘଟଣା ହେଲାଣି। କଥା କେବଳ ସେତିକିରେ ଅଟକି ନାହିଁ, ଧନୀ ବାପାଙ୍କ କିଛି ନାବାଳକ ଝିଅପୁଅ ସେମାନଙ୍କ ଘରେ ଥିବା ସୌଖୀନ କାର ମଧ୍ୟ ଚଳାଇବା ଆରମ୍ଭ କଲେଣି। ବାଇକ, ସ୍କୁଟି ଏବଂ କାର ଚଳାଇବାରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିବା ଏହି ନାବାଳକ ଗାଡ଼ି ଚାଳନାର କୌଣସି ନିୟମକାନୁନ ଜାଣି ନଥିବା ବେଳେ ସେମାନଙ୍କ ଏହି ବେପରୁଆ ଗାଡ଼ିଚାଳନା କେତେ ଭୟଙ୍କର ଦୁର୍ଘଟଣା ଘଟାଇପାରେ ତାହା ମଧ୍ୟ ସେମାନେ ଜାଣିନାହାନ୍ତି।

ତେବେ ସବୁଠୁ ଦୁଃଖର କଥାହେଲା ଏହି ପିଲାଙ୍କୁ ବାଇକ, କାର ଚଳାଇବାକୁ ସେମାନଙ୍କ ଅଭିଭାବକମାନେ ଆକଟ କରିବା ପରିବର୍ତ୍ତେ ସେମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ନାବାଳକଙ୍କ ଦ୍ୱାରା ଏହି ବେପରୁଆ ଗାଡ଼ିଚାଳନା ଯୋଗୁଁ ପ୍ରତ୍ୟେକ ଦିନ ଅନେକ ଦୁର୍ଘଟଣା ହେବା ସ୍ଥିତି ଉପୁଜି ସାରିଛି। ତେବେ ନାବାଳକଙ୍କ ଏହି ବେପରୁଆ ଗାଡି ଚାଳନାକୁ ରୋକିବା ଏବଂ ସେମାନଙ୍କ ଅଭିଭାବକଙ୍କୁ ଏ ସମ୍ପର୍କରେ ସଚେତନ କରିବାକୁ ପଡ଼ିବ। ଏହାଛଡ଼ା ଏହି ପିଲାମାନଙ୍କୁ ଧରି ଆବଶ୍ୟକ ସ୍ଥଳେ ଗାଡ଼ି ଜବତ କରି ଜରିମାନା କାଟିବାକୁ ପୋଲିସ ଓ ପରିବହନ ବିଭାଗ ପଦକ୍ଷେପ ନେବାକୁ ଜିଲାବାସୀ ଦାବି କରିଛନ୍ତି।

## ଅଗଷ୍ଟ ୨ରେ ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ ନିର୍ବାଚନ ପାଇଁ ମତଦାନ

**ଝାରସୁଗୁଡ଼ା,୨୫।୭ (ସଂଚାର ବ୍ୟୁରୋ):** ବହୁ ପ୍ରତୀକ୍ଷିତ ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘର ନିର୍ବାଚନକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ନିର୍ବାଚନ କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି। ଏହି ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ନିର୍ବାଚନୀ ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିବାବେଳେ ସଂଘର ବିଭିନ୍ନ ପଦବୀ ପାଇଁ ପ୍ରାର୍ଥୀମାନଙ୍କ ମଧ୍ୟରେ ଚଳଚଞ୍ଚଳତା ବଢ଼ିଛି।

ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ, ଜୁଲାଇ ୨୫ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ଦିନ ଭାବେ ନିର୍ଦ୍ଧାରଣ କରାଯାଇଛି। ଜୁଲାଇ ୨୬ ତାରିଖରେ ପ୍ରାର୍ଥୀମାନଙ୍କୁ ନିର୍ବାଚନ ଚିହ୍ନ ବଣ୍ଟନ କରାଯିବ। ଏହାପରେ ଜୁଲାଇ ୨୭ ତାରିଖରେ ଚୂଡ଼ାନ୍ତ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରାଯିବ। ଅଗଷ୍ଟ ୨ ତାରିଖରେ ମତଦାନ ଅନୁଷ୍ଠିତ ହେବା ସହ ସେହିଦିନ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି। ନବନିଯୁକ୍ତ ନିର୍ବାଚନ ଅଧିକାରୀ ତଥା ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ସାଧାରଣ ସମ୍ପାଦକ ଆଇନଜୀବୀ ନିଳାଦ୍ରୀ ପଣ୍ଡା କହିଛନ୍ତି ଯେ, ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ନିରପେକ୍ଷ ଓ ଶୃଙ୍ଖଳିତ ପରିବେଶରେ ସମ୍ପନ୍ନ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରାର୍ଥୀମାନଙ୍କୁ ସମସ୍ତ ନିର୍ବାଚନୀ ପ୍ରକ୍ରିୟା ସମ୍ପନ୍ନ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ ଅଞ୍ଚଳର ଏକ ପ୍ରମୁଖ ବାଣିଜ୍ୟିକ ସଂଗଠନ ହୋଇଥିବାରୁ ଏହାର ନିର୍ବାଚନକୁ ନେଇ ସଦସ୍ୟମାନଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖାଦେଇଛି।